# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୩୧/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, May 31/2019 | ★★★★★★

୪୫ଶ ଭାଗ ୧୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**‘ଭାରତ’ ପାଇଁ ବ୍ୟସ୍ତ କ୍ୟାଟ୍ରିନା**

ବଲିଉଡ୍ ନାୟିକା କ୍ୟାଟ୍ରିନା କୈଫ୍ ତାଙ୍କର ଅପ୍‌କମିଙ୍ଗ୍ ଫିଲ୍ମ ‘ଭାରତ’ ପାଇଁ ଏବେ ଖୁବ୍ ବ୍ୟସ୍ତ ରହୁଛନ୍ତି।

୦୭ | ୧୯

**ଇମ୍ରାନ ତାହିରଙ୍କ ରେକର୍ଡ**

ବିଶ୍ୱକପ୍ ଇତିହାସରେ ପ୍ରଥମ ଓଭରରେ ବୋଲିଂ କରିବାରେ ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର ପ୍ରଥମ ସ୍ପିନର।



# ଦ୍ୱିତୀୟ ଥର ମୋଦି ସରକାର

## ଶପଥ ନେଲେ ୨୪ କ୍ୟାବିନେଟ, ୯ ସ୍ୱାଧୀନ, ୨୪ ରାଷ୍ଟ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୩୦।୫ (ଆଇଏଏନ୍ଏସ୍)**

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ବିପୁଳ ବିଜୟ ପରେ ଗୁରୁବାର ମୋଦି ସରକାରଙ୍କ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ଉତ୍ସବ ରାଷ୍ଟ୍ରପତି ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏହାସହ ବିଧିବଦ୍ଧ ଭାବେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୋଦିଙ୍କ ସମେତ ୫୮ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ସେମାନଙ୍କ ମଧ୍ୟରେ ୨୪ କ୍ୟାବିନେଟ, ୯ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଓ ୨୪ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। କ୍ୟାବିନେଟରେ ୨୦ ନୂଆମୁହଁ ସ୍ଥାନ ପାଇଥିବାବେଳେ ସୁଷମା ସ୍ୱରାଜ, ଅରୁଣ ଜେଟ୍‌ଲୀ ଏବଂ ଜେ.ପି. ନଡ୍ଡା ସାମିଲ ହୋଇନାହାନ୍ତି। ଜୟନ୍ତ ସିହ୍ନା, ରାଜ୍ୟବର୍ଦ୍ଧନ ସିଂ ରାଠୋଡ, ରାଧାମୋହନ ସିଂ, ମାନେକା ଗାନ୍ଧୀ ଏବଂ ସୁରେଶ ପ୍ରଭୁଙ୍କ ଭଳି ଅନେକ ପୁରୁଖା ନେତାଙ୍କୁ ବାଦ୍ ଦିଆଯାଇଛି। ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ଭାଗରେ ଗୋଟିଏ ଲେଖାଏ ମନ୍ତ୍ରୀ ପଦ ପଡ଼ିଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାସହ ତାଙ୍କ ନେତୃତ୍ୱାଧୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମନ୍ତ୍ରିମଣ୍ଡଳରେ ସାମିଲ ହୋଇନାହାଁ।



ରାଷ୍ଟ୍ରପତି ଭବନ ପରିସରରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶପଥ ପାଠ କରାଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

### ଆଜି ପ୍ରଥମ କ୍ୟାବିନେଟ

**ନୂଆଦିଲ୍ଲୀ,୩୦।୫(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଶପଥ ନେବାର ୨୪ ଘଣ୍ଟା ପରେ ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ର କ୍ୟାବିନେଟର ପ୍ରଥମ ବୈଠକ ହେବାକୁ ଯାଉଛି। କ୍ୟାବିନେଟ ବୈଠକରେ କେଉଁ ସବୁ ପ୍ରସଙ୍ଗ ସ୍ଥାନ ପାଇବ ତାହା ସ୍ପଷ୍ଟ ହୋଇନାହିଁ। ତେବେ ପାର୍ଲାମେଣ୍ଟ ଅଧିବେଶନ କେବେ ଆରମ୍ଭ ହେବ ସେ ସମ୍ପର୍କରେ ଏଥିରେ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ବିଭିନ୍ନ ମନ୍ତ୍ରଣାଳୟର କମିଟି ଗଠନ ନେଇ ନିଷ୍ପତ୍ତି ନେବେ।

ମୋଦି କ୍ୟାବିନେଟରେ କିଏ ସ୍ଥାନ ପାଇବେ ଓ କିଏ ବାଦ୍ ପଡ଼ିବେ ତାକୁ ନେଇ ଦୁଇଦିନ ଧରି ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିଏ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ର ଡାକରାକୁ ଅପେକ୍ଷା କରିଥିଲେ ତ ପୁଣି କିଏ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ଫୋନ୍ କଲ୍‌କୁ ଅନେଇ ବସିଥିଲେ। ସମ୍ଭାବ୍ୟ ମନ୍ତ୍ରୀଙ୍କ ମଧ୍ୟରେ ଉତ୍ସୁକତା ଲାଗିରହିଥିବାବେଳେ ସନ୍ଧ୍ୟା ୫ଟାରେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଥିବା ନେତାଙ୍କ ଭିଡ଼ ଲାଗିଥିଲା। ଟି ପାର୍ଟି ପରେ ରାଷ୍ଟ୍ରପତି ଭବନକୁ ଜଣ ଜଣ କରି ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ସଦସ୍ୟମାନେ ପହଞ୍ଚିବାରେ ଲାଗିଲେ। କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ୮,୦୦୦ରୁ ଊର୍ଦ୍ଧ୍ୱ ଭିଆଇପି ଅତିଥି ଶପଥଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ବାଂଲାଦେଶ, ମ୍ୟାନ୍‌ମାର, ଶ୍ରୀଲଙ୍କା, ଥାଇଲାଣ୍ଡ, ନେପାଳ, ଭୁଟାନ, ଆମେରିକା, ଅଷ୍ଟ୍ରେଲିଆ, ଜର୍ମାନୀ ଓ ବ୍ରିଟେନର ରାଷ୍ଟ୍ରମୁଖ୍ୟ ଓ ପ୍ରତିନିଧି ସାମିଲ ଥିଲେ। ରାତି ୭ଟାରେ ଶପଥଗ୍ରହଣ ଉତ୍ସବ ଆରମ୍ଭ ହେଲା। ରାଷ୍ଟ୍ରପତି ପ୍ରଥମେ ନରେନ୍ଦ୍ର ଦାମୋଦରଦାସ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଧଳା କୁର୍ତ୍ତା ପାଇଜାମା ପରିହିତ ମୋଦି ହିନ୍ଦୀରେ ଶପଥ ନେଇଥିଲେ। ତାଙ୍କ ପରେ ଅମିତ୍ ଶାହ ଓ ରାଜନାଥ ସିଂଙ୍କ ଶପଥ ନେବାର ପାଳି ପଡ଼ିଥିଲା। ଗାନ୍ଧୀନଗର ଆସନରୁ ପ୍ରଥମଥର ପାଇଁ ଲୋକ ସଭାକୁ ନିର୍ବାଚିତ

☞ପୃଷ୍ଠା–୪

### ଏନ୍‌ଡିଏ-୨

- କ୍ୟାବିନେଟରେ ଶାହ, ରାଜନାଥ, ଗଡ଼କରୀ
- ପୂର୍ବତନ ବହିର୍ବ୍ୟାପାର ସଚିବ ଏସ୍. ଜୟଶଙ୍କର ସାମିଲ
- ବାଦ୍ ପଡ଼ିଲେ ଅନେକ ପୁରୁଖା ନେତା
- ମନ୍ତ୍ରିମଣ୍ଡଳରେ ପ୍ରତାପଙ୍କ ସମେତ ୨୦ ନୂଆମୁହଁ
- ସହଯୋଗୀ ଦଳଙ୍କୁ ମିଳିଲା ଗୋଟିଏ ଲେଖାଏ ମନ୍ତ୍ରୀପଦ
- ସରକାରରେ ସାମିଲ ହେଲାନି ଅସନ୍ତୁଷ୍ଟ ଜେଡିୟୁ

### କେନ୍ଦ୍ର କ୍ୟାବିନେଟ: ୨୦୧୯ ବନାମ ୨୦୧୪

■କ୍ୟାବିନେଟ୍ ମନ୍ତ୍ରୀ ■ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ■ରାଷ୍ଟ୍ରମନ୍ତ୍ରୀ

| | କ୍ୟାବିନେଟ୍ ମନ୍ତ୍ରୀ | ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) | ରାଷ୍ଟ୍ରମନ୍ତ୍ରୀ |
|---|---|---|---|
| ୨୦୧୪ ମେ’ରେ ଶପଥ ନେଇଥିଲେ ୪୬ ମନ୍ତ୍ରୀ | ୨୪ | ୧୦ | ୧୨ |
| ୨୦୧୯ ଫେବୃୟାରୀ ସୁଦ୍ଧା ମନ୍ତ୍ରୀଙ୍କ ସଂଖ୍ୟା ୭୦ ଛୁଇଁଥିଲା | ୨୫ | ୧୧ | ୩୪ |
| ୨୦୧୯ ମେ’ରେ ଶପଥ ନେଇଛନ୍ତି ୫୭ ମନ୍ତ୍ରୀ | ୨୪ | ୯ | ୨୪ |

*କ୍ୟାବିନେଟରେ ସର୍ବାଧିକ ୮୧ ମନ୍ତ୍ରୀ (ଲୋକ ସଭା ସଦସ୍ୟଙ୍କ ୧୫%) ରହିପାରିବେ।

### ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ଦାମୋଦରଦାସ ମୋଦି

### କ୍ୟାବିନେଟ ମନ୍ତ୍ରୀ

୧– ରାଜନାଥ ସିଂ
୨– ଅମିତ୍ ଶାହ
୩– ନୀତୀନ୍ ଗଡ଼କରୀ
୪– ଡି.ଭି. ସଦାନନ୍ଦ ଗୌଡ଼ା
୫– ନିର୍ମଳା ସୀତାରାମନ୍
୬– ରାମବିଳାସ ପାଶ୍ୱାନ
୭– ନରେନ୍ଦ୍ର ସିଂ ତୋମର
୮– ରବିଶଙ୍କର ପ୍ରସାଦ
୯– ହର୍‌ସିମ୍‌ରତ୍ କୌର ବାଦଲ
୧୦–ଥାୱାର ଚାନ୍ଦ୍ ଗେହଲଟ
୧୧– ଏସ୍. ଜୟଶଙ୍କର
୧୨– ରମେଶ ପୋଖରିୟାଲ ‘ନିଶଙ୍କ’
୧୩– ଅର୍ଜୁନ ମୁଣ୍ଡା
୧୪– ସ୍ମୃତି ଜୁବିନ୍ ଇରାନୀ
୧୫– ଡ. ହର୍ଷବର୍ଦ୍ଧନ
୧୬– ପ୍ରକାଶ ଜାଭଡେକର
୧୭– ପୀୟୂଷ ଗୋୟଲ
୧୮– ଧର୍ମେନ୍ଦ୍ର ପ୍ରଧାନ
୧୯– ମୁଖ୍‌ତାର ଅବାସ ନକ୍‌ଭି
୨୦– ପ୍ରହ୍ଲାଦ ଜୋଶୀ
୨୧– ମହେନ୍ଦ୍ର ନାଥ ପାଣ୍ଡେ
୨୨– ଅରବିନ୍ଦ ସାୱନ୍ତ
୨୩– ଗିରିରାଜ ସିଂ
୨୪– ଗଜେନ୍ଦ୍ର ସିଂ ଶେଖାୱତ୍

### ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)

୧– ସନ୍ତୋଷ କୁମାର ଗଙ୍ଗୱାର
୨– ରାଓ ଇନ୍ଦରଜିତ୍ ସିଂ
୩– ଶ୍ରୀପଦ ନାୟକ
୪– ଡ. ଜିତେନ୍ଦ୍ର ସିଂ
୫– କିରେନ୍ ରିଜିଜୁ
୬– ପ୍ରହ୍ଲାଦ ସିଂ ପଟେଲ
୭– ଆର୍.କେ. ସିଂ
୮– ହରଦୀପ ସିଂ ପୁରୀ
୯– ମନ୍‌ସୁଖ ମାଣ୍ଡବୀୟ

### ରାଷ୍ଟ୍ର ପାହ୍ୟା

୧– ଫଗନ ସିଂ କୁଲସ୍ତେ
୨– ଅଶ୍ୱିନୀ କୁମାର ଚୌବେ
୩– ଅର୍ଜୁନ ରାମ୍ ମେଘୱାଲ
୪– ଭି.କେ. ସିଂ
୫– କିଶନ ପାଲ୍ ଗୁଜର
୬– ରାଓସାହାବ ଧାନ୍‌ବେ
୭– ଜି. କିଷନ ରେଡ୍ଡୀ
୮– ପୁରୁଷୋତ୍ତମ ରୁପାଲା
୯– ରାମଦାସ ଅଠାୱଲେ
୧୦– ସାଧ୍ୱୀ ନିରଞ୍ଜନ ଜ୍ୟୋତି
୧୧– ବାବୁଲ୍ ସୁପ୍ରିୟୋ
୧୨– ସଞ୍ଜୀବ କୁମାର ବାଲ୍ୟାନ
୧୩– ସଞ୍ଜୟ ଶାମରାଓ ଧୋତ୍ରେ
୧୪– ଅନୁରାଗ ସିଂ ଠାକୁର
୧୫– ସୁରେଶ ଅଙ୍ଗାଡି
୧୬–ରତନ୍ ଲାଲ୍ କଟାରିଆ
୧୭– ନିତ୍ୟାନନ୍ଦ ରାୟ
୧୮– ଭି. ମୁରଲୀଧରନ୍
୧୯– ରେଣୁକା ସିଂ ସାରୁତା
୨୦– ସୋମ୍ ପ୍ରକାଶ
୨୧– ରାମେଶ୍ୱର ତେଲି
୨୨–ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ
୨୩–କୈଳାସ ଚୌଧରୀ
୨୪–ଦେବଶ୍ରୀ ଚୌଧୁରୀ

### ଆଜିର ସମ୍ପାଦକୀୟ

**ବର୍ତ୍ତମାନର ଆବଶ୍ୟକତା**

### କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲରେ ଦେଶରେ ଇସ୍ପାତ ବ୍ୟବହାର ୬.୪% ବଢ଼ିଥିବା ବେଳେ ମୋଟ ବାର୍ଷିକ ବ୍ୟବହାର ୭.୫ ନିୟୁତ ଟନ୍ ରହିଛି। – **ଇସ୍ପାତ ମନ୍ତ୍ରଣାଳୟ**






# ଓଡ଼ିଶାରୁ ଧର୍ମେନ୍ଦ୍ର, ପ୍ରତାପ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ଦ୍ୱିତୀୟ ଥର ପାଇଁ ନରେନ୍ଦ୍ର ମୋଦି ଗୁରୁବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏନ୍‌ଡିଏର ନୂଆ ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ର ପ୍ରଧାନ ପୁଣିଥରେ ନିଜ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ହେଲେ ପୂର୍ବ ମନ୍ତ୍ରିମଣ୍ଡଳରେ

### ବାଦ୍ ପଡିଲେ ଜୁଏଲ

କ୍ୟାବିନେଟ୍ ମନ୍ତ୍ରୀ ଥିବା ଜୁଏଲ ଓରାମଙ୍କୁ ନିରାଶ ହେବାକୁ ପଡିଛି। ତାଙ୍କୁ ଏଥର ମନ୍ତ୍ରୀପଦ ମିଳିନାହିଁ। ଏଥର ନିର୍ବାଚନରେ ସୁନ୍ଦରଗଡ ଲୋକ ସଭା ଆସନରୁ ଜୁଏଲ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ତାଙ୍କୁ ମନ୍ତ୍ରୀପଦ ମିଳିବ ବୋଲି ରାଜ୍ୟରେ ଜୋର୍‌ଦାର ଚର୍ଚ୍ଚା ହେଉଥିଲା। ଜୁଏଲଙ୍କୁ ମନ୍ତ୍ରୀପଦ ନ ମିଳିବା ପରେ ସାଧାରଣରେ ଏକ ଭିନ୍ନ ଧରଣର ଚର୍ଚ୍ଚା ଆରମ୍ଭ ହୋଇଛି। ମନ୍ତ୍ରୀ ଭାବେ ସେତେଟା ଉତ୍ତମ ପ୍ରଦର୍ଶନ କରିପାରି ନ ଥିବା ଯୋଗୁ ଜୁଏଲଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବା କୁହାଯାଉଛି। ତାଙ୍କ ସ୍ଥାନ ପୂରଣ ପାଇଁ ମୋଦି କ୍ୟାବିନେଟ୍ ପାହ୍ୟା ବଦଳରେ ଆଉ ଏକ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦବୀ ଦେଇ ରାଜ୍ୟବାସୀଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ବାଲେଶ୍ୱର ଲୋକ ସଭା ଆସନରୁ ପ୍ରଥମଥର ଏମ୍‌ପି ହୋଇଥିବା ପ୍ରତାପ ଷଡଙ୍ଗୀଙ୍କୁ

☞ପୃଷ୍ଠା–୪



ଧର୍ମେନ୍ଦ୍ର ପ୍ରଧାନ



ପ୍ରତାପ ଷଡଙ୍ଗୀ

# ବିଶ୍ୱକପ ଶୁଭାରମ୍ଭ କଲେ ପ୍ରିନ୍ସ ହ୍ୟାରୀ

**ଲଣ୍ଡନ,୩୦।୫(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଗୁରୁବାର ଆରମ୍ଭ ହୋଇଛି। ବ୍ରିଟେନ ପ୍ରିନ୍ସ ହ୍ୟାରୀ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଶୁଭାରମ୍ଭ ହେଲା ବୋଲି ଘୋଷଣା କରିବା ପରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିଥିଲେ। ଏଥିରେ ୧୦୪ ରନରେ ବିଜୟ ସହ ଇଂଲଣ୍ଡ ଏହାର ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ନିଜର ସଂକ୍ଷିପ୍ତ ବକ୍ତବ୍ୟରେ ହ୍ୟାରୀ ଇଂଲଣ୍ଡର ସାଂସ୍କୃତିକ ବିବିଧତାକୁ ପ୍ରଶଂସା କରିଥିଲେ। ଦୀର୍ଘ ବର୍ଷ ପରେ ଇଂଲଣ୍ଡ ପୁଣିଥରେ ଏହି ମେଗା ଇଭେଣ୍ଟ ଆୟୋଜନ କରିଥିବାରୁ ଏହା ଦେଶ ପାଇଁ ଆନନ୍ଦର ବିଷୟ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଚଳିତ ମାସ ହ୍ୟାରୀ ପ୍ରଥମଥର ପାଇଁ ପିତା ହେବାର ଗୌରବ ଅର୍ଜନ କରିଥିଲେ। ଇଂଲଣ୍ଡ ଓ ୱେଲ୍ସର ସହରଗୁଡ଼ିକ ବିଶ୍ୱକପ୍ କାରଣରୁ ଆଗାମୀ ୬ ସପ୍ତାହ ପାଇଁ ଚଳଚଞ୍ଚଳ ହେବ। ସବୁ ଦଳ ଓ ଖେଳାଳି ଦମ୍‌ଦାର ପ୍ରଦର୍ଶନ କରି ବିଶ୍ୱବ୍ୟାପୀ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ସେ କହିଥିଲେ। ଏହାକୁ ମିଶାଇ ଇଂଲଣ୍ଡ ପଞ୍ଚମଥର ପାଇଁ ବିଶ୍ୱକପ୍ ଆୟୋଜନ କରିବାର ସୁଯୋଗ ହାସଲ କରିଛି। ଶେଷଥର ପାଇଁ ୧୯୯୯ରେ ଇଂଲଣ୍ଡ ବିଶ୍ୱକପ୍ ଆୟୋଜନ କରିଥିଲା।



# ମୋଦିଙ୍କୁ ନବୀନଙ୍କ ଅଭିନନ୍ଦନ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ନରେନ୍ଦ୍ର ମୋଦି ଲଗାତର ଦ୍ୱିତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀଭାବେ ଗୁରୁବାର ଶପଥ ନେଇଛନ୍ତି। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋଦିଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ନବୀନ କହିଛନ୍ତି ଯେ, ୨ୟ ଥର ପ୍ରଧାନମନ୍ତ୍ରୀଭାବେ ଶପଥ ନେଇଥିବା ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା। ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ସମଗ୍ର ଟିମ୍‌କୁ ଶୁଭକାମନା। ଏହି ଟିମ୍ ଦେଶକୁ ସର୍ବାଙ୍ଗୀନ ଉନ୍ନତି ଓ ସମୃଦ୍ଧି ରାସ୍ତାରେ ନେବ ବୋଲି ନବୀନ ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଶପଥଗ୍ରହଣ ଉତ୍ସବକୁ ନିମନ୍ତ୍ରଣ କରିଥିଲେ। ହେଲେ ନବୀନ ଉକ୍ତ ଉତ୍ସବରେ ଯୋଗ ଦେଇ ନ ଥିଲେ। ଓଡ଼ିଶା ବିଧାନସଭାରେ ବିଧାୟକମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିଥିଲେ। ନବୀନ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ଶପଥ ଗ୍ରହଣ ଉତ୍ସବକୁ ଡାକିଥିଲେ। ହେଲେ ପ୍ରଧାନମନ୍ତ୍ରୀ ଆସି ନ ଥିଲେ।



JIO 4G 00:40

Tweet

Naveen Patnaik @Naveen_Odisha

Congratulate @narendramodi ji on taking oath as Prime Minister of India for the second time. Best wishes to your entire team to take India further on the path of inclusive development. Look forward to working together for a prosperous #NewOdisha

8:43 PM · 30 May 19





NECC NATIONAL EGG CO-ORDINATION COMMITTEE | 30.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 87 | 141 | 151 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


### ଆଜିର ମନ୍ତବ୍ୟ

“ ଭାଜପା ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶରେ ଥିବା ବିରୋଧୀ ଦଳ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ କରୁଛି।

– **ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



RAJ ELECTRONICS
ODISHA's No. 1 Retail Chain Stores
GREAT SUMMER SALE
VALID TILL STOCKS LAST
ଆଜିହିଁ AIR CONDITIONER କିଣନ୍ତୁ
ଗୋଟିଏ ବର୍ଷ ନୁହେଁ 10ବର୍ଷ ପର୍ଯ୍ୟନ୍ତ* ବ୍ୟବହାର କରିପାରିବେ ।
ବର୍ତ୍ତମାନ Air Conditioner ଏକ ଦୈନନ୍ଦିନ ବ୍ୟବହାର ହୋଇପାରୁଥିବା ସାମଗ୍ରୀରେ ପରିଣତ ହୋଇଛି । ଗ୍ଲୋବାଲ୍ ୱାର୍ମିଂର ପ୍ରଭାବରେ ପରିବେଶରେ ଉଷ୍ଣତା କ୍ରମଶଃ ବୃଦ୍ଧି ପାଉଥିବା ବେଳେ ବର୍ଷର ୮ମାସ ପର୍ଯ୍ୟନ୍ତ ଗରମ ଅନୁଭବ ହେଉଛି । ଯାହାକି Air Conditioner ବିନା ଚଳିବା ଅସମ୍ଭବ ହୋଇପଡିଛି । ସେଥିପାଇଁ ବିଭିନ୍ନ କଂପାନୀ ମାନେ ଷ୍ଟାର୍ ରେଟଡ୍‌ଯୁକ୍ତ ଏବଂ ଇନଭର୍ଟର Air Conditionerର ମ୍ୟାନୁଫ୍ୟାକଚରିଂ କରୁଛନ୍ତି ଯାହାକି, ଗ୍ରାହକ ନିଜର ସବୁଦିନ ଗରମରୁ ଆରାମ ପାଇବା ସହିତ ବିଜୁଳି ବିଲ୍ ରେ ବର୍ଷକୁ ପ୍ରାୟ 7000 ଟଙ୍କା ପର୍ଯ୍ୟନ୍ତ ସଂଚୟ କରି ପାରୁଛନ୍ତି । ଆଜିକାଲି ଆଉ ନଗଦ ଟଙ୍କା ଦେଇ କିଣିବା Air Conditioner ଦରକାର ନାହିଁ କାରଣ ଏବେ କୌଣସି ଡ଼ାଉନ୍‌ପେମେଣ୍ଟ ନ ଦେଇ ଏବଂ ସହଜ ଓ କମ୍ ଦାମର କିସ୍ତିରେ ଗ୍ରାହକ ନାମିଦାମୀ କଂପାନୀ ମାନଙ୍କର Air Condition ନେଇପାରିବେ । ଏହାବ୍ୟତୀତ ବିଭିନ୍ନ କଂପାନୀ ମାନେ ସେମାନଙ୍କର Air Conditioner ଉପରେ ୧୦ ବର୍ଷ ପର୍ଯ୍ୟନ୍ତର ୱାରେଣ୍ଟୀ ଦେବା ସହିତ ସବୁଠୁ କମ୍ ମାତ୍ର ୫୦୦ ଟଙ୍କାରେ ଇନଷ୍ଟଲେସନ୍ ମଧ୍ୟ କରିପାରୁଛନ୍ତି ।
INVERTER AIR CONDITIONER ଏବେ ମାତ୍ର ₹1999*ରେ
ଗ୍ରାହକ ମାନଙ୍କୁ ଅନୁରୋଧ ସବୁଠୁ କମ୍ INSTALMENT ର ସୁବିଧାରେ ଆଜିହିଁ AIR CONDITIONER କିଣି ନିଅନ୍ତୁ ଏବଂ ଥଣ୍ଡା ଅନୁଭବ କରନ୍ତୁ ।
LG
OFFER PRICE ₹38,490* 0 DOWN PAYMENT 1.5 TON INVERTER- 3*(2019)
OFFER PRICE ₹44,590* 0 DOWN PAYMENT 1.5 TON 5 STAR INVERTER (2019)
VOLTAS
OFFER PRICE ₹35,590* EMI ₹2,966* 1.5 TON 3 STAR INVERTER
OFFER PRICE ₹32,990* EMI ₹2,749* 1.5 TON 3 STAR
DAIKIN
OFFER PRICE ₹34,990* EMI ₹2,915* 1.5 TON 3 STAR
OFFER PRICE ₹39,990* EMI ₹3,333* 1.5 TON 3 STAR INVERTER
Panasonic
OFFER PRICE ₹36,990* EMI ₹2,050* 1.5 TON 3 STAR INVERTER
OFFER PRICE ₹33,990* EMI ₹1,890* 1.5 TON 3 STAR
10 Yrs. Warranty on Inverter AC (on compressor)
BLUE STAR
OFFER PRICE ₹42,490* EMI ₹3,583* 1.5 TON 3 STAR INVERTER
OFFER PRICE ₹35,490* EMI ₹2,958* 1.5TON 3 STAR
Carrier
OFFER PRICE ₹36,000* EMI ₹3,000* 1.5 TON 3 STAR
OFFER PRICE ₹39,490* EMI ₹3,291* 1.5 TON 3 STAR INVERTER
HITACHI
OFFER PRICE ₹35,990* EMI ₹2,999* 1.5 TON 3 STAR
OFFER PRICE ₹41,490* EMI ₹3,458* 1.5 TON 3 STAR INVERTER
Whirlpool
OFFER PRICE ₹33,290* EMI ₹3,329* 1.5 TON 3 STAR
OFFER PRICE ₹36,290* EMI ₹3,629* 1.5 TON 3 STAR INVERTER MAGICOOL
0% INTEREST DOWN PAYMENT* PROCESSING FEE*
BAJAJ FINSERV
Godrej
OFFER PRICE ₹29,990* EMI ₹2,499* 1.5 TON 3 STAR
OFFER PRICE ₹35,990* EMI ₹2,999* 1.5 TON 3 STAR INVERTER
SAMSUNG
OFFER PRICE ₹41,000* EMI ₹2,734* 1.5 TON 3 STAR INVERTER
LLOYD
OFFER PRICE ₹36,490* EMI ₹3,041* 1.5 TON 3 STAR INVERTER
Haier Inspired Living
OFFER PRICE ₹31,990* EMI ₹2,666* 1.5 TON 3 STAR
OFFER PRICE ₹35,490* EMI ₹2,958* 1.5 TON 3 STAR INVERTER
1.5 TON 3 STAR EMI STARTS FROM ₹2,008
Price Starts ₹4,490
32" ₹12,990*
40" ₹21,990*
FREE 50" LED TV*
Check Our BEST PRICE & OFFERS on LED, OLED & QLED TVs
43" ₹27,990*
28" ₹11,990*
Smart Phone Price Starts ₹5,990*
NIKON : 9437756121
CANON : 8249483622
Price Starts ₹4,490
NOW AVAIL EMI ON SMALL APPLIANCES
320L:₹27590 EMI ₹2299
253L:₹19500 EMI ₹1950
190L:₹10990 EMI ₹1099
₹23,700*
₹7,990*
₹11,900*
215L:₹15990 EMI ₹1600
335L:₹33990 EMI ₹2834
FREE 32" LED or Mini BAR Refrigerator
SIDE BY SIDE : ₹87990 EMI ₹2934
VISIT TODAY RAJ ELECTRONICS
BHUBANESWAR
PATIA : Opp. Idea Office, Ph : 0674- 2726216 Mob : 9238365755
NAYAPALLY (CRP Sqr) : Opp. Hotel Presidency, Ph : 0674- 2565717, Mob : 9238365515
BARAMUNDA : Near Bus Stand, Ph : 0674-2355155 Mob : 9238365729
BAPUJI NAGAR : (Old Showroom) 0674- 2597016
BAPUJI NAGAR : (Premium) Ph : 0674- 2598852 Mob : 9238365728
ANGUL Near TATA Motors Nalco Square Ph : 9438149243, 8637261775,7978669968
CUTTACK Link Road, Madhupatna, Ph : 0671- 2342999 Mob : 9238365721
ROURKELA Udit Nagar,Infront Of Vishal Mega Mart, Ph : 9238365730 7787967372
TALCHER Sharma Chhak, Near Indusind Bank Ph : 06760- 241515, Mob : 9937752362
BALASORE Near Hotel Suraj, Sahadev Khunta, Ph : 06782- 241515 Mob : 8118052732
JHARSUGUDA Near Big Bazar, Shanti City Centre, Sarbahal, Ph : 06645- 271450, Mob : 9438355513
JAJPUR ROAD Chorda Traffic Chhak, By-Pass Road Mob : 9937587023
BISWAL SALES
JAJPUR ROAD Bus Stand-By Pass 06726 -220655, 9238365722
JAJPUR TOWN Medical Road 06728 - 222701, 9238365724
BHADRAK Chhapulia 06784 - 250566, 9238365720
RAJ ELECTRONICS PLAZA
JARAKA Near Venkateswar School, Ph : 9853702087,9938581334
BHADRAK Bonth,Near Tahasil & Block Office,Ph :7205321485
JALESWAR Axis Bank Building, Thana Bazar,Ph : 8249023446
GHASIPURA (Kesdurapal) Ratha Danda Ph : 9776110273,9937157173
LG | SAMSUNG | SONY | Panasonic | Godrej | VOLTAS-beko | Whirlpool | VOLTAS | DAIKIN | HITACHI | Carrier | BLUE STAR | Haier | IFB | INTEX | GENERAL | EUREKA FORBES | HAVELLS | USHA | Symphony | KENSTAR | Canon | TATA Sky | VIDEOCON
*T&C Apply. Discount applicable on MRP only. Offer applicable on selected products only. Pictures are indicative only.

**ସଂକ୍ଷେପରେ**

## ଜାଗାବାଡ଼ି ବିବାଦରୁ ମାରପିଟ

**ଛେଣ୍ଡିପଦା, ୩୦।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୁମ୍ଭାରସାହିରେ ଦୁଇ ପରିବାର ମଧରେ ଜାଗାବାଡିକୁ ନେଇ ମାରପିଟ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଜାଗାର ସୀମା ଖୁଣ୍ଟ ପୋତାକୁ ନେଇ ସାହିର ବିଦ୍ୟୁଲତା ବେହେରା ଓ ଲକ୍ଷ୍ମୀଧର ବେହେରାଙ୍କ ପରିବାର ମଧରେ ବଚସା ହୋଇ ମାର୍‌ପିଟ୍ ହୋଇଥିଲା। ଏଥିରେ ବିଦ୍ୟୁଲତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ପରେ ବିଦ୍ୟୁଲତା ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅପରପକ୍ଷରୁ ମଧ ଥାନାରେ ପାଲଟା ଅଭିଯୋଗ ହୋଇଛି। ପୋଲିସ ନଂ. ୧୭୦ ଓ ୧୭୨ରେ ୨ଟି ମାମଲା ରୁଜୁ କରିଛି।




## ଅକ୍ସିଜେନ୍ ଲଗାଇଲେନି ନର୍ସ: ବୃଦ୍ଧାଙ୍କ ମୃତ୍ୟୁ

**ଜୟପୁର,୩୦।୫(ନି.ପ୍ର.)**

ଜଣେ ବୃଦ୍ଧାଙ୍କୁ ତୁରନ୍ତ ଅକ୍ସିଜେନ ଦେବା ପାଇଁ ଡାକ୍ତର କହିବା ପରେ ମଧ ଦାୟିତ୍ୱରେ ଥିବା ନର୍ସ ଠିକ ସମୟରେ ତାହା କଲେନାହିଁ। ଫଳରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବ୍ରହ୍ମପୁରର ରଙ୍ଗବତୀ ମଣ୍ଡଳ (୬୫) ତାଙ୍କ ଝିଅ ଘର କୋରାପୁଟ ଜିଲା ଜୟପୁର ବାଲିପେଟା ସାହିକୁ ଆସିଥିଲେ। ଗୁରୁବାର ଅପରାହ୍ନରେ ସେ ହଠାତ୍ ଅସୁସ୍ଥ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ରଙ୍ଗବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ତୁରନ୍ତ ଅକ୍ସିଜେନ ଦେବା ପାଇଁ କହିଥିଲେ। ସେଠାରେ କାର୍ଯ୍ୟରତ ନର୍ସ ଅକ୍ସିଜେନ ଠିକ୍ ସମୟରେ ନ ଲଗାଇବାରୁ ରଙ୍ଗବତୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଚିକିତ୍ସାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

## ୧୩ ଜିଲାରେ ଝଡ଼ବର୍ଷା ସମ୍ଭାବନା

■ ୪୧ ଡିଗ୍ରୀ ଉପରେ ୧୦ ସହର
■ ଉପକୂଳରେ କମିଲା ତାତି

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ରାଜ୍ୟରେ ତାତିର ପ୍ରକୋପ କିଛି ମାତ୍ରାରେ ହ୍ରାସ ପାଇଛି। ତଥାପି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାର ୧୦ ସହରରେ ପାରଦ ୪୧ ଡିଗ୍ରୀ ସେଲସିୟସ ଉପରେ ରହିଛି। ପୂର୍ବ ଭଳି ଆଉ ଗ୍ରୀଷ୍ମ ପ୍ରବାହ ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୨.୫, ଝାରସୁଗୁଡା ୪୨.୨, ଭବାନୀପାଟନା ୪୨, ଅନୁଗୋଳ ୪୧.୭, ସମ୍ବଲପୁର ୪୧.୩, ହୀରାକୁଦ ୪୧.୧, ସୁନ୍ଦରଗଡ ୪୧ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳ ଓଡିଶାରେ ତାତି ଓ ଗୁଳୁଗୁଳି ମଧ ସାମାନ୍ୟ ହ୍ରାସ ପାଇଛି। ଆସନ୍ତା ଜୁନ ୫ ତାରିଖ ଯାଏ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବ। କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲାରେ କାଳବୈଶାଖୀଜନିତ ଝଡବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହି ଜିଲାଗୁଡିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ବଲାଙ୍ଗୀର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଏବଂ ସମ୍ବଲପୁର। ସେହି ଜିଲାଗୁଡିକର କେତେକ ସ୍ଥାନରେ ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ପବନ ବହିବା ସହ ଘଡଘଡି ଜନିତ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

# ସମୀକ୍ଷା ବାହାନାରେ ସୁରକ୍ଷା

## ■ ରାଜ୍ୟ ନେତୃତ୍ୱ ଉପରେ ଦୋଷ ଲଦିଲେ ବରିଷ୍ଠ

**କଂଗ୍ରେସ ବିପର୍ଯ୍ୟୟ**
■ ବାପ-ପୁଅଙ୍କୁ ଟିକେଟ ମିଳିବା ନେଇ କ୍ଷୁବ୍ଧ
■ ରାହୁଲଙ୍କୁ କଂଗ୍ରେସ ଅଧକ୍ଷ ରଖିବାକୁ ପ୍ରସ୍ତାବ ପାରିତ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ଗତ ନିର୍ବାଚନରେ ରାଜ୍ୟ କଂଗ୍ରେସର ଶୋଚନୀୟ ପରାଜୟ ହୋଇଛି। ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଖସିଛି ଦଳ। ଲୋକସଭା ଆସନରେ ଗୋଟିଏ ସିଟ୍‌ରେ ବିଜୟୀ ହୋଇଥିବା ବେଳେ ବିଧାନସଭାରେ କଂଗ୍ରେସ ଦୁଇ ଅଙ୍କ ଛୁଇଁ ପାରି ନାହିଁ। ଦଳର ଏଭଳି ବିପର୍ଯ୍ୟୟକୁ ରାଜ୍ୟର ବରିଷ୍ଠ ନେତାମାନେ ହଜମ କରି ପାରି ନାହାନ୍ତି। ନିର୍ବାଚନ ପରିଚାଳନା ଓ ଦଳୀୟ ନେତୃତ୍ୱର ବିଫଳତା ଯୋଗୁ କଂଗ୍ରେସକୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡିଲା ବୋଲି ରାଜ୍ୟ ନେତାମାନେ ଗୋଟିଏ ସ୍ୱରରେ କହିଛନ୍ତି। ୨୦୧୪ କଂଗ୍ରେସର ଭୋଟ ସେୟାର ୨୫.୭ ପ୍ରତିଶତ ଥିବା ବେଳେ ଏହି ନିର୍ବାଚନରେ ୧୬.୧୨ ପ୍ରତିଶତରେ ପହଞ୍ଚିଛି। ବିରୋଧୀ ଦଳ ମାନ୍ୟତା ମଧ ହାତରୁ ଖସି ଯାଇଛି। ମାତ୍ର ୯ଟି ବିଧାନସଭା ଆସନରେ କଂଗ୍ରେସକୁ ସନ୍ତୁଷ୍ଟ ହେବାକୁ ପଡିଛି। ରାଜ୍ୟ କଂଗ୍ରେସ ବିପର୍ଯ୍ୟୟର କାରଣ ଖୋଜିବାକୁ ଦଳ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ପିସିସି କାର୍ଯ୍ୟାଳୟରେ ଦଳର ଖରାପ ପ୍ରଦର୍ଶନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ବୈଠକକୁ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନେତାମାନଙ୍କୁ ଡକାଯାଇଥିଲା। କେଉଁ କାରଣରୁ ଦଳ ଖରାପ ପ୍ରଦର୍ଶନ କଲା ସେ ନେଇ ମାନସ ମନ୍ଥନ ହୋଇଛି। ଆଲୋଚନା ବେଳେ ବରିଷ୍ଠ ନେତାମାନେ ଦଳର ଏଭଳି ଦୁର୍ଦ୍ଦଶା ପାଇଁ କଂଗ୍ରେସ ନେତୃତ୍ୱକୁ ଦାୟୀ କରିଥିଲେ।

ବୈଠକରେ ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ଟି.ଏସ୍. ସିଂଦେଓ, ନିରଞ୍ଜନ ପଟ୍ଟନାୟକ, ତାରା ପ୍ରସାଦ ବାହିନୀପତି, ଭକ୍ତ ଚରଣ ଦାସ ପ୍ରମୁଖ ବରିଷ୍ଠ ନେତା ଉପସ୍ଥିତ ଥିଲେ। କେଉଁ କାରଣରୁ ନିଜ ନିଜ ଅଞ୍ଚଳରେ ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି ତା'ର କାରଣ ପଚରାଯାଇଥିଲା। ଜଣ ଜଣ କରି ନିଜର ମତ ଦେଇଥିଲେ। ତେବେ ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାହୁଲ ଗାନ୍ଧୀଙ୍କୁ ଏଆଇସିସି ଅଧକ୍ଷ ପଦରେ ରଖିବା ପାଇଁ ପ୍ରସ୍ତାବ ପାରିତ କରିବା। ଏହି ପ୍ରସ୍ତାବ ପାରିତ ହେବା ସମୟରେ ନିରଞ୍ଜନ ନିଜ ସମ୍ପର୍କରେ ଏକ ପ୍ରସ୍ତାବ ପାରିତ କରି ଏଆଇସିସି ନିକଟକୁ ପଠାଇବାକୁ ଚାହିଁଥିଲେ। ହେଲେ ଜିତେନ୍ଦ୍ର ସିଂ ଏକକାଳୀନ ଦୁଇଟି ଯାକ ପ୍ରସ୍ତାବ ପାରିତ କରିବାକୁ ବାରଣ କରିଥିଲେ। ।ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦଳର ପ୍ରଦର୍ଶନ ଖରାପ ହେବା ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିଲେ। ହେଲେ ତାଙ୍କ ଇସ୍ତଫା ପତ୍ର ଏପର୍ଯ୍ୟନ୍ତ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଗ୍ରହଣ କରାଯାଇନାହିଁ। ଅନ୍ୟପଟେ ନିରଞ୍ଜନ ମଧ ନିଜ ପଦରୁ ଇସ୍ତଫା ଦେବାକୁ ଚାହୁଁ ନ ଥିବା ଶୁଣିବାକୁ ମିଳିଛି। ନିଜ ଦୋଷ ତ୍ରୁଟିକୁ ଘୋଡାଇବା ସକାଶେ ନିରଞ୍ଜନ ଏଭଳି ବାହାନା କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟତଃ ବିପର୍ଯ୍ୟୟ ସମୀକ୍ଷା ନାଁରେ ନିରଞ୍ଜନଙ୍କୁ ସୁରକ୍ଷା ପାଇଁ ବୈଠକରେ ସାମିଲ ହୋଇଥିବା କେନ୍ଦ୍ରୀୟ ନେତାମାନେ ଉଦ୍ୟମ କରିଥିବା ଦଳର କେତେଜଣ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଅପରାହ୍ନରେ ଦଳର ବହୁ ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ବିପର୍ଯ୍ୟୟ ପାଇଁ ଆଗଧାଡ଼ିର ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶରତ ରାଉତ, ଜଗନ୍ନାଥ ପଟ୍ଟନାୟକ, ଅମୀୟ ପଟ୍ଟନାୟକ ଏବଂ ରବି ସେଠୀ ପ୍ରମୁଖ ନେତାମାନେ ସିଧାସଳଖ ନିରଞ୍ଜନଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ନିର୍ବାଚନ ପ୍ରଚାର କମିଟି ଗଠନ କରାଯାଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇ ନ ଥିଲା। ଏଥି ସହ ଗୋଟିଏ ପରିବାର ପିଛା ଦୁଇଟି ଟିକେଟ ଦିଆଯିବାକୁ ନେଇ ଆପତ୍ତି ଉଠିଥିଲା। ଏହା ପରାଜୟର ଅନ୍ୟ ଏକ କାରଣ ବୋଲି ନେତାମାନେ ରାଜ୍ୟ ପ୍ରଭାରୀଙ୍କ ନିକଟରେ କହିଥିଲେ। ବାପ-ପୁଅ ଟିକେଟ ନେବା ପ୍ରସଙ୍ଗ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମଧ ଉଠାଇଥିଲେ। ଅନ୍ୟପଟେ ଜଗନ୍ନାଥ ପଟ୍ଟନାୟକ କହିଥିଲେ ନିର୍ବାଚନ ସମୟରେ ପ୍ରଚାର କମିଟି ଠିକ୍ ଢଙ୍ଗରେ କାର୍ଯ୍ୟ ନ କରିବା ଏବଂ ରାଜ୍ୟ ନେତୃତ୍ୱ ରାହୁଲଙ୍କ ନିର୍ଦ୍ଦେଶ ଠିକ୍‌ଭାବେ ପାଳନ କରି ନ କରିବାରୁ ଏଭଳି ବିପର୍ଯ୍ୟୟ ହେଲା। କଂଗ୍ରେସର ୨୧ ଜଣିଆ କମିଟିକୁ ନେଇ ରବି ସେଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯେଉଁମାନେ ଦଳର କ୍ଷତି ପାଇଁ ଦାୟୀ ସେମାନଙ୍କୁ ବିପର୍ଯ୍ୟୟ କାରଣ ଖୋଜିବାକୁ ଦାୟିତ୍ୱ ଦେବା କେତେଦୂର ଠିକ୍ ବୋଲି ସେ ନେଇ ଦଳୀୟ ମହଲରେ ପ୍ରଶ୍ନ ଉଠିଛି। ଆଗାମୀ ୬ମାସ ପର୍ଯ୍ୟନ୍ତ ଦଳ ପାଇଁ କାମ କରିବାକୁ ପ୍ରଭାରୀ ଜିତେନ୍ଦ୍ର ସିଂ ପରାମର୍ଶ ଦେଇଥିଲେ। ଦଳକୁ କିପରି ଅଧିକ ସଙ୍ଗଠିତ କରିହେବ ଏବଂ ପୌର ନିର୍ବାଚନରେ ଭଲ ଫଳ ମିଳିବ ତା' ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ବୈଠକରେ କୋରାପୁଟ ଲୋକସଭା ଆସନରୁ ନବ ନିର୍ବାଚିତ ଏମପି ସପ୍ତଗିରି ଉଲାକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶପଥ ନେଲେ ନୂଆ ବିଧାୟକ

## କାମଚଳା ବାଚସ୍ପତି ଶପଥପାଠ କରାଇଲେ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ମନ୍ତ୍ରୀ ମଣ୍ଡଳର ସଦସ୍ୟମାନେ ବୁଧବାର ଶପଥ ନେବା ପରେ ଗୁରୁବାର ନବନିର୍ବାଚିତ ବିଧାୟକମାନେ ଶପଥ ନେଇଛନ୍ତି। କାମଚଳା ବାଚସ୍ପତି ଅମର ପ୍ରସାଦ ଶତପଥୀ ବିଧାନସଭାରେ ବିଧାୟକମାନଙ୍କୁ ଶପଥପାଠ କରାଇଛନ୍ତି। ଏହି ଶପଥପାଠ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ।

ଗୁରୁବାର ପୂର୍ବାହ୍ନ ୧୦ଟା ୫୧ ମିନିଟରେ ଶପଥ ଗ୍ରହଣ ଆରମ୍ଭ ହୋଇଥିଲା। ପ୍ରଥମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାମଚଳା ବାଚସ୍ପତି ଶପଥପାଠ କରାଇଥିଲେ। ଏହା ପରେ ବିଜେଡି ବିଧାୟକ ବିକ୍ରମ କେଶରୀ ଆରୁଖ, ଅରୁଣ ସାହୁ, ସୁଦାମ ମାର୍ଣ୍ଡି, ପ୍ରତାପ ଜେନା, ବଦ୍ରି ନାରାୟଣ ପାତ୍ର, ଅନନ୍ତ ଦାସ, ପ୍ରଫୁଲ୍ଲ ମଲ୍ଲିକ, ଭୂପିନ୍ଦର ସିଂ, ନିତ୍ୟାନନ୍ଦ ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଧ୍ରୁବ ଚରଣ ସାହୁ, ଶ୍ରୀକାନ୍ତ ସାହୁ, ଶଶିଭୂଷଣ ବେହେରା, ପ୍ରଣବ ପ୍ରକାଶ ଦାସ, ଭାଗୀରଥି ସେଠୀ, ପ୍ରଣବ ବଳବନ୍ତ ରାୟ, ରଘୁ ନନ୍ଦନ ଦାସ, ପ୍ରମିଳା ମଲ୍ଲିକଙ୍କ ସମେତ ପର୍ଯ୍ୟାୟକ୍ରମେ ଜଣକ ପରେ ଜଣେ ୧୦୬ ଜଣ ବିଧାୟକଙ୍କୁ କାମଚଳା ବାଚସ୍ପତି ଶପଥପାଠ କରାଇଛନ୍ତି। ସେଥିରେ ବିଜେଡିର ୯୩ ଜଣ, ଭାଜପାର ୬, କଂଗ୍ରେସର ୬ ଜଣ ଏବଂ ଜଣେ ସ୍ୱାଧୀନ ବିଧାୟକ ଶପଥ ନେଇଛନ୍ତି। କଂଗ୍ରେସର ବରିଷ୍ଠ ନେତାଙ୍କ ମଧ୍ୟରେ ନରସିଂହ ମିଶ୍ର, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ଭାଜପାର ଜୟନାରାୟଣ ମିଶ୍ର, ମଦନମୋହନ ଦତ୍ତ, ସନାତନ ବିଜୁଳି, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେ. ନାରାୟଣ ରାଓ, ସୁକାନ୍ତ ନାଏକ, ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଶପଥ ନେଇଛନ୍ତି। ଅନ୍ୟମାନଙ୍କୁ ଶୁକ୍ରବାର କାମଚଳା ବାଚସ୍ପତି ଶପଥପାଠ କରାଇବେ।



ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାମଚଳା ବାଚସ୍ପତି ଅମର ପ୍ରସାଦ ଶତପଥୀ ଶପଥପାଠ କରାଉଛନ୍ତି।

## ମହୁମାଛି ଆକ୍ରମଣରେ ବାଳକ ମୃତ, ୧୭ ଆହତ

**ରାୟଗଡା ଅଫିସ୍, ୩୦।୫**

ରାୟଗଡ଼ା ଜିଲାର ପୃଥକ୍ ସ୍ଥାନରେ ମହୁମାଛି ଆକ୍ରମଣରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସଙ୍ଗ ପାଲାକା (୯) । ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ଚାନ୍ଦିଲି ଥାନା କୋଲନରା ବ୍ଲକ୍ ଅନ୍ତର୍ଗତ ଭେଜା ଗ୍ରାମର ସଙ୍ଗ ପାଲାକା, ଜୟସିଂ କଣ୍ଡାଗରୀ, ମିନାରାଓ ପାଲାକା ପାହାଡ଼ ଉପରକୁ ଆମ୍ବ ତୋଳିବାକୁ ଯାଇଥିବାବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଜୟସିଂ, ମିନାରାଓ ଦୌଡ଼ି ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ସଙ୍ଗଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣ ଚିକିତ୍ସିତ ହେଉଛନ୍ତି। ସେହିପରି ରିଭଲକଣା ଗ୍ରାମରେ ମହୁମାଛି ଆକ୍ରମଣରେ ୧୫ ଜଣ ଆହତ ହୋଇଛନ୍ତି। ମୃତଦେହ ସଂସ୍କାର କରିବାକୁ ଶ୍ମଶାନକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।




# କାଠମାଣ୍ଡୁରେ ପହଞ୍ଚିଲା କଳ୍ପନାଙ୍କ ପାର୍ଥିବ ଶରୀର

■ ବ୍ୟବଚ୍ଛେଦ ପ୍ରକ୍ରିୟା ଆରମ୍ଭ
■ ଜନ୍ମମାଟିକୁ ଆସିବ ମୃତଦେହ

**ଢେଙ୍କାନାଳ ଅଫିସ, ୩୦।୫**

ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ମୃତଦେହ ଉଦ୍ଧାର କାର୍ଯ୍ୟ ସଫଳ ହୋଇଛି। ଗୁରୁବାର ବେସ୍‌କ୍ୟାମ୍ପ-୪ରୁ ତାଙ୍କର ପାର୍ଥିବ ଶରୀର ହେଲିକପ୍ଟର ଯୋଗେ କାଠମାଣ୍ଡୁ ଅଣାଯାଇଛି। ଏହାପରେ ଆରମ୍ଭ ହୋଇଛି ବ୍ୟବଚ୍ଛେଦ ପ୍ରକ୍ରିୟା। ମରଶରୀର ପ୍ରଥମେ ଦିଲ୍ଲୀ ଏବଂ ସେଠାରୁ ଭୁବନେଶ୍ୱର ଅଣାଯିବ। ଏହାପରେ ଜନ୍ମମାଟି ଢେଙ୍କାନାଳକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯିବ। ଏହି ସମସ୍ତ କାର୍ଯ୍ୟ ପାଇଁ ୨ଦିନ ଲାଗିବ ବୋଲି କଳ୍ପନାଙ୍କ ପୁତୁରା ଗୌରୀଶଙ୍କର ଦାଶ ଫୋନ୍‌ଯୋଗେ ସୂଚନା ଦେଇଛନ୍ତି।



କଳ୍ପନାଙ୍କ ମରଶରୀର ନିକଟରେ ଭାଇ ପ୍ରଦୀପ ଦାଶ।

କଳ୍ପନାଙ୍କ ମୃତଦେହ ଆଣିବାକୁ କାଠମାଣ୍ଡୁ ଯାଇଛନ୍ତି ତାଙ୍କ ଭାଇ ପ୍ରଦୀପ ଦାଶ। ପର୍ବତ ଆରୋହଣ ପୋଷାକରେ ଥିବା ଦୁଃସାହସୀ ଭଉଣୀଙ୍କ ମରଶରୀର ଦେଖିସେ କୋହ ସମ୍ବରଣ କରିପାରି ନ ଥିଲେ। ଅନ୍ୟପଟେ କଳ୍ପନାଙ୍କ ମୃତଦେହ ଉଦ୍ଧାର ହୋଇଥିବା ଖବର ପହଞ୍ଚିବା ପରେ ମା' ଶୈଳବାଳା ଦାଶଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବାକୁ ସମ୍ପର୍କୀୟ ଏବଂ ଅଞ୍ଚଳବାସୀଙ୍କ ଭିଡ଼ ଲାଗିରହିଛି।

ପିଲାଟି ଦିନରୁ ଏଭରେଷ୍ଟ ଶିଖର ଛୁଇଁବା ସ୍ୱପ୍ନ ଦେଖିଥିଲେ କଳ୍ପନା। ନିଜର ଏହି ଇଚ୍ଛା ପୂରଣ କରିବାକୁ ସେ ୨୦୦୪ ଏବଂ ୨୦୦୬ରେ ଅଭିଯାନ ଆରମ୍ଭ କରିଥିଲେ। ହେଲେ ପ୍ରତିକୂଳ ପାଗ ତାଙ୍କୁ ସାଥ୍ ଦେଇ ନ ଥିଲା। ତେବେ ୨୦୦୮ରେ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ଏଭରେଷ୍ଟ ଶୀର୍ଷରେ ପହଞ୍ଚାଇଥିଲା। ଏହାପରେ ଓଡ଼ିଶାର ଦୁଃସାହସିକ କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଥିଲା ନୂତନ ପର୍ଦ୍ଦ। ଦୀର୍ଘ ୧୧ ବର୍ଷ ପରେ ଗତ ଏପ୍ରିଲରେ ୫୨ବର୍ଷୀୟା ଦୃଢ଼ମନା କଳ୍ପନା ପୁଣିଥରେ ଏଭରେଷ୍ଟ ଚୂଡ଼ାରେ ପାଦ ରଖିବାକୁ ଆରମ୍ଭ କରିଥିଲେ ଅଭିଯାନ। ହେଲେ ଅମ୍ଳଜାନ ଅଭାବରୁ ମେ ୨୩ରେ ଏଭରେଷ୍ଟର ବାଲ୍‌କୋନୀ ଏରିଆରେ ମୃତ୍ୟୁମୁଖରେ ପଡ଼ିଥିଲେ। ଏହାପରେ ମୃତଦେହ ଉଦ୍ଧାର କରି ଢେଙ୍କାନାଳ ଆଣିବାକୁ ରାଜ୍ୟ ସରକାର, ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।



## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

ଫନୀ କ୍ଷତିଗ୍ରସ୍ତଙ୍କ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ଦାନ ଜାରି ରଖିଛନ୍ତି। ସେହିକ୍ରମରେ ଗୁରୁବାର ସର୍ବଭାରତୀୟ ବ୍ୟାଙ୍କ ଅଫିସର କନ୍‌ଫେଡେରେଶନ ପକ୍ଷରୁ ୧୧ ଲକ୍ଷ ଟଙ୍କା, ଅଲ୍ ଇଣ୍ଡିଆ ଷ୍ଟେଟ ବ୍ୟାଙ୍କ ଅଫିସର ଫେଡେରେଶନ ୧୦ ଲକ୍ଷ ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀର ବ୍ଲୁକ୍ରସ ଲ୍ୟାବ୍ ଇଣ୍ଡିଆ ପ୍ରା ଲିଃ ୧୦ ଲକ୍ଷ, ମୁମ୍ବାଇର ନିହଚଲ ଇସରାନୀ ଫାଉଣ୍ଡେଶନ ୧୦ ଲକ୍ଷ ଓ ନୂଆଦିଲ୍ଲୀର ଭାରତ ସୋକା ଗକ୍କାଇ ପକ୍ଷରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ନନ୍ଦିନୀ
ପରିବାରବର୍ଗ


ଆୟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଓଡିଶାରୁ ଧର୍ମେନ୍ଦ୍ର,...

ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ଭାଜପା ବିଗତ ଦିନରେ ରାଜ୍ୟରେ ୩ ନମ୍ବର ସ୍ଥାନରେ ରହି ଆସୁଥିଲା। ହେଲେ ଏଥର ନିର୍ବାଚନରେ ରାଜ୍ୟବାସୀ ଭାଜପାକୁ ଦ୍ୱିତୀୟ ସ୍ଥାନକୁ ଆଣିଛନ୍ତି। ୨୦୧୪ରେ ରାଜ୍ୟରୁ ଭାଜପା ଗୋଟିଏ ଲୋକ ସଭା ଆସନ ପାଇଥିଲା। ଏଥର ଆଉ ୭ଟି ଅଧିକ ଆସନରେ ବିଜୟୀ ହୋଇଛି। ଏହାସତ୍ତ୍ୱେ ଓଡ଼ିଶାକୁ ଗୋଟିଏ ଲେଖାଏ କ୍ୟାବିନେଟ୍ ଏବଂ ରାଷ୍ଟ୍ରପାହ୍ୟା ପଦ ମିଳିଛି, ଯାହାକୁ ନେଇ ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି।

୨୦୧୪ରେ ଜୁଏଲ ସୁନ୍ଦରଗଡ ଆସନରୁ ଜିତି କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ଧର୍ମେନ୍ଦ୍ର ବିହାରରୁ ରାଜ୍ୟସଭା ଯାଇ ମୋଦିଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବାପରେ ଧର୍ମେନ୍ଦ୍ରଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିଲା। ଫଳରେ ସେହି ସ୍ଥାନକୁ ବଜାୟ ରଖିବାରେ ସେ ସକ୍ଷମ ହୋଇଛନ୍ତି। ଏଥର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ସ୍ଥାନ ମିଳିଛି। ଅର୍ଜୁନଙ୍କୁ ଜୁଏଲଙ୍କ ମନ୍ତ୍ରଣାଳୟ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଆଗକୁ ଝାଡଖଣ୍ଡରେ ନିର୍ବାଚନ ଥିବାରୁ ଓଡିଶା ହାତରୁ କ୍ୟାବିନେଟ୍ ପାହ୍ୟା ଛଡାଇ ଅର୍ଜୁନ ମୁଣ୍ଡାଙ୍କୁ ସେହି ପଦବୀରେ ଅବସ୍ଥାପିତ କରିବାକୁ ମୋଦି ଯୋଜନା କରୁଥିବା ଆଲୋଚନା ହେଉଛି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ଯେତେବେଳେ ଭାଜପା ରାଜ୍ୟରେ ଗୋଟିଏ ଲୋକ ସଭା ଆସନ ପାଇଥିଲା, ସେତେବେଳେ ୨ଜଣଙ୍କୁ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ମିଳିଥିଲା। ଏବେ ୮ଟି ଆସନ ମିଳିଥିବାବେଳେ ୨ଜଣଙ୍କୁ କେନ୍ଦ୍ରମନ୍ତ୍ରୀ ପଦ ମିଳିଛି। ଯେହେତୁ ଦେଶର ବହୁ ରାଜ୍ୟରୁ ଅଧିକାଂଶ ଏମ୍‌ପି ଜିତିଛନ୍ତି ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ମଧ୍ୟ ସଫଳତା ମିଳିଛି, ତେଣୁ ସମସ୍ତଙ୍କୁ ସମାନଭାବେ ମନ୍ତ୍ରିମଣ୍ଡଳରେ ସାମିଲ କରିବା ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ। ଓଡିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଭଲ ପାଇବା ରହିଥିବା କଥା କାହାକୁ ଅଛପା ନାହିଁ ବୋଲି ଗୋଲକ କହିଛନ୍ତି।

### ଦ୍ୱିତୀୟ ଥର...

ହୋଇଥିବା ଶାହଙ୍କୁ ଅର୍ଥ ଓ ଲକ୍ଷ୍ନୌ ଏମ୍‌ପି ରାଜନାଥଙ୍କୁ ପୁଣି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମିଳିପାରେ ବୋଲି ଆଲୋଚନା ହେଉଛି। ସେହିପରି ନାଗପୁର ଏମ୍‌ପି ନୀତୀନ ଜୟରାମ ଗଡ଼କରୀ ଏବଂ ବେଙ୍ଗାଲୁରୁ ନର୍ଥ ଆସନରୁ ବିଜୟୀ ହୋଇଥିବା ଡି.ଭି. ସଦାନନ୍ଦ ଗୌଡ଼ାଙ୍କୁ ପୁଣିଥରେ ମୋଦି କ୍ୟାବିନେଟରେ ସାମିଲ କରାଯାଇଛି। ପ୍ରତିରକ୍ଷାମନ୍ତ୍ରୀ ଥିବା ରାଜ୍ୟ ସଭା ସଦସ୍ୟ ନିର୍ମଳା ସୀତାରାମନ ପୁଣିଥରେ କ୍ୟାବିନେଟକୁ ଫେରିଛନ୍ତି। ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ ତଥା ରାଜ୍ୟ ସଭା ସଦସ୍ୟ ରାମବିଳାସ ପାଶ୍ୱାନ, ମେରେନା ଏମ୍‌ପି ନରେନ୍ଦ୍ର ସିଂ ତୋମର, ପାଟନା ସାହିବରୁ ପ୍ରଥମଥର ପାଇଁ ଲୋକ ସଭାରେ ପ୍ରତିନିଧିତ୍ୱ କରିବାକୁ ଥିବା ରବିଶଙ୍କର ପ୍ରସାଦ, ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ହର୍‌ସିମରତ୍ କୌର ବାଦଲ, ଦଳିତ ଚେହେରା ଥାୱର୍‌ଚନ୍ଦ୍ ଗେହଲଟ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସମସ୍ତଙ୍କୁ ବିସ୍ମିତ କରିଦେବା ଭଳି ଖବର ହେଉଛି ଡକ୍ଟର ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କୁ କ୍ୟାବିନେଟରେ ସାମିଲ କରାଯିବା। ଜୟଶଙ୍କର ପୂର୍ବରୁ ବହିର୍ବ୍ୟାପାର ସଚିବ ଥିବାବେଳେ କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିବା କୁହାଯାଉଛି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ତାଙ୍କ ପାରମ୍ପରିକ ଆସନ ଅମେଠିରେ ପରାଜିତ କରିଥିବା ସ୍ମୃତି ଜୁବିନ ଇରାନୀ, ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ କେଶବ ଜାଭଡେକର ଓ ଅର୍ଥମନ୍ତ୍ରୀ ଥିବା ପୀୟୂଷ ବେଦପ୍ରକାଶ ଗୋୟଲ ମୋଦି କ୍ୟାବିନେଟକୁ ପୁଣି ଫେରିଛନ୍ତି। ରାଜ୍ୟ ସଭା ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଚାନ୍ଦନୀଚୌକ ଏମ୍‌ପି ଡାକ୍ତର ହର୍ଷବର୍ଦ୍ଧନ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା, ହରିଦ୍ୱାର ଏମ୍‌ପି ରମେଶ ପୋଖରିୟାଲ, ବେଗୁସରାଇରୁ ବିଜୟୀ ହୋଇଥିବା ଗିରିରାଜ ସିଂ, ଶିବସେନାର ଅରବିନ୍ଦ ସାୱନ୍ତଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ବରେଲି ଏମ୍‌ପି ସନ୍ତୋଷ ଗଙ୍ଗୱାର, ଉତ୍ତର ଗୋଆରୁ ବିଜୟୀ ହୋଇଥିବା ଶ୍ରୀପଦ ୟାଶୁ ନାଏକ, ଡକ୍ଟର ଜିତେନ୍ଦ୍ର ସିଂ (ଉଧମପୁର) ଓ କିରେନ୍ ରିଜିଜୁ (ଅରୁଣାଚଳ ୱେଷ୍ଟ)ଙ୍କ ସମେତ ୯ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ପାହ୍ୟା ମିଳିଛି। ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଫଗନ ସିଂ କୁଲସ୍ତେ, ଅଶ୍ୱିନୀ କୁମାର ଚୌବେ, ଅର୍ଜୁନରାମ ମେଘୱାଲ, ଜେନେରାଲ (ଅବସରପ୍ରାପ୍ତ) ବିଜୟ କୁମାର ସିଂ, ଗଙ୍ଗା କିଷନ ରେଡ୍ଡୀ, ପୁରୁଷୋତ୍ତମ ରୁପାଲା (ରାଜ୍ୟ ସଭା), ଆର୍‌ପିଆଇ ମୁଖ୍ୟ ରାମଦାସ ଅଠାୱଲେ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ବାବୁଲ ସୁପ୍ରିୟୋ, ସଞ୍ଜୀବ ବାଲ୍ୟାନ, ଅନୁରାଗ ଠାକୁର, ସୁରେଶ ଅଙ୍ଗାଡି, ରାଓସାହେବ ଧୋତ୍ରେଙ୍କ ସମେତ ୨୪ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ରାଷ୍ଟ୍ରପତି ଶପଥପାଠ କରାଇଛନ୍ତି। ମୋଦିଙ୍କ ନୂଆ ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣିଥରେ ସୁଯୋଗ ମିଳିଥିବାବେଳେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ପ୍ରଥମଥର ପାଇଁ ସାମିଲ କରାଯାଇଛି। ହେଲେ ଏନ୍‌ଡିଏ-୧ରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଥିବା ଜୁଏଲ୍ ଓରାମଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଓଡ଼ିଶାରୁ ଭାଜପାର ୮ ଏମ୍‌ପି ନିର୍ବାଚିତ ହୋଇଥିବାରୁ ମୋଦି କ୍ୟାବିନେଟରେ ଅଧିକ ସଂଖ୍ୟକ ପ୍ରତିନିଧିତ୍ୱ ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ଶପଥଗ୍ରହଣ ପରେ ଏଥିରେ ବିରାମ ଲାଗିବା ସହ ଆଶାୟୀଙ୍କୁ ନିରାଶ ହେବାକୁ ପଡ଼ିଛି।

ଶପଥଗ୍ରହଣ ପୂର୍ବରୁ ମୋଦି ପୂର୍ବାହ୍ନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ମହାତ୍ମା ଗାନ୍ଧୀଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଦେବା ସହ ଇଣ୍ଡିଆ ଗେଟ୍ ନିକଟସ୍ଥ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦ ଯବାନଙ୍କୁ ସ୍ମରଣ କରିଥିଲେ।

## ଜାଲକଣା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ

# ୩୪ ପରିବାର ସର୍ବସ୍ୱାନ୍ତ

**ମହାକାଳପଡ଼ା, ୩୦।୫ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲ ଅଧୀନ ଜାଲକଣା ଗ୍ରାମରେ ଗୁରୁବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩୪ ପରିବାରର ୬୦ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିକାଣ୍ଡରେ ୨ ନାବାଳକ ଗୁରୁତର ହୋଇଥିବା ବେଳେ ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଶିଶୁ ଦ୍ୱୟ ହେଲେ ଗ୍ରାମର ଅମର ପ୍ରଧାନଙ୍କ ପୁଅ ଦେବପ୍ରସାଦ(୯) ଓ ଶିବପ୍ରସାଦ(୬)। ମହାକାଳପଡ଼ା, ମାର୍ଶାଘାଇ ଓ କେନ୍ଦ୍ରାପଡ଼ାର ୪ଟି ଅଗ୍ନିଶମ ସେବା ସଂସ୍ଥାର ୨୦ଜଣ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ବିପନ୍ନ ପରିବାର ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି।

ସୂଚନା ମୁତାବକ, ଗ୍ରାମର ଅଜୟ ପ୍ରଧାନଙ୍କ ବାଡ଼ିରେ ଥିବା ଏକ ନଡ଼ା ଗଦାରେ କୌଣସି କାରଣରୁ ନିଆଁ ଲାଗିଯିବା ପରେ ଏହା ଧୀରେ ଧୀରେ ଆଖପାଖ ଘରଗୁଡ଼ିକୁ ବ୍ୟାପିଯାଇଥିଲା। ନିଆଁର ସଂସ୍ପର୍ଶରେ ଆସି କେତେକ ରନ୍ଧନ ଗ୍ୟାସ୍ ଟାଙ୍କି ଫାଟି ଯିବାରୁ ଏହାର ପ୍ରକୋପ ବଢ଼ିଯାଇଥିଲା। ଏହି ଅଗ୍ନିକାଣ୍ଡରେ ୩ଟି ବାଇକ୍, ୧୦ ସାଇକେଲ ଓ ଗୋଟିଏ ପାୱାର ଟିଲର ଜଳିଯାଇଛି। ଗ୍ରାମର ବିଜୟ ପ୍ରଧାନଙ୍କ ୨ଟି ବାଛୁରୀ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୩୪ ପରିବାରର ବର୍ଷକର ଚାଉଳ, ମୁଗ, ବିରି ଆଦି ଖାଦ୍ୟ ସାମଗ୍ରୀ ପୋଡ଼ିଯାଇଛି।



ଏଥିସହ ଉପରୋକ୍ତ ପରିବାର ସଦସ୍ୟଙ୍କ ସୁନା ଓ ରୁପା ଅଳଙ୍କାର ସହିତ ଘରର ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ପ୍ରଥମେ ମହାକାଳପଡ଼ାର ୨ଟି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ପ୍ରବଳ ଖରା ସାଙ୍ଗକୁ ନିଆଁର ପ୍ରକୋପ ଅଧିକ ଥିବାରୁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିଲା। ପରେ ମାର୍ଶାଘାଇ ଓ କେନ୍ଦ୍ରାପଡ଼ାର ୨ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ନିଆଁ ଲିଭାଇବାକୁ ପ୍ରାୟ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। କେବଳ ପିନ୍ଧାବସ୍ତ୍ର ଛଡ଼ା ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରାଯାଇପାରି ନ ଥିବା ଜଣାପଡ଼ିଛି। ଘରେ ନିଆଁ ଲାଗିଯିବା ପରେ ଭୟରେ ଅମର ପ୍ରଧାନଙ୍କ ପୁଅ ଦେବପ୍ରସାଦ ଓ ଶିବପ୍ରସାଦ ଠାକୁର ଘର ଭିତରେ ପଶି ଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ସେମାନଙ୍କୁ ଉକ୍ତ ଘରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ।

## ବୋଡାସମ୍ବରର ପ୍ରମୁଖ ତୀର୍ଥକ୍ଷେତ୍ର ଦେବଦର୍ହା

# ପଥର ଫିଙ୍ଗିଲେ ପୂରଣ ହୁଏ ମନସ୍କାମନା

**ପାଇକମାଳ,୩୦।୫**

ବରଗଡ଼ ଜିଲାର ପ୍ରମୁଖ ତୀର୍ଥକ୍ଷେତ୍ର ମଧ୍ୟରେ ନୃସିଂହନାଥ ଓ ଦେବଦର୍ହା ଅନ୍ୟତମ। ପାଇକମାଳ ବ୍ଲକ ଚର୍ଦାପାଲି ପଞ୍ଚାୟତର ଚଙ୍ଗରିଆ (ଗସ୍ତିଡିହି) ଗ୍ରାମରେ ଦେବଦର୍ହା ଶିବ ମନ୍ଦିର ଅବସ୍ଥିତ। ବୋଡାସମ୍ବର ଅଞ୍ଚଳର ଏହା ହେଉଛି ପ୍ରସିଦ୍ଧ ଶୈବପୀଠ। ପଦ୍ମପୁର ସଦର ମହକୁମାଠାରୁ ଉତ୍ତର ଦିଗରେ ପ୍ରାୟ ୧୭ କିମି ଗଲେ ପଡେ ଦେବଦର୍ହା (ଦେବ-ଦେବତା, ଦର୍ହା-ହ୍ରଦଖଣ୍ଡ)।

ଝାଞ୍ଜପାହାଡର ବୁକୁ ଚିରି ବହି ଆସିଛି ସୁରଙ୍ଗୀ ନଦୀ। ଏହି ନଦୀ ଛତିଶଗଡ ରାଜ୍ୟ ସଲଡିହି ଗ୍ରାମରୁ ଉତ୍ପତ୍ତି ହୋଇଛି। ଏହି ନଦୀ ଛତିଶଗଡ ସୀମା ପାର ହୋଇ ଓଡିଶା ସୀମାରେ ଏକ ପ୍ରପାତ ସୃଷ୍ଟି କରିଛି। ସେହି ସ୍ଥାନରେ ଏକ ଅଗଭୀର ହ୍ରଦ ରହିଛି। ତାକୁ ଦେବଦର୍ହା ବୋଲି କୁହନ୍ତି। ଦେବଦର୍ହାର ଉଭୟ ପାର୍ଶ୍ୱରେ ସବୁଜ ବନାନୀ ଓ ପାହାଡ ଜଙ୍ଗଲ ରହିଛି। ଦେବଦର୍ହା ହ୍ରଦ ଦୁଇଟି ପାହାଡର ମଝିରେ ଅବସ୍ଥିତ। ଏଠାରେ ଦେବତାମାନେ ସ୍ନାନ କରୁଥିବାରୁ ଏହାକୁ ଦେବଦର୍ହା ବୋଲି ମଧ୍ୟ କୁହାଯାଏ। ଏଠାରେ ଅନେକ ପଶୁପକ୍ଷୀ ରୁହନ୍ତି। ମୁଖ୍ୟତଃ ମୟୂର ବହୁ ସଂଖ୍ୟାରେ ଦେଖିବାକୁ ମିଳେ। ବର୍ଷାଋତୁ ଆସିଲେ ପ୍ରଥମ ବର୍ଷାରେ ମୟୂରମାନଙ୍କ କୁହୁତାନ ଓ ନାଚ ତୀର୍ଥଯାତ୍ରୀଙ୍କ ମନ ମୁଗ୍ଧ କରିଥାଏ। ସୁରଙ୍ଗୀ ନଦୀ ପୁଝାରୀପାଲିଠାରେ ଅଙ୍ଗ ନଦୀ ସହ ମିଶି ଯାଇଥିବାରୁ ଏଠାକାର ପ୍ରାକୃତିକ ଦୃଶ୍ୟ ମଧ୍ୟ ବେଶ୍ ମନୋହର। ଏଠାରେ ନିର୍ମିତ ଶିବ ମନ୍ଦିରରେ ପଞ୍ଚମୁଖୀ ମହାଦେବ ଧବଳେଶ୍ୱର ପୂଜା ପାଉଛନ୍ତି। ଝାଞ୍ଜ ପାହାଡ ଶିଖରରେ ମନ୍ଦିର ନିର୍ମାଣର ଏକ କିମ୍ବଦନ୍ତୀ ରହିଛି। ଏକଦା ପଦ୍ମପୁର ଜମିଦାର ଲାଲ ରାଜେନ୍ଦ୍ର ସିଂଙ୍କ ସ୍ୱାସ୍ଥ୍ୟ ଭଲ ନ ଥିଲା। ଏହି ସମୟରେ ସେ ରାଣୀ ଫୁଲମତୀ ଓ ପାରିଷଦବର୍ଗଙ୍କ ସହ ମୃଗୟା ନିମନ୍ତେ ଝାଞ୍ଜପାହାଡକୁ ଯାଇଥିଲେ। ସେଠାରେ ଦେବଦର୍ହାର ବନପାହାଡ ଭରା ପ୍ରାକୃତିକ ଦୃଶ୍ୟ ଦେଖି ରାଣୀ ମୁଗ୍ଧ ହୋଇ ଭଗବାନ ମହାଦେବଙ୍କୁ ଧ୍ୟାନ କଲେ ଏବଂ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଭଲ ହୋଇଗଲେ ଗୋଟିଏ ଶିବ ମନ୍ଦିର ନିର୍ମାଣ କରିବା ପାଇଁ ସଂକଳ୍ପ କଲେ। ଏହାପରେ ଧୀରେ ଧୀରେ ଲାଲ୍ ରାଜେନ୍ଦ୍ର ସିଂଙ୍କ ସ୍ୱାସ୍ଥ୍ୟ ଭଲ ହୋଇଯାଇଥିଲା। ୧୯୨୯ ମସିହାରେ ଦେବଦର୍ହାଠାରେ ଜମିଦାର ଏକ ଶିବ ମନ୍ଦିର ନିର୍ମାଣ ଆରମ୍ଭ କରି ୧୯୩୨ ମସିହାରେ ପ୍ରତିଷ୍ଠା କରାଇଥିଲେ। ଶୀତଳଷଷ୍ଠୀ ତିଥିରେ ଏହି ଶିବ ମନ୍ଦିର ପ୍ରତିଷ୍ଠା ହୋଇଥିବାରୁ ଏହି ପବିତ୍ର ତିଥିରେ ଏଠାରେ ପ୍ରତିବର୍ଷ ଉତ୍ସବ ପାଳନ କରାଯାଇଥାଏ। ଅଞ୍ଚଳବାସୀ ପ୍ରତିଦିନ ଏଠାକୁ ଭଗବାନ ପଞ୍ଚମୁଖୀ ମହାଦେବ ଧବଳେଶ୍ୱରଙ୍କୁ ଦର୍ଶନ ପାଇଁ ଆସିଥାନ୍ତି। ଶୀତଳଷଷ୍ଠୀ ତିଥିରେ ଯେଉଁ ଭକ୍ତମାନେ ଏଠାକୁ ଆସି ନଦୀରେ ସ୍ନାନ କରି ଭଗବାନ ପଞ୍ଚମୁଖୀ ମହାଦେବଙ୍କୁ ପୂଜାପାଠ କରନ୍ତି, ସେମାନଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ। ଭକ୍ତମାନେ ଏଠାକୁ ଆସି ଅଗଭୀର ହ୍ରଦ ଦର୍ଶନ କରନ୍ତି। କଥାରେ ଅଛି, ଯେଉଁମାନେ ପଥର ଫିଙ୍ଗି ହ୍ରଦର ଏପଟରୁ ସେପଟକୁ ପାର କରିଦିଅନ୍ତି ସେମାନଙ୍କ ମନସ୍କାମନା ପୂରଣ ହୋଇଥାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଶୁକ୍ର ଓ ଚନ୍ଦ୍ରଙ୍କ ସମ୍ବନ୍ଧରୁ ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ଲାଭ କରିପାରିବେ। ଖର୍ଚ୍ଚଭାରର ଆଧିକ୍ୟ, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। ଭାଇ, ପଡ଼ୋଶୀ କିମ୍ବା ନିକଟ ସମ୍ପର୍କୀୟମାନେ ନିଆଁରେ ଘିଅ ଢାଳିଲା ପରି କଟୁ କଥା କହି ମାନସିକ ଆଘାତ ଦେଇପାରନ୍ତି। ଯାତ୍ରା, ପରିବହନ, ବ୍ୟବସାୟିକ ସ୍ଥିତି, କର୍ମକ୍ଷେତ୍ର ପ୍ରାୟତଃ ହାଲୁକା ରହିବ।

**ବୃଷ**
ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି, ସେଥିରେ ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ପୂର୍ଣ୍ଣମାତ୍ରାରେ ରହିବ। ଫଳରେ ଆପଣ ଯେମିତି, ଯାହା ଚାହୁଁଛନ୍ତି ତାହା ତ ନିଶ୍ଚିତ ଭାବରେ ପାଇପାରିବେ। ମାତ୍ର ଯେକୌଣସି ଆଲୋଚନାରେ ତର୍କ, ବିବାଦୀୟ କଥା ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ସଭାସମିତି, ନୂତନ କାର୍ଯ୍ୟାରମ୍ଭରୁ ଖୁସି ରହିବେ।

**ମିଥୁନ**
ପାପଗ୍ରହ ପ୍ରଭାବରୁ ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଗୋଷ୍ଠୀ ଓ ଈର୍ଷାପରାୟଣ ବ୍ୟକ୍ତିମାନେ ନିନ୍ଦା ଗାଇ ବୁଲିବେ। ବାକି ରଖିଥିବା ଲୋକଟିକୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନା ମୂଳକ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କିଛିଟା ସମସ୍ୟା ଦେଖା ଦେଇପାରେ।

**କର୍କଟ**
ଆଜି କର୍ମଭାବରେ ଚନ୍ଦ୍ର ବିଳାସକାରକ ଗ୍ରହଯୁକ୍ତ ହେତୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ମାତ୍ର ଅଫିସରେ ଅଶ୍ଳେଷା ନକ୍ଷତ୍ର ଅନ୍ୟମାନଙ୍କ ବେଖାତିର ମନୋଭାବ ହେତୁ ଟିକିଏ ଟିକିଏ କଥାରେ ରାଗିପାରନ୍ତି। ଜମା ପଟୁ ନ ଥିବା ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବାର ସୂଚନା ରହିଛି।

**ସିଂହ**
କଥାବାର୍ତ୍ତାରେ ସଂଯମତା ଅଭାବରୁ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଆକସ୍ମିକ ଶତ୍ରୁତା ସୃଷ୍ଟି ହୋଇପାରେ। ହଜି ଯାଇଥିବା ଟଙ୍କା କିମ୍ବା ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇ ପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଦେଶ ଯାତ୍ରାକୁ ମନ ବଳାଇବେ।

**କନ୍ୟା**
ଅଧିକାଂଶ ସମୟରେ ନିଜର ଭୁଲ୍ ବୁଝାମଣା ଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ ହେବାର ସୂଚନା ରହିଛି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଶତ୍ରୁତା ଆଚରଣ କରି ପାରନ୍ତି। ନିଜ ପରିସରରେ କୌଣସି ସ୍ୱର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ଅସାବଧାନତା କାରଣରୁ ସୁନା, ଅଳଙ୍କାର ହଜି ଯାଇପାରେ।

**ତୁଳା**
ଅତି ନିକଟରେ ରହି ଶତ୍ରୁତା କରୁଥିବା ଲୋକଟି ପ୍ରତି ସତର୍କ ରୁହନ୍ତୁ, ନତୁବା ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବନ୍ଧୁ କିମ୍ବା ପଡ଼ୋଶୀ ଭୁଲ୍ ଧାରଣା ପୋଷଣ କରିପାରନ୍ତି। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇ ଯାଇପାରେ। କର୍ମକ୍ଷେତ୍ର, ପାରିବାରିକ ସ୍ଥିତି, ଆନୁଷ୍ଠାନିକ କାର୍ଯ୍ୟ ପାଇଁ କୌଣସି ଅସୁବିଧା ହେବନାହିଁ।

**ବିଛା**
ନୂତନ କାମରେ ହାତ ଦେଇ ଏକ ପ୍ରକାର ମାନସିକ ପରିତୃପ୍ତି ଲାଭ କରିପାରନ୍ତି। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ ଭାବିଚିନ୍ତି କାମ ନ କଲେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିପାରେ। ଶିଳ୍ପ, ବ୍ୟବସାୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିବାର ଆଶଙ୍କା ରହିଛି। ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଉପରିସ୍ଥଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବା କ୍ଷେତ୍ରରେ ପଛେଇ ଯାଇପାରନ୍ତି।

**ମକର**
ଉଚ୍ଚ ଚିନ୍ତା ଓ ସଂଯମିତ ଚିନ୍ତାଧାରା ପ୍ରଭାବରେ ପ୍ରତ୍ୟେକ ପରିସ୍ଥିତିକୁ ସୁଧାରି ନେଇପାରିବେ। କାର୍ଯ୍ୟସିଦ୍ଧି ସାଙ୍ଗକୁ ଅର୍ଥ ଲାଭ ଓ ବନ୍ଧୁମିଳନରୁ ମଧ୍ୟ ମନ ଖୁସି ରହିବ। କର୍ମ କ୍ଷେତ୍ରରେ ଖଳ ଲୋକମାନଙ୍କ କୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇପାରନ୍ତି। କିନ୍ତୁ ପୂର୍ବାଷାଢ଼ା ନକ୍ଷତ୍ର ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ**
ପାରିବାରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ, ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ମନକୁ ଦୁଃଖ ଦେବା ଭଳି ମନ୍ତବ୍ୟ ଦେଇପାରନ୍ତି। ଅର୍ଥ ସଂକଟ ପରିସ୍ଥିତିକୁ ବଦଳାଇ ଦେବାର ଆଶଙ୍କା ରହିଛି।

**ମୀନ**
କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବନ୍ଧୁ କିମ୍ବା ଗୁରୁଜନଙ୍କ ପ୍ରେରଣାରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ହାସଲ କରିପାରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିବ। ଦିନଟିରେ କିଛି ଭଲ ଓ କିଛି ମନ୍ଦର ମିଶ୍ରିତ ଫଳ ଆଜି ଅନୁଭବ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ମେ ୩୧ ତାରିଖ, ବିଶ୍ୱତମାଖୁ ନିରୋଧୀ ଦିବସ,ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହପ୍ରବେଶ, ବୃକ୍ଷରୋପଣ ଓ ବିଦ୍ୟାରମ୍ଭ ପାଇଁ ଶୁଭ। ସକାଳ ଘ୬।୪୬ମି. ମଧ୍ୟେ ଘ୪।୪୦ମି. ଗତେ, ଘ୬।୧୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୪୬ମି. ଗତେ ଘ୮।୨୩ମି. ମଧ୍ୟେ, ଘ୧୧।୪୧ମି. ଗତେ ଘ୧।୧୮ମି. ମଧ୍ୟେ ମାହେନ୍ଦ୍ର ବେଳା।


## classifieds Everyday
0674-2580101, 2549302

real estate

SALE

Kateni chaka ନିକଟରେ ଘରବାରି plot. 1500 sqft.କୁ 9,00,000/- ପାଚେରି ସହ ବିକ୍ରିହେବ: 7978617023. D-12719

Bhubaneswar Patrapada Market HDFC Bankରୁ 500 mtr. କଲୋନୀ ଭିତରେ BDA yellowzone ସ୍ଥିତିବାନ plot କିଣି ତୁରନ୍ତ ଘର କରନ୍ତୁ: 6370292040. D-66396

ନଖରା ତ୍ରିନାଥ ବଜାରଠାରେ sc ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପନଗରୀ ଧାକୁଲେଇପିଠ ଠାରେ 1200କୁ 3,00,000/- outrightରେ ବିକ୍ରିହେବ: 9348817649, 8144706560. D-66391

ହଂସପାଳ, ବାଲିଅନ୍ତାରେ gharabari boundary wall plot market ଅପେକ୍ଷା କମ୍ ମୂଲ୍ୟରେ କିଣନ୍ତୁ: 7008492511. D-12704

4BHK duplex with gated community at Balianta (land-1400 construction- 2200 @ 55lakh) and 2600 @ 65lakh). Contact Mplanets: 9938219397, 9861022055. D-12703

ଫୁଲନଖରା ନିକଟବର୍ତ୍ତୀ ଅନନ୍ତପୁର ମୌଜାରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8339826767. D-66388

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

2400 sqft. developed gharabari housing plot Dhauli square- 30,00,000/- 9348012510. D-66393

କଟକ- ଭୁବନେଶ୍ୱର Twincity ମଧ୍ୟଭାଗରେ ନବନିର୍ମିତ Grand bazar ସମ୍ମୁଖରେ NH ଠାରୁ 800 ମିଟର ଦୂରତାରେ ଘରବାରି ପ୍ଲଟ ଶସ୍ତାରେ କିଣନ୍ତୁ: 8144647993. D-66389

ତମାଣ୍ଡ ବଜାର ପଛପଟେ ୩୦' ରାସ୍ତାଥାଇ ଘରବାରି Boundary plot ବିକ୍ରିହେବ: 9778556265. D-66392

Canal road side gharabari plot with boundary wall mouja Balianta 4km. from Hanspal. Contact: 9437277532. D-12715

**Fully furnished commercial property/office space for sale 2929 sqft. super buildup area plus 495 sqft. terrace at "Forum Mart", Big Bazar building 5th floor, Unit-III, Kharvel Nagar, Bhubaneswar, Odisha (Near Ram Mandir square) price per sqft. 5,200/- negotiable. Contact point: 7008729138.** D-66399

ଭୁବନେଶ୍ୱର new Railway Station ପାଖରେ ଘରବାରି sqft. 450/-ରେ ମିଳୁଛି: 9439690111. D-66398

Now Matrimonial ads. only on Wednesday & Sunday Book 1 Get 1 FREE

Simplex sale 6km. from Nakhara, ବ୍ରାହ୍ମଣଝରିଲୋ, ପିଚୁରୋଡ଼ sideରେ 1200 sqft. land 800 sqft. construction. 25,00,000/- approved by LIC: 9437306208. D-66397

to-let

2BHK pujaroom, 2toilets at Patia for IT Company Executive small family: 8895274787. D-12691

2BHK at ground floor near DAV School, Unit-8. Contact: 9840375016. D-12731

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Experience full body massage with us (expert). Call: 7377048581, 0674-2597822. D-66535

Herbal full body massage by smart/expert therapist. Contact: 8338067247. D-66541

Newly opening ayurvedic body massage smart therapist, Shree herbal. 7750020754. D-66542

Full body massage with refreshment, expert therapist. 7381239385, 0674-2540855. D-66534

Monalisa club full body massage with hiprofile smart lady air - condition rooms available hurry up ! 9708545108. D-12721

Summer special mesmerizing offer expert therapeutic refreshing massage appointment. 9668374480. D-66549


## AFFIDAVIT

By virtue of an affidavit, I Gadadhar Nayak, S/o- Haluri Nayak, At- Kaithapali, Post- Sikharpur, Ps- Khandapada, Dist- Nayagarh, solemnly affirm and state that my name has been mentioned in Bhubaneswar Nayak in one lic policy. Gadadhar Nayak and Bhubaneswar Nayak are one and same person. Henceforth I shall be known as Gadadhar Nayak for all purposes. D-12733

DSPL - 16

# ଜଳବାହିତ ରୋଗକୁ ପ୍ରତିରୋଧ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର



ଦୂଷିତ ପାଣି ଏବଂ ପରିବେଶ ଯୋଗୁଁ ଜଳବାହିତ ରୋଗ ଯଥା - ତରଳ ଝାଡା, ଜଣ୍ଡିସ୍, ଟାଇଫଏଡ୍ ଆଦି ହେବାର ଆଶଙ୍କା ବଢ଼ିଯାଇଥାଏ । ଏହି ସବୁ ରୋଗରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଶୋଧିତ ପାଣି ପିଇବା ନିତ୍ୟାନ୍ତ ଆବଶ୍ୟକ ।

ପାଣିକୁ ବିଶୋଧନ କରିବା ପାଇଁ : ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.) ୨୦-୨୫ ଲିଟର (୧ ମାଠିଆ / ବାଲଟି) ସଫା ପାଣିରେ ମିଶାନ୍ତୁ ଓ ମିଶାଇବାର ୧ ଘଣ୍ଟା ପରେ ପିଅନ୍ତୁ ।

- କ୍ଲୋରିନ୍ ବଟିକା ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ଉପଲବ୍ଧ ।
- ପିଇବା ପାଣିର ଉତ୍ସ (କୂଅ, ନଳକୂଅ ଇତ୍ୟାଦି) ଚାରିପାଖ ପରିଷ୍କାର ରଖନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ ।



ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଜଳବାହିତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।

10003/13/0016/1920
facebook.com/HFWOdisha http://www.health.odisha.gov.in/ @HFWOdisha
NATIONAL HEALTH MISSION

■ ପୁଣି ୫ବର୍ଷ ପରେ ବାଲେଶ୍ୱରକୁ ମିଳିଲା କେନ୍ଦ୍ରମନ୍ତ୍ରୀ ପଦ

# ମୋଦିଙ୍କ ଟିମ୍‌ରେ ପ୍ରତାପ

**ଉତ୍ସବ ପାଳନ କଲେ କର୍ମୀ, ନେତା**

ବାଲେଶ୍ୱର ଅଫିସ, ୩୦।୫

ବାଲେଶ୍ୱରର ନବନିର୍ବାଚିତ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ଫଳରେ ୫ବର୍ଷ ପରେ ବାଲେଶ୍ୱରକୁ ପୁଣି ଥରେ କେନ୍ଦ୍ରମନ୍ତ୍ରୀ ପଦ ମିଳିଛି । ଏହାପୂର୍ବରୁ ଶ୍ରୀକାନ୍ତ ଜେନା କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ଏହାକୁ ନେଇ ବାଲେଶ୍ୱରବାସୀଙ୍କ ମନରେ ଉତ୍ସାହ ଦେଖାଦେଇଛି। ପ୍ରଥମଥର ପାଇଁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଷଡଙ୍ଗୀଙ୍କୁ କେନ୍ଦ୍ରମନ୍ତ୍ରୀ କରାଯାଇଥିବାରୁ ତାଙ୍କ ସମର୍ଥକ, ଭାଜପା କର୍ମୀମାନେ ମିଠା ବାଣ୍ଟି, ବାଣ ଫୁଟାଇ ଖୁସି ଜାହିର କରିଛନ୍ତି । ଓଡ଼ିଶାର କୃଷି ଓ କୃଷିଭିତ୍ତିକ ଶିଳ୍ପ ଉପରେ ପ୍ରତାପ ଗୁରୁତ୍ୱ ଆରୋପ କରି ଆସୁଥିଲେ। ତାଙ୍କୁ ମନ୍ତ୍ରୀପଦ ମିଳିଥିବାରୁ ବାଲେଶ୍ୱର ସହ ଓଡ଼ିଶାବାସୀଙ୍କ ନାନା ସମସ୍ୟାର ସମାଧାନ ହେବ ବୋଲି ଏଠାରେ ମତ ପ୍ରକାଶ ପାଇଛି।

ପ୍ରତାପଙ୍କ ଜନ୍ମ ନୀଳଗିରିର ଏକ ସାଧାରଣ ପରିବାରରେ। ସେ ଛାତ୍ରଜୀବନରୁ ଆର୍‌ଏସ୍‌ଏସ୍ ଏବଂ ବିଶ୍ୱ ହିନ୍ଦୁ ପରିଷଦର ବିଭିନ୍ନ ଦାୟିତ୍ୱ ନିର୍ଭୀକ ଭାବେ ତୁଲାଇଥିଲେ। ନୀଳଗିରି କଲେଜରେ କିରାଣି ଚାକିରି କରି ଉପାର୍ଜନ ଅର୍ଥରେ ନିଜର ଆବଶ୍ୟକତା ପୂରଣ ସହ ଘରେ ଥିବା ବୃଦ୍ଧା ମା' ଏବଂ ଭଉଣୀଙ୍କ ଭରଣପୋଷଣ କରୁଥିଲେ। ପାରିବାରିକ ଜଞ୍ଜାଳରୁ ମୁକ୍ତ ରହି ସାରାଜୀବନ ମାନବ ସେବା କରିବା ଆକାଂକ୍ଷା ନେଇ ରାଜନୀତିକୁ ଆସିଥିଲେ। ୨୦୦୪ ମସିହାରେ ପ୍ରଥମଥର ପାଇଁ ସେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ନୀଳଗିରି ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ତାଙ୍କ ଜନସେବା ଓ କର୍ତ୍ତବ୍ୟ ନିଷ୍ଠାକୁ ଦୃଷ୍ଟିରେ ରଖି ଭାଜପା ତାଙ୍କୁ ୨୦୦୯ ମସିହା ସାଧାରଣ ନିର୍ବାଚନରେ ପୁଣିଥରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଟିକେଟ୍ ଦେଇଥିଲା । ହେଲେ ଦଳୀୟ ଟିକେଟକୁ ଚକ୍ରାନ୍ତ କରି ରଖାଯାଇଥିବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ବାଲେଶ୍ୱରରୁ ତାଙ୍କୁ ଭାଜପା ଏମ୍‌ପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିଥିଲା । ହେଲେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ଜେନାଙ୍କଠାରୁ ସେ ପରାଜିତ ହୋଇଥିଲେ। ତେବେ ୨୦୧୯ ନିର୍ବାଚନରେ ସେ ୨ ହେଭିୱେଟ ପ୍ରାର୍ଥୀ ତଥା ବିଜେଡିର ରବୀନ୍ଦ୍ର ଜେନା ଓ କଂଗ୍ରେସର ନବଜ୍ୟୋତି ପଟ୍ଟନାୟକଙ୍କୁ ହରାଇ ବିଜୟ ଲାଭ କରିଥିଲେ।

ନୀଳଗିରି ଭାଜପା ବିଧାୟକ ଇଂ. ସୁକାନ୍ତ ନାୟକ କହିଛନ୍ତି, ନୀଳଗିରିର ଜଣେ ସୁପୁତ୍ର ପ୍ରଥମଥର ପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବାରୁ ସେ ବହୁତ ଖୁସି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତ କହିଛନ୍ତି, ବାଲେଶ୍ୱରର ବିକାଶ ସହିତ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ ଭଳି ଜଣେ ନିର୍ମଳ ବ୍ୟକ୍ତିତ୍ୱ ଏବଂ ପରୋପକାରୀ, ସାମାଜିକ କର୍ମୀଙ୍କୁ ଉପଯୁକ୍ତ ସ୍ଥାନ ମିଳିଛି। ବହୁଦିନ ପରେ ବାଲେଶ୍ୱରର ଜଣେ ଯୋଗ୍ୟ ବ୍ୟକ୍ତି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ପ୍ରତାପ ଷଡଙ୍ଗୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର ବିକାଶକୁ ଆଗେଇ ନେବାକୁ ଅନୁରୋଧ କରିଛନ୍ତି। ବାଲେଶ୍ୱର ବାସିନ୍ଦା ସଲମନ୍ ସାହୁ କୁହନ୍ତି, ବାଲେଶ୍ୱର ଜିଲାରୁ କେନ୍ଦ୍ର ସରକାରରେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାମିଲ ହୋଇଥିବାରୁ ସେ ବହୁତ ଖୁସି। ଜିଲାର ସର୍ବାଙ୍ଗୀନ ଉନ୍ନତି ସହ ଦୁର୍ନୀତିକୁ ମୂଳପୋଛ କରିବା ନେଇ ଆଶାପୋଷଣ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଫୋକସ୍‌ରେ ବିଜେପୁର

- ୩୪ ହଜାର ପକ୍କାଘର ହେବ
- ୨ ବର୍ଷ ମଧ୍ୟରେ ପ୍ରତି ଘରକୁ ପାଇପ ଯୋଗେ ପାଣି
- ୨ ମାସ ବ୍ୟବଧାନରେ ଅଗ୍ରଗତି ନେଇ ସମୀକ୍ଷା

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବରଗଡ ଜିଲା ବିଜେପୁର ବିଧାନସଭା କ୍ଷେତ୍ର ମଧ୍ୟରେ ରହିଥିବା ୩୪,୦୦୦ କଚ୍ଚାଘରକୁ ପକ୍କାଘରରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଗୁରୁବାର ଏହି ଘୋଷଣା କରିଛନ୍ତି। ସେହିପରି ବରଗଡ ଜିଲାରେ ୧୧୨୦ କୋଟି ବ୍ୟୟରେ ୨ଟି ମେଗା ପାଇପ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯିବ। ଏହା ଦ୍ୱାରା ସେହି ଜିଲାର ୫୦୫ ଗାଁର ୮ ଲକ୍ଷ ଜନସାଧାରଣ ଉପକୃତ ହେବେ। ଆଗାମୀ ୨ ବର୍ଷ ମଧ୍ୟରେ ବିଜେପୁରର ପ୍ରତି ଘରକୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବ। ଗାଇସିଲଟ୍ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମପଞ୍ଚାୟତରେ ଏକ ନୂତନ ବହୁମୁଖୀ ଉଠାଜଳସେଚନ ପ୍ରକଳ୍ପ ହାତକୁ ନିଆଯାଇଛି। ପାର୍ବତୀଗିରି ବହୁମୁଖୀ ଉଠାଜଳସେଚନ ଯୋଜନା ଅଧୀନରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ୩୦୦୦ ଏକର ଚାଷ ଜମି ଜଳସେଚିତ ହୋଇ ପାରିବ ବୋଲି କୁହାଯାଇଛି। ପ୍ରତି ୨ ମାସରେ ଘୋଷିତ ପ୍ରକଳ୍ପର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିବେ ବୋଲି କହିଛନ୍ତି।

୨୯ଟି ନଦୀ ଜଳ ଉଠା ପ୍ରକଳ୍ପ ସହ ୩୦୦୦ ବୋରୱେଲ ଜଳସେଚନ ୟୁନିଟ୍ କରାଯିବାର ଯୋଜନା କରାଯାଇଛି। ଜଳସେଚନ ପ୍ରକଳ୍ପ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଷ୍ଟ୍ରିଟ୍ ଲାଇଟ୍ , ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ , ଟାଉନ ହଲ୍ , ଗୋଷ୍ଠୀ କେନ୍ଦ୍ର, କଲ୍ୟାଣ ମଣ୍ଡପ, ଷ୍ଟାଡିୟମ୍, ମାର୍କେଟ କମ୍ପ୍ଲେକ୍ସ, ପାର୍କ, ଅଫିସ ବିଲ୍ଡିଂ ଇତ୍ୟାଦି ବରପାଲି ଏନ୍‌ଏସି ଏବଂ ବିଜେପୁର ଅଞ୍ଚଳରେ କରାଯିବ। ଏହି ସବୁ ଭିତ୍ତିଭୂମି ଉନ୍ନତୀକରଣ ପାଇଁ ୨ ବର୍ଷରେ ପ୍ରାୟ ୪୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ କୁହାଯାଇଛି। କୃଷକମାନଙ୍କୁ ସ୍ୱତନ୍ତ୍ରଭାବେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ପାଇଁ ୬୦ କି.ମି ମଧ୍ୟରେ ୩୩ କେ.ଭି ଲାଇନ୍ ଏବଂ ୧୨୫ କି.ମି ମଧ୍ୟରେ ୧୧ କେ.ଭି ଲାଇନ୍ ସଂଯୋଗ କରାଯିବ। ଏହାକୁ ବାଦ୍ ଦେଲେ ବିଜେପୁରର ବିଭିନ୍ନ ଅଞ୍ଚଳରେ ୫୦ଟି ବିତରଣ ଟ୍ରାନ୍ସଫର୍ମର ବସାଯିବ। ଏହା ଦ୍ୱାରା ଗ୍ରାମାଞ୍ଚଳର ଲୋ-ଭୋଲଟେଜ୍ ସମସ୍ୟା ସମାଧାନ ହେବ ବୋଲି କୁହାଯାଉଛି। ଗାଇସିଲଟ୍ ତହସିଲ ଅଧୀନରେ ଥିବା ଗୁଡେରପାଲି, ତଳପାଲି ଏବଂ ଡଙ୍ଗାବାହାଲ ଅଞ୍ଚଳରେ ସ୍ୱତନ୍ତ୍ର ଆରଆଇ ସର୍କଲ କରାଯିବ। ସେହିପରି ବିଜେପୁର ବ୍ଲକ ତାଳପଦରଠାରେ ଏକ ନୂତନ ଜନସ୍ୱାସ୍ଥ୍ୟ ସମିତି(ପିଏଚ୍‌ସି) ପ୍ରତିଷ୍ଠା ସହ ଅନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି କରାଯିବାର ନିଷ୍ପତ୍ତି କରାଯାଇଛି। ବିଜେପୁର ଅଞ୍ଚଳରେ ଏକ ସରକାରୀ ଆଇଟିଆଇ ସହ ଗାଇସିଲଟ୍ ଏବଂ ବରପାଲିରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେହିପରି ୮୨ କୋଟି ଟଙ୍କା ଖର୍ଚ୍ଚରେ ୮୦ କି.ମିର ୪ଟି ନୂଆ ସଡକ ପ୍ରକଳ୍ପ କରାଯିବ। ଖୁବ୍‌ଶୀଘ୍ର ଅନ୍ୟ ସହାୟତା ଏବଂ ପ୍ରକଳ୍ପ ଘୋଷଣା କରାଯିବ ବୋଲି ସିଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ଓ ବିଜେପୁର ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇଛନ୍ତି। ଆଗାମୀ ଦିନରେ ସେ ହିଞ୍ଜିଳି ଆସନ ରଖି ବିଜେପୁର ସିଟ୍ ଛାଡିବେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ତେଣୁ ବିଜେପୁର ଭୋଟରଙ୍କ ମନ ଜିଣିବା ପାଇଁ ମୁଖ୍ୟମନ୍ତ୍ରୀ ସେହି ଅଞ୍ଚଳ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରୁଥିବା କୁହାଯାଉଛି।



# ବିଶ୍ୱ ତମାଖୁ ବର୍ଜନ ଦିବସ

୩୧ ମଇ ୨୦୧୯

## ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା

DSPL-21

ସମଗ୍ର ବିଶ୍ୱରେ ତମାଖୁ ସେବନ ଜନିତ ଅସୁସ୍ଥତା ହେଉଛି ଏକ ମାନବକୃତ ମହାମାରୀ, ଯାହା ରୋଗ ଓ ମୃତ୍ୟୁର ସବୁଠାରୁ ଦ୍ୱିତୀୟ ବଡ କାରଣ । ପ୍ରତି ବର୍ଷ ୬୦ ଲକ୍ଷରୁ ଅଧିକ ଲୋକ ତମାଖୁ ସେବନ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ଆମ ଦେଶରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରୁଛନ୍ତି । ତମାଖୁ ବ୍ୟବହାରର ଦ୍ରୁତ ବୃଦ୍ଧି ଜନସ୍ୱାସ୍ଥ୍ୟ ପ୍ରତି ଏକ ବିରାଟ ଆହ୍ୱାନ ରୂପେ ଉଭା ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ଯଦି ଏହି ଧାରା ଅପରିବର୍ତ୍ତିତ ରହେ, ତେବେ ଆସନ୍ତା ୨୦୨୦ ମସିହା ସୁଦ୍ଧା ବର୍ଷକୁ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଲୋକ ତମାଖୁ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିବେ ।

ଆଜି ମଇ ୩୧ ତାରିଖରେ ସାରା ବିଶ୍ୱରେ ତମାଖୁ ବର୍ଜନ ଦିବସ ପାଳନ କରାଯାଉଥିବା ବେଳେ ଆମ ରାଜ୍ୟରେ ବି ଏହା ପାଳନ କରାଯାଉଛି । ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି, ତମାଖୁ ସେବନରୁ ଦୂରେଇ ରହିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।

ଜନସାଧାରଣଙ୍କୁ ମୋର ନିବେଦନ, ତମାଖୁ ସେବନରୁ ନିବୃତ୍ତ ରହିବା ପାଇଁ ପ୍ରତ୍ୟେକ ସ୍ତରରେ ପ୍ରଚେଷ୍ଟା ଜାରିରଖି ସୁସ୍ଥ ଜୀବନ ଜାପନ କରନ୍ତୁ ।

ନବକିଶୋର ଦାସ
(ନବକିଶୋର ଦାସ)

10003/13/0017/1920

# ଷ୍ଟାର୍ଟ ଅପ୍ ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟର ମାନ୍ୟତା

■ ସହରରେ ଷ୍ଟାର୍ଟ ହବ୍ ସ୍ଥାପନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଓଡିଶାକୁ ସମଗ୍ର ଦେଶରେ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ମିଳିଛି। ୩୮ ପାରାମିଟର ଆଧାରରେ ରାଜ୍ୟକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା ସୂଚନା ଦେଇଛନ୍ତି। ଷ୍ଟାର୍ଟ ଅପ୍ ନୀତିକୁ କାର୍ଯ୍ୟକାରୀ କରିବା, ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା, ପୁଞ୍ଜି ଯୋଗାଡ, ନିୟମ କୋହଳ କରିବା ଆଦି ବିଭିନ୍ନ ବିଷୟ ଯୋଗୁ ରାଜ୍ୟରେ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଅଗ୍ରଗତି ହୋଇଛି। ୨୭ ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ଓଡିଶା ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ବୈଠକରେ ସୂଚନା ଦିଆଯାଇଛି। ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ରାଜ୍ୟର ବଡ ବଡ ସହରରେ ଷ୍ଟାର୍ଟ ଅପ୍ ହବ୍ ସ୍ଥାପନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ଷ୍ଟାର୍ଟ ଅପ୍ ପୋର୍ଟାଲ ମାଧ୍ୟମରେ ୫୯୨ ଷ୍ଟାର୍ଟ ଅପ୍ ଭେଞ୍ଚର ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୪୨୩କୁ ଷ୍ଟାର୍ଟ ଅପ୍ କାଉନସିଲ ଅନୁମୋଦନ ଦେଇଛି। ଏଥିରେ ୧୩୮ ମହିଳା ଷ୍ଟାର୍ଟ ଅପ୍ ରହିଛି। ୭୩ ଷ୍ଟାର୍ଟ ଅପ୍‌କୁ ଆର୍ଥିକ ସହାୟତା ପାଇଁ ସୁଯୋଗ ଦିଆଯାଇଛି। ଉକ୍ତ ଷ୍ଟାର୍ଟ ଅପ୍‌ଗୁଡିକ ମଧ୍ୟରୁ ୧୮ ପ୍ରତିଶତ ସୂଚନା ପ୍ରଯୁକ୍ତି ବିଦ୍ୟା, ୯ ପ୍ରତିଶତ ସ୍ୱାସ୍ଥ୍ୟ କ୍ଷେତ୍ର, ୯ ପ୍ରତିଶତ ଗ୍ରୀନ ଟେକ୍ନୋଲୋଜି, ୬ ପ୍ରତିଶତ କୃଷି, ୬ ପ୍ରତିଶତ ଖାଦ୍ୟ ପ୍ରକ୍ରିୟାକରଣ, ୫ ପ୍ରତିଶତ ଶିକ୍ଷା, ୩ ପ୍ରତିଶତ ପର୍ଯ୍ୟଟନ ଓ ୩୮ ପ୍ରତିଶତ ଅନ୍ୟାନ୍ୟ କ୍ଷେତ୍ରରୁ ଆସିଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅର୍ଥ ସଚିବ, ସୂଚନା ପ୍ରଯୁକ୍ତିବିଦ୍ୟା ସ୍ୱତନ୍ତ୍ର ସଚିବ ଓ ଏସଟିପିଆଇ, ବିପିୟୁଟିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ୪ ଲ୍ୟାଣ୍ଡମାଇନ ଉଦ୍ଧାର

**ଯବାନଙ୍କୁ ଟାର୍ଗେଟ କରି ପୋତିଥିଲେ ମାଓବାଦୀ**

ମାଲକାନଗିରି, ୩୦।୫(ଡି.ଏନ୍.ଏ.):ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଯବାନଙ୍କୁ ଟାର୍ଗେଟକରି ମାଓବାଦୀମାନେ ପୋତିଥିବା ଚାରିଟି ଲ୍ୟାଣ୍ଡମାଇନ ଗୁରୁବାର ଉଦ୍ଧାର ହୋଇଛି। ଫଳରେ ଏକ ବଡ଼ ଧରଣର ବିପଦରୁ ସୁରକ୍ଷାବାହିନୀ ବର୍ତ୍ତିଯାଇଛନ୍ତି ବୋଲି ବିଶାଖାପାଟଣା ଗ୍ରାମାଞ୍ଚଳ ଏସ୍‌ପି ଏ. ବାବୁଜୀ ସୂଚନା ଦେଇଛନ୍ତି। ଓଡ଼ିଶା-ଆନ୍ଧ୍ର ସୀମାରେ ମାଓବାଦୀଙ୍କ ଦମନ ପାଇଁ ନିୟୋଜିତ ଗ୍ରେ-ହାଉଣ୍ଡ ଯବାନ କୋମ୍ବିଂ ଅପରେଶନ ଚଳାଇଛନ୍ତି। ତେଣୁ ମାଲକାନଗିରି-ବିଶାଖାପାଟଣା ରାସ୍ତା ଜି.ମାଡାଗୁଲୁ, ନୁରମଟିରେ ମାଓବାଦୀମାନେ ସେମାନଙ୍କୁ ଟାର୍ଗେଟ କରି ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ତେବେ କୋମ୍ବିଂ ସମୟରେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଏହି ରାସ୍ତାରେ ବୋମା ଥିବା ଜଣାପଡିଥିଲା। ବିଶାଖାପାଟଣା ପୋଲିସ ମୁଖ୍ୟାଳୟକୁ ଏହି ଖବର ଦିଆଯିବା ପରେ ବୋମା ନିଷ୍କ୍ରିୟକାରୀ ଦଳକୁ ସେଠାକୁ ପଠାଯାଇଥିଲା।



ମଣିଷ ଯାହାକୁ ପାପ ବୋଲି କହେ– ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି– ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ– ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି– ତୁମେ କେବଳ ତାକୁ ଇ ଗ୍ରହଣ କର।
–ଶ୍ରୀଅରବିନ୍ଦ

# ବର୍ତ୍ତମାନର ଆବଶ୍ୟକତା

ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀଭାବେ ତାଙ୍କର ପଞ୍ଚମ ପାଳି ଆରମ୍ଭ କରିବାକୁ ଯାଉଥିବା ବେଳେ ସରକାର ଏବେ ସାମନା କରୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୃଷ୍ଟି ଦେବାର ସମୟ ଆସିଛି। ଏହି ମାସ ଆରମ୍ଭରେ ପର୍ଯ୍ୟଟନ ସହର ପୁରୀ ଓ ରାଜଧାନୀ ସହର ଭୁବନେଶ୍ୱର ସମେତ ରାଜ୍ୟର ୧୪ଟି ଜିଲା ଭୟଙ୍କର ବାତ୍ୟା ଫନୀ ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହୋଇଛି। ତେବେ ସରକାରଙ୍କୁ ଧନ୍ୟବାଦ ଦେବା କଥା ଯେ ସେମାନେ ବ୍ୟାପକ ସଂଖ୍ୟାରେ ଲୋକଙ୍କୁ ସ୍ଥାନାନ୍ତର କରିବା ଯୋଗୁ ଏହି ବାତ୍ୟାରେ ଲୋକଙ୍କ ମୃତ୍ୟୁସଂଖ୍ୟାକୁ ଯଥେଷ୍ଟ କମାଇ ଦିଆଯାଇପାରିଛି। କିନ୍ତୁ ଘରୋଇ ଓ ସରକାରୀ ସମ୍ପତ୍ତି ଓ ଭିତ୍ତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ଭୂସଂସ୍ଥାନର ଅଧାଅଧି ତା'ର ସବୁଜିମା ହରାଇଛି। କେବଳ ପୁରୀ ଓ ଭୁବନେଶ୍ୱରରେ ପ୍ରାୟ ୨ ନିୟୁତରୁ ଅଧିକ ଗଛ ଭୂମିସାତ୍ ହୋଇଯାଇଛି। ଯଦି ଏହି କ୍ଷତି ଭରଣା ଲାଗି ବ୍ୟାପକ ବୃକ୍ଷରୋପଣର ପଦକ୍ଷେପ ନିଆ ନ ଯାଏ, ତେବେ ଲୋକମାନେ ଏହାର କୁପ୍ରଭାବ ଦ୍ୱାରା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ।

ରାଜ୍ୟର ଅର୍ଥନୈତିକ ସ୍ୱାସ୍ଥ୍ୟ ବାତ୍ୟା ପୂର୍ବରୁ ମଧ୍ୟ ଭଲ ନ ଥିଲା। ରାଜ୍ୟ ଏକ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣଭାରରେ ବୁଡ଼ି ରହିଛି। ଗରିବ ଓ ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କ ଲାଗି ଅବିଚାରିତଭାବେ ଅନେକ ମାଗଣା ଯୋଜନା କାର୍ଯ୍ୟକାରୀ କରିବା ଯୋଗୁ ଏହି ବାବଦରେ ସରକାରଙ୍କୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି, ଯାହାଫଳରେ ନୂତନ ପୁଞ୍ଜିଲଗାଣ ଲାଗି ସରକାରଙ୍କ ପାଖରେ ଅର୍ଥର ଅଭାବ ଦେଖାଦେଇଛି। ଓଡ଼ିଶା ଖଣିଜ ସମ୍ପଦରେ ଧନୀ ଏବଂ ଏହାର ବିଶାଳ ସାମୁଦ୍ରିକ ତଟରେଖା ରହିଛି। ଏହାର ପର୍ଯ୍ୟଟନ ସମ୍ଭାବ୍ୟତା ମଧ୍ୟ ଯଥେଷ୍ଟ ଅଧିକ। ତେବେ ଭିତ୍ତିଭୂମି ଦୃଷ୍ଟିରୁ ଓଡ଼ିଶା ବହୁତ ପଛରେ ଅଛି। ଏକ ସୁବିକଶିତ ଭିତ୍ତିଭୂମି ଅଭାବ ହେତୁ ରାଜ୍ୟ ଏହାର ପ୍ରାକୃତିକ ସମ୍ବଳ ବିନିଯୋଗରେ ବିଫଳ ହୋଇଛି। ଅଥଚ ସରକାର ରାଜ୍ୟର ସୀମିତ ସମ୍ବଳକୁ ଜନମଙ୍ଗଳ ଯୋଜନାଗୁଡ଼ିକରେ ବିନିଯୋଗ କରିବାରେ ଲାଗିଛନ୍ତି, ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶ ହେଉଛି ଲୋକଲୋଭାଣିଆ ବା ପପୁଲିଷ୍ଟ। ବର୍ତ୍ତମାନ ରାଜ୍ୟର ଜନସାଧାରଣ ବିଜେଡିକୁ ବହୁମତ ଦେଇ ପୁନଃକ୍ଷମତାସୀନ କରାଇଥିବାରୁ ସରକାର ଏବେ ଯେଉଁଥିରେ ରାଜ୍ୟର ଦୀର୍ଘକାଳୀନ ମଙ୍ଗଳ ହେବ, ତାହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ ଯେଉଁ ଟଙ୍କା ମହିଳାମାନଙ୍କ ସଶକ୍ତୀକରଣ ପାଇଁ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଅନୁଦାନ ଆକାରରେ ଦିଆଯାଉଛି ତାକୁ ବିବାଦ ଘେରକୁ ଆଣିବା ଠିକ୍ ନୁହେଁ। କିନ୍ତୁ ସେହି କାର୍ଯ୍ୟକୁ ଉପଯୁକ୍ତ ଯାଞ୍ଚ ପରିସରକୁ ଆଣି ସେଥିରେ ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା ହୁଏ ତାହା ଉପରେ ଦୃଷ୍ଟି ଦେବା ଆବଶ୍ୟକ। ବର୍ତ୍ତମାନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଯେଉଁ ଟଙ୍କା ଦିଆଯାଉଛି ତାହାକୁ ଭିନ୍ନ କାର୍ଯ୍ୟରେ ଲଗାଯାଉଥିବାର ବହୁ ଅଭିଯୋଗ ଆସୁଛି।

## ଆଜିର ଅର୍ଥନୀତି

କୃଷକ ସମସ୍ୟା ସବୁବେଳେ ସ୍ଥାନୀୟ ଖବରକାଗଜଗୁଡ଼ିକର ପ୍ରମୁଖ ପୃଷ୍ଠାରେ ସ୍ଥାନ ପାଉଛି। ରାଜ୍ୟ ଜନସଂଖ୍ୟାର ୮୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାରୁ କୃଷକଙ୍କ ସ୍ୱାର୍ଥକୁ ଯେତେ ଗୁରୁତ୍ୱ ଦେଲେ ବି ତାକୁ ମାତ୍ରାଧିକ ବୋଲି କୁହାଯାଇପାରିବ ନାହିଁ। ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୦୦ ଟଙ୍କା ହେଉ ବୋଲି ଦାବି କରୁଛନ୍ତି। କେନ୍ଦ୍ର ସରକାର ଏହାକୁ ଗ୍ରହଣ କରୁନାହାନ୍ତି। ରାଜ୍ୟ ସରକାର କୃଷକମାନଙ୍କ ସ୍ୱାର୍ଥ ଦେଖିବା ଲାଗି କେବଳ କେନ୍ଦ୍ର ଉପରେ ନିର୍ଭର କରି ଚୁପ୍ ହୋଇ ବସିପାରିବେ ନାହିଁ। ସରକାର କୃଷକମାନଙ୍କ ଆୟ ସମର୍ଥନକାରୀ କାଳିଆ ଯୋଜନା ଲାଗୁ କରି ବ୍ୟାପକ ପ୍ରଶଂସାଭାଜନ ହୋଇଥିବା ବେଳେ ଏହାକୁ ଚାଲୁ ରଖିବେ କାରଣ କୃଷକ ଓ ମହିଳା ହେଉଛନ୍ତି ବିଜେଡିର ପାରମ୍ପରିକ ଭୋଟ ବ୍ୟାଙ୍କ। ରାଜ୍ୟର ବ୍ୟାପକ କୃଷିଜମି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ଜଳସେଚନ ବ୍ୟବସ୍ଥା ଦୃଷ୍ଟିରୁ ଓଡ଼ିଶା ଅନେକ ପଛରେ ରହିଛି। ସରକାର ଅନେକ ବର୍ଷ ହେଲା ବଡ଼ ବଡ଼ ଦାବି କରି ଆସୁଥିଲେ ମଧ୍ୟ ଜଳସେଚନ ଭିତ୍ତିଭୂମିର ବିକାଶ ଲାଗି ବିଶେଷ କିଛି କରିନାହାନ୍ତି। ସରକାରଙ୍କ କାର୍ଯ୍ୟସୂଚୀର ଅଗ୍ରଭାଗରେ କୃଷି ସଂକ୍ରାନ୍ତ ସଂରଚନାତ୍ମକ ସଂସ୍କାର ରହିବା ଆବଶ୍ୟକ। ତା' ସହ ସରକାର ପୁଞ୍ଜିନିବେଶ ପରିବେଶକୁ ସୁହାଇଲା ଭଳି ନୀତି ନିର୍ଦ୍ଧାରଣ କରିବା ସହ ବିଭିନ୍ନ କ୍ଷେତ୍ରରେ ରହିଥିବା ତ୍ରୁଟିବିଚ୍ୟୁତି ଦୂର କରିବା ଉଚିତ। ପୂର୍ବ ପାଳିରେ ସରକାର ରାଜ୍ୟରେ ଆବଶ୍ୟକ ଥିବା କିଛି ଶୀତଳ ଭଣ୍ଡାର ନିର୍ମାଣ କରିବା ଓ 'ଆଳୁ ମିଶନ' ପ୍ରଭୃତି କେତେକ ପଦକ୍ଷେପ ନେଇଥିଲେ। କିନ୍ତୁ ସେହିସବୁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲେ। ରାଜ୍ୟର ଉଦ୍ୟାନକୃଷି ସମ୍ଭାବ୍ୟତା ବୃଦ୍ଧି ପାଉଥିବା ବେଳେ ଶୀତଳଭଣ୍ଡାର ନିର୍ମାଣ ଲାଗି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ମଧ୍ୟ ବିକାଶ ହେବା ଦରକାର।

ସମ୍ବଳ ସୀମିତ ଥିବାରୁ ସବୁ କ୍ଷେତ୍ରର ବିକାଶ କରିବା ସରକାରଙ୍କ ଲାଗି ଏକ ଆହ୍ୱାନ। ଏଣୁ ସରକାର ନୀତିଗତ ପରିବର୍ତ୍ତନ କରି ସର୍ବାଧିକ ଗୁଣକ ପ୍ରଭାବଯୁକ୍ତ କ୍ଷେତ୍ରଗୁଡ଼ିକର ବିକାଶ ଲାଗି ଦୃଷ୍ଟିଦେବା ଆବଶ୍ୟକ। ବୃହଦାକାର ସଂରଚନାତ୍ମକ ସଂସ୍କାର ଅର୍ଥନୀତିକୁ ସମୃଦ୍ଧ କରିବାର ସମ୍ଭାବନା ରଖୁଥିବା ବେଳେ ବୃଦ୍ଧିଶୀଳ ନୀତିଗତ ପରିବର୍ତ୍ତନ ଠିକ୍‌ଭାବରେ ହେଲେ ସେଥିରୁ ଉଲ୍ଲେଖନୀୟ ସୁଫଳ ମିଳିପାରିବ। ଏଣୁ ରାଜ୍ୟ ସରକାର ଲୋକଲୋଭାଣିଆ (ପପୁଲିଷ୍ଟ) ପଦକ୍ଷେପଗୁଡ଼ିକୁ ଛାଡ଼ି ତା' ବଦଳରେ ସୁଚିନ୍ତିତ ଓ ଦୀର୍ଘକାଳୀନ ନୀତି ଗ୍ରହଣ କରିବା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ମେ ୧୯୯୪**

- ହଙ୍ଗେରୀ ପାର୍ଲାମେଣ୍ଟ ନିର୍ବାଚନରେ ସୋସାଲିଷ୍ଟ ପାର୍ଟି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ବିଜୟୀ ହୋଇଛି।
- ଇରାକ୍ ରାଷ୍ଟ୍ରପତି ସଦ୍ଦାମ ହୁସେନ ଦେଶର ପ୍ରଧାନମନ୍ତ୍ରୀଙ୍କୁ ବରଖାସ୍ତ କରି ନିଜକୁ ମନ୍ତ୍ରିମଣ୍ଡଳର ମୁଖ୍ୟ ଭାବେ ଅବସ୍ଥାପିତ କରିଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | A | 9 | | | | | 6 | | | 5 | |
| | | | | | | 6 | | 0 | 2 | | 1 | | | |
| | 8 | 2 | | | | 3 | A | D | | 5 | | | 6 | |
| | | | | D | B | | 9 | 1 | 8 | | E | 0 | 4 | |
| | E | | C | 1 | | | | | A | 9 | | B | | |
| | | | | | | C | | | | | | 8 | | 3 |
| | | 6 | | 4 | | | E | | | C | | A | | |
| 8 | | 9 | 1 | | | 7 | | 3 | D | B | | | | |
| | | 5 | | 6 | C | | | | | | 8 | | 7 | |
| | | | 7 | | 0 | | 2 | | | | | | | |
| | 2 | | | 9 | | E | | 6 | | | | | | |
| | 6 | 4 | 8 | 0 | 1 | | | 5 | E | | | | | |
| | 0 | | | | | 9 | B | | 3 | A | | | | |
| | | | | 2 | | D | | | 4 | | | 7 | | 8 |
| | 1 | B | A | | | | | C | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | 2 | 0 | 9 | 8 | B | 5 | E | 6 | 7 | 1 | 3 | 4 | C |
| 0 | E | 6 | 4 | D | 1 | A | 3 | C | 9 | 8 | B | 2 | 7 | 5 |
| 7 | 4 | C | 5 | E | B | 6 | 9 | 2 | D | 3 | A | 0 | 8 | 1 |
| 9 | 8 | 5 | A | 3 | 7 | 0 | 1 | D | C | 4 | 2 | E | B | 6 |
| B | 1 | 3 | 2 | C | 6 | 4 | 7 | 8 | 5 | 0 | E | D | 9 | A |
| 5 | 9 | B | 7 | 2 | A | 1 | 0 | 4 | 8 | D | 6 | C | E | 3 |
| 4 | 6 | A | C | 1 | D | 2 | E | 7 | 0 | B | 3 | 8 | 5 | 9 |
| 2 | 3 | 8 | B | 0 | 5 | C | A | 9 | E | 1 | 4 | 7 | 6 | D |
| E | C | 0 | 3 | 8 | 9 | D | 6 | B | 2 | 5 | 7 | 1 | A | 4 |
| 1 | 7 | D | 6 | 4 | E | 5 | 8 | 3 | A | C | 9 | B | 0 | 2 |
| 6 | 5 | 7 | 9 | A | 2 | 8 | C | 0 | 3 | E | D | 4 | 1 | B |
| 3 | 2 | 4 | 8 | 5 | 0 | E | B | 6 | 1 | A | C | 9 | D | 7 |
| D | A | E | 1 | 7 | C | 9 | 4 | 5 | B | 2 | 0 | 6 | 3 | 8 |
| C | B | 1 | E | 6 | 3 | 7 | D | A | 4 | 9 | 8 | 5 | 2 | 0 |
| 8 | 0 | 9 | D | B | 4 | 3 | 2 | 1 | 7 | 6 | 5 | A | C | E |

ଗତକାଲିର ଉତ୍ତର

# ଓଡ଼ିଶା ରାଜନୀତିରେ ନାରୀଶକ୍ତି



ଶରତଚନ୍ଦ୍ର ମିଶ୍ର

ଏଥର ନିର୍ବାଚନ(୨୦୧୯)ରେ ବିଜେଡି ଓଡ଼ିଶାର ସମୁଦାୟ ଲୋକ ସଭା ସିଟ୍‌ର ତିନିଭାଗରୁ ଏକଭାଗ ମହିଳାଙ୍କୁ ପ୍ରଦାନ କରି ଏକ ସକାରାତ୍ମକ ଉଦାହରଣ ସୃଷ୍ଟି କରିଛି। ମହିଳାମାନଙ୍କ ନିମନ୍ତେ ପୌରସଭା ଓ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକରେ ୫୦ଭାଗ ଆସନ ସଂରକ୍ଷିତ ଅଛି। ଫଳତଃ ବର୍ତ୍ତମାନ ବହୁ ମହିଳା ରାଜନୀତିରେ ଅଂଶଗ୍ରହଣ କରିବାକୁ ସକ୍ଷମ ହୋଇଛନ୍ତି। ଇଂଲଣ୍ଡ ଆଦି ପାଶ୍ଚାତ୍ୟ ଦେଶରେ ମହିଳାମାନଙ୍କ ନିମନ୍ତେ ଏ ପ୍ରକାର ସୁବିଧା ନାହିଁ ଓ ଭୋଟ ଅଧିକାର ପ୍ରାପ୍ତ ହେବାକୁ ଇଂଲଣ୍ଡରେ ମହିଳାମାନଙ୍କୁ ଦୀର୍ଘବର୍ଷ ଧରି ଆନ୍ଦୋଳନ କରିବାକୁ ପଡିଥିଲା। ଭାରତବର୍ଷରେ ମହାତ୍ମା ଗାନ୍ଧୀ ମହିଳାମାନଙ୍କୁ ଗୃହାଙ୍ଗନରୁ ବାହାରକୁ ଆଣିଥିଲେ। ସରୋଜିନୀ ନାଇଡୁ, ବିଜୟଲକ୍ଷ୍ମୀ ପଣ୍ଡିତ ପ୍ରମୁଖଙ୍କୁ ଉଚ୍ଚ ପଦବୀରେ ଆସୀନ କରାଇ ମହିଳାମାନଙ୍କ ମନୋବଳ ବୃଦ୍ଧି କରାଇଥିଲେ। ବିଜୟଲକ୍ଷ୍ମୀ ୧୯୩୭ ମସିହାରେ ଉତ୍ତରପ୍ରଦେଶର ମନ୍ତ୍ରୀ ହେଲାବେଳେ ପଶ୍ଚିମ ଜଗତରେ କୌଣସି ମହିଳା ଏପରି ପଦପ୍ରାପ୍ତ ହୋଇ ନ ଥିଲେ।

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଶୈଳବାଳା ଦାସ ଓ ରମା ଦେବୀ ସାଧାରଣ ସମାଜ ଜୀବନରେ ପ୍ରବେଶ କଲେ। ରମା ଦେବୀ ସାରା ଜୀବନ ଦେଶସେବା କଲେ ମଧ୍ୟ ନିର୍ବାଚନ ରାଜନୀତିରେ ଆଗ୍ରହ ପ୍ରକାଶ କରିନାହାନ୍ତି। ମାଳତୀ ଦେବୀ ତାଙ୍କ ଦିଅର ନବକୃଷ୍ଣ ଚୌଧୁରୀଙ୍କ ସ୍ତ୍ରୀ। ସେ କଂଗ୍ରେସ ଆନ୍ଦୋଳନ ସହିତ ପ୍ରାରମ୍ଭରୁ ସଂଶ୍ଳିଷ୍ଟ ଓ କଂଗ୍ରେସରେ ଆନୁଷ୍ଠାନିକ ପଦ ପ୍ରାପ୍ତ ହୋଇଥିଲେ। ଜୀବନର ସାୟାହ୍ନରେ ୧୯୭୭ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଢେଙ୍କାନାଳ ବିଧାନସଭା ସଭ୍ୟ ପାଇଁ ପ୍ରାର୍ଥୀ ଭାବେ ନନ୍ଦିନୀ ଶତପଥୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଶୋଚନୀୟ ଭାବେ ପରାସ୍ତ ହୋଇଥିଲେ।

ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୩୭ ମସିହା ନିର୍ବାଚନରେ ମହିଳାଙ୍କ ନିମନ୍ତେ ଦୁଇଟି ସ୍ଥାନ ସଂରକ୍ଷିତ ଥିଲା ଓ ସରଳା ଦେବୀଙ୍କୁ ଲଗାଇ ଦୁଇଜଣ ଏଥିପାଇଁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ନିର୍ବାଚନ ହେଲା ୧୯୪୬ରେ। ଗଞ୍ଜାମର ଭି.ଭି. ଗିରିଙ୍କ ଭଉଣୀ ଲକ୍ଷ୍ମୀ ଆମ୍ମା ନିର୍ବାଚିତ ହୋଇ ୫ ବର୍ଷ ନିମନ୍ତେ ଉପବାଚସ୍ପତି ହୋଇଥିଲେ। କୌଣସି ନିର୍ବାଚିତ ପଦପଦବୀ ଅଧିକାର କରିବାରେ ସେ ଓଡ଼ିଶାରେ ପ୍ରଥମ। ତାଙ୍କର ମାତୃଭାଷା ତେଲୁଗୁ ଓ ସେ ବ୍ରହ୍ମପୁର ଅଧିବାସୀ। ତାଙ୍କ ବ୍ୟତୀତ ଓଡ଼ିଶା ରାଜନୀତିରେ ପ୍ରତିଷ୍ଠା ଲାଭ କରିଥିବା ଅନ୍ୟ ଅଣଓଡ଼ିଆମାନେ ହେଲେ ଶୈଳବାଳା ଦାସ, ମାଳତୀ ଚୌଧୁରୀ (ଉଭୟ ବଙ୍ଗଭାଷୀ), ସୁଜ୍ଞାନ କୁମାରୀ ଦେଓ (ତାମିଲ), ଅପରାଜିତା ଷଡଙ୍ଗୀ, ପ୍ରତ୍ୟୁଷା ଦେବୀ ଓ ସଙ୍ଗୀତା ସିଂହଦେଓ (ହିନ୍ଦୀଭାଷୀ)। ଏମାନେ ସମସ୍ତେ ଓଡ଼ିଶା ବାହାରର ଲୋକ ଓ ବୈବାହିକ ସୂତ୍ରରେ ଓଡ଼ିଶାର ବଧୂ। କେବଳ ଶୈଳବାଳା ହାଜରା ମଧୁବାବୁଙ୍କ ପାଳିତା କନ୍ୟା ହୋଇ ଶୈଳବାଳା ଦାସ ହୋଇଥିଲେ।

ସ୍ୱାଧୀନତା ପରେ ସାବାଳକ ଭୋଟପ୍ରଥା ପ୍ରଚଳନ ହୋଇ ୧୯୫୨ରେ ନିର୍ବାଚନ ହେଲା। ସେ ନିର୍ବାଚନରେ ପ୍ରଥମ କରି ରଜା, ଜମିଦାର ପରିବାରର ରାଜମାତା, ରାଣୀ ଓ ଯୁବରାଣୀ ଅଂଶଗ୍ରହଣ କରିବା ଆରମ୍ଭ କଲେ ଓ ନିର୍ବାଚନ ସଂଗ୍ରାମରେ ସଫଳ ହେଲେ। ସେ ଧାରା ଏବେ ମଧ୍ୟ ଅବ୍ୟାହତ ରହିଛି। ନିର୍ବାଚନରେ ଆଗ୍ରହୀ ଥିବା ରାଜବଂଶର ମହିଳାମାନଙ୍କ ମଧ୍ୟରେ ଢେଙ୍କାନାଳ, ରଣପୁର, ବଲାଙ୍ଗୀର, ଖଲ୍ଲିକୋଟ, ଆଳି, ଚିକିଟି ଓ ନୟାଗଡ ଅନ୍ତର୍ଭୁକ୍ତ। ରଣପୁରର ରାଜମାତା ସ୍ୱର୍ଗତ ବସନ୍ତ ମଞ୍ଜରୀ ଦେବୀ ୧୯୫୨ରେ ବିଧାନସଭାକୁ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟମନ୍ତ୍ରୀ ପଦବୀ ମଣ୍ଡନ କରିଥିଲେ। ସେ ଓଡ଼ିଶାର ପ୍ରଥମ ମହିଳା ମନ୍ତ୍ରୀ। ସେଇବର୍ଷ (୧୯୫୨) ମଧୁବାବୁଙ୍କ ପାଳିତା କନ୍ୟା ଶୈଳବାଳା ଦାସ କଂଗ୍ରେସରେ ଯୋଗଦେଲେ ଓ ଦୁଇବର୍ଷ ନିମନ୍ତେ ରାଜ୍ୟ ସଭାକୁ ନିର୍ବାଚିତ ହେଲେ। ସେ ଓଡ଼ିଶାର ପ୍ରଥମ ମହିଳା ପାର୍ଲାମେଣ୍ଟ ସଦସ୍ୟା। ଲୋକ ସଭାକୁ ନିର୍ବାଚିତ ପ୍ରଥମ ଓଡ଼ିଆ ମହିଳା ସଦସ୍ୟା ହେଉଛନ୍ତି ଜୟନ୍ତୀ ପଟ୍ଟନାୟକ।

ପ୍ରଥମେ ପ୍ରଥମେ ରାଜ ପରିବାର ଓ ପ୍ରତିଷ୍ଠିତ ପରିବାରର ମହିଳାମାନେ ରାଜନୀତିରେ ପ୍ରବେଶ କରୁଥିଲେ। କାଳକ୍ରମେ ସାଧାରଣ ପରିବାର, ରାଜନୈତିକ ପରିବାର ଓ କୌଣସି ରାଜନୈତିକ ବ୍ୟକ୍ତିଙ୍କର ନିଧନ ହେଲେ, ତାଙ୍କ ବିଧବା ସ୍ତ୍ରୀ ରାଜନୀତିରେ ପ୍ରବେଶ କରିବା ପରିଦୃଷ୍ଟ ହେଲା। ମ୍ୟୁନିସିପାଲିଟି ଓ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାମାନଙ୍କ ନିମନ୍ତେ ବ୍ୟାପକ ସଂରକ୍ଷଣ ବ୍ୟବସ୍ଥା ହେବା ଫଳରେ ବହୁ ଅନୁସୂଚିତ ଜନଜାତି ଓ ଅନଗ୍ରସର ଶ୍ରେଣୀର ମହିଳା ନିର୍ବାଚିତ ହେଲେ ଓ ସେଥିରୁ କେତେକ ବିଶେଷ ଶିକ୍ଷାପ୍ରାପ୍ତ ହୋଇ ନ ଥିବାରୁ ସେମାନଙ୍କ କାମ ଅନ୍ତରାଳରେ ଥାଇ ତାଙ୍କ ପତିମାନେ ନିର୍ବାହ କଲେ। ଗ୍ରାମାଞ୍ଚଳରେ 'ସରପଞ୍ଚ ପତି' ନାମରେ ଏକ ଶ୍ରେଣୀ ସୃଷ୍ଟି ହେଲା। ଆଶା କରାଯାଏ, ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଘଟିଲେ ଏ ଶ୍ରେଣୀ ପ୍ରଭାବଶୂନ୍ୟ ହେବ। ଗତ ପଚାଶ ବର୍ଷ ମଧ୍ୟରେ ଓଡ଼ିଶାରେ ମହିଳାମାନେ ଯେଉଁ ପରିମାଣରେ ରାଜନୈତିକ କ୍ଷମତାପ୍ରାପ୍ତ ହୋଇଛନ୍ତି, ସେ ସ୍ତରକୁ ପହଞ୍ଚିବା ନିମନ୍ତେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ୨୫୦ରୁ ୩୦୦ ବର୍ଷ ଲାଗିଥିଲା। କାରଣ ପାଶ୍ଚାତ୍ୟ ଦେଶରେ ମହିଳାମାନଙ୍କ ଶ୍ରେଷ୍ଠତ୍ୱକୁ ପୁରୁଷମାନେ ସହଜରେ ଗ୍ରହଣ କରନ୍ତି ନାହିଁ। ଭାରତରେ ତଥା ଓଡ଼ିଶାରେ ମହିଳାମାନଙ୍କ ଦ୍ୱାରା ଶାସିତ ହେବାରେ ପୁରୁଷମାନେ କୁଣ୍ଠା ପ୍ରକାଶ କରନ୍ତି ନାହିଁ। ଫଳତଃ ପାଶ୍ଚାତ୍ୟ ଦେଶରେ ମହିଳାମାନେ ରାଜନୈତିକ ଅଧିକାର ଆନ୍ଦୋଳନ କରି ପ୍ରାପ୍ତ ହୋଇଥିଲା ବେଳେ ଭାରତ ତଥା ଓଡ଼ିଶାରେ ଉଦାରବାଦୀ ପୁରୁଷ ନେତାଙ୍କ ଦୂରଦୃଷ୍ଟି ଦ୍ୱାରା ଏହା ସମ୍ଭବ ହୋଇପାରିଛି।

ଓଡ଼ିଶାରେ ସବୁଠାରୁ ସଫଳ ମହିଳା ରାଜନୀତିଜ୍ଞ ହେଉଛନ୍ତି ନନ୍ଦିନୀ ଶତପଥୀ। ଜଣେ ବାମପନ୍ଥୀ ଛାତ୍ରନେତ୍ରୀ ଭାବରେ ସେ ରାଜନୈତିକ ଜୀବନ ଆରମ୍ଭକରି ମାତ୍ର ୩୧ ବର୍ଷ ବୟସରେ କଂଗ୍ରେସ ପ୍ରାର୍ଥୀ ଭାବରେ ରାଜ୍ୟ ସଭା ସଭ୍ୟା ହେଲେ ଓ ଅଳ୍ପକାଳ ପରେ କେନ୍ଦ୍ରରେ ଉପମନ୍ତ୍ରୀ ହେଲେ ଏବଂ ୪୧ ବର୍ଷ ବୟସରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। ସେ ଏକମାତ୍ର ଓଡ଼ିଆ ମହିଳା କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ। ସେ ଜୀବନରେ ନିର୍ବାଚନ ମଣ୍ଡଳୀ ପରିବର୍ତ୍ତନ କରି ମଧ୍ୟ କେବେ ନିର୍ବାଚନରେ ପରାଜିତ ହୋଇନାହାନ୍ତି। ସେ ୧୯୭୨ରେ କଟକ ଉପନିର୍ବାଚନ ଓ ୧୯୭୬ରେ ଢେଙ୍କାନାଳ ବିଧାନସଭା ନିର୍ବାଚନରେ କଠିନ ବିରୋଧର ସମ୍ମୁଖୀନ ହୋଇ ମଧ୍ୟ ସଫଳ ହୋଇଥିଲେ। ଜଣେ ଦକ୍ଷ ପ୍ରଶାସକ ଭାବରେ ତାଙ୍କର ନାମ ଅଛି। ଅନ୍ୟ ଏକ ସଫଳ ରାଜନୀତିଜ୍ଞ ହେଉଛନ୍ତି ସୁଜ୍ଞାନ କୁମାରୀ ଦେଓ। ଲଗାତର ୯ ଥର ଏହି ତାମିଲ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେ କେବେ ମନ୍ତ୍ରିପଦ ନିମନ୍ତେ ଆଶାୟୀ ନ ଥିଲେ। ତାଙ୍କର ପ୍ରଭାବ ଖଲ୍ଲିକୋଟ ଜମିଦାରି ଅଞ୍ଚଳ ମଧ୍ୟରେ ସୀମିତ ଓ ନବେ ଦଶକରେ ବ୍ରହ୍ମପୁର ପାର୍ଲାମେଣ୍ଟ ସଦସ୍ୟ ନିମନ୍ତେ ପ୍ରାର୍ଥୀ ହୋଇ ସେ ପରାଜିତ ହୋଇଥିଲେ। ନନ୍ଦିନୀ ଦେବୀଙ୍କ ଭଳି ରାଜନୈତିକ ଓ ଆନ୍ଦୋଳନାତ୍ମକ ପୃଷ୍ଠଭୂମି କିମ୍ବା ସୁଜ୍ଞାନ କୁମାରୀଙ୍କ ଭଳି ପାରିବାରିକ ପ୍ରତିପତ୍ତି ନ ଥାଇ ମଧ୍ୟ ଗରିବ ଆଦିବାସୀ ପରିବାରର ଦ୍ରୌପଦୀ ମୁର୍ମୁ ଜଣେ ସାଧାରଣ ସରକାରୀ କର୍ମଚାରୀରୁ ଉଠି ଓଡ଼ିଶାରେ ଏମ୍‌ଏଲ୍‌ଏ ଓ ମନ୍ତ୍ରୀ ହୋଇଛନ୍ତି। ବର୍ତ୍ତମାନ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଅଛନ୍ତି। ତାଙ୍କର ରାଜନୈତିକ ସଫଳତା ପ୍ରଶଂସନୀୟ। ଢେଙ୍କାନାଳର ରାଣୀ ରତ୍ନପ୍ରଭା ଦେବୀ ୧୯୫୭ରେ ବିପୁଳ ଭୋଟରେ ନିର୍ବାଚିତ ହୋଇ ରାଜପରିବାରର ଦୁର୍ନାମରେ ସୁଧାର ଆଣିଥିଲେ। ୧୯୬୧ ମସିହାରେ ସେ ବିଜୁ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ।

ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ସ୍ୱାସ୍ଥ୍ୟମନ୍ତ୍ରୀ କମଳା ଦାସଙ୍କୁ ବିଶେଷ କିଛି ଗୁରୁତର ଅଭିଯୋଗ ନ ଥାଇ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରାଯିବା ଏକ ଅନାକାଙ୍କ୍ଷିତ ଘଟଣା। ନନ୍ଦିନୀ ଶତପଥୀଙ୍କ ପରବର୍ତ୍ତୀ କାଳରେ ଓଡ଼ିଶାରେ ମହିଳା ରାଜନୀତିଜ୍ଞମାନେ ଯେ ବିଶେଷ ପ୍ରଭାବ ବିସ୍ତାର କରିପାରି ନାହାନ୍ତି ଏହା ଧ୍ରୁବସତ୍ୟ। ମହିଳାମାନଙ୍କୁ ସ୍ଥାନୀୟ ସ୍ୱାୟତ୍ତଶାସନରେ ପ୍ରାଧାନ୍ୟ ଦିଆଗଲେ ମଧ୍ୟ ରାଜ୍ୟ ଶାସନରେ ସେମାନଙ୍କୁ ସମୁଚିତ ଭାଗ ନେବାକୁ ରାଜନୈତିକ ଦଳଗୁଡ଼ିକ ମାନସିକ ସ୍ତରରେ ଆଜି ବି ପ୍ରସ୍ତୁତ ଥିବା ହୃଦ୍‌ବୋଧ ହୁଏନାହିଁ।

ମୋ–୯୯୩୭୪୨୨୫୨୧

# ବିଦାୟ ପାହାଡ଼ରାଣୀ



ଡ. ଆଲୋକ ରଞ୍ଜନ ମିଶ୍ର

ଇତିହାସ ରଚିବାକୁ ଯାଇ ନିଜେ ଇତିହାସ ପାଲଟିଗଲ। ଭାରତୀୟ ସଂସ୍କୃତିର ପ୍ରତୀକ ଶାଢ଼ି ପରିଧାନ କରି ତୁମେ ଅଷ୍ଟ୍ରେଲିଆର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ କୋସିଓୟୋକ (ଯାହାର ଉଚ୍ଚତା ୨,୨୨୮ ମିଟର)କୁ ସଫଳତାର ସହ ଆରୋହଣ କରି ଅଜସ୍ର ସମ୍ମାନର ଅଧିକାରିଣୀ ହେବା ସଙ୍ଗେ ସଙ୍ଗେ ଏକ ନୂତନ ରେକର୍ଡ଼ ସୃଷ୍ଟି କରିଥିଲ ଏବଂ ଭାରତ ତଥା ନିଜ ରାଜ୍ୟ ଓଡ଼ିଶାକୁ ଗୌରବାନ୍ୱିତ କରିଥିଲ। ମନରେ ଥିଲା ତୁମର ଅସୁମାରି ଇଚ୍ଛା ଓ ଦୃଢ଼ ମନୋବଳ ଆଉ ଏକ ନୂଆ ଇତିହାସ ସୃଷ୍ଟି କରିବାକୁ। ତେଣୁ ୨୦୧୯ ଏପ୍ରିଲ ୨୩ ତାରିଖରେ ତମେ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିଲ ଏକ ୩ଜଣିଆ ମହିଳା ଦଳ ସହିତ। ଅନ୍ୟ ୨ ଜଣ ଥିଲେ ନେପାଳର କାଞ୍ଚିମାୟା ତମାଙ୍ଗ ଏବଂ ଚାଇନାର ଲିଆମୁ ମନଙ୍ଗ। ଏଥର ବି ଶାଢ଼ି ପିନ୍ଧି ୮,୮୪୮ମିଟର ଉଚ୍ଚ ମାଉଣ୍ଟ ଏଭରେଷ୍ଟର ଶିଖରରେ ପହଞ୍ଚିଥିଲ ୨୩ ମେ ୨୦୧୯ରେ। ପ୍ରାୟ ଏକ ମାସ ଶାଢ଼ି ପିନ୍ଧି ଯାତ୍ରାକରି ଏବଂ ଏଭରେଷ୍ଟ ଶୃଙ୍ଗରେ ଜାତୀୟ ପତାକା ଉଡ଼ାଇ ପୁଣି ଏକ ଇତିହାସ ସୃଷ୍ଟି କଲ ସମଗ୍ର ଦେଶ ପାଇଁ। ଏଭରେଷ୍ଟର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ରହିଛି ୪ଟି ବେସ୍ କ୍ୟାମ୍ପ। ପ୍ରଥମଟିର ଉଚ୍ଚତା ପ୍ରାୟ ୬୦୦୦ ମିଟର, ଦ୍ୱିତୀୟଟିର ୬୪୦୦, ତୃତୀୟଟିର ୭୩୦୦ ଏବଂ ଚତୁର୍ଥଟିର ୮୦୦୦ମିଟର। ୮୦୦୦ରୁ ଆହୁରି ୮୪୦ମିଟର ଉପରକୁ ଗଲେ ଶିଖରରେ ପହଞ୍ଚିହେବ ଏବଂ ଏହା ସବୁଠୁ ବିପଦପୂର୍ଣ୍ଣ ଜୋନ୍ ବୋଲି କୁହାଯାଏ। ପ୍ରତ୍ୟେକ ବେସ୍ କ୍ୟାମ୍ପରେ ବିଯୁକ୍ତ ୪୦୦ ଡିଗ୍ରୀ ସେଲସିୟସକୁ ଖାପ ଖୁଆଇ ଚାଲିବା ପାଇଁ ସ୍ୱତନ୍ତ୍ର ପୋଷାକ ଓ ଜୋତା ଥିଲେ ମଧ୍ୟ ତମେ ଶାଢ଼ି ପିନ୍ଧି ଉପରକୁ ଉଠିଥିଲ ନିଜ ସଂସ୍କୃତିର ବାର୍ତ୍ତାବହ ହୋଇ ବିଶ୍ୱକୁ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ।

ସେହିଦିନ ଅପରାହ୍ଣରେ ଫେରୁଥିବା ବାଟରେ ଅନ୍ୟ ଆରୋହଣକାରୀ ଦଳଗୁଡ଼ିକର ପ୍ରବଳ ଗହଳି ଯୋଗୁ ପାଖାପାଖି ୨ଘଣ୍ଟା ତୁମକୁ ଧାଡ଼ିରେ ରହିବାକୁ ପଡ଼ିଥିଲା ବିଯୁକ୍ତ ୪୦° ତାପମାତ୍ରାରେ। ସେଠୁ ଓହ୍ଲାଇବା ସମୟରେ ତୁମେ ଅସୁସ୍ଥତା ଅନୁଭବ କରି ପାଖାପାଖି ୮୩୦ମିଟରରେ ଥିବା ବାଲକୋନି କ୍ୟାମ୍ପରେ ପ୍ରାଣ ହରାଇଲ। ଇତିହାସ ପାଲଟିଗଲ ତୁମେ ଓଡ଼ିଶା ଢେଙ୍କାନାଳ ଜିଲା ସାରିଆପଡ଼ା ଗ୍ରାମର କଳ୍ପନା ଦାଶ। ତୁମ ଜନ୍ମ ୨୭ ଜୁଲାଇ ୧୯୬୬ ମସିହା। ବାପା ଥିଲେ ଜଣେ ପାହାଡ଼ ଚଢ଼ାଳି। ପିଲାଟି ଦିନରୁ ପାହାଡ଼ମାଳିନୀ ଢେଙ୍କାନାଳର ପ୍ରକୃତି ତୁମକୁ ବିଶେଷ ଭାବରେ ଆକୃଷ୍ଟ କରିଥିଲା ଏବଂ ସେଥିପାଇଁ ତୁମେ ଘୂରି ବୁଲୁଥିଲ ଏ ପାହାଡ଼ରୁ ସେ ପାହାଡ଼। ବୟସ ବଢ଼ିବାରୁ ଆସ୍ତେ ଆସ୍ତେ କପିଳାସ, ସପ୍ତଶଯ୍ୟା ଓ ବାଙ୍କମୁଣ୍ଡି ପାହାଡ଼ ଚଢ଼ି ସାରା ଜିଲାରେ 'ପାହାଡ଼ ରାଣୀ' ଭାବେ ନିଜର ପରିଚୟ ସୃଷ୍ଟି କରିଥିଲ।

ସେତିକିରେ ତୁମ ଜିଜ୍ଞାସା ପୂର୍ଣ୍ଣ ହୋଇ ନ ଥିଲା। ଚାହୁଁଥିଲ କିଛି ଦାନ କରିବା ପାଇଁ ସଂସାରକୁ ଏବଂ ନାରୀ ଦୁର୍ବଳ ନୁହେଁ, ସେ ଚାହିଁଲେ ସାରା ପୃଥିବୀ ଜୟ କରିପାରିବ, ଏହି ବାର୍ତ୍ତା ଦେବାକୁ। ନିଜର ସମସ୍ତ ପାହାଡ଼ ଚଢ଼ିବା କୌଶଳ ଓ ଶକ୍ତିକୁ ପାଥେୟକରି ୨୦୦୪ରେ ତୁମ ଅଭିଯାନ ଆରମ୍ଭ ହୋଇଥିଲା ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ। ପ୍ରଥମଥର ଅକୃତକାର୍ଯ୍ୟ ହେବା ପରେ ପୁଣି ଚେଷ୍ଟା କରି ୨୦୦୬ରେ ଚଢ଼ିବା ଆରମ୍ଭ କରିଥିଲ। ମାତ୍ର ପାଗ ଖରାପ ଯୋଗୁ ଏଥର ବି ସମ୍ଭବପର ହୋଇ ନ ଥିଲା। ଶେଷରେ ୨୦୦୮ରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନେତ ନେଇ ତୁମେ ଆରୋହଣ ଆରମ୍ଭ କଲ ମାଉଣ୍ଟ ଏଭରେଷ୍ଟ ଏବଂ ତୁମର ଦକ୍ଷତା ଓ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ତୁମକୁ ପହଞ୍ଚାଇଦେଲା ଏଭରେଷ୍ଟର ଶୀର୍ଷରେ। ଭାରତ ପାଇଁ ଏବଂ ନିଜ ରାଜ୍ୟର ପ୍ରଥମ ମହିଳା ମାଉଣ୍ଟ ଏଭରେଷ୍ଟ ଆରୋହଣକାରିଣୀ ଭାବେ ପରିଗଣିତ ହେଲ ତୁମେ। ତା'ପରେ ତୁମେ ପଛକୁ ଚାହିଁନାହଁ। ଗୋଟିଏ ପରେ ଗୋଟିଏ ଗିରିଶୃଙ୍ଗ ଅତିକ୍ରମ କରିଚାଲିଲ। ୨୦୧୦ରେ ପୂର୍ବ ଆଫ୍ରିକାର ୫,୮୯୫ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ କିଲିମଞ୍ଜାରୋ, ୨୦୧୫ ଜାନୁୟାରୀ ୧୬ରେ ଦକ୍ଷିଣ ଆମେରିକାର ୬,୯୬୨ ମିଟର ଉଚ୍ଚତା ବିଶିଷ୍ଟ ଆକୋନ କାଗୁଆ, ଜୁଲାଇ ୩୧,୨୦୧୫ରେ ୫,୬୪୨ ମିଟର ଉଚ୍ଚତା ବିଶିଷ୍ଟ ୟୁରୋପର 'ମାଉଣ୍ଟ ଏଲୋବ୍ରୋସ' ଏବଂ ୩ ଡିସେମ୍ବର ୨୦୧୫ରେ ଅଷ୍ଟ୍ରେଲିଆର ୨,୨୨୮ ମିଟର ଉଚ୍ଚ ପାହାଡ଼ 'କୋସିଓୟୋକ'କୁ ବିନା ଅମ୍ଳଜାନରେ ଆରୋହଣ କରି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିଥିଲ। ତୁମର ଅବର୍ତ୍ତମାନ ସାରା ରାଜ୍ୟ ଓ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି। ଦୁଃସାହସିକ କ୍ରୀଡ଼ାଜଗତରେ ତୁମେ ଥିଲ ଏକ ଉଜ୍ଜ୍ୱଳ ତାରକା ଏବଂ ବିଶେଷକରି କ୍ରୀଡ଼ାପ୍ରେମୀଙ୍କ ପାଇଁ ପ୍ରେରଣାର ଉତ୍ସ। ତୁମେ ଏ ରାଜ୍ୟର ବରପୁତ୍ରୀ। ତୁମର ଅତୁଳନୀୟ ଅବଦାନ ଆମ ସମସ୍ତଙ୍କ ପାଇଁ ସ୍ମୃତି ହୋଇ ରହିବ। କେବଳ ଏତିକି ନିବେଦନ, ତୁମର ରାଜ୍ୟ ପାଇଁ ଉତ୍ସର୍ଗୀକୃତ ଅବଦାନକୁ ଆମେ ଯଥାର୍ଥ ସମ୍ମାନ ଦେଇପାରିବୁ ଯଦି ତୁମ ଗ୍ରାମ ସାରିଆପଡ଼ା ଓ ଢେଙ୍କାନାଳ ଜିଲାରେ କୌଣସି ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଏବଂ ଏକ ପ୍ରମୁଖ ସଡ଼କକୁ ତୁମ ନାମରେ ନାମିତ କରାଇପାରିବୁ। ଦ୍ୱିତୀୟରେ ଦୁଃସାହସିକ କ୍ରୀଡ଼ା କ୍ଷେତ୍ରରେ ଏକ ପୁରସ୍କାର ତୁମ ନାମରେ ରହିବା ମଧ୍ୟ ଉଚିତ। ତୁମର ଏକ ପ୍ରତିମୂର୍ତ୍ତି ତୁମ ନିଜ ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାପନ କରିବା ମଧ୍ୟ ବିଧେୟ। ସାମାନ୍ୟ ଏତିକି କିଛି ଆମେ କରିପାରିଲେ ହୁଏ ତ ତୁମର ଉଲ୍ଲେଖନୀୟ ଅବଦାନକୁ ଉପଯୁକ୍ତ ସମ୍ମାନ ଦେଇପାରିବୁ।

ଭୁବନେଶ୍ୱର, ମୋ–୯୮୬୧୧୨୬୮୦୦,
ଇ–ମେଲ୍: dr.alokaditya@gmail.com

## ଏଇ ଭାରତରେ

ଚୋରି କରିବା ଏକ ନିନ୍ଦନୀୟ କାର୍ଯ୍ୟ। ଚୋରି କରୁଥିବା ପୁରୁଷକୁ ବିବାହ ପାଇଁ କେହି ଝିଅ ଦେବାକୁ ରାଜି ହୁଅନ୍ତି ନାହିଁ। କିନ୍ତୁ ଛତିଶଗଡ଼ର କେତେକ ଜିଲାରେ ନଟ ସମ୍ପ୍ରଦାୟର ଯୁବକ ବାହାହେବା ପାଇଁ ଚୋରି କରିବାକୁ ବାଧ୍ୟ ହେଉଛନ୍ତି। ଏ କଥା ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ୍ୟ। ସ୍ଥାନୀୟ ଆଦିବାସୀବହୁଳ ସରଗୁଜା, ଜଶପୁର ଆଦି ଜିଲାରେ ବାସକରୁଥିବା ନଟ ସମ୍ପ୍ରଦାୟରେ ଅବିବାହିତ ଯୁବକ ଚୋରିକରିବା ପରମ୍ପରା ରହିଛି। ଚୋରି ନ କଲେ ସେମାନଙ୍କର ବିବାହ ହୋଇପାରୁନାହିଁ। ଚୋରି କରୁ ନ ଥିବା ଯୁବକର କୌଣସି ଯୋଗ୍ୟତା ନାହିଁ ବୋଲି ସ୍ଥାନୀୟ ଲୋକେ କହିଥାଆନ୍ତି। ଚୋରି, ଅପହରଣ, ହତ୍ୟା କରିବା ଏହି ସମ୍ପ୍ରଦାୟର କୌଳିକ ବୃତ୍ତି। ବର୍ଷାଋତୁ ୪ ମାସ ଛାଡ଼ିଦେଲେ ଏହି ସମ୍ପ୍ରଦାୟ ବର୍ଷର ଅବଶିଷ୍ଟ ୮ ମାସ ଚୋରି କାମ କରନ୍ତି। ଚୋରି ଟଙ୍କାରେ ଏଠାରେ ନଟ ସମ୍ପ୍ରଦାୟ ଏକ ମନ୍ଦିର ନିର୍ମାଣ କରିଛି। ପୁରୁଷମାନେ ଚୋରି କରିବାକୁ ଯିବା ସମୟରେ ମହିଳାମାନେ ମନ୍ଦିରରେ ଭଜନ କରିଥାନ୍ତି। ଗାଁକୁ ପୋଲିସ ନ ଆସିବା ଏବଂ ଚୋରି କରି ଧରା ନ ପଡ଼ିବା ପାଇଁ ମହିଳାମାନେ ମାନସିକ କରନ୍ତି। ନଟ ସମ୍ପ୍ରଦାୟର ଏଭଳି କାର୍ଯ୍ୟ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଅଥଚ ଏହି ସମ୍ପ୍ରଦାୟ ନିଜର କୌଳିକ ବୃତ୍ତି ଏଯାଏ ଛାଡ଼ିପାରି ନାହାନ୍ତି।

## ଚିରନ୍ତନୀ

ଜଡ଼ତାର ଅବସାଦ ପ୍ରାଣର ପ୍ରେରଣାଘାତେ ଚୂର୍ଣ୍ଣ
ଭାରତର ପଥେ ଗ୍ରାମେ ଚଳ ଆହେ ବେଗବାନ ଘୂର୍ଣ୍ଣ
ତୁମରି ବିଗ୍ରହେ ଶତ ଶତାବ୍ଦୀର ସଞ୍ଚିତ ବିଦ୍ୟୁତ
ଚମକାଇ ଦେଉ ବିଶ୍ୱ ପୁଣି ଥରେ ହୋଇ କକ୍ଷଚ୍ୟୁତ।
ହେଲେ ହେଁ ପ୍ରାଚୀନତମ ତବ ସତ୍ୟ ହେଉ ପଛେ ଜୀର୍ଣ୍ଣ
ଆଣିଛି ସେ ଭୂମିକମ୍ପ ଧରଣୀକୁ କରିଛି ବିଦୀର୍ଣ୍ଣ
ଭାରତ ଗଗନପରେ ଶୁଭେ ସେହି ଅନାହତ ଧ୍ୱନି
ଶ୍ମଶାନର ଶବ କାନେ ଫୁଙ୍କିଦେଇ ମୃତ୍ୟୁ ସଞ୍ଜୀବନୀ।
(ଜାଗ ଜାଗ ଗାନ୍ଧି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିନା କାର୍ଡଧାରୀଙ୍କ ଦୁଃଖ

ମହାଶୟ,

ଯେଉଁ ଲୋକ କଳେବଳେ କୌଶଳେ ଖାଉଟି କାର୍ଡ ହାସଲ କରିଛି ତା'ର ସୁଖ କହିଲେ ନ ସରେ ଏବଂ ବିନା କାର୍ଡଧାରୀଙ୍କ ଦୁଃଖ ଅବର୍ଣ୍ଣନୀୟ। କୋଠାଘର ଓ ଚାରିଚକିଆ ଯାନ ଥିବା ବହୁ ବ୍ୟକ୍ତି କାର୍ଡ ପାଇଛନ୍ତି ଅଥଚ ଯିଏ ପାଇବା କଥା ବଞ୍ଚିତ ହୋଇଛି। ଫନୀ ବାତ୍ୟାରେ ସମସ୍ତେ କ୍ଷତିଗ୍ରସ୍ତ ହୋଇଛନ୍ତି ଅଥଚ କେବଳ କାର୍ଡଧାରୀ ୫୦ କି.ଗ୍ରା. ଚାଉଳ ଓ ଦୁଇହଜାର ଟଙ୍କା ପାଇ ଖୁସିରେ କୁରୁଳି ଉଠୁଛନ୍ତି। ଖାଦ୍ୟ ସୁରକ୍ଷା ଦିଗରେ ଏତେ ତାରତମ୍ୟ କାହିଁକି ?

ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡା, ବ୍ରହ୍ମଗିରି, ପୁରୀ

### ସବୁଠି ଅଯୋଗ୍ୟଙ୍କ ଭିଡ଼

ଧରିତ୍ରୀ(୧୩।୫)ରେ ପ୍ରକାଶିତ ଅରୁଣ ପଣ୍ଡାଙ୍କ 'ସବୁଠି ଅଯୋଗ୍ୟଙ୍କ ଭିଡ଼' ଅଯୋଗ୍ୟମାନଙ୍କୁ ସତର୍କ ସୂଚନା। ଗତ ମାର୍ଚ୍ଚ ୭/୮ରେ ମୋ ସ୍ତ୍ରୀଙ୍କ ଜାତିଗତ ପ୍ରମାଣପତ୍ର ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲି। ଆର୍‌ଆଇ ରିପୋର୍ଟ ନିଜେ ଆଣିବାକୁ ପଡ଼ିଲା। ସେଥିରେ ଲେଖା ହେଲା ସ୍ୱାମୀ ଦାଖଲ କଲେ। ଅଥଚ ୧୫ ଦିନ ପରେ ଜନସେବା କେନ୍ଦ୍ରରୁ ଫୋନ ଆସିଲା, ତହସିଲଦାର ଆର୍‌ଆଇ ପାଖକୁ ଲେଖିଛନ୍ତି ଦରଖାସ୍ତକାରୀ ବିବାହିତ କି ନୁହେଁ ? ପୁଣି ଆର୍‌ଆଇ ପାଖରୁ ଲେଖିକରି ନେଲି। ୩ ମାସ ସରିବାକୁ ବସିଲାଣି, ସାର୍ଟିଫିକେଟର ଦେଖା ନାହିଁ। ଏହିପରି ଶହ ଶହ ଉଦାହରଣ ଅଯୋଗ୍ୟ ବ୍ୟକ୍ତିଙ୍କର ଅଛି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଗଛ ଲଗାଇବା

ଖରା, ବର୍ଷା, ଶୀତ କାକରରୁ ରକ୍ଷା କରୁଥିବା ଗଛ ସବୁ ବାତ୍ୟାରେ ଭାଙ୍ଗିଯାଇଛି। ବିରାଟ ବିରାଟ ଦ୍ରୁମ ଆଉ ଦେଖା ଯାଉନାହାନ୍ତି। ସବୁଜ ବଳୟ ଲାଗୁଛି ମରୁଭୂମି ପରି। ଜୀବନ ଦୁର୍ବିଷହ ହେବାକୁ ଯାଉଛି। ଏ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ସମସ୍ତେ ନିଜ ନିଜ ଜାଗାରେ ଗଛ ଲଗାଇବା ଆବଶ୍ୟକ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସରକାର ମଧ୍ୟ ବୃକ୍ଷରୋପଣ କରିବା ଉଚିତ। ମୌସୁମୀ ଆସିବା ପରେ ପରେ ସରକାର ଚାରା ଯୋଗାଇ ଦିଅନ୍ତୁ। ରାସ୍ତା କଡରେ, ପଡିଆ ଜମିରେ ଗଛ ଲଗାଇ ପରିବେଶକୁ ସବୁଜ ସୁନ୍ଦର କରାଇପାରିଲେ ଆମେ ପ୍ରକୃତିର କୋପରୁ କିଛିମାତ୍ରାରେ ରକ୍ଷା ପାଇବା।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଡିଭାଇଡର ଇଣ୍ଡିଆ

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆମେରିକାର ଟାଇମ୍‌ସ ପତ୍ରିକା 'ଡିଭାଇଡର ଇଣ୍ଡିଆ' ବା ବିଭାଜନକାରୀ ବୋଲି ଆକ୍ଷେପ କରିଥିଲା। ଏବେ ସେହି ପତ୍ରିକା ୟୁ ଟର୍ନ ନେଇ ମୋଦି ବିଭାଜନକାରୀ ନୁହନ୍ତି ବୋଲି କହିଛି। ଏଥିରୁ ଜଣାପଡୁଛି ମୋଦି ବହୁ ସଂଖ୍ୟାରେ ଜିତିବା ପରେ ଏହି ପତ୍ରିକା ମତ ବଦଳାଇଛି।

ଅଜିତ ଚୌଧୁରୀ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିଃଶୁଳ୍କ ଫୁଟ୍‌ବଲ ତାଲିମ ଶିବିର

ଭୁବନେଶ୍ୱର,୩୦।୫(ସ୍ପୋର୍ଟସ୍ ବ୍ୟୁରୋ)

ୟୁନିଟ୍ ୬ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ପ୍ରତି ସପ୍ତାହର ଶନିବାର ଅପରାହ୍ନ ଓ ରବିବାର ସକାଳେ ନିଃଶୁଳ୍କ ଫୁଟ୍‌ବଲ ତାଲିମ ଦିଆଯିବ ବୋଲି କ୍ଲବ ସମ୍ପାଦକ ଦିଲୀପ ଦାସ କହିଛନ୍ତି। ଗତ ମାସରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ତାଲିମ ଶିବିର ଶେଷ ହେବା ପରେ ଖେଳାଳିଙ୍କ ଆଗ୍ରହ ଓ ଅଭିଭାବକଙ୍କ ଅନୁରୋଧ ପରେ ଆସୋସିଏଶନ ପକ୍ଷରୁ ତାଲିମ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ କ୍ଲବ ପକ୍ଷରୁ ଫୁଟ୍‌ବଲ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଦ୍ୱାରା ଦକ୍ଷ ଖେଳାଳି ଚିହ୍ନଟ କରାଯାଇ ଜାତୀୟସ୍ତରରେ ସୁନାମଧନ୍ୟ କୋଚ୍‌ଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ ବୋଲି କ୍ଲବର ସଭାପତି ତପନ ମହାନ୍ତି ପ୍ରକାଶ କରିଛନ୍ତି।

# ପାକିସ୍ତାନକୁ ଏସିଆ କପ୍ ଟି୨୦ ଆୟୋଜନ ଅଧିକାର

ନୂଆଦିଲ୍ଲୀ, ୩୦।୫(ପି.ଟି.)

୨୦୨୦ ଏସିଆ କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜନ ଅଧିକାର ପାକିସ୍ତାନକୁ ପ୍ରଦାନ କରାଯାଇଛି। ସିଙ୍ଗାପୁରରେ ଅନୁଷ୍ଠିତ ହୋଇଥିବା ଏସିଆନ କ୍ରିକେଟ କାଉନସିଲ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ବର୍ଷ ଅକ୍ଟୋବର ଶେଷ ଭାଗରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଅନୁଷ୍ଠିତ ହେବ। ତେଣୁ ଏସିଆ କପ୍‌ର ୧୫ତମ ସଂସ୍କରଣକୁ ଟି୨୦ ଫର୍ମାଟ୍‌ରେ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ପରି ଟପ୍ ଦେଶଗୁଡ଼ିକ ଅଂଶଗ୍ରହଣ କରିଥିଲେ। ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ଏହସାନ ମନି ଓ ମ୍ୟାନେଜିଂ ଡିରେକ୍ଟର ୱାସିମ ଖାଁ ଏହି ବୈଠକରେ ଯୋଗଦେଇଥିଲେ। ପାକିସ୍ତାନକୁ ଆୟୋଜନ ଅଧିକାର ଦିଆଯାଇଥିବାରୁ ଏସିଆ କପ୍ ଏବେ ନିରପେକ୍ଷ ଭେନ୍ୟୁରେ ଆୟୋଜନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ୨୦୦୯ରେ କରାଚୀରେ ଶ୍ରୀଲଙ୍କା ଖେଳାଳିଙ୍କ ବସ୍ ଉପରକୁ ଆତଙ୍କବାଦୀଙ୍କ ଆକ୍ରମଣ ପରଠାରୁ ସୁରକ୍ଷାଜନିତ କାରଣ ନେଇ କୌଣସି ବିଦେଶୀ ଦଳ ପାକିସ୍ତାନରେ ଖେଳିବାକୁ ରାଜି ହେଉନାହାନ୍ତି।

# ରିଙ୍କୁ ସିଂ ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୩୦।୫ (ପି.ଟି.)



ଉତ୍ତର ପ୍ରଦେଶର ବାମହାତୀ ଖେଳାଳି ରିଙ୍କୁ ସିଂଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୩ ମାସ ପାଇଁ ସସ୍‌ପେଣ୍ଡ କରିଛି। ସ୍ୱୀକୃତି ପାଇ ନ ଥିବା ଆବୁଧାବି ଟି୨୦ ଲିଗ୍‌ରେ ଖେଳିଥିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। କେବଳ ସେତିକି ନୁହେଁ, ଏହି ଖେଳାଳିଙ୍କୁ ଭାରତ ଏ' ଦଳରୁ ପ୍ରତ୍ୟାହାର କରି ନିଆଯାଇଛି। ରିଙ୍କୁଙ୍କ ଦଣ୍ଡାଦେଶ ଜୁନ୍ ୧ରୁ ଲାଗୁ ହେବ। ବିସିସିଆଇ ଭେଟେରାନ ଅଲ୍‌ରାଉଣ୍ଡର ଇରଫାନ ପଠାନଙ୍କୁ କେବଳ ଚେତାବନୀ ସହ ଛାଡ଼ିଦେଇଛି। ଏହି ଖେଳାଳି ବୋର୍ଡର ବିନା ଅନୁମତିରେ କ୍ୟାରିବିୟନ ପ୍ରିମିୟର ଲିଗ୍ (ସିପିଏଲ)ରେ ଅଂଶଗ୍ରହଣ କରିବା ଲାଗି ତାଙ୍କ ନାମ ପଠାଇଥିଲେ। ମାତ୍ର ପରବର୍ତ୍ତୀକାଳରେ ସେଥିରୁ ଓହରିଯାଇଥିଲେ। ପୂର୍ବତନ ଭାରତର ୧୯ବର୍ଷରୁ କମ୍ ଅଧିନାୟକ ଅନୁଜ ରାଓ୍ୱତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ କେବଳ ତାଗିଦ ସହ ଛାଡ଼ି ଦିଆଯାଇଛି। ଏହି ଖେଳାଳି ପାକିସ୍ତାନୀ କ୍ରିକେଟରଙ୍କ ସହିତ ମରିସସ୍‌ରେ ସ୍ୱୀକୃତି ପାଇ ନ ଥିବା ଏକ ଟି୨୦ ଲିଗ୍‌ରେ ଖେଳିଥିଲେ। ରିଙ୍କୁ ଗତ ଦୁଇ ସିଜନ ଧରି କୋଲକାତା ନାଇଟ୍ ରାଇଡର୍ସ ଦଳରେ ରହି ଆସିଛନ୍ତି। ଆଇପିଏଲ୍ ଶେଷ ହେବା ପରେ ସେ ଅଣସ୍ୱୀକୃତି ଲିଗ୍‌ରେ ଖେଳିଥିଲେ। ବିସିସିଆଇ କହିଛି, ବୋର୍ଡ ଦ୍ୱାରା ପଞ୍ଜୀକୃତ ଖେଳାଳିମାନେ ବିନା ଅନୁମତିରେ ବିଦେଶରେ କୌଣସି ଟୁର୍ନାମେଣ୍ଟରେ ଭାଗ ନେଇପାରିବେ ନାହିଁ। ରିଙ୍କୁ ବିନା ଅନୁମତିରେ ଟୁର୍ନାମେଣ୍ଟରେ ଭାଗନେଇଥିବାରୁ ସିଧାସଳଖ ନିୟମ ଉଲ୍ଲଂଘନ କରିଥିଲେ। ରିଙ୍କୁ ଜଣେ ଯୁବ ଖେଳାଳି ହୋଇଥିବାରୁ ତାଙ୍କୁ କେବଳ ତାଗିଦ ସହ ଛାଡ଼ିଦେବା ଠିକ୍ ହେବ ନାହିଁ। କ୍ରିକେଟ ଅପରେଶନ୍ସ ଟିମ୍‌ରେ କାର୍ଯ୍ୟକରୁଥିବା ବିସିସିଆଇର ଜଣେ ସିନିୟର ଅଫିସିଆଲ ନିଜ ନାମ ଗୋପନ ରଖିବାକୁ କହି ବୋର୍ଡର ଏହି ଦ୍ୱୈତ୍ୟ ନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ବହୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଇରଫାନ ପଠାନ ନିୟମ ଓ କାନୁନ ବିଷୟରେ ଅବଗତ ଥାଇ ମଧ୍ୟ ସିପିଏଲ୍‌ରେ ତାଙ୍କ ନାମ ପଞ୍ଜୀକୃତ କରିଥିଲେ। ତାଙ୍କୁ ଯଦି ଦଣ୍ଡବିଧାନ କରାଗଲା ନାହିଁ ତେବେ ପ୍ରଥମ ଥର ତ୍ରୁଟି କରିଥିବା ରିଙ୍କୁଙ୍କୁ କାହିଁକି ଦଣ୍ଡବିଧାନ କରାଗଲା ବୋଲି କହିଛନ୍ତି। ବିସିସିଆଇ କ୍ରିକେଟ ଅପରେଶନ୍ସର ଜେନେରାଲ ମ୍ୟାନେଜର ସବା କରିମ୍‌ଙ୍କୁ ଏ ବିଷୟରେ ପଚରାଯିବାରେ ସେ କହିଥିଲେ ଏଥିରେ ମୁଁ ସହମତି ଇରଫାନ ଟୁର୍ନାମେଣ୍ଟ ଖେଳି ନ ଥିଲେ। ଯୁବ ଖେଳାଳିଙ୍କ ଲାଗି ଉଦାହରଣ ସୃଷ୍ଟି ପାଇଁ ଏହି ଦଣ୍ଡବିଧାନ କରାଯାଇଛି। ସିନିୟର ଅଫିସିଆଲ ଜଣକ ଆହୁରି ମଧ୍ୟ ଯୁକ୍ତି ଦର୍ଶାଇଥିଲେ ଯେ, ବିସିସିଆଇ ଯଦି ଯୁବ ଖେଳାଳିଙ୍କ ଲାଗି ଉଦାହରଣ ସୃଷ୍ଟି ପାଇଁ ଏପରି କରିଛି ତେବେ ଦିଲ୍ଲୀ କିପର ଓ ବ୍ୟାଟ୍ସମ୍ୟାନ ଅନୁଜ ରାଓ୍ୱତଙ୍କୁ କିପରି ବିନା ଦଣ୍ଡରେ ଛାଡ଼ି ଦିଆଗଲା। ରାଓ୍ୱତ ପୂର୍ବତନ ପାକିସ୍ତାନ ଖେଳାଳିଙ୍କ ସହିତ ଖେଳିଥିଲେ, ଯେଉଁମାନେ ଆଇସିସି ଦୁର୍ନୀତି ନିରୋଧୀ ୟୁନିଟ୍ ରାଡାରରେ ଅଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଳଦୀବଟା ବୁକୁଫଟା**
**ପାଣି ଅଣା ବଡ଼ ସୁଖ**
**ଏଣେ ଯିବୁ ତେଣେ ଯିବୁ**
**ଦେଖିବୁ ଜନ ମୁଖ ।**

ହଳଦୀକୁ ଶିଳରେ ବାଟିବାରେ ଅନେକ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ, ଛାତି କାନ୍ଧ ଘୋଳାବିନ୍ଧା କରିଥାଏ। ଯେତେବେଳେ କି ପାଣି ବୋହିବାରେ ସେତେକଷ୍ଟ ଲାଗି ନ ଥାଏ। ସାଧାରଣତଃ ଝିଅବୋହୂମାନେ ପାଣି ବୋହିଲାବେଳେ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ବାଟ ଚାଲିଥାନ୍ତି। ଏପରି ମନର ଭାବ ଆଦାନପ୍ରଦାନ ଭିତରେ ପାଣି ବୋହିବାର ଶ୍ରମ କିଛିଟା ଲାଘବ ହୋଇଯାଇଥାଏ। ତେଣୁ ହଳଦୀ ବାଟିବାଠାରୁ ପାଣିବୋହିବା ସୁଖକର ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ହାତରେ ନ ଥାଇ ଧନ**
**ପୁଅ ବାହାକରି ମନ ।**

ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ହାତରେ ପଇସା ନ ଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାସ୍କେଟବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୫(କ୍ରୀଡ଼ା ପ୍ରତିନିଧି)



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଓ ୟୁନିଟ-୧ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ବାସ୍କେଟବଲ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ମେ ୧ରୁ ଆରମ୍ଭ ହୋଇଥିବା ଏହି ଶିବିରରେ ମୋଟ ୧୧୦ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ଏବଂ ଅଭିଜ୍ଞ କୋଚ୍ ରାଜେନ୍ଦ୍ର ପାଣିଙ୍କଠାରୁ ପିଲାମାନେ ବାସ୍କେଟବଲର ଟେକ୍‌ନିକ୍ ସମ୍ପର୍କରେ ଶିକ୍ଷା କରିବା ସହ ନିଜ ତ୍ରୁଟିକୁ ସୁଧାରିବା ସୁଯୋଗ ପାଇଛନ୍ତି। ''ବାତ୍ୟା ଫନୀ ଯୋଗୁ ପିଲାଙ୍କ ସଂଖ୍ୟା ଟିକେ କମିଗଲା। ତେବେ ଭାଗ ନେଇଥିବା ପିଲାମାନେ ଭଲ ପ୍ରଶିକ୍ଷଣ ପାଇଛନ୍ତି। ଭବିଷ୍ୟତରେ ଏହା ନିଶ୍ଚିତ ସେମାନଙ୍କ କାମରେ ଲାଗିବ'' ବୋଲି କୋଚ୍ ରାଜେନ୍ଦ୍ର ପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ସନାତନ ସାହୁ, ହକି କୋଚ୍ କାଳୁ ଚରଣ ଚୌଧୁରୀ ଓ ବାସ୍କେଟବଲ କୋଚ୍ ରାଜେଶ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଓସାକା, ସେରେନା, ଜୋକୋଭିଚ୍‌ଙ୍କ ବିଜୟ

ପ୍ୟାରିସ, ୩୦।୫ (ଏଏଫ୍‌ପି)

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସରେ ଗୁରୁବାର ଟପ୍ ସିଡ୍ ନାଓମି ଓସାକା ଓ ୨୪ତମ ଗ୍ରାଣ୍ଡସ୍ଲାମ ରେକର୍ଡ ଟାଇଟଲ ସମକକ୍ଷ ଲକ୍ଷ୍ୟରେ ଥିବା ସେରେନା ୱିଲିୟମ୍ସ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ତଥା ବିଶ୍ୱର ନମ୍ବର ୱାନ ନୋଭାକ ଜୋକୋଭିଚ ଏବଂ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ସେମାନଙ୍କ ମ୍ୟାଚରେ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଓସାକା କ୍ରମାଗତ ଦ୍ୱିତୀୟ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିବାବେଳେ ୨୦୧୮ ପୁରୁଷ ସିଙ୍ଗଲ୍ସ ରନର୍ସଅପ୍ ଡୋମିନିକ୍ ଥିମ୍ ଏକ ୪ସେଟ୍ ବିଶିଷ୍ଟ ମ୍ୟାଚ୍ ଜିତି ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୟୁଏସ୍ ଓପନ ଏବଂ ଅଷ୍ଟ୍ରେଲିଆନ ଓପନ୍ ପରେ ଫ୍ରେଞ୍ଚ ଓପନ୍ ଟାଇଟଲ ଲକ୍ଷ୍ୟରେ ରହିଥିବା ବିଶ୍ୱର ନମ୍ବର ୱାନ ଓସାକା ପ୍ରଥମ ସେଟ୍‌ରେ ପଛୁଆ ରହିବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପୂର୍ବତନ ବିଶ୍ୱର ନମ୍ବର ୱାନ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ୪-୬, ୭-୫, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ଏହି ଖେଳାଳି ଆନ୍ନା କାରୋଲିନା ସ୍କିମିଡ୍‌ଲୋଭାଙ୍କ ବିପକ୍ଷ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ମଧ୍ୟ ପ୍ରତ୍ୟାବର୍ତ୍ତନ ସହ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲେ। ଅଷ୍ଟ୍ରିଆର ଥିମ୍ ପୁରୁଷ ସିଙ୍ଗଲ୍ସରେ କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବ୍‌ଲିକ୍‌ଙ୍କ ବିପକ୍ଷ ମ୍ୟାଚରେ ବିଜୟ ହାସଲ କରି କ୍ରମାଗତ ଚତୁର୍ଥ ବର୍ଷ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ୫ ସେଟ୍ ବିଶିଷ୍ଟ ମ୍ୟାଚକୁ ୬-୩, ୬-୭ (୬/୮), ୬-୩, ୭-୫ରେ ଜିତି ନେଇଥିଲେ। ୩୭ ବର୍ଷୀୟ ସେରେନା ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଜାପାନିଜ କ୍ୱାଲିଫାୟର କୁରୁମି ନାରାଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ଥର ସମସ୍ତ ଗ୍ରାଣ୍ଡସ୍ଲାମ ଜିତିବାରେ ଦ୍ୱିତୀୟ ଖେଳାଳି ହେବା ଲକ୍ଷ୍ୟରେ ରହିଥିବା ଜୋକୋଭିଚ୍ ସୁଇସ୍ ଖେଳାଳି ହେନରୀ ଲାକ୍‌ସୋନେନ୍‌ଙ୍କୁ ୬-୧, ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ। ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

FINANCE
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486
09485827609

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
KUMAR FINANCE Regd. Co.
ମାର୍କଶିଟ୍ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
12 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକମାନଙ୍କ ପ୍ରତି ସାବଧାନ
7084824686
7347856284
H. No. 2, Ram Nagar, Narnol, Haryana

BUSINESS

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ହିନ୍ଦୁସ୍ତାନ ଫାଇନାନ୍ସ
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
85 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ
ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

See Color Display Classified on every Tuesday & Friday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏକାଧିକ ଥର ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୩୦।୫:** ସ୍ୱାଧୀନ ଭାରତରେ ନରେନ୍ଦ୍ର ମୋଦିଙ୍କୁ ମିଶାଇ ୧୫ ଜଣ ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ପଣ୍ଡିତ ଜବାହରଲାଲ ନେହେରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିବା ବେଳେ ଗୁଲଜାରିଲାଲ୍ ନନ୍ଦାଙ୍କୁ ଦୁଇଥରରେ କାମଚଳା ପ୍ରଧାନମନ୍ତ୍ରୀ କରାଯାଇଥିଲା। ଗୁରୁବାର ନରେନ୍ଦ୍ର ମୋଦି ୨ୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ତେବେ ମୋଦିଙ୍କ ସମେତ ୭ ଜଣ ପ୍ରଧାନମନ୍ତ୍ରୀ ଦୁଇ ବା ତତୋଧିକ ଥର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ପଣ୍ଡିତ ନେହେରୁ, ଗୁଲଜାରୀ ଲାଲ୍ ନନ୍ଦା, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ ଓ ଡ ମନମୋହନ ସିଂ ।

ଦେଶ ସ୍ୱାଧୀନ ହେବା ପରେ ପଣ୍ଡିତ ଜବାହରଲାଲ ନେହେରୁ ୪ଥରରେ ୧୬ ବର୍ଷ ୨୮୬ ଦିନ ଧରି ନିରବଚ୍ଛିନ୍ନ ଭାବେ ପ୍ରଧାନମନ୍ତ୍ରୀ ହୋଇଥିଲେ। ତାଙ୍କର କାର୍ଯ୍ୟକାଳ ୧୫ ଅଗଷ୍ଟ ୧୯୪୭ରୁ ଆରମ୍ଭ ହୋଇ ମେ ୨୭, ୧୯୬୪ ଯାଏ ଚାଲିଥିଲା। ତାଙ୍କ ପରେ ଗୁଲଜାରିଲାଲ ନନ୍ଦା ୨ଥରରେ କାମଚଳା ପ୍ରଧାନମନ୍ତ୍ରୀ ହୋଇଥିଲେ। ତାଙ୍କର ପ୍ରଥମ କାର୍ଯ୍ୟକାଳ ମେ ୨୭, ୧୯୬୪ରୁ ୯ଜୁନ୍ ୧୯୬୪ ଯାଏ ଏବଂ ଦ୍ୱିତୀୟ କାର୍ଯ୍ୟକାଳ ୧୧ ଜାନୁୟାରୀ ୧୯୬୬ରୁ ୨୪ ଜାନୁୟାରୀ ୧୯୬୬ ଯାଏ ଅର୍ଥାତ୍ ସେହି ୧୩ ଦିନ ଧରି ଏପରି ମୋଟ ୨୬ ଦିନ ଧରି ଚାଲିଥିଲା। ତେବେ ପଣ୍ଡିତ ନେହେରୁଙ୍କ ଭଳି ଇନ୍ଦିରା ଗାନ୍ଧୀ ମଧ୍ୟ ୪ ଥର ପ୍ରଧାନମନ୍ତ୍ରୀ ହୋଇପାରିଥିଲେ। ସେ ପ୍ରଥମ ପର୍ଯ୍ୟାୟରେ ନିରବଚ୍ଛିନ୍ନ ଭାବେ ୩ଥର ୨୪ ଜାନୁୟାରୀ, ୧୯୬୬ରୁ ୨୪ ମାର୍ଚ୍ଚ, ୧୯୭୭ ଯାଏ ଏପରି ମୋଟ ୧୧ ବର୍ଷ ୫୯ ଦିନ ଧରି ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିଲେ। ଏହାପରେ ସେ ୧୪ ଜାନୁୟାରୀ, ୧୯୮୦ରୁ ୩୧ ଅକ୍ଟୋବର ୧୯୮୪ ଯାଏ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଦାୟିତ୍ୱରେ ରହିଥିଲେ। ତେବେ ସେ ଏହି ସମୟରେ ୪ ବର୍ଷ ୨୯୧ ଦିନ ଧରି ପ୍ରଧାନମନ୍ତ୍ରୀ ରହିଥିଲେ ଏବଂ ୫ ବର୍ଷର କାର୍ଯ୍ୟକାଳ ପୂରଣ କରିପାରି ନ ଥିଲେ। ତାଙ୍କର ଜ୍ୟେଷ୍ଠ ପୁତ୍ର ରାଜୀବ ଗାନ୍ଧୀ ଦୁଇଥର ୩୧ ଅକ୍ଟୋବର, ୧୯୮୪ରୁ ୨ ଡିସେମ୍ବର, ୧୯୮୯ ଯାଏ ୫ ବର୍ଷ ୩୨ ଦିନ ଧରି ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହାପରେ ଅଟଳ ବିହାରୀ ବାଜପେୟୀ ୩ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ତାଙ୍କର ପ୍ରଥମ କାର୍ଯ୍ୟକାଳ ମେ ୧୬, ୧୯୯୬ରୁ ଆରମ୍ଭ ହୋଇ ଜୁନ୍ ପହିଲା, ୧୯୯୬ରେ ମାତ୍ର ୧୬ ଦିନ ପାଇଁ ଥିଲା। ଏହାପରେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ୧୯ ମାର୍ଚ୍ଚ ୧୯୯୮ରୁ ଆରମ୍ଭ ହୋଇ ୨୨ ମେ, ୨୦୦୪ରେ ଶେଷ ହୋଇଥିଲା। ଏହି ସମୟରେ ସେ ୬ ବର୍ଷ ୬୪ ଦିନ ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିଲେ। ତାଙ୍କ ପରେ ଡ ମନମୋହନ ସିଂ ୨ଥରରେ ୨୨ ମେ, ୨୦୦୪ରୁ ୨୬ ମେ, ୨୦୧୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ। ଡ ସିଂହ ୧୦ ବର୍ଷ ୪ ଦିନ ଧରି ପ୍ରଧାନମନ୍ତ୍ରୀ ହୋଇଥିଲେ। ତାଙ୍କ ସ୍ଥାନରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ୨୬ ମେ, ୨୦୧୪ରେ ପ୍ରଥମ କାର୍ଯ୍ୟକାଳ ଆରମ୍ଭ କରିଥିଲେ। ୩୦ ମେ, ୨୦୧୯ରେ ମୋଦି ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ କରିଛନ୍ତି। ଏପରି ଦେଖିଲେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମିଶାଇ ଦେଶର ୬ ଜଣ ପ୍ରଧାନମନ୍ତ୍ରୀ ୫ ବର୍ଷର କାର୍ଯ୍ୟକାଳ ପୂରଣ କରିବାରେ ସମର୍ଥ ହୋଇଛନ୍ତି।

## ସଂକ୍ଷେପରେ

### ଆଇନସେବା ପ୍ରାଧିକରଣ ସମ୍ପାଦକଙ୍କ ଘରୁ ଚୋରି

**ପୁରୀ ଅଫିସ, ୩୦।୫:** ଟାଉନ ଥାନା ଅଧୀନ ଏଲ୍ଆଇସି କଲୋନୀସ୍ଥିତ ପୁରୀ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ଅମରେଶ ମହାପାତ୍ରଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ଏ ନେଇ ମହାପାତ୍ର ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ମହାପାତ୍ରଙ୍କ ପରିବାର ଲୋକେ ଶ୍ରୀମନ୍ଦିରକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି କଳାକଳା ବୁଲାଇଛି। ମନ୍ଦିରରୁ ଫେରିବା ପରେ ପରିବାର ଲୋକେ ସାମଗ୍ରୀ ସବୁ ଏଣେତେଣେ ପଡ଼ିଥିବା ଦେଖିବାକୁ ପାଇଥିଲେ।

କଂଗ୍ରେସ ବିଧାୟକ ଦଳ ବୈଠକ

### ନରସିଂହ ହେବେ ବିଧାୟକ ଦଳ ନେତା

**ଭୁବନେଶ୍ୱର, ୩୦।୫(ବ୍ୟୁରୋ):** ୨୦୧୯ ନିର୍ବାଚନରେ କଂଗ୍ରେସ ମାତ୍ର ୯ଟି ବିଧାନସଭା ଆସନରେ ସଫଳତା ପାଇଛି। ଚଳିତ ଥର ରାଜ୍ୟରେ କଂଗ୍ରେସ ତୃତୀୟ ସ୍ଥାନକୁ ଖସି ଆସିଛି। ଭାଜପା ପ୍ରଥମଥର ଲାଗି ବିଧାନସଭାରେ ବିରୋଧୀ ଦଳ ଆସନ ଗ୍ରହଣ କରିବ। ଏହା ପୂର୍ବରୁ କଂଗ୍ରେସ ବିଧାୟକ ଦଳ ବୈଠକ ଗୁରୁବାର ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ନିର୍ବାଚିତ ହୋଇଥିବା ସମସ୍ତ ବିଧାୟକମାନେ ଉପସ୍ଥିତ ଥିଲେ। ଏହାସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟରୁ ଜିତିଥିବା ଜଣେ ମାତ୍ର ଏମ୍ପି ସପ୍ତଗିରି ଉଲ୍ଲାକା ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ବିଧାୟକ ଦଳ ନେତା ଚୟନ କରାଯାଇଛି। ବିଧାୟକମାନେ ଏକାଠି ନରସିଂହ ମିଶ୍ରଙ୍କୁ ବିଧାୟକ ଦଳ ନେତା ଭାବେ ଚୟନ ହୋଇଛନ୍ତି। ଏନେଇ ମୋହନା ବିଧାୟକ ଦାସରଥୀ ଗମାଙ୍ଗ ଏନେଇ ସୂଚନା ଦେଇଛନ୍ତି।

### ଧର୍ମେନ୍ଦ୍ରଙ୍କ ରାଜନୈତିକ ସଫଳତା

ଭୁବନେଶ୍ୱର, ୩୦।୫(ବ୍ୟୁରୋ): ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣିଥରେ କ୍ୟାବିନେଟ୍ ପାହ୍ୟା ମିଳିଛି। ଧର୍ମେନ୍ଦ୍ର ୩୦ବର୍ଷରେ ପ୍ରଥମ ଥର ଲାଗି ବିଧାୟକ ନିର୍ବାଚିତ ହେଲେ । ୨୦୦୦ରୁ ୨୦୦୪ ବିଧାନସଭା ବିତର୍କରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ତାଙ୍କୁ ଶ୍ରେଷ୍ଠ ବିଧାୟକର ସମ୍ମାନ ମିଳିଥିଲା । ଛାତ୍ର ସଙ୍ଗଠନ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ଓ ରାଜ୍ୟ ଏବିଭିପିରେ ନେତୃତ୍ୱ ଓ ସଙ୍ଗଠନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ୨୦୦୪ରୁ ୨୦୦୯ ଦେବଗଡ ଲୋକ ସଭା ନିର୍ବାଚନମଣ୍ଡଳୀରୁ ଏମ୍ପିଭାବେ ନିର୍ବାଚିତ ହୋଇଥିଲେ। ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷ ମଧ ହୋଇଛନ୍ତି। ବିହାର, କର୍ଣାଟକ, ଛତିଶଗଡ, ଝାଡଖଣ୍ଡ, ଉତ୍ତରାଖଣ୍ଡ ଆଦି ରାଜ୍ୟର ନିର୍ବାଚନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ୨୦୧୨ରୁ ୨୦୧୮ ବିହାର ଭଳି ରାଜ୍ୟରୁ ରାଜ୍ୟ ସଭାକୁ ଯାଇଥିଲେ । ପୁଣି ଦ୍ୱିତୀୟ ଥର ୨୦୧୮ରେ ମଧ୍ୟପ୍ରଦେଶରୁ ରାଜ୍ୟ ସଭାକୁ ଯାଇ ମନ୍ତ୍ରୀ ହୋଇଛନ୍ତି।

■ସରକାରୀ ଯୋଜନାରୁ ବଞ୍ଚିତ ୯ ହିତାଧିକାରୀ

# ଆବେଦନ ସତ୍ତ୍ୱେ ମିଳୁନି ଭତ୍ତା

**ବଁଅରପାଳ, ୩୦।୫ (ଡି.ଏନ୍.ଏ.)**



ଭତ୍ତାରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନେ।

ସରକାର ବୃଦ୍ଧା, ବୃଦ୍ଧ, ସ୍ୱାମୀହରା ଓ ଭିନ୍ନକ୍ଷମମାନଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରିଛନ୍ତି। ହେଲେ ଅନେକ ସମୟରେ ଏହି ଯୋଜନାରେ ସାମିଲ ହେବାକୁ ବହୁ ବ୍ୟକ୍ତିଙ୍କ ଯୋଗ୍ୟତା ଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଯୋଗୁ ସେମାନଙ୍କୁ ବଞ୍ଚିତ ହେବାକୁ ପଡୁଛି। ଭତ୍ତା ଆଶାରେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ ବ୍ଲକ ପର୍ଯ୍ୟନ୍ତ ଦୌଡୁଥିଲେ ମଧ ହିତାଧିକାରୀ ହୋଇପାରୁ ନାହାନ୍ତି। ବଁଅରପାଳ ବ୍ଲକ ବଳରାମପ୍ରସାଦ ସିତୁରା ସାହିରେ ରହୁଥିବା ୯ଜଣ ବୃଦ୍ଧା, ବୃଦ୍ଧ ଓ ସ୍ୱାମୀହରା ସରକାରଙ୍କ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।

ସାହିର ଚଞ୍ଚଳା ପ୍ରଧାନ। ବୟସ ୬୦ ବର୍ଷ। ସ୍ୱାମୀ ପ୍ରଫୁଲ୍ଲ ପ୍ରଧାନ ଦୁଇ ବର୍ଷ ହେଲା ମୃତ୍ୟୁବରଣ କରିଛନ୍ତି। କିନ୍ତୁ ବାରମ୍ବାର ଆବେଦନ ପରେ ବି ଚଞ୍ଚଳାଙ୍କୁ ବିଧବା ଭତ୍ତା ମିଳିନାହିଁ। ସାହିର ମାନି ଗୋଚ୍ଛାୟତଙ୍କୁ ୬୦ ଟପିଲାଣି। ତାଙ୍କ ସ୍ୱାମୀ ହେମନ୍ତ ଗୋଚ୍ଛାୟତଙ୍କ ଦେଢ଼ ବର୍ଷ ହେବ ମୃତ୍ୟୁ ହୋଇଛି। ତାଙ୍କ ଆଖିକୁ ମଧ ଦେଖାଯାଉନି। ସେ ଭିନ୍ନକ୍ଷମ ସାଙ୍ଗକୁ ବିଧବା ହୋଇଥିଲେ ମଧ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ସେହିପରି ସୋମନାଥ ବେହେରା(୬୫), କୁମର ଦେହୁରୀ(୭୦), କାଳିଆ ଦେହୁରୀ(୬୫), ଗେହ୍ଲେଇ ପ୍ରଧାନ(୭୦), ସୌଦା ପ୍ରଧାନ(୬୫), କ୍ଷୀରି ମାଝି(୬୦)ଙ୍କ ମଧ ଏଯାଏ ଭତ୍ତା ଯୋଜନାରେ ସାମିଲ କରାଯାଇ ନାହିଁ। ବାରମ୍ବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇ ଆବେଦନ କରିଥିଲେ ବି ଭତ୍ତା ମିଳିପାରୁ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଡିଓ ସ୍ୱରୂପାନନ୍ଦ ସାହୁଙ୍କ ଫୋନ ନ ଲାଗିବାରୁ ମତାମତ ମତାମତ ମିଳିପାରିନାହିଁ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମି ରେଖା କହିଛନ୍ତି, ହିତାଧିକାରୀମାନେ ପୁନଶ୍ଚ ବ୍ଲକ କାର୍ଯ୍ୟାଳୟରେ ଦରଖାସ୍ତ ଆବେଦନ କରନ୍ତୁ। ନିଶ୍ଚିତ ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ।

## 'ଫନୀ କ୍ଷତିଗ୍ରସ୍ତ ସ୍କୁଲ ପୁନରୁଦ୍ଧାରକୁ ଗୁରୁତ୍ୱ'

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପୁରୀ ଓ ଖୋର୍ଦ୍ଧା ଜିଲାର ଅଧିକାଂଶ ସରକାରୀ ସ୍କୁଲଘର କ୍ଷତିଗ୍ରସ୍ତ ହୋଇଛି। ଆସନ୍ତା ୧୯ ତାରିଖରେ ସ୍କୁଲ ଖୋଲିବାକୁ ଥିବାରୁ ଏହା ପୂର୍ବରୁ ମରାମତି ଆବଶ୍ୟକ ରହିଛି। ତେଣୁ କ୍ଷତିଗ୍ରସ୍ତ ବିଦ୍ୟାଳୟ ଭିତ୍ତିଭୂମିର ପୁନରୁଦ୍ଧାର ସରକାରଙ୍କ ପ୍ରାଥମିକତା ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର କହିଛନ୍ତି। ସେହିପରି ତୁରନ୍ତ ପୁନରୁଦ୍ଧାର ପାଇଁ ପୂର୍ତ୍ତ, ପଞ୍ଚାୟତିରାଜ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ରଖାଯାଇ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିବ। ସ୍କୁଲ ଖୋଲିବା ପୂର୍ବରୁ ଯେପରି ସବୁ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ଯୋଗାଇ ଦିଆଯିବ, ସେଥିପ୍ରତି ବିଭାଗ ଦୃଷ୍ଟି ଦେଉଥିବା ମନ୍ତ୍ରୀ ସମୀର କହିଛନ୍ତି। ନିକଟରେ ମାଟ୍ରିକ ଫଳ ପ୍ରକାଶ ପାଇଥିଲା। ଏଥିରେ କେତେକ ବିଦ୍ୟାଳୟ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କ ଉପରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଆଗକୁ ମଧ ମାଟ୍ରିକ ପାସ୍ ହାର ବୃଦ୍ଧି ସହ ଖରାପ ପ୍ରଦର୍ଶନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସମୀର ସୂଚନା ଦେଇଛି।

## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩୦।୫(ବ୍ୟୁରୋ):** ମୋଦିଙ୍କ ୨ୟ ପାଳି ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀଭାବେ ଶପଥ ନେବାପରେ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂଆ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ପ୍ରତାପ ଷଡଙ୍ଗୀଙ୍କ ଉପସ୍ଥିତିରେ ଗଣମାଧ୍ୟମଙ୍କୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର କହିଛନ୍ତି, ଗତ ୫ବର୍ଷରେ ଭଲ କାମ କରିବା ଯୋଗୁ ଓଡିଶାବାସୀ ଆଶା ଓ ଭରସା ରଖି ଭାଜପାକୁ ଅଭୂତପୂର୍ବ ଜନ ସମର୍ଥନ ଦେଇଛନ୍ତି। ୫ ବର୍ଷରେ ଆହୁରି ନିଷ୍ଠା ଓ ମନ ପ୍ରାଣ ଲଗାଇ କାର୍ଯ୍ୟ କରି ଓଡିଶାବାସୀଙ୍କ ସେବା କରିବାକୁ ମୋଦିଙ୍କ ମନ୍ତ୍ରିମଣ୍ଡଳ ସମର୍ପିତ। ମୋଦିଙ୍କ ମାର୍ଗଦର୍ଶନ ଓ ଦୃଷ୍ଟିକୋଣ ଆଧାରରେ ନୂଆ ଭାରତର ନୂଆ ଓଡିଶାର ପ୍ରଗତି ସମ୍ଭବ ବୋଲି ସେ କହିଛନ୍ତି। ଓଡିଶାର ୨ଜଣଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିଥିବାରୁ ଧର୍ମେନ୍ଦ୍ର ପ୍ରଧାନମନ୍ତ୍ରୀ ଓ ଭାଜପା ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନର୍ସିଂହୋମ ୩ ମହଲାରୁ ଖସି ସୁଇପରଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଭଦ୍ରକ ଅଫିସ, ୩୦।୫**

ଭଦ୍ରକ ଟାଉନ ଥାନା ଅଧୀନ ଗାନ୍ଧୀପଡ଼ିଆରେ ଥିବା ଏକ ନର୍ସିଂହୋମରେ ଗୁରୁବାର ଭୋରୁ ୩ ମହଲାରୁ ଖସି ପଡ଼ି ଜଣେ ସୁଇପରଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା କୁପାରୀ ଏକାଦୋଳି ଅଞ୍ଚଳର ମହେଶ୍ୱର ଦାସ। ଏ ନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୦/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅନ୍ୟପକ୍ଷେ ମହେଶ୍ୱରଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ମହେଶ୍ୱର ଦୀର୍ଘଦିନ ଧରି ଉକ୍ତ ନର୍ସିଂହୋମରେ ସୁଇପର ଭାବେ କାର୍ଯ୍ୟ କରିଆସୁଥିଲେ। ଗତ କିଛିଦିନ ଧରି ସେ ଏଠାରେ କାମ କରିବାକୁ ଅନିଚ୍ଛା ପ୍ରକାଶ କରି ଗାଁକୁ ପଳାଇଯାଇଥିଲେ। ୫ ଦିନ ତଳେ ନର୍ସିଂହୋମର ମ୍ୟାନେଜର ତାଙ୍କୁ ଡାକି ପୁଣି କାମରେ ନିୟୋଜିତ କରାଇଥିଲେ। କାମରେ କିଛି ଅସୁବିଧା ହେବ ନାହିଁ ବୋଲି ମ୍ୟାନେଜର ପ୍ରତିଶ୍ରୁତି ଦେବା ପରେ ସେ କାମ କରିଥିଲେ। ଗୁରୁବାର ଭୋର ସମୟରେ ତାଙ୍କୁ ୩ୟ ମହଲାରୁ ଠେଲିଦିଆଯାଇଛି। ଏ ନେଇ ମହେଶ୍ୱରଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ସରୋଜିନୀ ସିଂ କହିଛନ୍ତି।

# ବିଜେପୁରକୁ ପ୍ରାଧାନ୍ୟ: ଆସନ ଛାଡ଼ିବା ନେଇ ଚର୍ଚ୍ଚା

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ ପୁଣି ଚର୍ଚ୍ଚାକୁ ଆସିଛି। ୨୦୧୭ ଦ୍ୱିତୀୟାର୍ଦ୍ଧରେ ତତ୍କାଳୀନ ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ସେହି ଆସନ ଖାଲି ପଡିବାରୁ ଉପନିର୍ବାଚନ ଆବଶ୍ୟକ ହୋଇଥିଲା। ଶାସକ ଦଳ ବିଜେଡି ସ୍ୱର୍ଗତ ସୁବଳ ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ପ୍ରାର୍ଥୀ କରିଥିଲା। କଂଗ୍ରେସ ପ୍ରଣୟ ସାହୁ ଏବଂ ଭାଜପା ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଥିଲା। ଘଟଣାକ୍ରମରେ ୨୦୧୮ରେ ହୋଇଥିବା ଉପନିର୍ବାଚନରେ ରୀତା ବହୁ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ହେଲେ ୨୦୧୯ ସାଧାରଣ ନିର୍ବାଚନରେ ରୀତାଙ୍କୁ ବିଜେଡି ପ୍ରାର୍ଥୀ କରି ନ ଥିଲା। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ଆସନରୁ ବିଜେଡି ବିଧାୟକଭାବେ ଲଢି ବିଜୟୀ ହୋଇଛନ୍ତି। ପୂର୍ବଭଳି ନିଜ ପାରମ୍ପରିକ ଆସନ ହିଞ୍ଜିଳିରେ ମଧ ପ୍ରାର୍ଥୀ ହୋଇ ନବୀନ ବିଜୟୀ ହୋଇଛନ୍ତି। ତେଣୁ ୬ ମାସ ମଧ୍ୟରେ ନବୀନଙ୍କୁ ଗୋଟିଏ ଆସନ ଛାଡ଼ିବାକୁ ପଡିବ। ତେଣୁ ବିଜେପୁରକୁ ଛାଡିବା ସମ୍ଭାବନା ବେଶି ଥିବାରୁ ସେଠାରେ ଉନ୍ନତିମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଥିବା ରାଜଧାନୀରେ ଚର୍ଚ୍ଚା ଜୋର ଧରିଛି।

ଯଦି ମୁଖ୍ୟମନ୍ତ୍ରୀ ବିଜେପୁର ଆସନ ଛାଡନ୍ତି, ତେବେ ସେଠାରୁ କାହାକୁ ପ୍ରାର୍ଥୀ କରାଯିବ। ବିଜେପୁର ନ ଛାଡି ଯଦି ହିଞ୍ଜିଳି ଛାଡନ୍ତି, ତେବେ ସେଠାରୁ କିଏ ପ୍ରାର୍ଥୀ ହେବ, ସେ ଚର୍ଚ୍ଚା ଜୋର ଧରିଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ଆସନ ଛାଡିବା ଚର୍ଚ୍ଚା ଜୋର ଧରିଥିଲା। ଏପରିକି ମୁଖ୍ୟମନ୍ତ୍ରୀଙ୍କ ପୁତୁରା ତଥା ବଡ଼ଭାଇ ପ୍ରେମ୍ ପଟ୍ଟନାୟକଙ୍କ ପୁତ୍ର ଅରୁଣ ପଟ୍ଟନାୟକ ସେହି ଆସନରୁ ଲଢିବେ ବୋଲି ଆଲୋଚନା ହେଉଥିଲା ମାତ୍ର ଶପଥ ଗ୍ରହଣର ଦୁଇଦିନ ପୂର୍ବରୁ ତାଙ୍କ ପରିବାରରୁ କେହି ରାଜନୀତିକୁ ଆସିବେ ନାହିଁ, ତାଙ୍କ ଉତ୍ତରାଧିକାରୀଙ୍କୁ ରାଜ୍ୟବାସୀ ବାଛିବେ ବୋଲି ମୁଖ୍ୟମନ୍ତ୍ରୀ ଜାତୀୟ ଗଣମାଧ୍ୟମରେ ମତାମତ ଦେଇଥିଲେ। ତେଣୁ ମୁଖ୍ୟମନ୍ତ୍ରୀ କେଉଁ ଆସନ ରଖି କେଉଁଟି ଛାଡୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ବିଜେପୁରକୁ ପଞ୍ଚମ ପାଳିର ଦ୍ୱିତୀୟ ଦିନରୁ ମୁଖ୍ୟମନ୍ତ୍ରୀଙ୍କ ଏତେଟା ପ୍ରାଧାନ୍ୟ, ସେହି ସିଟ୍ ଛାଡିବା ସମ୍ଭାବନା ଅଧିକ ଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ତେଣୁ ନବୀନ କେଉଁ ଆସନ ଛାଡି କେଉଁଟିକୁ ରଖୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

### ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଘୋଷଣା



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୮ | ୨୬.୧ |
| ଚାନ୍ଦବାଲି | ୩୯.୭ | ୨୮.୭ |
| କଟକ | ୩୭.୬ | ୨୬.୪ |
| ପାରାଦ୍ୱୀପ | ୩୨.୯ | ୨୮.୭ |
| ଭୁବନେଶ୍ୱର | ୩୮.୨ | ୨୮.୨ |
| ଗୋପାଳପୁର | ୩୨.୮ | ୨୭.୫ |
| ପୁରୀ | ୩୪.୨ | ୧୯.୪ |
| ଅନୁଗୋଳ | ୪୧.୭ | ୨୪.୦ |
| ବାରିପଦା | ୩୯.୦ | ୨୭.୦ |
| ଝାରସୁଗୁଡ଼ା | ୪୨.୨ | ୨୭.୮ |
| କେନ୍ଦୁଝର | ୩୯.୫ | ୨୪.୭ |
| ସମ୍ବଲପୁର | ୪୧.୩ | ୨୭.୦ |
| ସୁନ୍ଦରଗଡ଼ | ୪୧.୦ | ୨୨.୦ |
| ହୀରାକୁଦ | ୪୧.୧ | ୨୬.୯ |
| ତାଳଚେର | ୪୧.୭ | ୨୬.୩ |
| ଭବାନୀପାଟଣା | ୪୨.୦ | ୨୫.୩ |
| ବଲାଙ୍ଗୀର | ୪୨.୫ | ୨୭.୦ |
| କୋରାପୁଟ | ୩୪.୨ | ୧୯.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୪.୦ | ୨୩.୬ |
| ମାଲକାନଗିରି | ୩୯.୦ | ୧୭.୨ |
| ସୋନପୁର | ୪୧.୦ | ୨୪.୦ |
| ଦାରିଙ୍ଗିବାଡ଼ି | ୩୪.୦ | ୨୧.୫ |

ଡିଗ୍ରୀ ସେଲ୍ସିୟସ୍

# ଭଙ୍ଗାଘରେ କଟୁଛି କରୁଣାକରଙ୍କ ଜୀବନ

**ଅନୁଗୋଳ ଅଫିସ, ୩୦।୫**

### ମିଳିନି ଫନୀ ସହାୟତା



ଅନୁଗୋଳ ବ୍ଲକ ବେଢ଼ାଶାସନ ପଞ୍ଚାୟତ ହମାମୀରା ଗ୍ରାମର କରୁଣାକର ସାହୁଙ୍କ ଛପର ଫନୀରେ କ୍ଷତିଗ୍ରସ୍ତ ହୋଇଥିଲା। ତାଙ୍କ ଘର ମଧ ଭାଙ୍ଗି ଯାଇଥିଲା। କିନ୍ତୁ ସରକାରୀ ସହାୟତା ତ ଦୂରର କଥା ଅଦ୍ୟାବଧି ମୁଣ୍ଡ ଗୁଞ୍ଜିବା ପାଇଁ ତାଙ୍କୁ ଜରି ପାଲଟିଏ ମଧ ପ୍ରଦାନ କରାଯାଇ ନାହିଁ। ଫଳରେ ମୁଣ୍ଡଫଟା ଖରାରେ ଭଙ୍ଗାଦଦରା ଘରେ ସେ ମୁଣ୍ଡ ଗୁଞ୍ଜୁଥିବା ଅଭିଯୋଗ କରିଛନ୍ତି।

କରୁଣାକରଙ୍କୁ ମିଶାଇ ତାଙ୍କ ପରିବାରର ମୋଟ୍ ୬ ଜଣ କେତେବେଳେ ଭଙ୍ଗା ଘରେ ତ କେବେ ଖୋଲା ଆକାଶ ତଳେ ରହୁଛନ୍ତି। ପ୍ରଶାସନର କୌଣସି ଅଧିକାରୀ ତାଙ୍କ ନିକଟରେ ପହଞ୍ଚି ନାହାନ୍ତି। ୧୫ ଦିନ କାଳ ଖୋଲା ଆକାଶ ତଳେ ବୃଦ୍ଧ ବାପା ଓ ଦୁଇ ପିଲାଙ୍କ ସହ ପଡ଼ିରହିବା ପରେ ଏବେ ଏକ ଝାଟିମାଟି ଘର କରି ସେଥିରେ ପିଲାଙ୍କୁ ଥଇଥାନ କରିଛନ୍ତି। ତେବେ ଫନୀକୁ ପାଖାପାଖି ମାସେ ପୂରିବାକୁ ଯାଉଥିବାବେଳେ କରୁଣାକରଙ୍କୁ ସହାୟତା ପ୍ରଦାନ କରା ନ ଯିବା ନେଇ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ କହିଛନ୍ତି ଯେ, ଘର ଭଙ୍ଗା ଲୋକଙ୍କୁ ତୁରନ୍ତ ପଲିଥିନ ମିଳିବା କଥା। କିନ୍ତୁ ତାଙ୍କୁ କାହିଁକି ପ୍ରଦାନ କରାଯାଇ ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରାଯିବ। ଘର ଭଙ୍ଗା ଟଙ୍କା ବର୍ତ୍ତମାନ ସୁଦ୍ଧା ଆସି ନ ଥିବାରୁ କାହାରିକୁ ପ୍ରଦାନ କରାଯାଇ ନାହିଁ। ଟଙ୍କା ଆସିବା ପରେ ପ୍ରଭାବିତ ହୋଇଥିବା ଲୋକମାନଙ୍କୁ ଟଙ୍କା ପ୍ରଦାନ କରାଯିବ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜମେଣ୍ଟ ଶାଖା (SAMB)
ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.:୦୬୭୪-୨୫୩୬୦୩୭/୩୮/୩୯, ଫାକ୍ସ ନଂ.:୦୬୭୪-୨୫୩୬୦୩୬, E-mail: sbi.10130@sbi.co.in

ସର୍ବସାଧାରଣ ନୋଟିସ୍

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଛି ଯେ, ନୋଟିସରେ ଦର୍ଶିତ ଋଣଗ୍ରହୀତା ଓ ବନ୍ଧକଦାତାମାନେ ବ୍ୟାଙ୍କରୁ ଋଣ/କ୍ରେଡିଟ ଫ୍ୟାସିଲିଟି ନେଇଛନ୍ତି ଏବଂ ସେମାନଙ୍କୁ ବାରମ୍ବାର ନୋଟିସ୍ ଦେବା ଦ୍ୱାରା ସେମାନେ ଋଣ ଶୁଝୁ ନାହାନ୍ତି । ପୁନଶ୍ଚ ନିମ୍ନ ଲିଖିତ ଋଣଗ୍ରହୀତା ଏବଂ ଜାମିନଦାରମାନେ ଇଚ୍ଛାକୃତ ଖିଲାପକାରୀ ହୋଇଥିବାରୁ ସେମାନଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟ ଗ୍ରହଣ କରାଯାଇଛି । ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରିଦିଆ ଯାଉଛି ଯେ, ନୋଟିସରେ ଦର୍ଶିତ ଋଣଗ୍ରହୀତା/ଜାମିନଦାରମାନଙ୍କ ସହିତ କୌଣସି ଚୁକ୍ତି କରିଲେ ବ୍ୟାଙ୍କ ନିକଟରେ ଉପଲବ୍ଧ ଥିବା ଆଇନ୍‌ର ଆଶ୍ରୟ ନିଆଯିବ । ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ପନ୍ଦର ଦିନ ମଧ୍ୟରେ ସେମାନଙ୍କର ଋଣ ପରିଶୋଧ କରନ୍ତୁ ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

| କ୍ର. ନଂ. | ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଋଣଗ୍ରହୀତା/ ଜାମିନଦାରମାନଙ୍କ ଫଟୋ |
|---|---|---|
| 1. | ଋଣଗ୍ରହୀତାମାନଙ୍କ ନାମ : ମେସର୍ସ କ୍ରିଷ୍ଣା ଫେରୋ ପ୍ରଡକ୍ଟସ ଲିମିଟେଡ୍, ଠିକଣା : ଏହାର ମ୍ୟାନେଜିଂ ଡାଇରେକ୍ଟରଙ୍କ ପ୍ରତିନିଧିତ୍ୱରେ : ଶ୍ରୀ ହରିକିଶନ ଅଗରୱାଲ, ସା : ମାଣ୍ଡିଆକୁଦର, ପୋ : ଚୁଙ୍ଗିମାଟି, ଜିଲ୍ଲା : ସୁନ୍ଦରଗଡ଼ (ଓଡ଼ିଶା), ପିନ୍-୭୭୦୦୩୪ । | |
| 2. | ଜାମିନଦାରମାନଙ୍କ ନାମ : ଶ୍ରୀ ହରିକିଶନ ଅଗରୱାଲ, ଠିକଣା : ପିତା : ସ୍ୱ ନନ୍ଦ କିଶୋର ଅଗରୱାଲ, ମେସର୍ସ କ୍ରିଷ୍ଣା ଫେରୋ ପ୍ରଡକ୍ଟସ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର, ୱାର୍ଡ ନଂ. ୪, ମସଜିଦ୍ ରୋଡ, ସା/ପୋ : ରାଜଗାଙ୍ଗପୁର, ଜିଲ୍ଲା : ସୁନ୍ଦରଗଡ଼, (ଓଡ଼ିଶା), ପିନ୍-୭୭୦୦୧୭ । (ଶ୍ରୀ ହରିକିଶନ ଅଗରୱାଲ ମଧ ମେସର୍ସ କ୍ରିଷ୍ଣା ଏଣ୍ଟରପ୍ରାଇଜର୍ସର ସତ୍ତ୍ୱାଧିକାରୀ ଯିଏକି ଇଚ୍ଛାକୃତ ଋଣ ଖିଲାପକାରୀ ଭାବେ ଘୋଷିତ ହୋଇଛନ୍ତି) |  ଶ୍ରୀ ହରିକିଶନ ଅଗରୱାଲ |
| 3. | ଜାମିନଦାରମାନଙ୍କ ନାମ : ଶ୍ରୀମତୀ ଶ୍ୱେତା କିଶନ ଅଗରୱାଲ, ଠିକଣା : ସ୍ୱାମୀ : ହରିକିଶନ ଅଗରୱାଲ, ମେସର୍ସ କ୍ରିଷ୍ଣା ଫେରୋ ପ୍ରଡକ୍ଟସ୍ ଲିମିଟେଡ୍‌ର ଡାଇରେକ୍ଟର, ୱାର୍ଡ ନଂ. ୪, ମସଜିଦ୍ ରୋଡ, ସା/ପୋ : ରାଜଗାଙ୍ଗପୁର, ଜିଲ୍ଲା : ସୁନ୍ଦରଗଡ଼, (ଓଡ଼ିଶା), ପିନ୍-୭୭୦୦୧୭ । ୟୁନିଟ୍‌ର ନାମ : ମେସର୍ସ କ୍ରିଷ୍ଣା ଫେରୋ ପ୍ରଡକ୍ଟସ୍ ଲିମିଟେଡ୍ ମୋଟ ଦେୟ : ଟ. ୫୦,୭୬,୩୦,୬୮୩.୧୫ (+ ତା. ୨୮.୦୫.୨୦୧୯ ସୁଦ୍ଧା ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ) |  ଶ୍ରୀମତୀ ଶ୍ୱେତା କିଶନ ଅଗରୱାଲ |
| | ଋଣଗ୍ରହୀତାଙ୍କ ନାମ : ମେସର୍ସ ଏଆରଏସ୍ଏସ୍ ଇନ୍‌ଫ୍ରାଷ୍ଟ୍ରକଚରସ୍ ପ୍ରୋଜେକ୍ଟସ୍ ଲିମିଟେଡ୍, ଠିକଣା : ଏହାର ଚେୟାରମ୍ୟାନ ଶ୍ରୀ ସୁବାସ ଅଗରୱାଲଙ୍କ ପ୍ରତିନିଧିତ୍ୱରେ ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୨/୮୮, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ । | |
| 1. | ଜାମିନଦାରଙ୍କ ନାମ : ଶ୍ରୀ ସୌମେନ୍ଦ୍ର କେଶରୀ ପଟ୍ଟନାୟକ, ପିତା : ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ, ପ୍ଲଟ ନଂ. ୧୩୫୪/୯୬୧୯, ସତ୍ୟ ବିହାର, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦. |  ଶ୍ରୀ ସୌମେନ୍ଦ୍ର କେଶରୀ ପଟ୍ଟନାୟକ |
| 2. | ଜାମିନଦାରଙ୍କ ନାମ : ଶ୍ରୀ ସୁବାସ ଅଗରୱାଲ, ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୨/୮୮, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ସୁବାସ ଅଗରୱାଲ |
| 3. | ଜାମିନଦାରଙ୍କ ନାମ : ଶ୍ରୀ ରାଜେଶ ଅଗରୱାଲ, ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଭିଆପି-୧୫୭, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ରାଜେଶ ଅଗରୱାଲ |
| 4. | ଜାମିନଦାରଙ୍କ ନାମ : ଶ୍ରୀ ସୁନିଲ୍ ଅଗରୱାଲ, ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ସୁନିଲ୍ ଅଗରୱାଲ |
| 5. | ଜାମିନଦାରଙ୍କ ନାମ : ଶ୍ରୀ ଅନିଲ୍ ଅଗରୱାଲ, ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ଅନିଲ୍ ଅଗରୱାଲ |
| 6. | ଜାମିନଦାରଙ୍କ ନାମ : ଶ୍ରୀ ମୋହନଲାଲ୍ ଅଗରୱାଲ, ପିତା : ଶ୍ରୀ ତାରାଚନ୍ଦ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ମୋହନଲାଲ୍ ଅଗରୱାଲ |
| 7. | ଜାମିନଦାରଙ୍କ ନାମ : ଶ୍ରୀମତୀ ରାମଦୁଲାରୀ ଅଗରୱାଲ, ସ୍ୱାମୀ : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀମତୀ ରାମଦୁଲାରୀ ଅଗରୱାଲ |
| 8. | ଜାମିନଦାରଙ୍କ ନାମ : ଶ୍ରୀମତୀ ସୀମା ଅଗରୱାଲ, ସ୍ୱାମୀ : ଶ୍ରୀ ଅନିଲ୍ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀମତୀ ସୀମା ଅଗରୱାଲ |
| 9. | ଜାମିନଦାରଙ୍କ ନାମ : ଶ୍ରୀମତୀ ସଙ୍ଗୀତା ଅଗରୱାଲ, ସ୍ୱାମୀ : ଶ୍ରୀ ରାଜେଶ ଅଗରୱାଲ, ଭିଆପି-୧୫୭, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀମତୀ ସଙ୍ଗୀତା ଅଗରୱାଲ |
| 10. | ଜାମିନଦାରଙ୍କ ନାମ : ଶ୍ରୀମତୀ ସଞ୍ଜୁ ଅଗରୱାଲ, ସ୍ୱାମୀ : ଶ୍ରୀ ସୁବାଷ ଅଗରୱାଲ, ଏନ୍-୨/୮୮, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀମତୀ ସଞ୍ଜୁ ଅଗରୱାଲ |
| 11. | ଜାମିନଦାରଙ୍କ ନାମ : ଶ୍ରୀମତୀ ସବିତା ଅଗରୱାଲ, ସ୍ୱାମୀ : ଶ୍ରୀ ସୁନିଲ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. ୟୁନିଟ୍‌ର ନାମ : ମେସର୍ସ ଏଆରଏସ୍ଏସ୍ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ଲିମିଟେଡ୍ ମୋଟ ଦେୟ: ବକେୟା ରାଶି: ୭୪୩,୪୯,୧୩,୬୫୧.୭୮ ଉପାର୍ଜିତ ସୁଧ:୮୫୩,୪୧,୩୩,୦୨୪.୨୨ ଅନ୍ୟାନ୍ୟ ଖର୍ଚ୍ଚ: ୩୦,୩୭,୬୪୨.୦୦ ମୋଟ୍ : ଟ. ୧୫୯୭,୨୦,୮୪,୩୧୮.୦୦ ସହିତ ତା.୧୮.୦୪.୨୦୧୯ ଠାରୁ ପ୍ରଯୁଜ୍ୟ ସୁଧ |  ଶ୍ରୀମତୀ ସବିତା ଅଗରୱାଲ |
| 1. | ଋଣଗ୍ରହୀତାଙ୍କ ନାମ : ଶ୍ରୀ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ, ଚେୟାରମ୍ୟାନ, ଠିକଣା : ସା : ଦନିପାଲି, ପୋ : ବୁଢ଼ାରାଜା, ଜିଲ୍ଲା : ସମ୍ବଲପୁର (ଓଡ଼ିଶା), ପିନ୍-୭୬୮୦୦୪ । ଜାମିନଦାରଙ୍କ ନାମ : ଶ୍ରୀ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ୟୁନିଟ୍‌ର ନାମ : ମେସର୍ସ ଭରତ ଇଣ୍ଟିଗ୍ରେଟେଡ୍ ସୋସିଆଲ ୱେଲଫେୟାର ଏଜେନ୍ସିଜ (ବିଆଇଏସ୍ଡବ୍ଲ୍ୟୁଏ) ମୋଟ ଦେୟ: ବକେୟା ରାଶି: ଟ. ୯,୧୫,୬୮,୯୯୨.୦୦ ଉପାର୍ଜିତ ସୁଧ:୧୯,୯୩,୦୩,୯୬୪.୪୨ ଅନ୍ୟାନ୍ୟ ଖର୍ଚ୍ଚ: ୪୬,୦୦୭.୦୦ ମୋଟ୍ : ଟ. ୨୯,୦୯,୧୮,୯୬୩.୪୦ (+ ତା. ୩୧.୦୫.୨୦୧୯ ସୁଦ୍ଧା ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ) |  ଶ୍ରୀ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ |

ତାରିଖ : ୩୦.୦୫.୨୦୧୯ ଉପ ମୁଖ୍ୟ ପ୍ରବନ୍ଧକ

# କେନ୍ଦ୍ର ମନ୍ତ୍ରିମଣ୍ଡଳ

## କ୍ୟାବିନେଟ ମନ୍ତ୍ରୀ



ରାଜନାଥ ସିଂ | ଅମିତ୍ ଶାହ | ନୀତୀନ ଗଡ଼କରୀ | ଡି.ଭି. ସଦାନନ୍ଦ ଗୌଡ଼ା | ନିର୍ମଳା ସୀତାରାମନ୍ | ରାମ ବିଳାସ ପାଶ୍ୱାନ | ନରେନ୍ଦ୍ର ସିଂ ତୋମାର



ରବିଶଙ୍କର ପ୍ରସାଦ | ହର୍‌ସିମ୍ରତ୍ କୌର ବାଦଲ | ଥାୱର ଚାନ୍ଦ୍ ଗେହଲଟ | ଏସ୍. ଜୟଶଙ୍କର | ରମେଶ ପୋଖରିୟାଲ 'ନିଶଙ୍କ' | ଅର୍ଜୁନ ମୁଣ୍ଡା | ସ୍ମୃତି ଜୁବିନ୍ ଇରାନୀ



ଡ. ହର୍ଷବର୍ଦ୍ଧନ | ପ୍ରକାଶ ଜାଭଡେକର | ପୀୟୂଷ ଗୋୟଲ | ଧର୍ମେନ୍ଦ୍ର ପ୍ରଧାନ | ମୁଖ୍‌ତାର ଅବ୍ବାସ ନକ୍‌ଭି | ପ୍ରହ୍ଲାଦ ଜୋଷୀ | ମହେନ୍ଦ୍ରନାଥ ପାଣ୍ଡେ



ଅରବିନ୍ଦ ସାୱନ୍ତ | ଗିରିରାଜ ସିଂ | ଗଜେନ୍ଦ୍ର ସିଂ ଶେଖାୱତ

## ରାଷ୍ଟ୍ର ମନ୍ତ୍ରୀ(ସ୍ୱାଧୀନ)



ସନ୍ତୋଷ କୁମାର ଗଙ୍ଗୱାର | ରାଓ ଇନ୍ଦ୍ରଜିତ୍ ସିଂ | ଶ୍ରୀପଦ ନାୟକ



ଡ. ଜିତେନ୍ଦ୍ର ସିଂ | କିରେନ୍ ରିଜିଜୁ | ପ୍ରହ୍ଲାଦ ପଟେଲ୍



ଆର୍.କେ.ସିଂ | ହରଦୀପ ପୁରୀ | ମନ୍‌ସୁଖ ମାଣ୍ଡଭ୍ୟା

## ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ଦାମୋଦରଦାସ ମୋଦି

## ରାଷ୍ଟ୍ର ମନ୍ତ୍ରୀ



ଫଗନ ସିଂ କୁଲସ୍ତେ | ଅଶ୍ୱିନୀ ଚୌବେ | ଅର୍ଜୁନ ରାମ୍ ମେଘୱାଲ



ଭି.କେ. ସିଂ | କିଶନ ପାଲ୍ ଗୁର୍ଜର | ରାଓସାହାବ ଧାନ୍‌ବେ | ଜି. କିଷନ ରେଡ୍ଡୀ | ପୁରୁଷୋତ୍ତମ ରୁପାଲା | ରାମଦାସ ଅଠାୱଲେ | ସାଧ୍ୱୀ ନିରଞ୍ଜନ ଜ୍ୟୋତି



ବାବୁଲ୍ ସୁପ୍ରିୟୋ | ସଞ୍ଜୀବ କୁମାର ବାଲ୍ୟାନ | ସଞ୍ଜୟ ଶାମାରାଓ ଧୋତ୍ରେ. | ଅନୁରାଗ ଠାକୁର | ସୁରେଶ ଅଙ୍ଗାଡି | ରତନ୍ ଲାଲ୍ ଖଟାରିୟା | ନିତ୍ୟାନନ୍ଦ ରାୟ



ଭି. ମୁରଲିଧରନ୍ | ରେଣୁକା ସିଂ ସାରୁତା | ସୋମ୍ ପ୍ରକାଶ | ରାମେଶ୍ୱର ତେଲୀ | ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ | କୈଳାସ ଚୌଧୁରୀ | ଦେବଶ୍ରୀ ଚୌଧୁରୀ



"ଗଣତନ୍ତ୍ର ଆପଣମାନଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ଦେଇଛି।
- ଅନୁରାଗ କଶ୍ୟପ, ଚଳଚ୍ଚିତ୍ର ପ୍ରଯୋଜକ



## ■ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୨୦ ନୂଆ ମୁହଁ

# ବାଦ୍ ପଡ଼ିଲେ ୧୧ ମନ୍ତ୍ରୀ

ନୂଆଦିଲ୍ଲୀ,୩୦ା୫

ନରେନ୍ଦ୍ର ମୋଦିଙ୍କ ପୂର୍ବ ସରକାରରେ ମନ୍ତ୍ରୀ ଥିବା କେତେଜଣ ନେତା ଏଥର ମନ୍ତ୍ରିମଣ୍ଡଳରୁ ବାଦ୍ ପଡିଛନ୍ତି। ଏଥିସହିତ କେତେଜଣ ନୂଆ ମୁହଁକୁ ଦ୍ୱିତୀୟ ପାଳି ସରକାରରେ ସାମିଲ କରାଯାଇଛି। ବାଦ୍ ପଡିଥିବା ୧୧ ଜଣ ପୂର୍ବତନ ମନ୍ତ୍ରୀଙ୍କ ମଧ୍ୟରେ ଅଛନ୍ତି ଅରୁଣ ଜେଟ୍‌ଲୀ, ସୁଷମା ସ୍ୱରାଜ, ସୁରେଶ ପ୍ରଭୁ, ରାଧାମୋହନ ସିଂ, ଜୁଏଲ ଓରାମ, ମହେଶ ଶର୍ମା, ଜୟନ୍ତ ସିହ୍ନା, ମାନେକା ଗାନ୍ଧୀ, ଉମା ଭାରତୀ, ଅନୁପ୍ରିୟା ପଟେଲ ଏବଂ ରାଜ୍ୟବର୍ଦ୍ଧନ ସିଂ ରାଠୋର। ନୂଆ ମନ୍ତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ମଞ୍ଚରେ ଏମାନେ ଉପସ୍ଥିତ ନ ଥିଲେ। ଅନ୍ୟପକ୍ଷରେ ପୂର୍ବତନ ବହିର୍ବ୍ୟାପାର ସଚିବ ଏସ୍. ଜୟଶଙ୍କର ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପ୍ରଥମ ଥର ଲାଗି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ମୁଣ୍ଡା, ରତନଲାଲ କଟାରିଆ, ରମେଶ ପୋଖରିୟାଲ ନିଶଙ୍କ, ପ୍ରହଲ୍ଲାଦ ଜୋଷୀ, ଅଙ୍ଗଦି ସୁରେଶ ଚାନ୍ନବସପ୍ପା, ରାମେଶ୍ୱର ତେଲି, କୈଳାସ ଚୌଧରୀ, ଦେବୋଶ୍ରୀ ଚୌଧରୀ, ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ୨୦ ନୂଆ ମୁହଁଙ୍କୁ ମନ୍ତ୍ରିମଣ୍ଡଳରେ ଦେଖିବାକୁ ମିଳିଛି।

### ସ୍ୱାସ୍ଥ୍ୟଗତ କାରଣରୁ ଜେଟ୍‌ଲୀ ମନ୍ତ୍ରୀ ହେଲେନି

### ମନ୍ତ୍ରିମଣ୍ଡଳରେ ସୁଷମା ସାମିଲ ନ ହେବା କାରଣ ଅସ୍ପଷ୍ଟ

୬୭ ବର୍ଷୀୟ ସୁଷମା ଦୀର୍ଘବର୍ଷ ଧରି ଦଳରେ ପ୍ରମୁଖ ଭୂମିକା ନିଭାଇବା ସହ ସରକାରରେ ଗୁରୁତ୍ୱପୂର୍ଣ୍ଣ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ଏଥର ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇନାହିଁ। କ'ଣ ପାଇଁ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଗଲା ନାହିଁ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ବାଦ୍ ଦିଆଯାଇଥାଇପାରେ ବୋଲି କୁହାଯାଉଛି। ସ୍ୱାସ୍ଥ୍ୟଗତ କାରଣରୁ ସେ ଏଥର ନିର୍ବାଚନ ଲଢ଼ି ନ ଥିଲେ କି ପ୍ରଚାରରେ ମଧ୍ୟ ସାମିଲ ହୋଇ ନ ଥିଲେ। ୨୦୦୪-୨୦୧୪ ଭାଜପା ବିରୋଧୀ ଦଳରେ ଥିଲାବେଳେ ସୁଷମା ଲୋକସଭାରେ ବିରୋଧୀ ଦଳ ନେତ୍ରୀ ଥିଲେ। ସେହିପରି ସୁରେଶ ପ୍ରଭୁ ମଧ୍ୟ ପୂର୍ବ ସରକାରରେ ଗୁରୁତ୍ୱପୂର୍ଣ୍ଣ ରେଲୱେ ଏବଂ ପରେ ବାଣିଜ୍ୟ, ଶିଳ୍ପ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ସେହିପରି ପୂର୍ବ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ନଡ୍ଡା ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନାହାନ୍ତି। ପୂର୍ବତନ ଅଲିମ୍ପିଆନ ତଥା କ୍ରୀଡ଼ା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଥିବା ରାଠୋରଙ୍କୁ ମଧ୍ୟ ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିନାହିଁ। ପୂର୍ବତନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନାଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ନିଆଯାଇନାହିଁ।



ଅରୁଣ ଜେଟ୍‌ଲୀ | ସୁଷମା ସ୍ୱରାଜ | ଉମା ଭାରତୀ | ସୁରେଶ ପ୍ରଭୁ | ମହେଶ ଶର୍ମା | ଜୟନ୍ତ ସିହ୍ନା | ଜୁଏଲ ଓରାମ | ମାନେକା ଗାନ୍ଧୀ | ରାଜ୍ୟବର୍ଦ୍ଧନ ସିଂ ରାଠୋର | ରାଧାମୋହନ ସିଂ | ଅନୁପ୍ରିୟା ପଟେଲ

## ଟିଭିରେ ଦେଖିଲେ ମୋଦିଙ୍କ ମା'

ଅହମଦାବାଦ,୩୦ା୫

### ଶପଥଗ୍ରହଣ



ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବାବେଳେ ତାଙ୍କ ମା' ହୀରାବେନ୍ ନୂଆଦିଲ୍ଲୀରୁ ୯୦୦ କିଲୋମିଟର ଦୂର ଅହମଦାବାଦର ରାଇସାନ୍‌ସ୍ଥିତ ଘରେ ବସି ଟିଭିରୁ ଶପଥ ଗ୍ରହଣ ଉତ୍ସବ ଦେଖିଥିଲେ। ଲୋକ ସଭା ନିର୍ବାଚନରେ ଭାଜପାର ବିଶାଳ ବିଜୟ ପରେ ମୋଦି ନିଜ ରାଜ୍ୟ ଗୁଜରାଟକୁ ଦୁଇ ଦିନିଆ ଗସ୍ତରେ ଯାଇଥିବାବେଳେ ମା'ଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ପ୍ରଧାନମନ୍ତ୍ରୀ ସାନ ଭାଇଙ୍କ ପାଖରେ ତାଙ୍କ ମା' ରହୁଛନ୍ତି। ଜବାହରଲାଲ୍ ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ପରେ ମୋଦି ହେଉଛନ୍ତି ତୃତୀୟ ପ୍ରଧାନମନ୍ତ୍ରୀ ଯିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ କ୍ରମାଗତ ଦ୍ୱିତୀୟ ଥର ଲାଗି କ୍ଷମତାକୁ ଫେରିଛନ୍ତି।

## ଶପଥ ଗ୍ରହଣ ଉତ୍ସବରେ ସିନେ ଷ୍ଟାର୍‌ଙ୍କ ଭିଡ଼



ନୂଆଦିଲ୍ଲୀ, ୩୦ା୫

ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବରେ ସିନେ ଷ୍ଟାର୍‌ଙ୍କ ଭିଡ଼ ଦେଖିବାକୁ ମିଳିଛି। ବଲିଉଡ୍‌ରୁ କରଣ ଜୋହର୍, ରଜନୀକାନ୍ତ, ବୋନି କପୁର୍, କଙ୍ଗନା ରାଣାୱତ୍ ପ୍ରମୁଖ ଏଥିରେ ଯୋଗଦେଇଛନ୍ତି। ଫିଲ୍ମ ଆଣ୍ଡ୍ ଟିଭି ପ୍ରଡ୍ୟୁସର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ସଭାପତି ସିଦ୍ଧାର୍ଥ ରୟ କପୁର୍, ଅଭିନେତା ଶାହିଦ୍ କପୁର୍, ଶାହରୁଖ୍ ଖାନ୍, ସଲମାନ୍ ଖାନ୍, ଆମିର୍ ଖାନ୍, ଅକ୍ଷୟ କୁମାର, ବିବେକ୍ ଓବରଏ, କୈଳାସ ଖେର୍, ରାଜୁ ଶ୍ରୀବାସ୍ତବ, ଅନୁପମ୍ ଖେର୍, ଜାଭେଦ୍ ଅଖ୍‌ତର, ସଲିମ୍ ଖାନ୍, ଭିକି କୌଶଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସିନେ ଷ୍ଟାର ତଥା ଭାଜପା ପ୍ରାର୍ଥୀଭାବେ ନିର୍ବାଚିତ ହୋଇଥିବା ସନ୍ନି ଦେଓଲ୍, ମନୋଜ ତିୱାରୀ, ରବି କିଷନ୍ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ସିନେ ଷ୍ଟାର୍‌ଙ୍କ ବ୍ୟତିତ ବହୁ ସ୍ପୋର୍ଟ୍ସ ଷ୍ଟାର୍, ବିଶ୍ୱସ୍ତରୀୟ ନେତା ଓ ସାଧାରଣ ନାଗରିକ ଏହି ମେଗା ଇଭେଣ୍ଟରେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଗତବର୍ଷ ମୋଦି ବଲିଉଡ୍ ପ୍ରତିନିଧିଙ୍କୁ ଭେଟି ଦେଶ ଗଠନରେ ଭାଗୀଦାର ହେବାକୁ ପରାମର୍ଶ ଦେଇଥିଲେ।

## ଶୋଭା ବଢ଼ାଇଲେ ବିମ୍‌ଷ୍ଟେକ୍ ନେତା

ନୂଆଦିଲ୍ଲୀ,୩୦ା୫:(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ବିମ୍‌ଷ୍ଟେକ୍‌ର ନେତାମାନେ ଯୋଗ ଦେଇଛନ୍ତି। ବାଂଲାଦେଶ ରାଷ୍ଟ୍ରପତି ଅବଦୁଲ୍ ହମିଦ ବୁଧବାର ରାତିରୁ ନୂଆଦିଲ୍ଲୀରେ ପହଞ୍ଚିଥିବାବେଳେ ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା, ଭୁଟାନ ପ୍ରଧାନମନ୍ତ୍ରୀ ଡ. ଲୋଟେ ଶେରିଙ୍ଗ ଗୁରୁବାର ଏଠାରେ ପହଞ୍ଚିଥିଲେ। ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜଗନ୍ନାଥ, ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, କିର୍‌ଗିଜ୍ ରିପବ୍ଲିକ୍ ରାଷ୍ଟ୍ରପତି ସୁରୋନବେ ଜନାବେକୋଭ୍, ମ୍ୟାନ୍‌ମାର ରାଷ୍ଟ୍ରପତି ୟୁ. ୱିନ ମିଣ୍ଟ, ଥାଇଲାଣ୍ଡର ସ୍ୱତନ୍ତ୍ର ଦୂତ ଗ୍ରସାଡା ବୁନ୍‌ରାଚ୍ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ୨୦୧୪ରେ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ସାର୍କ (ଦକ୍ଷିଣ ଏସିଆ ଆଞ୍ଚଳିକ ସହଯୋଗ ସଂଘ)ରାଷ୍ଟ୍ରର ମୁଖ୍ୟମାନେ ଯୋଗଦେଇଥିଲେ।

## ■ ଭାଜପା ପ୍ରସ୍ତାବକୁ ନୀତୀଶଙ୍କ ପ୍ରତ୍ୟାଖ୍ୟାନ

# ସରକାରରେ ସାମିଲ ହେଲାନି ଜେଡିୟୁ

**ନୂଆଦିଲ୍ଲୀ, ୩୦ା୫ :** କେନ୍ଦ୍ର ସରକାରରେ ସାମିଲ ହେବା ପ୍ରସ୍ତାବକୁ ଜେଡିୟୁ ନେତା ନୀତୀଶ କୁମାର ପ୍ରତ୍ୟାଖ୍ୟାନ କରିଛନ୍ତି। ଏଥର ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ଦଳର କୌଣସି ନେତା ସାମିଲ ହେଉ ନ ଥିବା ସେ ପ୍ରକାଶ କରିଛନ୍ତି। ତେବେ ଦଳ ପୂର୍ବଭଳି ଏନ୍‌ଡିଏର ଅଂଶୀଦାର ହୋଇ ରହିବ ବୋଲି ନୀତୀଶ କୁମାର ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଜେଡିୟୁକୁ ଗୋଟିଏ କ୍ୟାବିନେଟ ମନ୍ତ୍ରୀ ପଦ ଦେବାକୁ ପ୍ରସ୍ତାବ ମିଳିଥିଲା। ଏହା ଦଳ ପାଇଁ ଯଥେଷ୍ଟ ନ ହେବାରୁ ଜେଡିୟୁ ମୋଦି ମନ୍ତ୍ରିମଣ୍ଡଳରୁ ଓହରି ଯିବାକୁ ନିଷ୍ପତ୍ତି ନେଲା ବୋଲି କୁହାଯାଉଛି। ପ୍ରକାଶଥାଉ କି, ବିହାରରେ ଭାଜପା ଓ ଜେଡିୟୁ ମେଣ୍ଟକରି ପ୍ରତ୍ୟେକ ୧୭ଟି ଆସନରେ ନିର୍ବାଚନ ଲଢ଼ିଥିବାବେଳେ ଜେଡିୟୁକୁ ୧୬ ଆସନ ମିଳିଥିଲା।





ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିବା ବିମ୍‌ଷ୍ଟେକ ନେତୃବୃନ୍ଦ।

## ୟୁପିକୁ ସର୍ବାଧିକ ୧୦ ମନ୍ତ୍ରୀ ପଦ

ଲକ୍ଷ୍ନୌ, ୩୦ା୫

ମୋଦି କ୍ୟାବିନେଟ୍‌ର ଦ୍ୱିତୀୟ ପାଳିରେ ଉତ୍ତରପ୍ରଦେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି ରାଜ୍ୟରୁ ୧୦ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ପୂର୍ବ ଉତ୍ତରପ୍ରଦେଶର ବାରାଣସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିନିଧିତ୍ୱ କରୁଥିବାବେଳେ ରାଜନାଥ ସିଂ (ଲକ୍ଷ୍ନୌ)ରୁ ନିର୍ବାଚିତ ହୋଇଛନ୍ତି। ସେହିପରି ଉତ୍ତର ପ୍ରଦେଶ ଭାଜପା ମୁଖ୍ୟ ମହେନ୍ଦ୍ରନାଥ ପାଣ୍ଡେ(ଚନ୍ଦୌଲି), ସ୍ମୃତି ଇରାନୀ(ଅମେଠି), ମୁଖ୍‌ତାର ଆବାସ ନକ୍‌ଭି, ସନ୍ତୋଷ ଗଙ୍ଗୱାର, ହରଦୀପ ସିଂ ପୁରୀ(ରାଜ୍ୟ ସଭା), ଭି.କେ. ସିଂ, ସାଧ୍ୱୀ ନିରଞ୍ଜନ ଜ୍ୟୋତି ଓ ସଞ୍ଜୀବ ବାଲ୍ୟାନ୍ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ପ୍ରକାଶଥାଉକି ସାଧାରଣ ନିର୍ବାଚନରେ ଭାଜପାକୁ ୩୦୩ ଆସନ ମିଳିଥିବାବେଳେ କେବଳ ଉତ୍ତରପ୍ରଦେଶରୁ ଦଳକୁ ୬୨ ଆସନ ମିଳିଥିଲା

## ନୂଆ ମନ୍ତ୍ରିମଣ୍ଡଳରେ ୬ ମହିଳା

ନୂଆଦିଲ୍ଲୀ,୩୦ା୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ସରକାରରେ ଅମେଠି ଏମ୍‌ପି ସ୍ମୃତି ଇରାନୀଙ୍କ ସମେତ ୬ ଜଣ ମହିଳା ସ୍ଥାନ ପାଇଛନ୍ତି। ଗତ ସରକାରରେ ୮ ଜଣ ମହିଳା ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ପୂର୍ବ ସରକାରରେ ମନ୍ତ୍ରୀ ଥିବା ଇରାନୀଙ୍କ ସମେତ ନିର୍ମଳା ସୀତାରାମନ୍ ଏବଂ ହରସିମ୍ରତ କୌର ବାଦଲ ନୂଆ କ୍ୟାବିନେଟରେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ଫତେପୁର ଏମ୍‌ପି ସାଧ୍ୱୀ ନିରଞ୍ଜନ ଜ୍ୟୋତି ରାଷ୍ଟ୍ରମନ୍ତ୍ରୀ ହୋଇଥିବାବେଳେ ନୂଆ ମୁହଁ ଭାବେ ଛତିଶଗଡର ସର୍‌ଗୁଜା ଏମ୍‌ପି ରେଣୁକା ସିଂ ସାରୁତା ଏବଂ ପଶ୍ଚିମବଙ୍ଗର ରାଇଗଙ୍ଗ ଏମ୍‌ପି ଦେବଶ୍ରୀ ଚୌଧୁରୀ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ପୂର୍ବ ସରକାରରେ ମନ୍ତ୍ରୀ ଥିବା ସୁଷମା ସ୍ୱରାଜ, ଉମା ଭାରତୀ, ମାନେକା ଗାନ୍ଧୀ, ଅନୁପ୍ରିୟା ପଟେଲ ଏଥର ବାଦ୍ ପଡିଛନ୍ତି। ନୂଆ ମନ୍ତ୍ରିମଣ୍ଡଳରେ ସ୍ମୃତି ଇରାନୀ ସର୍ବକନିଷ୍ଠ ଏବଂ ସୀତାରାମନ୍ ବରିଷ୍ଠ ମହିଳା ମନ୍ତ୍ରୀ। ଏଥର ସୀତାରାମନ୍, ସ୍ୱରାଜ ଏବଂ ଉମା ଭାରତୀ ନିର୍ବାଚନ ଲଢ଼ି ନ ଥିଲେ।

## ରାଷ୍ଟ୍ରପତିଙ୍କ ପ୍ରେସ୍ ସଚିବରୁ ମନ୍ତ୍ରୀ

ନୂଆଦିଲ୍ଲୀ,୩୦ା୫(ପି.ଟି.)



ଏକଦା ରାଷ୍ଟ୍ରପତିଙ୍କ ପ୍ରେସ୍ ସଚିବ ଥିବା ଏସ୍. ଜୟଶଙ୍କର ଗୁରୁବାର ରାଷ୍ଟ୍ରପତି ଭବନରେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କ ସମୟରେ ଜୟଶଙ୍କର ପ୍ରେସ୍ ସଚିବ ଥିଲେ। ତିନି ଦଶନ୍ଧିର କୂଟନୈତିକ ଅଭିଜ୍ଞତାସମ୍ପନ୍ନ ପୂର୍ବତନ ବହିର୍ବ୍ୟାପାର ସଚିବ ଜୟଶଙ୍କର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ସମସ୍ତଙ୍କୁ ବିସ୍ମିତ କରିଛି। ୧୯୭୭ ବ୍ୟାଚ୍‌ର ଏହି ଆଇଏଫଏସ୍ ଅଫିସର ଭାରତ-ଆମେରିକା ଆଣବିକ ଚୁକ୍ତିନାମା ପାଇଁ ଗଠିତ ଭାରତୀୟ ଟିମ୍‌ର ପ୍ରମୁଖ ସଦସ୍ୟ ଥିଲେ।

## ମାନେକା ହେବେ କାମଚଳା ବାଚସ୍ପତି

ନୂଆଦିଲ୍ଲୀ, ୩୦ା୫

ଭାଜପାର ବରିଷ୍ଠ ନେତ୍ରୀ ତଥା ୮ ଥର ଏମ୍‌ପି ହୋଇଥିବା ମାନେକା ଗାନ୍ଧୀ(୬୨) ସପ୍ତଦଶ ଲୋକସଭାରେ କାମଚଳା ବାଚସ୍ପତି ହେବେ। ସେ ଉତ୍ତରପ୍ରଦେଶର ସୁଲ୍‌ତାନ୍‌ପୁର ଆସନରୁ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଭାବେ କାର୍ଯ୍ୟନିର୍ବାହ କରିଥିଲେ। କାମଚଳା ବାଚସ୍ପତିଭାବେ ସେ ଲୋକସଭାର ନୂଆ ସଦସ୍ୟମାନଙ୍କୁ ଶପଥ ପାଠ କରାଇବେ।

## ଶପଥ ପୂର୍ବରୁ ରାଜଘାଟରେ ମୋଦି

ନୂଆଦିଲ୍ଲୀ,୩୦ା୫

ଶପଥ ଗ୍ରହଣ ପୂର୍ବରୁ ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସକାଳେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଇଣ୍ଡିଆ ଗେଟ୍ ନିକଟରେ ଥିବା ଜାତୀୟ ଯୁଦ୍ଧ ସ୍ମାରକୀସ୍ଥଳକୁ ଯାଇ ଦେଶ ପାଇଁ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୋଦିଙ୍କ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ଜେ.ପି. ନଡ୍ଡା, ପୀୟୂଷ ଗୋୟଲ ଏବଂ ଗିରିରାଜ ସିଂ ଥିଲେ। ଯୁଦ୍ଧ ସ୍ମାରକୀ ସ୍ଥଳରେ ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ, ନୌସେନା ମୁଖ୍ୟ ଆଡମିରାଲ ସୁନୀଲ ଲାନ୍‌ବା ଏବଂ ବାୟୁସେନାର ଉପମୁଖ୍ୟ ଏୟାର ମାର୍ଶାଲ ଆର୍.କେ.ଏସ୍. ଭଦୌରିଆ ଉପସ୍ଥିତ ଥିଲେ।



ମହାତ୍ମାଗାନ୍ଧୀଙ୍କ ସମାଧି ପୀଠରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ୩ ମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ପିଏଚ୍‌ଡି

ନୂଆଦିଲ୍ଲୀ,୩୦ା୫(ଆଇଏଏନ୍‌ଏସ୍)

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ୩ ଜଣ ମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବାଧିକ ପିଏଚ୍‌ଡି ବୋଲି ଜଣାପଡିଛି। ସେମାନେ ହେଲେ ପୂର୍ବତନ ବହିର୍ବ୍ୟାପାର ସଚିବ ଏସ୍. ଜୟଶଙ୍କର, ଉତ୍ତରପ୍ରଦେଶ ଭାଜପା ସଭାପତି ମହେନ୍ଦ୍ର ନାଥ ପାଣ୍ଡେ ଏବଂ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରମେଶ ପୋଖ୍‌ରିୟାଲ ନିଶଙ୍କ। ଜୟଶଙ୍କର ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ସ୍ନାତକ ପରେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ଏବଂ 'ଅନ୍ତର୍ଜାତୀୟ ସମ୍ପର୍କ'ରେ ଏମ୍‌ଫିଲ୍ ଓ ପିଏଚ୍‌ଡି କରିଛନ୍ତି। ସେ ଚାଇନାରେ ସର୍ବାଧିକ ସମୟ ଭାରତର ରାଷ୍ଟ୍ରଦୂତ ରହିଥିଲେ। ସେହିପରି ପାଣ୍ଡେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ହିନ୍ଦୀରେ ପିଏଚ୍‌ଡି କରିଛନ୍ତି। ହରିଦ୍ୱାରରୁ ଲୋକ ସଭାକୁ ବିଜୟୀ ହୋଇଥିବା ନିଶଙ୍କ ଗଡ଼ୱାଲ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଛନ୍ତି।

## ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଜଗନ୍‌ମୋହନ

ନୂଆଦିଲ୍ଲୀ,୩୦ା୫:



ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ନେତା ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ମଧ୍ୟାହ୍ନ ୧୨ଟା ୨୩ ମିନିଟରେ ରାଜ୍ୟପାଳ ଇ.ଏସ୍.ଏଲ୍. ନରସିଂହନ୍ ୪୬ ବର୍ଷୀୟ ଜଗନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ସେ ତେଲୁଗୁ ଭାଷାରେ ଶପଥ ନେଇଥିଲେ। ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଜୁନ୍ ୭ରେ ଶପଥ ନେବେ ବୋଲି ଆଶା କରାଯାଉଛି। ୧୭୫ ଆସନ ବିଶିଷ୍ଟ ଆନ୍ଧ୍ରପ୍ରଦେଶ ବିଧାନସଭାରେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ୧୫୧ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ରାଜ୍ୟର ୨୫ ଲୋକ ସଭା ଆସନରୁ ଜଗନ୍‌ଙ୍କ ଦଳକୁ ୨୨ ଆସନ ମିଳିଛି।

ବିଜୟୱାଡାର ଆଇଜିଏମ୍‌ସି ଷ୍ଟାଡିୟମରେ ଅନୁଷ୍ଠିତ ଶପଥଗ୍ରହଣ ଉତ୍ସବରେ ବହୁସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ ଏବଂ ପୁଡୁଚେରୀର ସ୍ୱାସ୍ଥ୍ୟମନ୍ତ୍ରୀ ମାଲ୍ଲାଡି କ୍ରିଷ୍ଣା ରାଓ ସ୍ୱତନ୍ତ୍ର ଅତିଥି ଭାବେ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମହମ୍ମଦ ଅଲି, ବିଧାନସଭା ବାଚସ୍ପତି ପୋଚାରାମ ଶ୍ରୀନିବାସ ରେଡ୍ଡୀ, ମନ୍ତ୍ରୀ ତାଲାସାନି ଶ୍ରୀନିବାସ ଯାଦବ ମଧ୍ୟ ଉତ୍ସବରେ ଯୋଗଦେଇଥିଲେ। ମଞ୍ଚରେ ଜଗନ୍‌ଙ୍କ ମାଆ ତଥା ୱାଇଏସ୍‌ଆର୍ କଂଗ୍ରେସର ଅଧ୍ୟକ୍ଷା ୱାଇ.ଏସ୍. ବିଜୟାମ୍ମା, ଜଗନ୍‌ଙ୍କ ସ୍ତ୍ରୀ ଭାରତୀ, ଭଉଣୀ ଶର୍ମିଳା ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଜଗନ୍‌ଙ୍କ ଶପଥଗ୍ରହଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଆଗାମୀ ଅଗଷ୍ଟ ୧୫ରୁ ଆନ୍ଧ୍ରପ୍ରଦେଶର ଜନସାଧାରଣ ଦୁର୍ନୀତି, ପକ୍ଷପାତିତା ଏବଂ ସରକାରୀ ଯୋଜନାର ସୁବିଧା ନ ପାଇଲେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିପାରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ କଲ୍ ସେଣ୍ଟର ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ଗୁରୁବାର ଶପଥଗ୍ରହଣ ପରେ ଘୋଷଣା କରିଛନ୍ତି। ଏଥିସହିତ ଦୁର୍ନୀତି ଦୂରୀକରଣ ସମେତ ନିର୍ବାଚନ ବେଳେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବେ ବୋଲି ଶପଥ ଗ୍ରହଣ ପରେ ସେ ଉଦ୍‌ବୋଧନ ଦେଇ କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏଫ୍ଆଇଏଚ୍ ୱାର୍ଲ୍ଡ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟ ପାଇଁ ରୁଷିଆ ଓ ପୋଲାଣ୍ଡ ଦଳର ଆଗମନ, ବିଜୁ ପଟ୍ଟନାୟକ ବିମାନ ବନ୍ଦର, ସକାଳ ୯ଟା।
- ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ପକ୍ଷରୁ ମେଧାବୀ ଅଭିନନ୍ଦନ, ଓୟୁଏଟି ଆସେମ୍ବ୍ଲି ହଲ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ, କମଳାନେହରୁ ମହିଳା ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦେବୋତ୍ତର ଆୟୁକ୍ତଙ୍କ ବିରୋଧରେ ଦେବୋତ୍ତର କାର୍ଯ୍ୟାଳୟ ଘେରାଉ ଏବଂ ବିକ୍ଷୋଭ, କଳ୍ପନା, ପୂର୍ବାହ୍ନ ୧୧ଟା ୩୦।
- ସୁରଭି ଅନୁଷ୍ଠାନ ପକ୍ଷରୁ ଏକାମ୍ର ନୃତ୍ୟ ମହୋତ୍ସବର ଉଦ୍‌ଯାପନ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- 'ମାଇ ଡ୍ରିମ ଓୟୁଏଟି' ପୁସ୍ତକ ଉନ୍ମୋଚନ ଉତ୍ସବ, ହୋଟେଲ ଦ ଏମ୍ପାୟର, ଅପରାହ୍ନ ୫ଟା ୩୦।
- ହିନ୍ଦୁସ୍ତାନ ସଙ୍ଗୀତ ସଭା ପକ୍ଷରୁ ହିନ୍ଦୁସ୍ତାନୀ ମ୍ୟୁଜିକ ଉତ୍ସବ, ଭାରତୀୟ ବିଦ୍ୟାଭବନ, ୟୁନିଟ-୩, ସନ୍ଧ୍ୟା ୬ଟା।

**କଟକ**

- କଳାବିକାଶ କେନ୍ଦ୍ର ପ୍ରତିଷ୍ଠାତା ବାବୁଲାଲ ଦୋଶୀଙ୍କ ଜୟନ୍ତୀ, କେନ୍ଦ୍ରର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ।
- ୧୪ତମ ମହାନଦୀ ଫେଷ୍ଟିଭାଲର ଷଷ୍ଠ ସନ୍ଧ୍ୟା, ନେତାଜୀ ପଡ଼ିଆ, ପୋତାପୋଖରୀ, ନୂଆବଜାର, ସନ୍ଧ୍ୟା ୬ଟା ୩୦ ।

### ମନଇଚ୍ଛା ଫି ବୃଦ୍ଧି ପ୍ରସଙ୍ଗ

## ୩ ସ୍କୁଲକୁ କାରଣ ଦର୍ଶାଓ ନୋଟିସ୍

**ଭୁବନେଶ୍ୱର,୩୦ା୫(ବ୍ୟୁରୋ):** ଜାଭିୟର ସ୍କୁଲ ଫି ବୃଦ୍ଧି କରିବା ପରେ ଉଠିଥିବା ସମସ୍ୟା ସରି ନ ଥିବାବେଳେ ଏବେ ପୁଣି ୩ଟି ସ୍କୁଲକୁ ରାଜ୍ୟ ସରକାର କାରଣ ଦର୍ଶାଓ ନୋଟିସ୍ ଜାରି କରିଛନ୍ତି। ବକ୍ସି ଜଗବନ୍ଧୁ ଇଂରାଜୀ ବିଦ୍ୟାଳୟ, ନାରାୟଣ ଇଂରାଜୀ ବିଦ୍ୟାଳୟ ଓ ଗାଇଡାନ୍ସ ଇଂରାଜୀ ବିଦ୍ୟାଳୟକୁ ଗତ ୨୯ତାରିଖରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କାରଣ ଦର୍ଶାଓ ନୋଟିସ୍ ଜାରି କରିଛନ୍ତି। ଉକ୍ତ ବିଦ୍ୟାଳୟଗୁଡ଼ିକ ବିରୋଧରେ ଅଭିଭାବକ ସଂଘମାନେ ଅଭିଯୋଗ କରିବା ପରେ ଗୁରୁତର ସହ ଏନେଇ ବିଚାର କରି ଶିକ୍ଷା ବିଭାଗ ପକ୍ଷରୁ ଏହି ନୋଟିସ୍ ଜାରି କରାଯାଇଛି। ଉପରୋକ୍ତ ବିଦ୍ୟାଳୟଗୁଡ଼ିକରେ ୧୮ରୁ ୫୦ ପ୍ରତିଶତ ଯାଏଁ ଫି ବୃଦ୍ଧି କରାଯାଇଥିବା ଅଭିଭାବକମାନେ ଅଭିଯୋଗ କରିବା ପରେ ସରକାର ଏହି ପଦକ୍ଷେପ ନେଇଛନ୍ତି। ସୂଚନା ଥାଉ କି, ସରକାରଙ୍କ ଦ୍ୱାରା ଗଠିତ ଏଫ୍ଆର୍‌ସି କମିଟି ରିପୋର୍ଟ ବଳରେ ବିଦ୍ୟାଳୟଗୁଡ଼ିକ ସାଧାରଣତ ୮ପ୍ରତିଶତ ଫି' ବୃଦ୍ଧି କରିପାରିବେ। କିନ୍ତୁ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ଫି ବୃଦ୍ଧି କରୁଥିଲେ। ଏ ନେଇ ଗୁରୁବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଭାବକ ସଂଘ ପକ୍ଷରୁ ଭୂମୋହନ ପଟ୍ଟନାୟକ, ସତ୍ୟବ୍ରତ ପରିଜା, ପ୍ରଶାନ୍ତ ବିଷୋୟୀ, ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଏହା କହିଥିଲେ।

## ଓଏଚ୍‌ଓଏସ୍‌ଏର ନୂତନ କର୍ମକର୍ତ୍ତା ନିର୍ବାଚିତ

**ଭୁବନେଶ୍ୱର,୩୦ା୫(ବ୍ୟୁରୋ):** ଓଡ଼ିଶା ଉଦ୍ୟାନ କୃଷି ଅଧିକାରୀ ସେବା ସଂଘ(ଓଏଚ୍‌ଓଏସଏ)ର ବାର୍ଷିକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ(ଇମେଜ) ସଭା ଗୃହରେ ଆୟୋଜିତ ଏହି ସଭାରେ ରାଜ୍ୟର ବିଭିନ୍ନ ଜିଲାରୁ ସହକାରୀ ଉଦ୍ୟାନ ଅଧିକାରୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଏବଂ ଉପ-ଉଦ୍ୟାନ ନିର୍ଦ୍ଦେଶକମାନଙ୍କ ସହ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକମାନେ ଉପସ୍ଥିତ ରହି ସଂଘର ନୂତନ କର୍ମକର୍ତ୍ତା ଚୟନ କରିଛନ୍ତି। ନବନିର୍ବାଚିତ ସଭ୍ୟମାନେ ହେଲେ- ସୂର୍ଯ୍ୟମଣୀ ମହାରଣା ସଭାପତି, ଚନ୍ଦ୍ରମୋହନ ସାହୁ ଉପସଭାପତି, ସୂଚନା ସ୍ୱସ୍ତିକା ସମ୍ପାଦିକା, ସୁବ୍ରତ କୁମାର ଚାନ୍ଦ କୋଷାଧ୍ୟକ୍ଷ ଏବଂ ପୂଣ୍ୟତୟା ପ୍ରିୟମ୍ବଦା ଯୁଗ୍ମ ସମ୍ପାଦକ ତଥା ପ୍ରଚାରପ୍ରସାର କାର୍ଯ୍ୟନିର୍ବାହୀ ଭାବେ ନିର୍ବାଚିତ ହୋଇଛନ୍ତି। ତତ୍‌ସହ ଉପଦେଷ୍ଟା କମିଟିର ସଦସ୍ୟ ଭାବେ ପ୍ରଦୋଷ କୁମାର ପଣ୍ଡା, ରଞ୍ଜନ କୁମାର ଦାସମହାପାତ୍ର ଓ ହିମାଂଶୁ ଶେଖର ଆଚାର୍ଯ୍ୟ ମନୋନୀତ ହୋଇଛନ୍ତି। ଏହି ଅବସରରେ ସମସ୍ତ ନବନିର୍ବାଚିତ କର୍ମକର୍ତ୍ତା ଶପଥ ଗ୍ରହଣ କରିଥିଲେ ଓ ଶେଷରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ବିନିକୁ ନ ପାଇ ପର୍ଯ୍ୟଟକ ନିରାଶ



ମୃତ ବିନି

- ନିମୋନିଆ, ହେପାଟାଇଟ୍‌ସରେ ମୃତ୍ୟୁ ରିପୋର୍ଟ
- ଏକୁଟିଆ ରହି ପର୍ଯ୍ୟଟକଙ୍କୁ ଖୁସି ଦେଉଥିଲା ବିନି

**ବାରଙ୍ଗ/ନରାଜ,୩୦ା୫(ଡି.ଏନ.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ଭାରତର ଏକମାତ୍ର ଓରାଙ୍ଗଉଟାନ 'ବିନି'(୪୧)କୁ ଆଉ ଦେଖିବାକୁ ପାଇଲେନି ଦର୍ଶକ। ଗୁରୁବାର ନନ୍ଦନକାନନ ବୁଲିବାକୁ ଆସିଥିବା ପର୍ଯ୍ୟଟକ ୬୦ ନଂ(ଖ) ଏନ୍‌କ୍ଲୋଜରରେ ବିନିକୁ ନ ପାଇ ନିରାଶ ହୋଇ ଫେରିଛନ୍ତି। କିଛିଦିନ ହେବ ଅସୁସ୍ଥ ହୋଇପଡିଥିବା ବିନିର ସ୍ୱାସ୍ଥ୍ୟାବସ୍ଥା ଗତ ତିନିଦିନ ହେବ ଗୁରୁତର ହୋଇପଡିଥିଲା। ଏପରିକି କିଛି ବି ଖାଦ୍ୟପେୟ ଗ୍ରହଣ ନ ଥିଲା। ବୁଧବାର ରାତିରେ ବିନିର ମୃତ୍ୟୁ ଘଟିଥିଲା।

ତେବେ ମୃତ୍ୟୁର କାରଣ ଜାଣିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଗୁରୁବାର ତା'ର ଶବ ବ୍ୟବଚ୍ଛେଦ କରିଛନ୍ତି। ଭୁବନେଶ୍ୱର ଓୟୁଏଟି କଲେଜର ପ୍ରାଣୀ ଚିକିତ୍ସା ବିଶେଷଜ୍ଞ ପ୍ରଫେସର ନିରଞ୍ଜନ ସାହୁ, ପ୍ରଫେସର ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଓ ବୈଷୟିକ କମିଟି ସଦସ୍ୟ ଜେ.ଏନ. ମହାନ୍ତି ପ୍ରମୁଖ ବ୍ୟବଚ୍ଛେଦ କରି ରିପୋର୍ଟ ଦେଇଛନ୍ତି। ଉକ୍ତ ରିପୋର୍ଟରେ ନିମୋନିଆ ଓ ହେପାଟାଇଟସ୍‌ରେ ବିନିର ମୃତ୍ୟୁ ଘଟିଥିବା ଉଲ୍ଲେଖ ରହିଛି।

### ୧୬ବର୍ଷ ମଧ୍ୟରେ ମିଳି ନ ଥିଲା ସାଥୀ

୨୦୦୩ ନଭେମ୍ବର ୨୦ରେ 'ବିନି' କୁ ପୁନେର ରାଜୀବ ଗାନ୍ଧୀ ଜୁଲୋଜିକାଲ ପାର୍କରୁ ନନ୍ଦନକାନନ ଅଣାଯାଇଥିଲା। ସେତେବେଳେ ତାକୁ ୨୫ ବର୍ଷ ହୋଇଥିଲା। ସେ ଏକୁଟିଆ ହିଁ ରହୁଥିଲେ। ୧୬ବର୍ଷ ମଧ୍ୟରେ ନନ୍ଦନକାନନ କର୍ତ୍ତୃପକ୍ଷ ତା'ପାଇଁ ସାଥୀ ଖୋଜିବାରେ ବିଫଳ ହୋଇଥିଲେ। ଏକୁଟିଆ ରହି ବିନି ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କୁ ଖୁସି ଦେଉଥିଲେ। ୨୦୧୭ ଫେବୃୟାରୀରେ ପ୍ରଥମେ ବିନି ଅସୁସ୍ଥ ହୋଇପଡ଼ିବାରୁ ତୁରନ୍ତ ଆବଶ୍ୟକ ଚିକିତ୍ସା କରାଯାଇଥିଲା। ୨୦୧୮ ଜାନୁୟାରୀରେ ପୁଣି ଅସୁସ୍ଥ ହେବା ସହ ଖାଦ୍ୟନଳୀରେ ଘା ସୃଷ୍ଟି ହୋଇ ସଂକ୍ରମିତ ହୋଇଯାଇଥିଲା। ସେହିଦିନଠାରୁ ସେ ଠିକ୍ ଭାବେ ଖାଦ୍ୟ ନ ଖାଇପାରି ଗୋଟିଏ ସ୍ଥାନରେ ପଡି ରହୁଥିଲା। ପିସିସିଏଫ୍ ଅଜୟ ମହାପାତ୍ର କହିଛନ୍ତି, ଖୁବ୍‌ଶୀଘ୍ର ସିଙ୍ଗାପୁରରୁ ଏକ ହଳ ଓରାଙ୍ଗଉଟାନ ଅଣାଯିବ। ଗତ କିଛିମାସ ତଳେ ଫ୍ରାନ୍ସର ଏକ ଚିଡିଆଖାନାକୁ ନନ୍ଦନକାନନ କର୍ତ୍ତୃପକ୍ଷ ବିନିର ସାଥୀ ପାଇଁ ପ୍ରସ୍ତାବ ଦେଇଥିଲେ। ଏବେ ସୁଦ୍ଧା ସେହି ଚିଡିଆଖାନା ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ପୁନର୍ବାର ସେହି ଚିଡିଆଖାନାକୁ ନନ୍ଦନକାନନ ପକ୍ଷରୁ ଅବଗତ କରାଯିବ ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

### କାନ୍ଦୁଛନ୍ତି କେଦାର

ବିନିର ମୃତ୍ୟୁ ନନ୍ଦନକାନନରେ ଏକପ୍ରକାର ନିରାଶାର ବାତାବରଣ ସୃଷ୍ଟି କରିଛି। କାରଣ ସେ ଏଠାକୁ ଆସିବା ଦିନଠାରୁ ଏକାଥାଇ ମଧ୍ୟ ପର୍ଯ୍ୟଟକମାନଙ୍କୁ ହସାଇପାରୁଥିଲା। ପର୍ଯ୍ୟଟକଙ୍କଠାରୁ ଅଧିକ ଖୁସି ପାଉଥିଲେ ବିନିର ଯତ୍ନ ଓ ଦେଖାଶୁଣା କରୁଥିବା କେଦାର ପାତ୍ର। ଦୀର୍ଘ ୧୬ବର୍ଷ ଧରି ବିନିର ସବୁକଥା ବୁଝି ଆସିଥିବା କେଦାର ଏବେ ଦୁଃଖରେ ଭାଙ୍ଗି ପଡିଛନ୍ତି। ବିନି ସହ ବିତାଇଥିବା ପ୍ରତି ମୁହୂର୍ତ୍ତକୁ ମନେ ପକାଇ ସେ କାନ୍ଦି ପକାଉଛନ୍ତି।

### ବିନି ପରେ ନୀଳଗିରି ବାନର ଅବସ୍ଥା ଗୁରୁତର

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ରାତିରେ ଦର୍ଶକଙ୍କ ଆକର୍ଷଣୀୟ ସାଜିଥିବା ଓରାଙ୍ଗଉଟାନ ବିନି ମୃତ୍ୟୁ ହେବାପରେ ପୁଣି ୫୩ନଂ ଏନକ୍ଲୋଜରରେ ଥିବା ଅନ୍ୟତମ ଆକର୍ଷଣୀୟ ନୀଳଗିରିର ଅବସ୍ଥା ଗୁରୁତର ହୋଇଥିବା ଜଣାପଡ଼ିଛି। ଗତ ୧୭ ତାରିଖରେ ସେ ଡାଇରିଆରେ ଗୁରୁତର ହୋଇ ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସାଳୟର ଆଇସୁଲେଶନ କୋଠରିରେ ରଖାଯାଇ ଚିକିତ୍ସା କରାଯାଉଥିଲା। ଧୀରେ ଧୀରେ ସୁସ୍ଥ ହୋଇଆସୁଥିବାବେଳେ ରବିବାର ସକାଳେ ତାକୁ ଡାକ୍ତରଖାନାରୁ ଏନକ୍ଲୋଜରରେ ଛଡାଯାଇଥିଲା। କିନ୍ତୁ ସେଠାରେ ଅଧିକ ଗରମ ସହ୍ୟ ନ କରିପାରିବା ସହ ଦୁର୍ବଳ ହୋଇଯିବାରୁ ଅପରାହ୍ନରେ ତାକୁ ପୁଣି ଡାକ୍ତରଖାନାକୁ ଅଣାଯାଇଥିଲା। ଏହାପରଠାରୁ ନୀଳଗିରି ବାନରଟି ଅଧିକ ଅସୁସ୍ଥତା ଭିତରେ ଥିବାର ଜଣାପଡିଛି। ଏବେ ଆଉ ସେ ଠିକ୍ ଭାବରେ ଖାଉନାହିଁ। ସବୁବେଳେ ଗୋଟିଏ ସ୍ଥାନରେ ରହି ମୁଣ୍ଡକୁ ତଳକୁ କରି ବସୁଥିବା ଘଟଣା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।



### ଦୁଇ ସନକର୍ଣ୍ଣର ମୃତ

ନନ୍ଦନକାନନ ଚିଡିଆଖାନାରେ ମୁକ୍ତ ବିହଙ୍ଗସରଣି ଭିତରେ ଶୋଭା ବୃଦ୍ଧି କରୁଥିବା ଦୁଇଟି ସନକର୍ଣ୍ଣର ଗୁରୁବାର ପୂର୍ବାହ୍ନରେ ମୃତ୍ୟୁ କରିଥିବା ଦେଖିବାକୁ ମିଳିଥିଲା। ଏହି ପ୍ରଜାତିର ସନକର୍ଣ୍ଣର ମୃତ୍ୟୁ ହେବାପରେ ଏମାନଙ୍କର ସଂଖ୍ୟା ୨୨କୁ ଖସିଆସିଛି।




# ରାଜଶ୍ରୀ ପ୍ରହରାଜଙ୍କୁ ସୁରଭି ସମ୍ମାନ




ଏକାମ୍ର ନୃତ୍ୟ ଉତ୍ସବରେ ଅତିଥିମାନେ ରାଜଶ୍ରୀ ପ୍ରହରାଜଙ୍କୁ ସମ୍ମାନିତ କରୁଛନ୍ତି।

**ଏକାମ୍ର ନୃତ୍ୟ ଉତ୍ସବର ତୃତୀୟ ସନ୍ଧ୍ୟା**

**ଭୁବନେଶ୍ୱର,୩୦ା୫(ବ୍ୟୁରୋ)**

ସୁରଭି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକାମ୍ର ନୃତ୍ୟ ଉତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସୂଚନା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜଶ୍ରୀ ପ୍ରହରାଜଙ୍କୁ ସୁରଭି ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଛି। ଏହି ଅବସରରେ ପଣ୍ଡିତ ଅସୀମ ଚୌଧୁରୀଙ୍କ ଦ୍ୱାରା ଏକକ ସୀତାର ବାଦନ କରାଯାଇଥିବା ବେଳେ ରାଜଶ୍ରୀ ମଙ୍ଗରାଜଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଛି। ଯାହାକି ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିବାର ପରିଲକ୍ଷିତ ହୋଇଛି। ଏ ଦୁହିଁଙ୍କ ବ୍ୟତୀତ ଲୋପାମୁଦ୍ରା ଜେନା ମଧ୍ୟ ଓଡ଼ିଶୀ ଏକକ ନୃତ୍ୟ ପରିବେଷଣ କରିଥିଲେ ଶେଷରେ ସୁରଭି ଅନୁଷ୍ଠାନର କଳାକାରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।

# ସୁଭଦ୍ରା ରଥର ନୂତନ ତୁମ୍ବ ବିନ୍ଧ ଚାଲିଛି

**ପୁରୀ ଅଫିସ,୩୦ା୫**

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ତୁମ୍ବରେ ଅର ଓ ପଇ ସଂଯୋଗ କରାଯାଇ ଚକ ନିର୍ମାଣ ଚାଲିଛି। ସୁଭଦ୍ରା ରଥର ଏକ ଚକରେ ବିଲେଇ ବାଡ଼ିଆ ବେଳେ ତୁମ୍ବରେ ଫାଟ ସୃଷ୍ଟି ହୋଇଥିଲା। ଏହାକୁ ପରିବର୍ତ୍ତନ କରାଯାଇ ନୂତନ ତୁମ୍ବ ନିର୍ମାଣ ହୋଇଥିଲା। ସେଥିରେ ବିନ୍ଧ କାମ ଚାଲିଛି। ବିନ୍ଧ କାମ ସରିବା ପରେ ଚକ ନିର୍ମାଣ କରାଯିବ ବୋଲି ମୁଖ୍ୟ ମହାରଣା କୃଷ୍ଣଚନ୍ଦ୍ର ମହାରଣା କହିଛନ୍ତି। ଗୁରୁବାର ସୁଦ୍ଧା ୨୫ଟିରୁ ଊର୍ଦ୍ଧ୍ୱ ଚକ ନିର୍ମାଣ ସରିଛି। ଚକ ନିର୍ମାଣ ସହ ଏବେ ଦଣ୍ଡା କାମ ଚାଲିଛି। ରୂପକାର ସେବକ ଖୋଦେଇ କାମରେ ବ୍ୟସ୍ତ ରହିଛନ୍ତି। ତିନି ରଥର କଣଗୁଜ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାପରେ ସିଂହାସନ ଖୋଦେଇ କାମ ଆରମ୍ଭ ହେବ। ତିନିରଥର ତିନୋଟି ସିଂହାସନ ଖୋଦେଇ କରାଯିବ। ଏଥିରେ ଡାଳି, ପୂର୍ଣ୍ଣକୁମ୍ଭ, ଦୁଇ ପାର୍ଶ୍ୱରେ ୨ଟି ମାଛ, ପଦ୍ମ ପାଖୁଡା ହଂସ ପଟା ଓ ହାତୀପଟା ଖୋଦେଇ କରାଯିବ ବୋଲି ରୂପକାର ସେବକ ପଞ୍ଚାନନ ମହାପାତ୍ର କହିଛନ୍ତି। ଅନ୍ୟପଟେ ଦୋଳବେଦି ଅସ୍ଥାୟୀ କମାରଶାଳରେ କମାର ସେବକ ଲୁହାକଣ୍ଟା ପ୍ରସ୍ତୁତି କରୁଛନ୍ତି।

**ରଥଖଳାରୁ...**



ସୁଭଦ୍ରାଙ୍କ ରଥର ନୂତନ ତୁମ୍ବ ତିଆରି କରାଯାଉଛି।



ରଥଖଳାରେ ଚକ ନିର୍ମାଣରେ ନିମଗ୍ନ ମହାରଣା ସେବକ।



ସ୍ୱତନ୍ତ୍ର ଶଗଡ଼ ସହାୟତାରେ ଭୋଇସେବକମାନେ ରଥକାଠ ବୋହୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସନ୍ଦୀପ



ସିପୁ



ଆଶିଷ



ଗଣେଶ



ସନ୍ତୋଷ



ପ୍ରଜ୍ଞାନ



ଏସ୍‌ବି



ସର୍ବଦା ଅହିଂସା ଆଚରଣ କରା କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
- ବ୍ୟାସଦେବ



## ସଂକ୍ଷେପରେ

### ରାଜଧାନୀ ଭିତରେ ମାତିଛନ୍ତି ଲୁଟେରା

## ଡ୍ରାଇଭରଙ୍କୁ ଭୁଆଁବୁଲାଇ କାର୍‌ରୁ ଲୁଟିନେଲେ ୩ ଲକ୍ଷ

ଭୁବନେଶ୍ୱର,୩୦।୫(ବ୍ୟୁରୋ): ରାଜଧାନୀରେ ମାତିଛନ୍ତି ଲୁଟେରା। ଏକାଧିକ ଗ୍ୟାଙ୍ଗ୍ ସହରରେ ସକ୍ରିୟ ରହିଥିବାବେଳେ ପୋଲିସକୁ ଚ୍ୟାଲେଞ୍ଜ କରୁଛନ୍ତି। ଦିନଦ୍ୱିପ୍ରହରରେ ବି ଲୁଟ୍‌ପାଟ କରୁଛନ୍ତି। ଗୁରୁବାର ଅପରାହ୍ନରେ ଜନଗହଳିପୂର୍ଣ୍ଣ ରାଜମହଲ ଛକରେ ଦୁର୍ବୃତ୍ତମାନେ ଅଭିନବ ଉପାୟରେ ଏକ କାର୍‌ରୁ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ସୂଚନା ମୁତାବକ, ରାୟଗଡ଼ା ଜିଲା ମୁନିଗୁଡା ଅଞ୍ଚଳର ଦାମୋଦର ମହାପାତ୍ର କିଛିଦିନ ତଳେ କିଣିଥିବା ଏକ ବ୍ୟବହୃତ କାରକୁ ଫେରାଇବାକୁ ଗୁରୁବାର ଭୁବନେଶ୍ୱର ଆସିଥିଲେ। ରାଜମହଲ ଛକ ନିକଟରେ କାର ପାର୍କିଂ କରି ନିକଟସ୍ଥ ଏକ ଡ୍ରେସ ଶୋ'ରୁମକୁ ଯାଇଥିଲେ। ଉକ୍ତ କାରରେ ଦାମୋଦରଙ୍କ ଡ୍ରାଇଭର ଓ ତାଙ୍କ ବନ୍ଧୁ ଭିତରେ ବସିଥିଲେ। ଏହି ସମୟରେ ଦୁଇଟି ବାଇକରେ ୩ଜଣ ଯୁବକ ଆସି ତାଙ୍କ କାର ନିକଟରେ ପହଞ୍ଚିଥିଲେ। ସେମାନେ କାର୍ ତଳୁ ମୋବିଲ ବାହାରୁଥିବା କହିବାରୁ ଡ୍ରାଇଭର ଓ ବନ୍ଧୁ ଗାଡ଼ିରୁ ଓହ୍ଲାଇ ବନେଟ ଖୋଲି ଯାଞ୍ଚ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକମାନେ କାର୍ ପଛ ସିଟ୍‌ରେ ବ୍ୟାଗରେ ରହିଥିବା ୩ ଲକ୍ଷ ଟଙ୍କା ଧରି ଫେରାର ହୋଇଯାଇଥିଲେ। ଏହାଦେଖି ଡ୍ରାଇଭର ଓ ବନ୍ଧୁ ପାଟିକରି ଲୁଟେରାଙ୍କ ପଛରେ କିଛିବାଟ ଗୋଡ଼ାଇ ଯାଇଥିଲେ। ହେଲେ ଗହଳି ଭିତରେ ଦ୍ରୁତଗତିରେ ଗାଡ଼ି ଚଳାଇ ଲୁଟେରମାନେ ଚମ୍ପଟ ମାରିଥିଲେ। ଦାମୋଦରଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଛି ଓ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି।

## ମହିଳାଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩୦।୫(ବ୍ୟୁରୋ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୀଳମାଧବ ବସ୍ତିରେ ରହୁଥିବା ନୟାଗଡ଼ ଶରଣକୁଳ ଅଞ୍ଚଳର ବିକାଶ ନାୟକ(୨୨)। ପୋଲିସ ଆଇପିସି ଦଫା ୪୫୨, ୩୪୧, ୩୨୩, ୨୯୪, ୩୫୪, ୫୦୬ ଓ ୩୪ରେ ମାମଲା (ନଂ.୧୯୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୮ଜଣ ଫେରାର ଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, କୌଶଲ୍ୟା ଠାକୁର ନାମକ ଜଣେ ମହିଳା ମା' ମଙ୍ଗଳା ବସ୍ତିରେ ପରିବାର ସହ ରହୁଛନ୍ତି। କୌଣସି କଥାକୁ ନେଇ ଅଭିଯୁକ୍ତ ବିକାଶଙ୍କ ସହିତ କୌଶଲ୍ୟାଙ୍କର ଝଗଡା ହୋଇଥିଲା। ଏହାକୁ କେନ୍ଦ୍ରକରି ଗତ ୨୦ ତାରିଖ ଅପରାହ୍ନ ୩ଟାରେ ବିକାଶ ୮ଜଣ ସହଯୋଗୀଙ୍କ ସହ ବାଇକ୍‌ରେ ଆସି କୌଶଲ୍ୟାଙ୍କ ଘର ନିକଟରେ ପହଞ୍ଚିଥିଲେ। ପରେ ତାଙ୍କୁ ଅସଦାଚରଣ କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଧମକଚମକ ଦେଇ ଆକ୍ରମଣ କରିଥିଲେ। ଏନେଇ କୌଶଲ୍ୟ ଥାନାରେ ଅଭିଯୋଗ କରିଥିଲେ।

## ମଧୁପୁରରେ ସରିଲା ରାମଲୀଳା

ବାରଙ୍ଗ,୩୦।୫(ଡି.ଏନ.ଏ.) ବାରଙ୍ଗ ମଧୁପୁରର ସୀତାକାନ୍ତ ରାମଲୀଳା ସମିତ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ପ୍ରଥମ ପର୍ଯ୍ୟାୟ ରାମଲୀଳା ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଗ୍ରାମମୁଣ୍ଡ ରାମଲୀଳା ମଣ୍ଡପରେ ହୋଇଥିବା ରାମଲୀଳାର ପ୍ରଥମରାତି ସୀତାବିବାହ, ଦ୍ୱିତୀୟ ରାମବନବାସ, ତୃତୀୟ ସୀତାଚୋରି ଶୀର୍ଷକ ନାଟକ ପରିବେଷଣ କରାଯାଇ ଉଦ୍‌ଯାପିତ ହୋଇଛି। ମଧୁପୁର ଗ୍ରାମବାସୀଙ୍କ ଏହା ପର୍ବ ହୋଇଥିବାରୁ ଏହି ୩ଦିନ ଗ୍ରାମବାସୀ ଘରେ ଆମିଷ ନ କରିବା ସହ ନୀତିନିୟମରେ ରହିଥାନ୍ତି। ବହୁପୁରୁଣା କାଳରୁ ଏହି ଗ୍ରାମରେ ରାମଲୀଳା ଆରମ୍ଭ ହୋଇଛି। ବହୁ ମାନସିକଧାରୀ ବ୍ରତ ରଖି ଉପକୃତ ହୋଇଥିବାର ଗ୍ରାମବାସୀ କହିଛନ୍ତି। ପୁଣି ଦ୍ୱିତୀୟ ପର୍ଯ୍ୟାୟ ରାମଲୀଳା ପହିଲିରଜ ଠାରୁ ୪ଦିନ ବ୍ୟାପୀ ହେବ।

# ଏସ୍‌ସିବିକୁ ମିଳିଲା ସୋଟୋ ସ୍ୱୀକୃତି

### ଖୁବ୍‌ଶୀଘ୍ର କାଡାଭରିକ ଟ୍ରାନ୍ସପ୍ଲାଣ୍ଟ

କଟକ ଅଫିସ, ୩୦।୫

ଏସ୍‌ସିବିକୁ ଷ୍ଟେଟ ଅର୍ଗାନ ଅଫ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ସୋଟୋ) ସ୍ୱୀକୃତି ମିଳିଛି। ନ୍ୟାଶନାଲ ଅର୍ଗାନ ଅଫ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ନୋଟୋ) ପକ୍ଷରୁ ଏସ୍‌ସିବିକୁ ଏହି ସ୍ୱୀକୃତି ମିଳିବା ପରେ ଏଠାରେ ଖୁବ୍‌ଶୀଘ୍ର କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ଆରମ୍ଭ ହେବାକୁ ଯାଉଛି। ଏ ନେଇ ଖୁବ୍‌ଶୀଘ୍ର ଦିଲ୍ଲୀରେ ଏକ ବୈଠକ ଅନୁଷ୍ଠିତ ହେବ। ଏହାପରେ ଏସ୍‌ସିବିରେ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ପାଇଁ ନୋଟୋର ପଦାଧିକାରୀମାନେ ଆସି ବୈଠକ କରିବେ ବୋଲି ଜଣାପଡ଼ିଛି। କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ଆରମ୍ଭ ହେବା ପରେ ଆଇସିୟୁ ଭିତରେ ବ୍ରେନ୍ ଡେଡ୍ ହୋଇଥିବା ରୋଗୀମାନଙ୍କର ଶରୀରର ବିଭିନ୍ନ ଅଙ୍ଗ ଯଥା କିଡ୍‌ନୀ, ଲିଭର, ପାନକ୍ରିଆଜ, ଲଙ୍ଗସ୍ ଓ କର୍ଣ୍ଣିଆ ପ୍ରଭୃତି କଢାଯାଇ ଆବଶ୍ୟକ କରୁଥିବା ରୋଗୀଙ୍କ କ୍ଷେତ୍ରରେ ଉପଯୋଗ କରାଯିବ। ଅର୍ଥାତ୍ ବ୍ରେନ୍ ଡେଡ୍ ହୋଇଥିବା ରୋଗୀଙ୍କ ଶ୍ୱାସକ୍ରିୟା କେବଳ ଭେଣ୍ଟିଲେଟର ମାଧ୍ୟମରେ ଚାଲୁଥିବ। ଭେଣ୍ଟିଲେଟର କାଢିବାମାତ୍ରେ ରୋଗୀଙ୍କ ମୃତ୍ୟୁ ନିଶ୍ଚିତ ଥିବ। ରୋଗୀଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିବା ପାଇଁ ଦୁଇଟି ସ୍ୱାଧୀନ ଡାକ୍ତରୀ ଟିମ୍ ଗଠନ କରାଯିବ। ଏଥି ନିମନ୍ତେ ଏକ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁୟର)ପ୍ରଣୟନ କରାଯିବ। ପ୍ରଥମ ଟିମ୍ ରୋଗୀଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିବାର ୬ଘଣ୍ଟା ପରେ ଦ୍ୱିତୀୟ ଟିମ୍ ଏହାକୁ ପୁଣିଥରେ ସ୍ଥିର ନିଶ୍ଚିନ୍ତ କରିବ। ୫ଟି ଆଇସିୟୁ ବେଡ୍ ଥିବା ରାଜ୍ୟର ଘରୋଇ, ସରକାରୀ ହସ୍ପିଟାଲଗୁଡିକୁ ହାର୍ଭେଷ୍ଟିଂ ସେଣ୍ଟରଭାବେ ଘୋଷଣା କରାଯିବ। ଏସ୍‌ସିବି ରହିବ ନୋଡାଲ ସେଣ୍ଟର। ଅର୍ଥାତ୍ ଏହି ସବୁ ହସ୍ପିଟାଲ ଆଇସିୟୁରେ ବ୍ରେନ୍ ଡେଡ୍ ଅବସ୍ଥାରେ ଥିବା ରୋଗୀମାନଙ୍କ ଠାରୁ ଉପରୋକ୍ତ ଅଙ୍ଗଗୁଡିକୁ ବୈଜ୍ଞାନିକ ପଦ୍ଧତିରେ କଢାଯାଇ ଅନ୍ୟ ରୋଗୀଙ୍କ କ୍ଷେତ୍ରରେ ସଫଳତାର ସହିତ ପ୍ରତ୍ୟାରୋପଣ କରାଯିବ। ବ୍ରେନ୍ ଡେଡ୍ ହୋଇଥିବା ରୋଗୀଙ୍କ ପରିବାରବର୍ଗଙ୍କ ସମ୍ମତି ମଧ୍ୟ ନିତାନ୍ତ ଆବଶ୍ୟକ ହେବ।

ସୂଚନାଥାଉ କି, ଏସ୍‌ସିବିରେ ୨୦୧୨ ମାର୍ଚ୍ଚ ୧୯ରୁ କିଡ୍‌ନୀ ପ୍ରତ୍ୟାରୋପଣ ସଫଳତାର ସହିତ କରାଯାଉଛି। ଇତିମଧ୍ୟରେ ୧୬୦ ଜଣ ରୋଗୀଙ୍କ କ୍ଷେତ୍ରରେ କିଡ୍‌ନୀ ପ୍ରତ୍ୟାରୋପଣ କରାଯାଇଥିବା ଏସ୍‌ସିବି ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା କହିଛନ୍ତି। ଏସ୍‌ସିବି ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଚିତ୍ତରଞ୍ଜନ କରଙ୍କ କହିବା ଅନୁଯାୟୀ, ଅଙ୍ଗପ୍ରତ୍ୟଙ୍ଗ ଅଭାବ ହେଉଥିବାରୁ ଅନେକ ରୋଗୀ ମୃତ୍ୟୁବରଣ କରୁଛନ୍ତି। ଉଦାହରଣ ଦେଇ ସେ କହିଛନ୍ତି, ଓଡ଼ିଶାରେ ମାସକୁ ୧୫୦୦ରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣା ଘଟୁଛି। ଏହିସବୁ ଦୁର୍ଘଟଣାରେ ଆକ୍ରାନ୍ତଙ୍କ ମଧ୍ୟରେ ୧୦ ପ୍ରତିଶତ ରୋଗୀଙ୍କୁ ଯଦି ବ୍ରେନ୍ ଡେଡ୍ ଧରାଯାଏ ଏବଂ ସେମାନଙ୍କ ମଧ୍ୟରୁ ୫ ପ୍ରତିଶତ ଯଦି ଅଙ୍ଗପ୍ରତ୍ୟଙ୍ଗ ଦାନ କରନ୍ତି ତେବେ ୭୫ ଜଣ ରୋଗୀ ନୂଆ ଜୀବନ ପାଇପାରିବେ। ତେବେ ଏସ୍‌ସିବିରେ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଥିବା ବେଳେ କେବଳ କିଡ୍‌ନୀ ପ୍ରତ୍ୟାରୋପଣକୁ ଛାଡ଼ିଦେଲେ ଆଉ କୌଣସି ପ୍ରତ୍ୟାରୋପଣ ଏଠାରେ ସମ୍ଭବ ହୋଇନାହିଁ। ଏପରି କି ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ୬ ବର୍ଷ ତଳୁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା ସମ୍ଭବ ହୋଇନାହିଁ। ସେହିପରି କର୍ଣ୍ଣିଆ ଟ୍ରାନ୍ସପ୍ଲାଣ୍ଟ ଭଳି ସାଧାରଣ ଚିକିତ୍ସା ବ୍ୟବସ୍ଥା ମଧ୍ୟ ଏଠାରେ ସମ୍ଭବପର ହୋଇନାହିଁ। ମାତ୍ର ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ ହୋଇ ଯନ୍ତ୍ରପାତି ଆସିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହେବା ସ୍ୱାସ୍ଥ୍ୟ ବିଭାଗର ଦୁର୍ବଳତାକୁ ପଦାରେ ପକାଇଛି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କୁହନ୍ତି, ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ନିକଟରେ ଏ ନେଇ ମେଡିକାଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରାଯାଇଛି।



- ରୋଗୀଙ୍କୁ ବ୍ରେନ୍ ଡେଡ୍ ଘୋଷଣା ପାଇଁ ଗଠନ ହେବ ଡାକ୍ତରୀ ଟିମ୍
- ଅଙ୍ଗ ପ୍ରତିରୋପଣ ପାଇଁ ରୋଗୀ ପରିବାରବର୍ଗଙ୍କ ସମ୍ମତି ନିତାନ୍ତ ଆବଶ୍ୟକ

## ୧୦୬ ବର୍ଷର ବୃଦ୍ଧାଙ୍କ ଜୀବନରକ୍ଷା କଲେ ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ ଡାକ୍ତର

ଭୁବନେଶ୍ୱର, ୩୦।୫(ବ୍ୟୁରୋ)



ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲର ଡାକ୍ତରମାନେ ଜଣେ ୧୦୬ ବର୍ଷର ବୃଦ୍ଧାଙ୍କ ଜୀବନରକ୍ଷା କରିଛନ୍ତି। ବାଲେଶ୍ୱର ଜିଲାର ବୃଦ୍ଧା ପାର୍ବତୀ ବେହେରା ପ୍ରବଳ ଜ୍ୱରରେ ଆକ୍ରାନ୍ତ ହୋଇ ବିଆର୍ ଲାଇଫ କଳିଙ୍ଗ ହସ୍ପିଟାଲ ଆସିଥିଲେ। ପରିସ୍ରା ସମୟରେ ଜଳାପୋଡ଼ା ସହ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ। ସେହିଭଳି ଗୋଡ଼ରେ ଅହେତୁକ ଫୁଲା ରହିଥିଲା। ପରୀକ୍ଷା ନିରୀକ୍ଷା ପରେ ସେ ଫୁସ୍‌ଫୁସ୍ ସଂକ୍ରମଣ ଓ କ୍ରୋନିକ କିଡ୍‌ନୀ ରୋଗ ସହିତ ୟୁରୋସେପ୍‌ସିସ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ୟୁରୋସେପ୍‌ସିସ୍ ଏପରି ଏକ ସ୍ଥିତି ଯେତେବେଳେ ଏକ ୟୁରିନାରୀ ଟ୍ରାକ୍ଟ ସଂକ୍ରମଣ ହୋଇ ରକ୍ତ ପ୍ରବାହରେ ବିସ୍ତାର କରିଯାଇଥାଏ। ପରବର୍ତ୍ତୀ ସମୟରେ ସଂକ୍ରମଣ ସମ୍ପୂର୍ଣ୍ଣ ଶରୀରକୁ ବ୍ୟାପୀ ଯାଇଥାଏ। ଏହା ଅନେକ ସମୟରେ ଏକାଧିକ ଅଙ୍ଗକୁ ଅକାମୀ କରିବା ସହିତ ଜୀବନ ନାଶକାରୀ ହୋଇପାରେ। ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲର ୟୁରୋଲୋଜିଷ୍ଟ ଡା. ବିଶ୍ୱଜିତ ନନ୍ଦଙ୍କ ପାଇଁ ଏପରି ଅନେକ ଆହ୍ୱାନ ରହିଥିଲା। ତାଙ୍କ କହିବାନୁଯାୟୀ, 'ରୋଗୀର ବୟସ, ଏକାଧିକ ସଂକ୍ରମଣ, କ୍ରନିକ କିଡ୍‌ନୀ ରୋଗଗୁଡ଼ିକ ସବୁଠାରୁ ଅଧିକ ଚ୍ୟାଲେଞ୍ଜ ଥିଲା। ରୋଗୀର ନିମ୍ନ ରକ୍ତଚାପ ଓ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଚିକିତ୍ସା ପାଇଁ ଏକ ବଡ଼ ସମସ୍ୟା ଥିଲା। ଚିକିତ୍ସାରେ ତାଙ୍କର ଫୁସଫୁସ୍ ସଂକ୍ରମଣକୁ ଆଣ୍ଟିବାୟୋଟିକ ବ୍ୟବହାର କରି ରୋକିବା ଥିଲା ପ୍ରଥମ ସ୍ତର। ୟୁରିନାରୀ ଟ୍ରାକ୍‌ରେ ସଂକ୍ରମଣକୁ ଦୂରେଇବା ପାଇଁ ତାଙ୍କୁ ଅସ୍ତ୍ରୋପଚାର ନିମନ୍ତେ ନିଆଯାଇଥିଲା। ଏହାପରେ ୟୁରୋସେପ୍‌ସିସ୍‌କୁ ଚିକିତ୍ସା କରାଯାଇଥିଲା। ଯଦିଓ ରୋଗୀ ଜଣକ କ୍ରନିକ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ, ତଥାପି ଏହା ଠିକ୍ ସମୟରେ ଚିହ୍ନଟ ହୋଇପାରିଥିଲା। ଉପଚାର ମାଧ୍ୟମରେ ଏହାର ଠିକ୍ ପରିଚାଳନା କରାଯାଇପାରିଥିଲା ଏବଂ ଡାଏଲିସିସ୍‌କୁ ବାରଣ କରାଯାଇଥିଲା। ବର୍ତ୍ତମାନ ପାର୍ବତୀ ବେହେରା ସୁସ୍ଥ ଅଛନ୍ତି। କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ବିନା ସେ ନିଜର ଦୈନନ୍ଦିନ କାର୍ଯ୍ୟ କରୁଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ଓଡ଼ିଶା ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ଦୁଇ ଚୋରା ବାଇକ୍ ଜବତ, ୨ ଗିରଫ

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ରାଜଧାନୀର ବିଭିନ୍ନ ସ୍ଥାନରେ ବାଇକ ଚୋରି କରୁଥିବା ଦୁଇ ଜଣିଆ ଲୁଟେରା ଗ୍ୟାଙ୍ଗ୍‌କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଧରିଛି। ଦୁଇଟି ଚୋରି ବାଇକକୁ ଜବତ କରିବା ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରସୁଲଗଡ଼ ଶବରସାହିର ତାରିଣୀ ପ୍ରସାଦ ମହାପାତ୍ର ଓ ଚକେଇଶିଆଣୀରେ ରହୁଥିବା ମାନସ ଜେନା। ପୋଲିସ ମାମଲା (ନଂ.୨୦୬/୧୯) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ବୁଧବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ପକ୍ଷରୁ ଶୈଳଶ୍ରୀବିହାର ଏଟିଏମ୍ ଛକ ନିକଟରେ ଗାଡିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ତାରିଣୀ ଓ ମାନସ ଏକ ଚୋରା ବାଇକରେ ଯାଉଥିଲେ। ପୋଲିସ ଅଟକାଇ ଯାଞ୍ଚ କରିବା ପରେ ସେମାନଙ୍କ ଉପରେ ସନ୍ଦେହ ହୋଇଥିଲା। ଗାଡିର କାଗଜପତ୍ର ଦେଖାଇବା ପାଇଁ କହିଥିଲେ ମଧ୍ୟ ସେମାନେ ତାହା ଦେଖାଇ ପାରି ନ ଥିଲେ। ପୋଲିସ ଥାନାକୁ ନେଇ ପଚରାଉଚରା କରିବା ପରେ ସେମାନେ ବାଇକ ଚୋରି କରୁଥିବା ସ୍ୱୀକାର କରିଥିଲେ। ସେମାନଙ୍କ ସୂଚନାନୁସାରେ ପୋଲିସ ଅନ୍ୟ ଏକ ସ୍ଥାନରେ ଚଢାଉ କରି ଆଉଏକ ବାଇକ ଜବତ କରିଥିଲା। ସେମାନେ ନିକଟରେ ନିଳାଦ୍ରୀବିହାର ବୁଦ୍ଧପାର୍କ ନିକଟରେ ଏକ ବାଇକ ଚୋରି କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ପଥଚାରୀଙ୍କ ତୃଷା ମେଣ୍ଟାଉଛି ବିଏମ୍‌ସି



ବିଏମ୍‌ସି ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର ଶିବିର।

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଗ୍ରୀଷ୍ମ ଦିନରେ ପାନୀୟ ଜଳର ସୁବନ୍ଦୋବସ୍ତକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଗୁରୁତ୍ୱ ଦେଇଛି। ନିୟମିତ ଭାବେ ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ବିଏମ୍‌ସି ପକ୍ଷରୁ ବିଭିନ୍ନ ସଂଗଠନମାନଙ୍କୁ ଜଳ ସେବା ଶିବିର କରିବା ପାଇଁ ପ୍ରୋତ୍ସାହିତକ କରାଯାଇ ଜଳସେବା ଯୋଗାଇ ଦିଆଯାଇଛି। ପ୍ରାଥମିକ ଭାବେ ମାଠିଆ, ମଗ ଏବଂ ପାନୀୟ ଜଳର ସହଯୋଗ ଦ୍ୱାରା ଏହି ଜଳ ସେବା ଶିବିରର କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ କିଛିଦିନ ପରେ ବାତ୍ୟା 'ଫନୀ'ର ପ୍ରକୋପରେ ସମସ୍ତ ୬୩ଟି ଜଳ ସେବା ଶିବିର ଉଜୁଡି ଯାଇଥିଲା। ଆୟୋଜନକାରୀ ସଂସ୍ଥାଗୁଡିକ ପୁଣିଥରେ କରିବାକୁ କଷ୍ଟ ମନେକରିଥିଲେ। ବାତ୍ୟାର ଏକ ସପ୍ତାହପରେ ବିଏମ୍‌ସି ସମ୍ପୃକ୍ତ ସଂସ୍ଥାଙ୍କୁ ନେଇ ଏକ ବୈଠକର ଆୟୋଜନ କରିଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ଯୋଗଦେଇଥିଲେ। ପାନୀୟ ଜଳର ନିହାତି ଆବଶ୍ୟକତା, ଗ୍ରୀଷ୍ମକାଳରେ ଏହାର ଅଭାବପୂରଣ, ବାଟଘାଟରେ ଏହାର ବଣ୍ଟନକୁ ସମସ୍ତେ ଗୁରୁତ୍ୱ ଦେଇଥିଲେ। ସ୍ୱେଚ୍ଛାକୃତ ଭାବେ ଜଳ ସେବା କରିବା ପାଇଁ ଆଗେଇ ଆସିଥିବା ସଙ୍ଗଠନମାନଙ୍କୁ ବିଏମ୍‌ସି ପକ୍ଷରୁ ୫ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଏହାପରଠାରୁ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଜଳ ସେବା ଶିବିର କରାଯାଇଛି। ଏଥିସହ ୩୩ରୁ ଊର୍ଦ୍ଧ୍ୱ ୱାଟର ଏଟିଏମ୍‌କୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି।

### ସୈନିକ ସ୍କୁଲରୁ ଡମଣା ଛକ ରାସ୍ତା

## ଶୀଘ୍ର କାମ ଶେଷ କରିବାକୁ ଦାବି

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଜୁନ୍ ଶେଷ ସପ୍ତାହରେ ମୌସୁମୀ ଆସିବ। ମୌସୁମୀ ପରେ କୌଣସି ପରିସ୍ଥିତିରେ ରାସ୍ତା କାମ କରିହେବ ନାହିଁ। ବହୁ ବାଦବିବାଦ ପରେ ସୈନିକ ସ୍କୁଲରୁ ଡମଣା ଛକ ରାସ୍ତା କାମ ଆରମ୍ଭ ହୋଇଛି। ହକି ବିଶ୍ୱକପ୍ ପୂର୍ବରୁ ଏହା ଶେଷ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ମାତ୍ର ଅଳ୍ପଦିନ କାମ କରି ଏହାକୁ ବନ୍ଦ କରିଦିଆଯାଇଥିଲା। ଗତ କିଛିଦିନ ହେବ ଏହି କାମ ଆରମ୍ଭ ହୋଇଛି ସତ କିନ୍ତୁ ତାହା ଏବେ ମନ୍ଥର ଗତିରେ ଚାଲିଛି। ଏ ନେଇ ଆଦିମାତା କଲୋନୀର ଦିଲୀପ ମିଶ୍ର କହିଛନ୍ତି, ତ୍ରିଶୁଳିଆ ପୋଲ ସରିବା ପରେ ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତା କଟକରୁ ଭୁବନେଶ୍ୱର ସଂଯୋଗ କରୁଥିବା ଅନ୍ୟ ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ସଦାସର୍ବଦା ଏହା ବ୍ୟସ୍ତବହୁଳ ରହୁଛି। ଫଳରେ ସୈନିକ ସ୍କୁଲରୁ ଡମଣା ଛକଯାଏଁ ସଂଯୋଗ ହୋଇଥିବା ଏହି ମୁଖ୍ୟ ରାସ୍ତାଟିରେ ପ୍ରତିଦିନ ଭିଡ଼ ପରିଲକ୍ଷିତ ହେଉଛି। ଯାହାଦ୍ୱାରା ଅନେକ ସମୟରେ ଅସାବଧାନତା ହେତୁ ଅଞ୍ଚଳବାସୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତାଟିକୁ ପ୍ରଶସ୍ତ କରିବା ସହ ପର୍ଯ୍ୟାପ୍ତ ରାସ୍ତା ଥିଲେ ମଧ୍ୟ ଏହାକୁ ସେହି ସଂକୀର୍ଣ୍ଣତା ମଧ୍ୟରେ ସାରି ଦିଆଯାଉଛି। ଫଳରେ ଗୋଟିଏ ଗାଡ଼ି ଗଲେ ଅନ୍ୟଟିକୁ ରାସ୍ତାକଡ଼ରେ ଛିଡ଼ା ହେବାକୁ ପଡୁଛି। ଦୁର୍ଘଟଣା ଘଟିବା ନେଇ ଏକ ପ୍ରମୁଖ କାରଣ ହୋଇଥିବା ବେଳେ ଏନେଇ ଏଯାବତ୍ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୂର୍ବରୁ ସୈନିକ ସ୍କୁଲ କର୍ତ୍ତୃପକ୍ଷ ଏହି ରାସ୍ତାର ପୁନରୁଦ୍ଧାର ଲାଗି ଅରାଜି ଥିବାବେଳେ ଏବେ ନିଜର ସହମତି ପ୍ରକାଶ କରିଛନ୍ତି। କିନ୍ତୁ ରାସ୍ତାକାମ ଆଗକୁ ବଢିପାରୁନାହିଁ। ବର୍ତ୍ତମାନ ସୁଦ୍ଧା ମରାମତି କାର୍ଯ୍ୟ ମାତ୍ର ୧୦ ପ୍ରତିଶତ ସରିଥିବା ବେଳେ ଏବେ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଗଲା ପରି ଲାଗୁଛି। ଏ ରାସ୍ତାର ମରାମତି ଏବେ କରା ନ ଗଲେ ଆଗକୁ ବର୍ଷା ଯୋଗୁ ହୋଇପାରିବ ନାହିଁ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ମୌସୁମୀ ଆସିବା ପୂର୍ବରୁ ରାସ୍ତାକାମ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଖଡଗପୁର ଉତ୍କଳ ବିଦ୍ୟାପୀଠରେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଖଡ଼ଗପୁର ଉତ୍କଳ ବିଦ୍ୟାପୀଠର ୧୯୯୬ ବ୍ୟାଚ୍ ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ଆଲୁମ୍ନି ମିଟ୍ ତଥା ବନ୍ଧୁମିଳନ ଉତ୍ସବ ଗତ ୨୨ ତାରିଖରେ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉକ୍ତ ବ୍ୟାଚ୍‌ର ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହେବାର ଦୀର୍ଘ ୨୩ବର୍ଷ ପରେ ପ୍ରଥମଥର ପାଇଁ ଏଭଳି ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷକଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅବସରପ୍ରାପ୍ତ ଶିକ୍ଷକମାନେ ଯୋଗଦେଇ ବିଦ୍ୟାଳୟ ଜଡ଼ିତ ସେମାନଙ୍କର ସ୍ମୃତି ଏବଂ ବର୍ତ୍ତମାନର ସ୍ଥିତାବସ୍ଥା ସମ୍ପର୍କରେ କହିଥିଲେ। ତେବେ ଏହି ବନ୍ଧୁମିଳନ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁରୁଣା ସ୍ମୃତିକୁ ତାଜା କରିଥିଲା। ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ କିଏ କେଉଁ କ୍ଷେତ୍ରରେ ସଫଳତା ପାଇଛନ୍ତି ତାହା ମଧ୍ୟ ଏଠାରେ ଆଲୋଚନା ହୋଇଥିଲା।




ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

### ଶ୍ରୀଲିଙ୍ଗରାଜଙ୍କ ପ୍ରସ୍ତୁତି ବୈଠକ

## ଶୋଭାଯାତ୍ରାରେ ସାମିଲ ହେବେ ୨ଶହ ବରଯାତ୍ରୀ

ପୁରୁଣା ଭୁବନେଶ୍ୱର, ୩୦।୫ (ଡି.ଏନ.ଏ.)

ଜୁନ୍ ୭ ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏହି ଶିବ ବିବାହ ଉତ୍ସବକୁ ଶୃଙ୍ଖଳିତ କରିବାକୁ ଗୁରୁବାର ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଠାକୁରଙ୍କ ଶୀତଳଷଷ୍ଠୀ ପାଇଁ ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଥିଲା। ସେହିଦିନ ମନ୍ଦିରରୁ ୨ଶହ ବରଯାତ୍ରୀ କେଦାରଗୌରୀ ମନ୍ଦିର ଅଭିମୁଖେ ଯାତ୍ରା କରିବା ପାଇଁ ସ୍ଥିର ହୋଇଛି। ଶୋଭାଯାତ୍ରାରେ ଶୃଙ୍ଖଳା ଆଣିବାକୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବା ନେଇ ଆଲୋଚନା ହୋଇଥିଲା। ୭ ତାରିଖରେ ସକାଳ ସାଢେ ୬ଟାରେ ମଙ୍ଗଳଆଳତି ଓ ଅବକାଶ ସାଢେ ୬ଟାରୁ ସାଢେ ୯ଟା ସାହାଣମେଳା ଦର୍ଶନ ହେବ। ସକାଳ ୭ଟାରେ କୋଠରୋଷ ଧୋପକାଳ, ହୋମ ଓ ପାକ କାର୍ଯ୍ୟ ଆରମ୍ଭ, ପୂର୍ବାହ୍ନ ୧୦ଟାରେ ମହାସ୍ନାନ, ୧୦ଟା୨୦ରୁ ୧୧ଟା ମଧ୍ୟରେ ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ଠାକୁରାଣୀଙ୍କ ବଲ୍ଲଭ, ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ସାଢେ ୧୨ଟା ସକାଳ ଧୂପ, ଠାକୁରାଣୀଙ୍କ ସକାଳ ଧୂପ, ଭୋଗ ମଣ୍ଡପ ଅନୁଷ୍ଠିତ ହେବ। ପରେ ସାଢେ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ, ଅପରାହ୍ନ ୩ଟାରୁ ୫ଟା ବଲ୍ଲଭ ଦ୍ୱିପ୍ରହର ଧୂପ, ଠାକୁରାଣୀଙ୍କ ଦ୍ୱିପ୍ରହର ଧୂପ, ୫ଟାରୁ ସନ୍ଧ୍ୟା ୬ଟା ପହୁଡ, ୬ଟାରୁ ସାଢେ ୬ଟା ସନ୍ଧ୍ୟା ଅଳତି ଓ ଟେରା ଫିଟା, ସାଢେ୬ଟାରୁ ୮ଟା ବେଶ, ସନ୍ଧ୍ୟା ଧୂପ ପରେ ଦିଅଁ ବିଜେ, ଠାକୁରାଣୀଙ୍କ ସନ୍ଧ୍ୟା ଧୂପ, ରାତି ୮ଟାରେ ଶ୍ରୀକପିଳନାଥ ବିଜେ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ରାତି ୮ଟାରୁ ୯ଟା ବଡସିଂହାର, ପଞ୍ଚବକ୍ର ବିଜେ, ପୁଷ୍ପାଞ୍ଜଳି, ପହୁଡ, ରାତି ସାଢେ୯ରୁ ସାଢେ୧୦ଟା ମନ୍ଦିର ମଧ୍ୟରେ ବରଯାତ୍ରୀ ଭୋଜି, ସାଢେ ୧୦ଟାରୁ ୧୨ଟା ବରାନୁଗମନ, ମଧ୍ୟରାତ୍ରି ୧୨ଟାରୁ ଭୋର ସାଢେ ୪ଟା ବିବାହ ଅନୁଷ୍ଠିତ ହେବ। ସେହିପରି ଶ୍ରୀଜିଉଙ୍କର ଶୀତଳଷଷ୍ଠୀ ଫେରନ୍ତା ରୋଶଣି ଶନିବାର କେଦାରଗୌରୀ ମନ୍ଦିରରୁ ବାହାରିବ। ଏଥିଲାଗି ସକାଳ ୭ଟାରୁ ସାଢେ ୭ଟା ମଙ୍ଗଳ ଆଳତି ଓ ଅବକାଶ କେଦାରଗୌରୀ ମନ୍ଦିରରେ ହେବ। ୭ଟାରୁ ସାଢେ୯ଟା ସାହାଣମେଲା ଦର୍ଶନ, ୭ଟାରେ କୋଠରୋଷ ଧୋପକାଳ, ୮ଟାରେ କୋଠରୋଷ ହୋମ ଓ ପାକକାର୍ଯ୍ୟ ଆରମ୍ଭ, ରାତି ୧୦ଟାରେ ମହାସ୍ନାନ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ୧୦ଟା୨୦ରୁ ୧୧ଟା ଠାକୁରାଣୀ ବଲ୍ଲଭ, ସକାଳ ଧୂପ ୧ଟାରୁ ୨ଟା, ସାଢେ ୧୨ଟାରୁ ୩ଟା ସାହାଣମେଲା ଦର୍ଶନ, ୫ଟାରୁ ୬ଟା ଦ୍ୱିପ୍ରହର ଧୂପ, ୫ଟାରୁ ୬ଟା ପହୁଡ ହେବ। ସାଢେ ୮ଟାରୁ ସାଢେ ୯ଟା ସନ୍ଧ୍ୟା ଧୂପ, ୯ଟାରୁ ସାଢେ୯ଟା ସାହାଣମେଲା ଦର୍ଶନ, ସାଢେ୯ଟାରେ କେଦାରଗୌରୀ ମନ୍ଦିରରୁ ବିଜେ, ରାତ୍ର ସାଢେ ୩ଟାରୁ ସାଢେ୪ଟା ବଡସିଂହାର, ପଞ୍ଚବକ୍ର ବିଜେ, ପୁଷ୍ପାଞ୍ଜଳି, ପହୁଡ ଅନୁଷ୍ଠିତ ହେବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।



# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No. RDM-LAA-MBJ-0025-2018/ 39606 R&DM, Dated 25.10.2018**

**No. XXI-01:-** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡ଼ା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ଅମର୍ଦ୍ଦା, ଥାନା– ମୋରଡ଼ା ନଂ.–୨୩୮, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ୩୦.୦୪ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R Act, 2013)ର ୧୧(୧) ଧାରାର ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡ଼ା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲ ଡିଭିଜନ, ମୋରଡ଼ା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଅମର୍ଦ୍ଦା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୩୧.୯୫ | ଏ.୩୦.୦୪ | ଏଥି ସହିତ ସଂଲଗ୍ନ |

- **ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୬.୧୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।**

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଦେଉଳି, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

## ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା– ୫୩/୨୦୧୭
ଏ.୩୦.୦୪ଡି.
ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଦା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିମନ୍ତେ
ମୌଜା– ଅମର୍ଦ୍ଦା, ଥାନା– ମୋରଡ଼ା, ନଂ.–୨୩୮, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୱାଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪ | ୧୫୧୬ | ୦.୪୪ | ୦.୦୭ | ଶାରଦ ଦୁଇ | ଅନନ୍ତ କୁମାର ସାହୁ, ବାଞ୍ଛାନିଧି ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ରବି ନାରାୟଣ ସାହୁ, ସତ୍ୟନାରାୟଣ ସାହୁ, ପି: ରାମହରି ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ |
| ୧୦ | ୪୦ | ୩.୪୨ | ୦.୫୨ | ଶାରଦ ଦୁଇ | ଅନିରୁଦ୍ଧ ମହାନ୍ତି, ପି: ରୁଦ୍ର ମହାନ୍ତି, ଜା: ଏକାଦଶତେଲି, ବା: ଦଳେଇଡିହ |
| | ୧୨୨ | ୦.୨୩ | ୦.୦୨ | ଶାରଦ ଦୁଇ | |
| ୨୧ | ୨୭୯୫ | ୦.୧୨ | ୦.୦୮ | ଶାରଦ ଏକ | ଅରବିନ୍ଦ ପତି, ସରୋଜିନୀ ପତି, ପି: ଖଗେଶ୍ୱର ପତି, ଦୁର୍ଗାମଣୀ ପତି, ସ୍ୱା: ଖଗେଶ୍ୱର ପତି, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୪ | ୨୨୯୮ | ୧.୩୬ | ୦.୨୩ | ଶାରଦ ଏକ | ଆଦିକନ୍ଦ ଷଡ଼ଙ୍ଗୀ, ପି: ହରିହର ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୮୦୪ | ୦.୪୨ | ୦.୦୪ | ଶାରଦ ଏକ | |
| ୩୮ | ୫୮୬ | ୦.୫୬ | ୦.୧୪ | ଆଶୁ | ଉପେନ୍ଦ୍ର ରାଉତ, ପୁନ ରାଉତ, ଶ୍ରୀକାନ୍ତ ରାଉତ, ଗୋପୀନାଥ ରାଉତ, ପି: ରାମେଶ୍ୱର ରାଉତ, ଜା: ବଗାଳ, ବା: ନିଜଗାଁ |
| ୪୮ | ୧୧୨ | ୦.୬୦ | ୦.୦୨ | ଶାରଦ ଦୁଇ | କନ୍ଦା ମାଝୀ, ହପ୍ନା ମାଝୀ, କାଳିଆ ମାଝୀ, ପି: ବାଙ୍ଗରା ମାଝୀ, ଲୁସ୍କୁ ମାଝୀ, ଚାନ୍ଦୁ ମାଝୀ, ପି: ଥପ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୧ | ୧୫୧୯ | ୧.୩୦ | ୦.୧୮ | ଶାରଦ ଦୁଇ | କମଳ ଲୋଚନ ପାତ୍ର, ପି: ଗୋପୀନାଥ ପାତ୍ର, ଜା: କୁବେର, ବା: ନିଜଗାଁ |
| ୫୪ | ୫୯୦ | ୦.୨୧ | ୦.୦୭ | ଆଶୁ | କାର୍ତ୍ତିକ ରାଉତ, ସନ୍ୟାସୀ ରାଉତ, ପି: ଦରି ରାଉତ, ଜା: ବଗାଳ, ବା: ନିଜଗାଁ |
| ୬୭ | ୪୪ | ୦.୪୨ | ୦.୩୮ | ଶାରଦ ତିନି | କୁନୁ ମାଝୀ, କାଳିଆ ମାଝୀ, ଦାନ୍ଦୁ ମାଝୀ, ପି: ବାଦର ମାଝୀ, ମାନକ ମାଝୀ, ସ୍ୱା: ବାଦର ମାଝୀ, ଛୋଟା ମାଝୀ, ପି: ହରିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୨୬ | ୦.୬୪ | ୦.୨୦ | ଶାରଦ ତିନି | |
| | ୧୧୬ | ୦.୨୨ | ୦.୦୫ | ଶାରଦ ତିନି | |
| | ୧୦୯ | ୦.୫୩ | ୦.୨୭ | ଶାରଦ ଦୁଇ | |
| | ୧୧୧ | ୦.୨୦ | ୦.୦୬ | ଶାରଦ ଦୁଇ | |
| | ୧୧୮ | ୦.୨୦ | ୦.୦୫ | ଶାରଦ ଦୁଇ | |
| ୭୬ | ୬୧୨ | ୪.୭୫ | ୦.୫୧ | ଶାରଦ ଦୁଇ | କେଶବ ନାଏକ, ପି: ଶ୍ରୀପତି ନାଏକ, ଜା: ଜ୍ୟୋତିଷ, ବା: ନିଜଗାଁ |
| ୭୯ | ୧୦୮ | ୦.୪୮ | ୦.୧୦ | ଶାରଦ ଦୁଇ | ଖାନ୍ଦି ମାଝୀ, ପି: ଗେଡ଼ା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୯୫ | ୫୮୯ | ୦.୧୩ | ୦.୦୨ | ଆଶୁ | ଗହ୍ଲା ରାଉତ, ପି: ଭରତ ରାଉତ, ଜା: ବଗାଳ, ବା: ନିଜଗାଁ |
| ୯୬ | ୬୦୬ | ୦.୧୦ | ୦.୦୧ | ଶାରଦ ଦୁଇ | ଗିରିଧାରି ଦତ୍ତ, ପି: ସୃଷ୍ଟିଧର ଦତ୍ତ, ଜା: ରାହୁ, ବା: ନିଜଗାଁ |
| ୧୦୦ | ୯୮ | ୦.୩୩ | ୦.୧୮ | ଶାରଦ ତିନି | ଗୁଣାଧର ପାତ୍ର, ସଦାନନ୍ଦ ପାତ୍ର, ଜୟାନନ୍ଦ ପାତ୍ର, ପି: ଜଗନ୍ନାଥ ପାତ୍ର, ଜା: ପାଣ, ବା: ନିଜଗାଁ |
| | ୯୮/୩୧୦୫ | ୦.୩୨ | ୦.୨୦ | ଶାରଦ ତିନି | |
| ୧୦୧ | ୫୯୩ | ୦.୨୫ | ୦.୦୪ | ଆଶୁ | ଗୁରା ରାଉତ, ପି: ଭରତ ରାଉତ, ଜା: ବଗାଳ, ବା: ନିଜଗାଁ |
| | ୫୯୪ | ୦.୨୯ | ୦.୦୧ | ଆଶୁ | |
| | ୫୯୯/୩୦୧୯ | ୦.୩୫ | ୦.୦୨ | ଡାହି ଦୁଇ | |
| ୧୦୭ | ୨୭୮୮ | ୧.୧୮ | ୦.୩୨ | ଶାରଦ ଏକ | ଗୋପାଳ ଚନ୍ଦ୍ର ସାହୁ, ବଂଶୀଧର ସାହୁ, ପି: ପରମାନନ୍ଦ ସାହୁ, ଜା: ଗୁଡ଼ିଆ, ବା: ତମ୍ଭାଖୁରୀ |
| | ୨୭୯୭ | ୦.୬୮ | ୦.୦୮ | ଶାରଦ ଏକ | |
| | ୨୮୭୬ | ୦.୫୫ | ୦.୧୬ | ଶାରଦ ଏକ | |
| | ୨୮୮୭ | ୦.୩୨ | ୦.୧୭ | ଶାରଦ ଏକ | |
| ୧୧୧ | ୨୫୩୪ | ୧.୧୧ | ୦.୪୭ | ଶାରଦ ଏକ | ଗୋବିନ୍ଦ ଜେନା, ପି: ଦଇତାରୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୨୭୯୪ | ୦.୬୩ | ୦.୦୭ | ଶାରଦ ଏକ | |
| ୧୨୫ | ୬୬୪ | ୦.୮୦ | ୦.୧୯ | ଶାରଦ ଏକ | ରସାନନ୍ଦ ନନ୍ଦୀ, ପି: ଦିବାକର ନନ୍ଦୀ, ଜା: ଏକାଦଶତେଲି, ବା: ନୂଆଗାଁ, ଥା: ରାଇବଣିଆଁ, ଜି: ବାଲେଶ୍ୱର |
| ୧୩୦ | ୮୯୭ | ୦.୨୨ | ୦.୦୧ | ଶାରଦ ଦୁଇ | ଚକ୍ରଧର ବେହେରା, ପି: ହଗୁରି ବେହେରା, ଜା: ନିଆରି, ବା: ନିଜଗାଁ |
| | ୨୪୦୯ | ୦.୩୩ | ୦.୦୧ | ଶାରଦ ଏକ | |
| ୧୪୩ | ୨୨୮୭ | ୦.୦୭ | ୦.୦୭ | ଶାରଦ ଏକ | ମୁରଲୀ ମୋହନ ମହାନ୍ତି, ମଦନ ମୋହନ ମହାନ୍ତି, ମନୋରଞ୍ଜନ ମହାନ୍ତି, ମନୋଜ କୁମାର ମହାନ୍ତି, ରାଜଲକ୍ଷ୍ମୀ ମହାନ୍ତି, ପି: ଜୟନାରାୟଣ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୧୬୮ | ୫୯୮ | ୦.୦୨ | ୦.୦୨ | ଆଶୁ | ଟିମା ରାଉତ, ପି: କୁନା ରାଉତ, ଜା: ବଗାଳ, ବା: ନିଜଗାଁ |
| ୧୯୦ | ୯୬ | ୦.୧୦ | ୦.୦୫ | ଆଶୁ | ଦୁଆରି ପାତ୍ର, ପି: ତତା ପାତ୍ର, ଜା: ପାଣ, ବା: ନିଜଗାଁ |
| | ୯୭ | ୦.୩୮ | ୦.୧୯ | ଶାରଦ ତିନି | |
| ୨୦୪ | ୧୮୮୧ | ୦.୭୭ | ୦.୦୩ | ଶାରଦ ତିନି | ଦେବେନ୍ଦ୍ର ପାତ୍ର, ରବୀନ୍ଦ୍ର ପାତ୍ର, ବୀରେନ୍ଦ୍ର ପାତ୍ର, ପି: ପଦନ ପାତ୍ର, ନିଆସୀ ପାତ୍ର, ସ୍ୱା: ପଦନ ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୦୭ | ୧୯୨୦ | ୦.୦୪ | ୦.୦୪ | ଶାରଦ ଦୁଇ | ଦୈତାରୀ ବାରିକ, ଦିବାକର ବାରିକ, ପ୍ରଭାକର ବାରିକ, ପି: ବଡ଼ ଭୋଳା ବାରିକ, ସୁଧାଂଶୁ ବାରିକ, ପି: ଭାସ୍କର ବାରିକ, ତୁଳସି ବାରିକ, ସ୍ୱା: ଭାସ୍କର ବାରିକ, ଜା: ବାରିକ, ବା: ନିଜଗାଁ |
| | ୧୯୨୧ | ୦.୭୫ | ୦.୩୨ | ଶାରଦ ଦୁଇ | |
| | ୧୯୨୨ | ୦.୦୨ | ୦.୦୨ | ଶାରଦ ଦୁଇ | |
| ୨୧୫ | ୨୩୬୬ | ୧.୯୯ | ୦.୦୩ | ଶାରଦ ଏକ | ପ୍ରଫୁଲ୍ଲ କୁମାର ବ୍ରହ୍ମା, ପି: ନବକିଶୋର ବ୍ରହ୍ମା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୧୯ | ୧୦ | ୦.୫୬ | ୦.୩୦ | ଘରବାରି | ନରେନ୍ଦ୍ର ନାଥ ଜେନା, ପି: ହରପ୍ରସାଦ ଜେନା, ଜା: ଏକାଦଶତେଲି, ବା: ନିଜଗାଁ |
| | ୧୫ | ୧.୧୮ | ୦.୨୨ | ଶାରଦ ତିନି | |
| | ୯୯ | ୦.୧୫ | ୦.୦୧ | ଶାରଦ ତିନି | |
| ୨୨୮ | ୬୭୫ | ୦.୩୪ | ୦.୦୨ | ଶାରଦ ଏକ | ନିଆସି ସାହୁ, ପି: ବଡ଼ ଶିବ ସାହୁ, ଜା: ଏକାଦଶତେଲି, ବା: ସୁନ୍ଦରକୁଲି, ଥାନା: ବସ୍ତା, ଜିଲ୍ଲା: ବାଲେଶ୍ୱର |
| | ୬୭୭ | ୦.୯୨ | ୦.୨୮ | ଶାରଦ ଏକ | |
| ୨୩୨ | ୨୨୮୩ | ୦.୧୫ | ୦.୧୧ | ଶାରଦ ଏକ | ନିତ୍ୟାନନ୍ଦ ଷଡ଼ଙ୍ଗୀ, ପି: ହରିହର ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୨୮୫ | ୦.୦୫ | ୦.୦୧ | ଶାରଦ ଏକ | |
| | ୨୨୮୮ | ୧.୩୬ | ୦.୨୮ | ଶାରଦ ଏକ | |
| | ୨୩୯୨ | ୦.୦୬ | ୦.୦୧ | ଶାରଦ ଏକ | |
| | ୨୩୯୩ | ୦.୧୦ | ୦.୦୬ | ଶାରଦ ଏକ | |
| ୨୪୧ | ୫୯୯/୩୦୧୬ | ୦.୬୫ | ୦.୦୩ | ଡାହି ଦୁଇ | ଦୁନିଆ ରାଉତ, ପରମାନନ୍ଦ ରାଉତ, ପି: କୁନା ରାଉତ, ଜା: ବଗାଳ, ବା: ନିଜଗାଁ |
| ୨୫୪ | ୧୮୭୫ | ୦.୪୦ | ୦.୦୭ | ଶାରଦ ଏକ | ପଦ୍ମାବତୀ ବେହେରା, ସ୍ୱା: ରାମ ବେହେରା, କ୍ଷେତ୍ରୀ ବେହେରା, ସ୍ୱା: ଦିବାକର ବେହେରା, ସ୍ନେହଲତା ବେହେରା, ବାସନ୍ତୀ ବେହେରା, ଜୟନ୍ତୀ ବେହେରା, ପି: ଦିବାକର ବେହେରା, ଜା: କମାର, ବା: ନିଜଗାଁ |
| | ୧୮୯୩ | ୦.୧୦ | ୦.୦୧ | ଶାରଦ ଦୁଇ | |
| | ୧୯୦୧ | ୦.୪୩ | ୦.୧୬ | ଶାରଦ ଦୁଇ | |
| | ୧୯୦୩ | ୦.୨୨ | ୦.୦୪ | ଶାରଦ ଦୁଇ | |
| | ୧୯୦୨ | ୦.୧୨ | ୦.୦୫ | ପତିତ | |
| ୨୭୭ | ୮୪୬ | ୩.୩୪ | ୦.୩୦ | ଶାରଦ ଦୁଇ | ପ୍ରଭାସ ଚନ୍ଦ୍ର ଷଡ଼ଙ୍ଗୀ, ଶ୍ରୀନିବାସ ଷଡ଼ଙ୍ଗୀ, ବିନେଶ ଚନ୍ଦ୍ର ଷଡ଼ଙ୍ଗୀ, ପି: ରଘୁନାଥ ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୭୯ | ୯୫୮ | ୧.୬୭ | ୦.୧୫ | ଶାରଦ ଦୁଇ | ପ୍ରମଥ ବିହାରୀ ମିଶ୍ର, ପି: ଶ୍ରୀନିବାସ ମିଶ୍ର, ଜା: ବ୍ରାହ୍ମଣ, ବାଁ ନିଜଗାଁ |
| | ୯୬୧ | ୦.୯୯ | ୦.୦୩ | ଶାରଦ ତିନି | |
| | ୯୬୪ | ୭.୧୨ | ୦.୧୭ | ଶାରଦ ଏକ | |
| | ୯୮୨ | ୯.୦୫ | ୦.୭୫ | ବଗାୟତ ଦୁଇ | |
| ୨୯୬ | ୧୬୦୫ | ୦.୦୪ | ୦.୦୨ | ଶାରଦ ଦୁଇ | ପୂର୍ଣ୍ଣାନନ୍ଦ ମିଶ୍ର, ନଳିନ କାନ୍ତ ମିଶ୍ର, ପି: କୃତ୍ତିବାସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୯୮ | ୯୨୫ | ୦.୩୮ | ୦.୦୫ | ଶାରଦ ଦୁଇ | ପୁରନ୍ଦର ଜେନା, ପି: ସହଦେବ ଜେନା, ଜା: ରାହୁ, ବା: ପୂର୍ଣ୍ଣଚନ୍ଦ୍ରପୁର |
| | ୯୨୦/୩୦୨୨ | ୦.୩୪ | ୦.୧୬ | ଶାରଦ ଦୁଇ | |
| ୨୯୯ | ୯୨୦ | ୦.୬୬ | ୦.୨୧ | ଶାରଦ ଦୁଇ | ପୁରନ୍ଦର ଜେନା, ରାମଚନ୍ଦ୍ର ଜେନା, ପି: ସହଦେବ ଜେନା, ଜା: ରାହୁ, ବା: ପୂର୍ଣ୍ଣଚନ୍ଦ୍ରପୁର |
| ୩୦୨ | ୫୮୮ | ୦.୦୪ | ୦.୦୧ | ଆଶୁ | ଫାଟୁ ମାଝୀ, ପୁଟୁ ମାଝୀ, ପି: ବଡ଼ ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ, ପଳାତକ ପକ୍ଷେ ଜବରଦଖଲ, ବା: ମଙ୍ଗଳ ମାଝୀ, ପି: ସୁରାଇ ମାଝୀ, ଦାସ ମାଝୀ, ହପନା ମାଝୀ, ଲକ୍ଷଣ ମାଝୀ, ପି: ଜଙ୍ଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୦୫ | ୧୮୭୯ | ୦.୩୩ | ୦.୧୯ | ଶାରଦ ଦୁଇ | ବନମାଳୀ ଜେନା, ପି: ଦାମ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩୦୬ | ୧୮୮୫ | ୦.୮୮ | ୦.୨୮ | ଶାରଦ ଦୁଇ | ବନମାଳି ବେହେରା, କହ୍ନେଇ ବେହେରା, ଗୋପାଳ ବେହେରା, ମଧୁସୂଦନ ବେହେରା, ପି: କାର୍ତ୍ତିକ ବେହେରା, ଜା: ରାହୁ, ବା: ବଧିମୁହଁ |
| ୩୧୭ | ୨୮୦୩ | ୦.୪୫ | ୦.୦୫ | ଶାରଦ ଏକ | ବ୍ରଜ କିଶୋର ଦାସ ମହାପାତ୍ର, ପ୍ରଶାନ୍ତ କୁମାର ଦାସ ମହାପାତ୍ର, ପି: ନିଶିକାନ୍ତ ଦାସ ମହାପାତ୍ର, ତାରାକାନ୍ତ ଦାସ ମହାପାତ୍ର, ପି: ଗଦାଧର ଦାସ ମହାପାତ୍ର, ଜା: କରଣ, ବା: ବାରିପଦା ୱାର୍ଡ ନଂ ୧୩ |
| | ୨୫୬୧ | ୦.୬୫ | ୦.୧୦ | ଶାରଦ ଏକ | |
| ୩୩୦ | ୭୯ | ୦.୮୬ | ୦.୪୨ | ପତିତ | ବାଲକା ମାଝୀ, ପି: ଝଙ୍ଗଲ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୧ | ୦.୧୦ | ୦.୦୭ | ପତିତ | |
| ୩୩୪ | ୪୩ | ୨.୨୬ | ୦.୦୯ | ଶାରଦ ଦୁଇ | ବାସନ୍ତୀ ପାତ୍ର, କମଳା ପାତ୍ର, ପି: ପୂର୍ଣ୍ଣଚନ୍ଦ୍ର ପାତ୍ର, ଚଞ୍ଚଳା ପାତ୍ର, ସ୍ୱା: ପୂର୍ଣ୍ଣଚନ୍ଦ୍ର ପାତ୍ର, ପରମାନନ୍ଦ ପାତ୍ର, ପି: ସଦୁ ପାତ୍ର, ମନମୋହନ ପାତ୍ର, ପି: କ୍ଷେତ୍ର ପାତ୍ର, ଉଷା ପାତ୍ର, ସ୍ୱା: ହେମ ପାତ୍ର, ଜା: ଏକାଦଶତେଲି, ବା: ଦଳେଇଡିହି |
| ୪୧୯ | ୨୪୦୬ | ୦.୦୫ | ୦.୦୧ | ଶାରଦ ଏକ | ମୁଟୁରୀ ଜାଲି, ସ୍ୱା: ରଘୁ ଜାଲି, ଜା: ରାଢ଼ି, ବା: ନିଜଗାଁ, ନିଅଂଶ ପକ୍ଷେ ଜବରଦଖଲ, ବା: ପ୍ରତାପ ଚନ୍ଦ୍ର ମିଶ୍ର, ପି: ଅଖିଳେଶ୍ୱର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୨୪ | ୮୫୦ | ୧.୨୬ | ୦.୩୦ | ଶାରଦ ଦୁଇ | ରଘୁନାଥ ଷଡଙ୍ଗି, ପି: ମହେଶ୍ୱର ଷଡଙ୍ଗି, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୩୩ | ୯୨୭ | ୦.୬୫ | ୦.୧୪ | ଶାରଦ ଦୁଇ | ରମାମଣି ଜେନା, ପି: ରୁଦ୍ର ମାହାନ୍ତି, ମୁଖମଣୀ ମହାନ୍ତି, ସ୍ୱା: ରୁଦ୍ର ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୫୩ | ୯୨୬ | ୦.୧୧ | ୦.୦୩ | ଶାରଦ ଦୁଇ | ରାମହରି ସାଉ, ପି: ନାକଫୋଡ଼ି ସାଉ, ଜା: ଗୁଡ଼ିଆ, ବା: ନିଜଗାଁ |
| | ୧୬୦୪ | ୦.୧୫ | ୦.୧୦ | ଶାରଦ ଦୁଇ | |
| | ୧୬୦୮ | ୦.୩୦ | ୦.୧୧ | ଶାରଦ ଦୁଇ | |
| | ୧୬୦୯ | ୦.୧୩ | ୦.୧୩ | ଶାରଦ ଦୁଇ | |
| ୬୪୬/୬୮୮ | ୨୫୪୯ | ୦.୬୧ | ୦.୦୯ | ଶାରଦ ଏକ | ରମେଶ ଚନ୍ଦ୍ର ଦାସ, ପି: ରାମହରି ଦାସ, ଜା: ରାହୁ, ବା: ବଧିମୁହଁ |
| ୪୭୦ | ୮୪୮ | ୦.୫୦ | ୦.୦୩ | ଶାରଦ ଦୁଇ | ରୁକ୍ମଣି ସେନାପତି, ସ୍ୱା: ପ୍ରସନ୍ନ ସେନାପତି, ଜା: ରାହୁ, ବା: ବଧିମୁହଁ |
| ୪୮୦ | ୧୬୦୩ | ୦.୪୦ | ୦.୧୪ | ଶାରଦ ଦୁଇ | ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ପି: ରୁଦ୍ର ନାରାୟଣ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୧୬୦୬ | ୦.୦୯ | ୦.୦୯ | ଶାରଦ ଦୁଇ | |
| ୪୮୮ | ୮୮୩ | ୨.୨୮ | ୦.୫୫ | ଶାରଦ ଦୁଇ | ଲକ୍ଷ୍ମୀ ମହାପାତ୍ର, ସ୍ୱା: ଶ୍ୟାମ ସୁନ୍ଦର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପି: ସୋମନାଥ ମହାପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୯୦ | ୮୪ | ୦.୮୭ | ୦.୫୫ | ପତିତ | ଲଶ ମାଝୀ, ମଙ୍ଗଲ ମାଝୀ, କାଣ୍ଡିଆ ମାଝୀ, ପି: ସୁରାଇ ମାଝୀ, ଦାସ ମାଝୀ, ହପ୍ନା ମାଝୀ, ଲକ୍ଷ୍ମଣ ମାଝୀ, ପି: ଜଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୩୬ | ୧.୬୦ | ୦.୨୦ | ପତିତ | |
| ୪୯୫ | ୨୫୩୮ | ୦.୩୮ | ୦.୦୨ | ଶାରଦ ଏକ | ଶଙ୍କର୍ଷଣ ମାହାନ୍ତି, ପି: ଅକ୍ଷୟ ନାରାୟଣ ମାହାନ୍ତି, ଜା: କରଣ, ବା: ନିଜଗାଁ |
| ୫୦୬ | ୨୮୯୫/୩୦୦୭ | ୦.୧୦ | ୦.୧୦ | ଶାରଦ ଏକ | ସନେଇ ବେହେରା, ପି: ଶିବ ବେହେରା, ଜା: ଗୋଲା, ବା: ବେଣାପୁର, ଜି: ବାଲେଶ୍ୱର |
| ୫୧୮ | ୨୭୮୪ | ୦.୯୮ | ୦.୨୨ | ଶାରଦ ଏକ | ଶଶୀମଣି ନନ୍ଦି, ସ୍ୱା: ଦୈତାରି ନନ୍ଦି, ଜା: ଏକାଦଶତେଲି, ବା: ନିଜଗାଁ |
| 6 | Name and address of the Officer Inviting Bid | : | Executive Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website https://tenders.ori.nic.in/nicgep/app

Executive Engineer
R.W Division-II, Ganjam
Berhampur

25073/11/0001/1920



नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**TENDER NOTICE**

**E-tender No : SMLT/MMP/OT/411/1000043930, Dt.15/05/2019 with Tender ID no 2019_NALCO_449987_1**

Digitally signed online tenders through Central Public Procurement Portal are invited in two part mode from Indian Suppliers for **supply of 360 MT of "SS-1400 grade Steel Shots".** The last date & time of bid submission : **Dt. 13/06/2019, 06:00 PM** and bid opening date & time : **15.06.2019 10:00 AM** Tender documents available at **http://eprocure.gov.in/eprocure/app, www.nalcoindia.com** . Any corrivendum /addendum will be published in websites only.

**DGM (Materials)**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**

Tender No. 635 Dt.28.05.2019

No. 24-E: Sealed tenders are invited from registered agencies or firms to undertake various works and supply of different material during the Car Festival-2019. For details please visit our district website www.puri.nic.in. The tender documents must be submitted in two parts by superscribing on the envelope "Technical bid for Car Festival-2019" in one envelope and "Financial bid for Car Festival-2019" in the other. Both envelopes are to be put into another envelope by superscribing "Tender bid for Car Festival-2019". The tender documents should reach the office of CDM & PHO, Puri, District Head Quarter Hospital, Pin No. - 752001 through Regd. Post/ Speed Post/Courier only by 5 PM on 17.06.2019 and same will be opened on 18.06.2019 at 11:00 AM in the presence of bidders or their authorized representatives and members of purchase committee in the office of the CDM & PHO, Puri.

The undersigned reserves the right to reject the tender process fully or partially without assigning any reason thereof.

**Sd/- Dr. A.N.Mohanty**
**CDM & PHO, Puri**

10021/11/0001/1920



**CORPUS FUND , H&FW DEPT, KANDHAMAL**
**Office of the Chief District Medical Officer, Kandhamal**

**Advt. no.6402/C.F/** **Date: 30.05.2019**

**Walk-in-interview**

No.23-E:- Applications are invited from eligible candidates for filling up the following post under Corpus fund of Health & FW Department, Kandhamal on contractual basis for a period of 11 months or as deemed proper with monthly remuneration as noted against each and subject to renewal as per the Society norms basing on the performance and subsistence of the programme.

| Sl No. | Name of the Post | Vacancy | Date of Walk in interview | Remuneration & Other allowance. |
|---|---|---|---|---|
| 1 | Orthopaedics Specialist | 02 | 19.06.2019 at 11.00 A.M. | Negotiable Remuneration + H.R.A |
| 2 | Medicine Specialist | 02 | | Negotiable Remuneration + H.R.A |
| 3 | Paediatrics Specialist | 02 | | Negotiable Remuneration + H.R.A |
| 4 | O&G Specialist | 02 | | Negotiable Remuneration + H.R.A |
| 5 | Radiologist | 02 | | Negotiable Remuneration + H.R.A |

The above positions are purely temporary and also co-terminus with the scheme. Canvassing in any form will render the candidate disqualified for the position. Details of qualification, experience and **ToR** of each category of post along with application form can be downloaded from the District website: www.kandhamal.nic.in. Interested candidates fulfilling the eligibility criteria mentioned above may attend the Walk-in-Interview. Candidates are requested to see the District official website on regular interval till finalization of the recruitment process. The number of posts may increase / decrease depending upon requirement. Personal contact will not be entertained. The undersigned reserves the right to cancel any or all the application without assigning any reason or communication thereof.

**Sd./- Dr. S.K. Das,**
**Chief District Medical & PH Officer, Kandhamal**

10015/11/0007/1920



**KORAPUT MUNICIPALITY, KORAPUT**

**No.: 2046/2019** **Date: 29.05.2019**

**NOTICE INVITING TENDER**

No.: 14-C: Sealed tenders are invited from the intending reputed & ISI Certified firms/manufactures/authorized dealers having eligibility criteria for supply & fitting & fixing Street Light Poles in the Chandan Pakhori Park alongwith all accessories so as to reach the Executive Officer, Municipality, Koraput through Registered Post/Speed Post only upto 5 P.M. on Dt.11.06.2019.

The tender documents are to be obtained from Koraput Municipality, Koraput on deposit of Rs.5,000/- (Rupees five thousand) only (Non-refundable) in shape of A/C Payee Bankers Cheque/Bank Draft drawn in favour of the Executive Officer, Municipality, Koraput only from Dt.31.05.2019 to Dt.11.06.2019 during office hours. The same will be opened at 03.30 P.M. on Dt.12.06.2019 in presence of tenderer or their authorised representatives, who may be present at the time of opening of the tenders. Koraput Municipality will in no way, be responsible for any delay in receipt of the tender document.

**Details of Specification**

| Sl. No. | Name of the Work | Quantity | Amount Quotated |
|---|---|---|---|
| 01 | Supply and Fixing & Fitting of Hestagonal ERWMS Pole of height 7.00 Mtr with J1 & J2 Minimum 2.00 Mtr. Joint Length for three staging height of h1-1500mm, h2-1500mm and h3-4000mm only and Outside dia h1-76.1mm, h2-88.9mm, h3-114.3mm of thick h3-4.50mm, h2-4.05mm & h1-3.25mm alongwith 75watt LED fitting (Complete) at Chandan Pokhari as per direction of Engineer-in-Charge of the Municipality. | Each Pipe (Pole) | |

The tender must be accompanied with all the self attested photo copies of qualifying documents like, PAN Card, GST No., Authorization Certified obtained from Firm/Company & the required EMD of Rs.10,000/- in shape of Bank Draft/Banker's Cheque from any Nationalized Bank drawn in favour of the Executive Officer, Koraput Municipality failing which the tender shall be rejected. **Detail can be had from the Office of the undersigned during office hour on working days from 31.05.2019 to 11.06.2019.**

The authority reserves the right to accept or reject the tender without assigning any reason thereof.

**Sd./- Executive Officer**
**Koraput Municipality**

13074/11/0001/1920



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NORTHERN CIRCLE, RURAL WORKS,ANGUL**
E-Mail - sencrwangul@yahoo.co.in, Ph : 06764-236404

**'e' Procurement Notice for Bridge Works in Odisha**
**Bid Identification No. : Bridge Online AGL-02/2019-20**

No. 953// Dt. 29.05.2019

No. 41-O

1. Name of Work : Bridge Works
2. Total No. of Work : 2 Nos
3. Estimated Cost : Rs. 291.10 Lakhs to Rs. 393.30 Lakhs
4. Class of Contractor : 'B' & Special Class
5. Period of Completion : As per Annexure
6. Other details :

| Procurement Officer | Bid Identification No. | Availability of Tender On-line for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Northern Circle, Rural Works, Angul | Bridge Online AGL-02/ 2019-20 | 06.06.19 at 10.00 A.M. | 24.06.19 upto 5.00 P.M. | 20.06.2019 upto 2.00 P.M. | 25.06.19 at 11.00 A.M. | 02.07.19 at 11.00 A.M. |

(1) For detailed Notice inviting Tenders, please visit to the website www.tendersorissa.gov.in

25049/11/0002/1920 **Sd./- Superintending Engineer, N.C., Rural Works, Angul**



GOVERNMENT OF ODISHA OFFICE OF THE SUPERINTENDING ENGINEER
SOUTHERN CIRCLE, RURAL WORKS, SUNABEDA NO.31-O

**NATIONAL COMPETITIVE BIDDING THROUGH e-Procurement;** e-mail – serwsbd2003@yahoo.com

**No.................. Dt..................**

1 Name of the work : Construction / upgradation of roads under PMGSY & their maintenance for 5 years under PMGSY.
2 Total No of Packages : 42 Nos (Percentage Rate Tender).
3 Estimated Cost : Various from Rs.56.99 Lakhs to Rs.1111.08 Lakhs.
4 Class of Contractor : "B" Class, "A" Class, Special Class and Super Class (as per annexure).
5 Period of Completion : Six to Eighteen Calendar months
6 Cost of Tender paper : Rs.10,000.00 per set (Non refundable) only in shape of DD in favour of OSRRA payable at Bhubaneswar.
7 EMD required : 2% of estimated cost of the package duly pledged in favour of Executive Engineer of the concerned Rural Works Division.
8 Original Bid Cost, EMD, Affidavit regarding correctness of documents, along with other relevant documents submission on or before 27.06.2019 up to 5.00 PM

9. Period of availability of tenders on-line / Date & time of bidding on-line / last date of seeking clarification / Date of opening of tender papers. : The details are as follows.

| Procurement Officer | Bid identification No. | Availability of tender online for bidding | | Last Date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD Online 02/2019-20 | 06.06.2019 at 11.00 A.M. | 24.06.2019 up to 5.00 P.M. | 22.06.2019 up to 2.00 P.M. | 25.06.2019 at 11.00 A.M. | To be intimated separately |

1. Further details can be seen from the e-procurement portal http://pmgsytenders.gov.in
2. Any Corrigendum/Addendum will be displayed in the above e-tender web site.

25045/11/0002/1920

Superintending Engineer,
Southern Circle RW, Sunabeda

# ଇଂଲଣ୍ଡ ଫେଭରାଇଟ୍, ଭାରତ ଦୃଢ଼ ଦାବିଦାର

ଘରୋଇ ପରିବେଶ, ପିଚ୍ ଏବଂ ଟିମ୍ କମ୍ବିନେଶନ ଦୃଷ୍ଟିରୁ କ୍ରିକେଟ ବିଶ୍ୱକପର ଦ୍ୱାଦଶ ସଂସ୍କରଣରେ ଇଂଲଣ୍ଡ ହଟ୍ ଫେଭରାଇଟ ଭାବେ ଉଭା ହେବ। ତେବେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମଧ ଦୃଢ଼ ଦାବିଦାର। ଷ୍ଟିଭ୍ ସ୍ମିଥ ଓ ଡେଭିଡ ଓ୍ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ପରେ ଅଷ୍ଟ୍ରେଲିଆ ମଧ ଦାବିଦାର ହୋଇଯାଇଛି। ନିକଟ ଅତୀତର ପ୍ରଦର୍ଶନ, ଦଳୀୟ ସନ୍ତୁଳନ ଦୃଷ୍ଟିରୁ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ଟପ୍-୪ରେ ରହିବା ଦକ୍ଷତା ରଖିଛନ୍ତି ବୋଲି ଓଡ଼ିଆ ବିଶେଷଜ୍ଞଙ୍କ ମତ।

## ଚହଲ ପକାଇପାରନ୍ତି ଚହଲ



ଜଣେ କ୍ରିକେଟ ପ୍ରଶଂସକ ଭାବେ ବିଶେଷଜ୍ଞମାନଙ୍କ ମତକୁ ଦେଖିଲେ ହୋମ୍ ଗ୍ରାଉଣ୍ଡ ଏବଂ ବାଲାନ୍ସ ଟିମ୍ ଭାବେ ଇଂଲଣ୍ଡ ହଟ୍ ଫେଭରାଇଟ। ନ୍ୟୁଜିଲାଣ୍ଡର ମଧ ସୁଯୋଗ ରହିବ। ଷ୍ଟିଭ୍ ସ୍ମିଥ ଓ ଡେଭିଡ ଓ୍ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ପରେ ଅଷ୍ଟ୍ରେଲିଆର ବ୍ୟାଟିଂ ଲାଇନ୍‌ଅପ୍ ଶକ୍ତିଶାଳୀ ହୋଇଯାଇଛି। ଜଣେ ଭାରତୀୟ ଭାବେ ଏବଂ ନିକଟ ଅତୀତରେ ପ୍ରଦର୍ଶନକୁ ଦେଖିଲେ ଭାରତ ମଧ ଏଥର ଦୃଢ଼ ଦାବିଦାର। ୪ର୍ଥ ସ୍ଥାନକୁ ନେଇ ଟିକେ ଚିନ୍ତା ରହିଛି, ନ ହେଲେ ଭାରତୀୟ ଦଳ ବେଶ୍ ସନ୍ତୁଳିତ। ସେମିଫାଇନାଲ ପ୍ରବେଶ ଟିମ୍ ଇଣ୍ଡିଆର ପ୍ରଥମ ଲକ୍ଷ୍ୟ ହେବ। ତେଣୁ ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଭାରତ ସେମିଫାଇନାଲ ଖେଳିବେ ବୋଲି ମୁଁ ଅନୁଭବ କରୁଛି। ଏଥିରେ ଭାଗ ନେଉଥିବା ଅନ୍ୟ ଦଳଗୁଡ଼ିକୁ ମଧ ହେୟ ମନେ କରିହେବନି। କୌଣସି ମ୍ୟାଚରେ ସେଗୁଡ଼ିକ ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି, ନ ହେଲେ ଏହି ୪ଟି ଦଳ ବିଶ୍ୱକପ ଫେଭରାଇଟ। ଲୋକେଶ ରାହୁଲ ନିକଟ ଅତୀତରେ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ ସେ ୪ ନମ୍ବର ସ୍ଥାନ ପାଇଁ ଫିଟ୍ ବୋଲି ଭାବୁଛି। ଧୋନୀ ହେଉଛନ୍ତି ଭାରତୀୟ ଦଳର ସବୁଠାରୁ ଅଭିଜ୍ଞ ଏବଂ ବିଜ୍ଞ ଖେଳାଳି। ସେ ଜଣେ ବିଶ୍ୱକପ ବିଜୟୀ ଅଧିନାୟକ। ତେଣୁ ତାଙ୍କ ଉପସ୍ଥିତି ଦଳକୁ ନିଶ୍ଚିତ ଫାଇଦାରେ ରଖିବ। ବ୍ୟକ୍ତିଗତ ଭାବେ ତାଙ୍କର ବ୍ୟାଟିଂ ଦକ୍ଷତା ବହୁତ ଭଲ। ବର୍ତ୍ତମାନର ବୋଲିଂ ର୍‍ୟାଙ୍କିଂରେ ଭାରତ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ନିଶ୍ଚିତ ଚର୍ଚ୍ଚାରେ ରହିବେ। ଚହଲ ଏଥର ଚହଳ ପକାଇବେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ବୋଲିଂ ଦୃଷ୍ଟିରୁ ଭାରତୀୟ ଦଳ ବେଶ୍ ସନ୍ତୁଳିତ। ଇଂଲଣ୍ଡରେ ହାଇସ୍କୋରିଂ ମ୍ୟାଚ ହେବା ନିଶ୍ଚିତ।

–ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ପ୍ରଶାସକ

## ଧୋନୀ ୪ ନମ୍ବର ପାଇଁ ଫିଟ୍



ଜଣେ ଭାରତୀୟ ଭାବେ ମୋର ପ୍ରଥମ ଇଚ୍ଛା ଭାରତ ବିଶ୍ୱକପ ଆଣୁ। ତେବେ ଓଭରଅଲ ପ୍ରଦର୍ଶନ, ବର୍ତ୍ତମାନର ପ୍ରଦର୍ଶନ, ଇଂଲଣ୍ଡ ପରିବେଶକୁ ଦେଖିଲେ ମୁଁ ଭାବୁଛି ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଫେଭରାଇଟ। ଭାରତ ଦାବିଦାର ନିଶ୍ଚିତ ରହିବ, ମାତ୍ର ଟପ୍ ଅର୍ଡର ଫେଲ୍ ମାରିଲେ ଭାରତୀୟ ଦଳ ସେଥିରୁ ଉଧୁରିବାକୁ ସଂଘର୍ଷ କରୁଛି। ବିଶେଷ କରି ବିଦେଶ ପରିବେଶରେ ଏହା ବେଶି ଦେଖିବାକୁ ମିଳୁଛି। ତେଣୁ ଦଳପାଇଁ ଏହା ଚିନ୍ତାଜନକ ହୋଇପାରେ। ଭଲ ଷ୍ଟାର୍ଟ ମିଳିଲେ କିନ୍ତୁ ଟିମ୍ ଇଣ୍ଡିଆକୁ ପ୍ରତିପକ୍ଷ ଦଳ ରୋକିବା କଷ୍ଟକର ହୋଇପଡ଼ିବ। ଆମର ବୋଲିଂ ବହୁତ ଭଲ। ପିଚ୍‌କୁ ନେଇ ରଣନୀତି ଭିନ୍ନ ହେବ ନିଶ୍ଚିତ। ତେବେ ୩ ମିଡିୟମ ପେସର, ଜଣେ ଅଲରାଉଣ୍ଡର(ହାର୍ଦ୍ଦିକ ପାଣ୍ଡ୍ୟା) ଓ ଜଣେ ସ୍ପିନରକୁ ନେଇ ଭାରତ ଖେଳିଲେ ଭଲ ହେବ। ଶିଖର ଧାୱନ, ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀଙ୍କୁ ନେଇ ବ୍ୟାଟିଂ ଲାଇନ୍‌ଅପ୍ ହେବା ଆଶା। ସ୍ଥଳ ବିଶେଷରେ ଜଣେ ମିଡିୟମ ପେସରଙ୍କ ସ୍ଥାନ ଆଉ ଜଣେ ସ୍ପିନର ନେଇପାରନ୍ତି। ଏ କ୍ଷେତ୍ରରେ ଭାରତ ୨ ପେସର, ୨ ସ୍ପିନର ଓ ଜଣେ ଅଲରାଉଣ୍ଡରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ। ତେବେ ପିଚ୍ କଣ୍ଡିଶନ ଉପରେ ଅନେକ କିଛି ନିର୍ଭର କରିବ। ମୋ ମତରେ ଧୋନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ରାହୁଲ ୪ ନମ୍ବରରେ ଖେଳିବେ ବୋଲି କୋହଲି ସୂଚନା ଦେଇ ସାରିଛନ୍ତି। ତେବେ ଧୋନୀ ମଧ ଏହି ସ୍ଥାନ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରିବେ ବୋଲି ମୋର ମତ। କାରଣ ଯଦି ଆମର ଟପ୍ ଅର୍ଡର ଫେଲ୍ ମାରିଛି ତେବେ କେହି ଜଣେ ଯଦି ଟିମ୍‌କୁ ବିପଦରୁ ଉଦ୍ଧାର କରିଛି ତେବେ ସେ ହେଉଛନ୍ତି ଧୋନୀ। ତେଣୁ ଭାରତୀୟ ଦୃଷ୍ଟିକୋଣରୁ ଧୋନୀଙ୍କ ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଟପ୍-୪ ଟିମ୍ କଥା ଉଠିଲେ ମୁଁ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ ଓ ୱେଷ୍ଟଇଣ୍ଡିଜ ସପକ୍ଷରେ ଯିବାକୁ ଚାହିଁବି।

–ଦୀପକ ମଙ୍ଗରାଜ, ଜୁନିୟର ଚୟନକର୍ତ୍ତା।

## ଅଣ୍ଡରଡଗ୍ ଟିମ୍‌କୁ ସାବଧାନ



କୌଣସି ଦଳ ଖରାପ ପରିସ୍ଥିତିରେ ନାହାନ୍ତି। ଯେଉଁ ଦଳକୁ ନଜର ପକାଇଲେ ସେଥିରେ ମ୍ୟାଚ୍ ୱିନର ଖେଳାଳିଙ୍କ ମହଜୁଦ ରହିଛି। ଏଣୁ ଏହି ବିଶ୍ୱକପ୍ ରୋମାଞ୍ଚକ ହେବା ନିଶ୍ଚିତ। ହେଲେ ଅଣ୍ଡରଡଗ୍ ଟିମକୁ ସାବଧାନ ବି ରହିବା ଦରକାର। ଟୁର୍ନାମେଣ୍ଟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଦର୍ଶନ ଠିକ୍ ରହିବା ଉଚିତ୍। ଏ ପରିସ୍ଥିତିରେ ଶକ୍ତିଶାଳୀ କୁହାଯାଉଥିବା ଦଳ ଗୁଡ଼ିକୁ ଆଫଗାନିସ୍ତାନ, ଆୟର୍ଲାଣ୍ଡ ଓ ବାଂଲାଦେଶ ଭଳି ଆଇସିସିର ନିମ୍ନ ର୍‍ୟାଙ୍କ ପ୍ରାପ୍ତ ଦଳ ସଙ୍କଟରେ ପକାଇପାରନ୍ତି। ଗୋଟିଏ ମ୍ୟାଚ୍‌ରେ ପରାଜୟ ସମସ୍ତ ଆଶାକୁ ପାଣିରେ ପକାଇପାରେ। ଭାରତ କଥା କହିଲେ, ଏହା ଏକ ସନ୍ତୁଳିତ ଦଳ। ବିଶ୍ୱକପ୍‌ରେ ପ୍ରଦର୍ଶନ ଦମ୍‌ଦାର ରହିବ।

– ସୌରଜିତ ମହାପାତ୍ର, ଏନସିଏ କୋଚ୍

## ମିଡଲ ଅର୍ଡର ଶକ୍ତ ରହିବା ଦରକାର



ମୋ ମତରେ ଭାରତ ହିଁ ବିଶ୍ୱକପର ପ୍ରମୁଖ ଦାବିଦାର। ହେଲେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ର ମିଡଲ ଅର୍ଡର ସାମାନ୍ୟ ଦୁର୍ବଳ ଅନୁଭବ ହେଉଛି। ଯୁବ ଖେଳାଳିମାନେ ଏହି ସ୍ଥାନରେ ଭଲ ଖେଳିଲେ ପ୍ରତି ମ୍ୟାଚ୍‌ରେ ଭାରତ ଭଲ ସ୍କୋର କରିପାରିବ। ଧୋନୀ ଓ କୋହଲି କି-ପ୍ଲେୟର ରହିବେ। ଅଭିଜ୍ଞ ମହମ୍ମଦ ସାମି ଓ ଭୁବନେଶ୍ୱର କୁମାରଙ୍କ ସହ ୟର୍କର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମରା ଇଂଲଣ୍ଡ ମାଟିରେ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିବେ ବୋଲି ଆଶା ରହିଛି।

– ଶୁଭ୍ରାଂଶୁ ଶେଖର ସେନାପତି, ରଣଜୀ ଖେଳାଳି

## ସବୁ ଦୃଷ୍ଟିକୋଣରୁ ଭାରତ ଦାବିଦାର



ଇଂଲଣ୍ଡ ମାଟିରେ ଭାରତ ଚଳିତ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରହିଛି। ତେବେ ସବୁ ଦୃଷ୍ଟିକୋଣରୁ ନଜର ପକାଇଲେ ଭାରତ ମଧ ବିଶ୍ୱକପ ଚାମ୍ପିୟନ ହେବାର ପ୍ରମୁଖ ଦାବିଦାର ରହିଛି। ଓପନର ଶିଖର ଧାୱନ ଆଇସିସି ଟୁର୍ନାମେଣ୍ଟଗୁଡ଼ିକରେ ଭଲ ପ୍ରଦର୍ଶନ କରିବାର ରେକର୍ଡ ରଖିଛନ୍ତି। ରୋହିତଙ୍କ ସହ ଓପନିଂ ଭାଗୀଦାରି ଭଲ ରହିବ। ଏହାଛଡ଼ା କ୍ୟାପ୍‌ଟେନ କୋହଲି ଓ ଧୋନୀଙ୍କ ପ୍ରଦର୍ଶନ ଉପରେ ଦଳ ଅଧିକ ନିର୍ଭରଶୀଳ। ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ସକାରାତ୍ମକ ମନୋଭାବ ସୃଷ୍ଟି କରିଛି।

– ବିପ୍ଳବ ସାମନ୍ତରାୟ, ଓଡ଼ିଶା ରଣଜୀ ଖେଳାଳି

# ଅତୁଟ ୩ ଭାରତୀୟ ରେକର୍ଡ



କ୍ରିକେଟର ମହାକୁମ୍ଭ ଆଇସିସି ବିଶ୍ୱକପ୍ ଆରମ୍ଭ ହୋଇଯାଇଛି। ଆଗାମୀ ଦେଢ଼ମାସ ଧରି ଗ୍ରେଟ୍ ବ୍ରିଟେନର ୧୧ଟି ଷ୍ଟାଡିୟମରେ ବିଶ୍ୱକପ୍ ଟ୍ରଫି ଲାଗି ୧୦ ଦଳ ମଧ୍ୟରେ ମୁକାବିଲା ହେବ। ଟୁର୍ନାମେଣ୍ଟ ଉପରେ ନଜର ପକାଇଲେ ଭାରତ ଅନ୍ୟତମ ସଫଳ ଦଳର ମାନ୍ୟତା ପାଇଛି। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ବିଶ୍ୱବିଜେତା ମୁକୁଟ ପିନ୍ଧିଥିଲା। ଏହାପରେ ୨୦୧୧ରେ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହୋଇଥିଲା। ତେବେ ଭାରତ ୨୦୦୩ ଫାଇନାଲରେ ପ୍ରବେଶ କରିଥିଲେ ମଧ ଅଷ୍ଟ୍ରେଲିଆଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ତିନିଥର ଫାଇନାଲ ଖେଳିଥିବା ଭାରତୀୟ ଖେଳାଳିଙ୍କ ନାମରେ ଏମିତି କିଛି ବିଶ୍ୱକପ୍ ରେକର୍ଡ ରହିଛି ଯାହା ଆଜି ପର୍ଯ୍ୟନ୍ତ ବି ଅତୁଟ ରହିଛି। ସେହି ୩ଟି ରେକର୍ଡ ବିଷୟରେ ନିମ୍ନରେ ସଂକ୍ଷେପରେ...

## ଗାଙ୍ଗୁଲିଙ୍କ ପାର୍ଟନରଶିପ୍

'ଗଡ୍ ଅଫ୍ ଦି ଅଫ୍ ସାଇଡ୍' ବା 'ଦାଦା' ଭାବେ ପରିଚିତ ସୌରଭ ଗାଙ୍ଗୁଲିଙ୍କୁ ଭାରତୀୟ କ୍ରିକେଟ୍‌ର ଅନ୍ୟତମ ସଫଳ ଅଧିନାୟକ ଭାବେ ବିବେଚନା କରାଯାଏ। ଭାରତର ସବୁଠାରୁ ସଫଳ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ଗାଙ୍ଗୁଲିଙ୍କ ନାମ ସର୍ବାଗ୍ରେ ରହିବ। ୩୧୧ ଦିନିକିଆ ମ୍ୟାଚ୍‌ରୁ ସେ ୪୧ ଆଭରେଜରେ ରନ ସଂଗ୍ରହ କରିବା ସହ ୨୨ ଶତକ ହାସଲ କରିଛନ୍ତି। କ୍ରିକେଟ କ୍ୟାରିୟରରେ ସୌରଭ ମୋଟ୍ ଉପରେ ୩ଟି ବିଶ୍ୱକପ୍ (୧୯୯୯, ୨୦୦୩ ଓ ୨୦୦୭)ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ବିଶ୍ୱକପ୍‌ରେ ମଧ ଗାଙ୍ଗୁଲିଙ୍କ ନାମରେ ଏକ ସ୍ୱତନ୍ତ୍ର ରେକର୍ଡ ରହିଛି। ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ ୩ଟି ଦ୍ୱିଶତକୀୟ ପାର୍ଟନରଶିପ୍ କରିବାରେ ସେ ବିଶ୍ୱର ଏକମାତ୍ର କ୍ରିକେଟର। ୧୯୯୯ରେ ନିଜର ପଦାର୍ପଣ ବିଶ୍ୱକପ୍‌ରେ ରାହୁଲ ଦ୍ରାବିଡ୍‌ଙ୍କ ସହ ମିଶି ଗାଙ୍ଗୁଲି ଡିଫେଣ୍ଡିଂ ଚାମ୍ପିୟନ ଶ୍ରୀଲଙ୍କା ବିପକ୍ଷରେ ୩୧୮ ରନର ପାର୍ଟନରଶିପ୍ କରିଥିଲେ। ଦିନିକିଆ କ୍ରିକେଟରେ ଏହା ମଧ ପ୍ରଥମ ତ୍ରିଶତକୀୟ ପାର୍ଟନରଶିପ୍ ଥିଲା। ଏହାପରେ ୨୦୦୩ ବିଶ୍ୱକପ୍‌ର ନାମ୍ବିଆ ବିପକ୍ଷ ମ୍ୟାଚ୍‌ରେ ସଚିନ ତେନ୍ଦୁଲକରଙ୍କୁ ସାଥୀ କରି ଗାଙ୍ଗୁଲି ୨୪୪ ରନ ସଂଗ୍ରହ କରିଥିଲେ। ଅନ୍ତିମ ତଥା ୩ୟ ଦ୍ୱିଶତକୀୟ ପାର୍ଟନରଶିପ୍ ଗାଙ୍ଗୁଲି ୨୦୦୭ ବିଶ୍ୱକପ୍‌ରେ ହାସଲ କରିଥିଲେ। ବୀରେନ୍ଦ୍ର ସେହ୍ୱାଗ ଓ ଗାଙ୍ଗୁଲି ଯୋଡ଼ି ୨୦୨ ରନର ଭାଗୀଦାରି କରିଥିଲେ। ଗାଙ୍ଗୁଲିଙ୍କ ଏହି ରେକର୍ଡ କୌଣସି ବ୍ୟାଟ୍ସମ୍ୟାନଙ୍କ ପକ୍ଷେ କଷ୍ଟକର ବ୍ୟାପାର ହେବ।



## ସଚିନଙ୍କ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରେକର୍ଡ

ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ନାମରେ ଦିନିକିଆ କ୍ରିକେଟର ୫୦ ପ୍ରତିଶତ ରେକର୍ଡ ଲିପିବଦ୍ଧ ହୋଇ ରହିଛି। ବହୁତ କମ୍ ବୟସ ମାତ୍ର ୧୬ ବର୍ଷରେ ଭାରତୀୟ ଦଳ ପକ୍ଷରୁ ପଦାର୍ପଣ କରିଥିବା ସଚିନ ନିଜର ବ୍ୟାଟିଂ ଦକ୍ଷତା ଲାଗି ବୋଲରଙ୍କ ପାଇଁ ସର୍ବଦା ଦୁଃସ୍ୱପ୍ନ ହୋଇ ରହିଥାନ୍ତି। ୨୨ ବର୍ଷର ଲମ୍ବା କ୍ରିକେଟ କ୍ୟାରିୟର ମଧ୍ୟରେ ତେନ୍ଦୁଲକର ୬ଥର ବିଶ୍ୱକପ୍ ଖେଳିଛନ୍ତି। ସର୍ବାଧିକ ବିଶ୍ୱକପ୍ ଖେଳିବାରେ ସେ ପାକିସ୍ତାନର ଜାଭେଦ ମିଆଁଦାଦ୍ (୬ଥର)ଙ୍କ ସହ ମିଳିତ ଭାବେ ଶୀର୍ଷରେ ରହିଛନ୍ତି।



## ବିଶେନ ସିଂ ବେଦୀ

ସାଥୀ ଖେଳାଳିଙ୍କ ଗହଣରେ ବିଶୁ ଭାବେ ପରିଚିତ ପଞ୍ଜାବର ବାମହାତୀ ସ୍ପିନର ବିଶେନ ସିଂ ବେଦୀ ୧୯୭୦ ଦଶକରେ ଭାରତର ଅନ୍ୟତମ ଶ୍ରେଷ୍ଠ ସ୍ପିନର ଥିଲେ। ସେହି ସମୟରେ ୪ (ବେଦୀ, ଏରାପଲ୍ଲୀ ପ୍ରସନ୍ନା, ଭଗବତ୍ ଚନ୍ଦ୍ରଶେଖର ଓ ଶ୍ରୀନିବାସ ଭେଙ୍କଟରାଘବନ)ପ୍ରସିଦ୍ଧ ଭାରତୀୟ ସ୍ପିନରଙ୍କ ମଧ୍ୟରୁ ସେ ଅନ୍ୟତମ। ବୋଲିଂରେ ବିବିଧତା ପାଇଁ ଯୋଗୁ ବେଦୀ ସର୍ବଦା ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇବାରେ ସଫଳ ହେଉଥିଲେ। ସେହି ସମୟରେ ଟେଷ୍ଟ କ୍ରିକେଟର ପ୍ରାଧାନ୍ୟ ଯୋଗୁ ଅଧିକ ଦିନିକିଆ ଖେଳିବାର ସୁଯୋଗ ପାଇ ନ ଥିଲେ ମଧ ବେଦୀଙ୍କ ନାମରେ ଏକ ବିଶ୍ୱକପ୍ ରେକର୍ଡ ଆଜି ପର୍ଯ୍ୟନ୍ତ ଲିପିବଦ୍ଧ ହୋଇ ରହିଛି। ୧୯୭୫ରେ ଅନୁଷ୍ଠିତ ହୋଇଥିବା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଇଷ୍ଟ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସେ ୨ଟି ଓଭର ମେଡେନ ପକାଇଥିଲେ। ବିଶ୍ୱକପ୍‌ର ୧୧ଟି ସଂସ୍କରଣ ଏହା ମଧ୍ୟରେ ଅତିବାହିତ ହୋଇଯାଇଥିଲେ ମଧ ଅନ୍ୟକୌଣସି ବୋଲର ଏହି ମେଗା ଇଭେଣ୍ଟର କୌଣସି ଗୋଟିଏ ମ୍ୟାଚ୍‌ରେ ଦୁଇ ଓଭର ମେଡେନ ବୋଲିଂ କରିବାରେ ସକ୍ଷମ ହୋଇନାହାନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୧ ମେ, ୨୦୧୯



## ଆଜିର ମ୍ୟାଚ୍

ୱେଷ୍ଟଇଣ୍ଡିଜ
ବନାମ
ପାକିସ୍ତାନ
ସ୍ଥାନ: ନଟିଂହାମ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

"ଆଇସିସି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ଅଣ୍ଡରଡଗ୍ ବୋଲି ବିଚାର କରାଯାଉଛି, ଏହା ପରୋକ୍ଷରେ ଦଳ ପାଇଁ ଆଶୀର୍ବାଦ ଭଳି।

–ଜେମ୍ସ ଫ୍ରାଙ୍କଲିନ୍, ପୂର୍ବତନ ଅଲରାଉଣ୍ଡର



"ବିଶ୍ୱକପ୍ ବେଳେ ସ୍ଲେଜିଂ ଅବା ଦର୍ଶକଙ୍କ ଆଡୁ କୌଣସି ଟିପ୍ପଣୀ ହେଲେ ସ୍ମିଥ ଓ ୱାର୍ନର ତାହାକୁ ଗୁରୁତ୍ୱ ନ ଦେଇ ପ୍ରଦର୍ଶନ ଉପରେ ଧ୍ୟାନ ଦେବା ଉଚିତ।

–ବ୍ରେଟ୍ ଲି', ପୂର୍ବତନ ଅଷ୍ଟ୍ରେଲୀୟ ପେସ୍ ବୋଲର



# ଆଇସିସି ବିଶ୍ୱକପ୍ ଆରମ୍ଭ



## ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ପ୍ରଥମ ମ୍ୟାଚ ପରାଜୟ ରେକର୍ଡ

୩ ରନ୍ ବନାମ ୱେଷ୍ଟଇଣ୍ଡିଜ, କେପ୍ ଟାଉନ, ୨୦୦୩। ୧୦୪ ରନ ବନାମ ଇଂଲଣ୍ଡ, ଓଭାଲ, ୨୦୧୯।

**ବୃହତ୍ ପରାଜୟ**

୧୩୦ ରନ ବନାମ ଭାରତ, ଏମ୍‌ସିଜି, ୨୦୧୫। ୧୦୪ ରନ ଇଂଲଣ୍ଡ, ଓଭାଲ, ୨୦୧୯। ୮୩ ରନ ବନାମ ଅଷ୍ଟ୍ରେଲିଆ, ବାସେଟେର, ୨୦୦୭। ୬୭ ରନ ବନାମ ବାଂଲାଦେଶ, ପ୍ରୋଭିଡେନ୍ସ, ୨୦୦୭।

## ତାହିର ପ୍ରଥମ ସ୍ପିନର

ଲଣ୍ଡନ,୩୦।୫(ପି.ଟି.): ଦକ୍ଷିଣ ଆଫ୍ରିକା ଅଭିଜ୍ଞ ସ୍ପିନର ଇମ୍ରାନ ତାହିର ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ସ୍ପିନର ଭାବେ କୌଣସି ବିଶ୍ୱକପ୍‌ର ପ୍ରଥମ ଓଭର ବୋଲିଂ କରିଛନ୍ତି। ଗୁରୁବର ଆୟୋଜକ ଇଂଲଣ୍ଡ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌ରେ ଲେଗ୍ ସ୍ପିନର ତାହିରଙ୍କୁ ପ୍ରଥମ ଓଭର ବୋଲିଂ କରିବାକୁ ଅଧିନାୟକ ଫାଫ୍ ଡୁପ୍ଲେସି ସୁଯୋଗ ଦେଇଥିଲେ। ଟସ୍ ଜିତିବା ପରେ ତାହିରଙ୍କୁ ଡୁପ୍ଲେସି ପ୍ରଥମ ଓଭର ବୋଲିଂ କରିବାକୁ ଡାକିଥିଲେ। ତାହିର ଅବଶ୍ୟ ଅଧିନାୟକଙ୍କୁ ନିରାଶ କରି ନ ଥିଲେ। ସେ ପ୍ରଥମ ଓଭରରେ



ଦ୍ୱିତୀୟ ବଲରେ ଇଂଲଣ୍ଡ ଓପନର ଜନୀ ବେୟାରଷ୍ଟୋଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ। ଗୁଗଲି ପକାଇ ତାହିର ବେୟାରଷ୍ଟୋଙ୍କୁ ଚକ୍‌ମା ଦେଇଥିଲେ। ବେୟାରଷ୍ଟୋ ଉଇକେଟକିପର କ୍ୱିଣ୍ଟନ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୧୯୯୨ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଅଫ୍‌ସ୍ପିନର ଦୀପ ପଟେଲ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଦ୍ୱିତୀୟ ଓଭର ବୋଲିଂ କରିଥିଲେ। ତାହିର ଏବେ ୪୦ ବର୍ଷ ୬୪ ଦିନରେ ପଦାର୍ପଣ କରିଛନ୍ତି। ସେ ବୟୋଜ୍ୟେଷ୍ଠ ଖେଳାଳିଭାବେ ଦକ୍ଷିଣ ଆଫ୍ରିକା ପାଇଁ ବିଶ୍ୱକପ ଖେଳୁଛନ୍ତି। ପୂର୍ବରୁ ଓମାର ହେନେରୀ ୪୦ ବର୍ଷ ୩୯ ଦିନରେ ବିଶ୍ୱକପ୍ ଖେଳିଥିଲେ। ତାହିର ଏବେ ଓମାରଙ୍କୁ ପଛରେ ପକାଇଛନ୍ତି।

# ବିଜୟ ସହ ଇଂଲଣ୍ଡର ଅଭିଯାନ

**ଲଣ୍ଡନ, ୩୦।୫(ପି.ଟି.)**

ଆୟୋଜକ ଇଂଲଣ୍ଡ ବୃହତ୍ ବିଜୟ ସହ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିଛି। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଉଦ୍‌ଘାଟନୀ ମ୍ୟାଚ୍‌ରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ବୃହତ୍ ୧୦୪ ରନରେ ପରାସ୍ତ କରିଛି। ଗୁରୁବାର ସ୍ଥାନୀୟ କନିଂଟନ ଓଭାଲ ଗ୍ରାଉଣ୍ଡରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରାରମ୍ଭିକ ଝଟ୍‌କା ସତ୍ତ୍ୱେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୧୧ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୩୯.୫ ଓଭରରେ ୨୦୭ ରନ କରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ୧୨ ରନ ବ୍ୟୟ କରି ୨ ଉଇକେଟ ନେବା ସହ ସର୍ବାଧିକ ୮୯ ରନ (୭୯ ବଲ, ୯ ଚୌକା) କରିଥିବା ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୩୧୨ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଓପନର ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ ୬୮ ରନ (୭୪ ବଲ, ୬ ଚୌକା, ୨ ଛକା) ଓ ରାସି ଭାନ ଡେର ଡୁସେନ ୫୦ ରନ(୬୧ ବଲ, ୪ ଚୌକା, ୧ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଆଣ୍ଡିଲ ଫେଲୁକ୍ୱାୟୋ ୨୫ ବଲରୁ ୪ ଚୌକା ସହ ୨୪ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାସିମ ଅମଲା ୧୩, ଏଡେନ ମାରାକ୍ରାମ ୧୧, ଅଧିନାୟକ ଫାଫ ଡୁପ୍ଲେସି ୫, ଜେପି ଡୁମିନି ୮, ଡ୍ୱେନ ପ୍ରିଟୋରିୟସ୍ ୧, କାଗିସୋ ରାବାଡ଼ା ୧୧ ଓ ଇମ୍ରାନ ତାହିର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଲୁନ୍‌ଗି ଏନ୍‌ଗିଡି ୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜୋଫ୍ରା ଆର୍ଚର ସର୍ବାଧିକ ୩, ଲିଆମ ପ୍ଲଙ୍କେଟ ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ, ଆଦିଲ ରସିଦ ଓ ମୋଇନ ଅଲି ଗୋଟିଏ କରି ଉଇକେଟ ହାସଲ କରିଥିଲେ।

ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆରମ୍ଭରୁ ଝଟ୍‌କା ଖାଇଥିଲା। ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଓପନର ଜନୀ ବେୟାରଷ୍ଟୋ ଦକ୍ଷିଣ ଆଫ୍ରିକା ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ଶିକାର ହୋଇଥିଲେ। ବେୟାରଷ୍ଟୋଙ୍କୁ ବାଦ୍ ଦେଲେ ଇଂଲଣ୍ଡ ଟପ୍ ଅର୍ଡର ୪ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିଥିଲେ। ଓପନର ଜାସନ ରଏ, ଜୋ ରୁଟ, ଅଧିନାୟକ ଇଅନ ମୋର୍ଗାନ ଓ ବେନ୍ ଷ୍ଟୋକ୍ସ ଦମ୍‌ଦାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଜାସନ ୫୩ ବଲରୁ ୮ ଚୌକା ସହ ୫୪, ରୁଟ୍ ୫୯ ବଲରୁ ୫ ଚୌକା ସହ ୫୧, ମୋର୍ଗାନ ୬୦ ବଲରୁ ୪ ଚୌକା ଓ ୩ ଛକା ସହ ୫୭ ରନ କରି ଆଉଟ୍ ହୋଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବେନ ଷ୍ଟୋକ୍ସ।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ୫୦ ଓଭରରେ ୩୧୧/୮ (ଷ୍ଟୋକ୍ସ- ୮୯, ମୋର୍ଗାନ- ୫୭, ଜାସନ- ୫୪, ରୁଟ- ୫୧, ଏନ୍‌ଗିଡି- ୩/୬୬, ତାହିର- ୨/୬୧, ରାବାଡ଼ା- ୨/୬୬ )।
- ଦକ୍ଷିଣ ଆଫ୍ରିକା ୩୯.୫ ଓଭରରେ ୨୦୭/ଅଲଆଉଟ (ଡିକକ- ୬୮, ଡୁସେନ- ୫୦, ଫେଲୁକ୍ୱାୟୋ- ୨୪, ଆର୍ଚର- ୩/୨୭, ପ୍ଲଙ୍କେଟ- ୨/୩୭, ଷ୍ଟୋକ୍ସ- ୨/୧୨)।

ଷ୍ଟୋକ୍ସ ୭୯ ବଲରୁ ୯ ଚୌକା ସହ ଦଳ ତରଫରୁ ସର୍ବାଧିକ ୮୯ ରନ ସଂଗ୍ରହ କରିଥିଲେ। ବଡ଼ ସ୍କୋର ହାସଲ କରିଥିଲେ ମଧ୍ୟ ଦଳ କିନ୍ତୁ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ୧୮, ମୋଇନ ଅଲି ୩, କ୍ରିସ୍ ୱୋକ୍ସ ୧୩ ରନ କରି ପ୍ୟାଭିଲିୟନ ଫେରିଥିବା ବେଳେ ଲିୟମ ପ୍ଲଙ୍କେଟ ୯ ଓ ଜୋଫ୍ରା ଆର୍ଚର ୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଲୁନ୍‌ଗି ଏନ୍‌ଗିଡି ସର୍ବାଧିକ ୩, ଇମ୍ରାନ ତାହିର ଓ କାଗିସୋ ରାବାଡ଼ା ୨ଟି ଲେଖାଏ, ଆଣ୍ଡିଲ ଫେଲୁକ୍ୱାୟୋ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

# ଲାଞ୍ଚ ଦେଇ ମ୍ୟାଚ୍ ଦେଖିଥିଲେ ବାଂଲାଦେଶ ଟାଇଗର

**ଢାକା,୩୦।୫(ଏଏଫ୍‌ପି)**

ବାଂଲାଦେଶ କ୍ରିକେଟ ଦଳର ସୁପରଫ୍ୟାନ ଭାବେ ପରିଚିତ ଶୋୟାବ ଅଲି ବିଶ୍ୱର ବିଭିନ୍ନ ଦେଶ ଭ୍ରମଣ କରି ଜାତୀୟ ଦଳକୁ ସମର୍ଥନ କରନ୍ତି। ଦେହ ଓ ମୁହଁରେ ବାଘ ଭଳି ରଙ୍ଗ କରି ମ୍ୟାଚ୍ ଦେଖୁଥିବା ୩୧ ବର୍ଷୀୟ କାର ମେକାନିକ୍ ନିଜ ଉତ୍ସାହ ଲାଗି ଲାଞ୍ଚ ଦେବାଠାରୁ ଆରମ୍ଭ କରି ନିଜକୁ ଆଘାତ ଦେବାରୁ ପଛାଇ ଯାଇ ନାହାନ୍ତି। ବାଂଲାଦେଶ ବୋଲର ଶାହାଦାଦ ହୋସେନଙ୍କ ଗାଡ଼ି ସଜାଡ଼ି ପ୍ରଥମ ଥର ଅନ୍ତର୍ଜାତୀୟ ମ୍ୟାଚ୍ ଦେଖିବାକୁ ଟିକେଟ୍ ପାଇଥିଲେ। ଭାରତ ବିପକ୍ଷ ମ୍ୟାଚ୍‌କୁ ବାଂଲାଦେଶ ଦଳ ୫ ଉଇକେଟରେ ଜିତି ନେଇଥିଲା। ଏହି ମ୍ୟାଚ୍‌ରେ ସଚିନ ତେନ୍ଦୁଲକର ବହୁ ପ୍ରତୀକ୍ଷିତ ୧୦୦ତମ ଶତକ ଅର୍ଜନ କରିଥିଲେ। ମ୍ୟାଚ୍ ପରେ ମୁଁ ବହୁ ସମୟ ଧରି ଗ୍ରାଉଣ୍ଡରେ କାନ୍ଦିଥିଲି। ସେଠାରେ ମୁଁ ଭାରତୀୟ ସୁପରଫ୍ୟାନ ସୁଧିର ଗୌତମଙ୍କୁ ଦେଖିଥିଲି, ଯିଏକି ଦେହରେ ଭାରତୀୟ ପତାକା ରଙ୍ଗ ଲଗାଇ ସମଗ୍ର ବିଶ୍ୱରେ ଟିମ୍ ଇଣ୍ଡିଆକୁ ସମର୍ଥନ କରନ୍ତି। ସେହିଠାରୁ ମୁଁ ତାଙ୍କ ଭଳି ଦେହରେ ରଙ୍ଗ ଲଗାଇ ପ୍ରତ୍ୟେକ ମ୍ୟାଚ୍ ଦେଖିବା ପାଇଁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଛନ୍ତି। ୧୩ ବର୍ଷରୁ ପାଠପଢ଼ା ଛାଡ଼ି ଦେଇଥିବା ଅଲି ଏପର୍ଯ୍ୟନ୍ତ ନିଜ ଦେଶରେ ଖେଳାଯାଇଥିବା ଗୋଟିଏ ମ୍ୟାଚ୍ ହାତଛଡ଼ା କରିଛନ୍ତି। ୨୦୧୩ଠାରୁ ସେ ବିଦେଶରେ ମଧ୍ୟ ଟିମ୍ ବାଂଲାଦେଶକୁ ଉତ୍ସାହିତ କରିବାକୁ ଯାଉଛନ୍ତି। ୨୦୧୩ରେ ସେ ଜିମ୍ବାୱେ ଗସ୍ତ କରିଥିଲେ। କିନ୍ତୁ ଭିଜା, ପାସପୋର୍ଟ ଢାକା ବିମାନବନ୍ଦରରେ ଛାଡ଼ି ଦେଇଥିବାରୁ ହରାରେ ଆପ୍ରବାସନ କର୍ମକର୍ତ୍ତା ଅଲିଙ୍କୁ ସେଠାରୁ ଫେରାଇ ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଣୁ ସେ ୧୦ ଡଲାର ଲାଞ୍ଚ ଦେଇ ବାଂଲାଦେଶ ଦଳକୁ ଫୋନ କରିଥିଲେ। ହେଲେ ସେମାନେ ଏ ସମ୍ପର୍କରେ କିଛି ବିଶେଷ ସହାୟତା କରିପାରି ନ ଥିଲେ।



ଶୋୟାବ ଅଲି

# ମିଡଲ ଅର୍ଡର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ

**ସୌରଭ ଗାଙ୍ଗୁଲି**

ବିଶ୍ୱର ଯେକୌଣସି ସ୍ଥାନରେ ବିଶ୍ୱକପ୍ ଆୟୋଜନ ହେବା ନିଶ୍ଚିତ ଭାବେ ବଡ଼ କଥା। ତେବେ ଇଂଲଣ୍ଡରେ ଏହି ମେଗା ଇଭେଣ୍ଟ ଆୟୋଜନ ହେଲେ ଏହାର କ୍ରେଜ୍ ଓ ମର୍ଯ୍ୟାଦା ଆହୁରି ବଢିଥାଏ। କ୍ରିକେଟର ସାଂସ୍କୃତିକ ଐତିହ୍ୟକୁ ଏହି ଦେଶ ଦୀର୍ଘବର୍ଷ ଧରି ସଫଳତାର ସହ ବଜାୟ ରଖିଆସିଛି। ନୂଆ ଫର୍ମାଟ ମଧ୍ୟ କ୍ରିକେଟ ପ୍ରଶଂସକଙ୍କୁ ବିଶେଷ ଭାବେ ସହାୟ ହୋଇଛି। କାରଣ ଏହି ଫର୍ମାଟରେ ଅନିଶ୍ଚିତତା ନାହିଁ। କୌଣସି ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ଅତିକମ୍‌ରେ ୯ଟି ମ୍ୟାଚ୍ ଖେଳିବ। ଫଳରେ ଇଂଲଣ୍ଡ ଗସ୍ତରେ ଯାଇଥିବା ପ୍ରଶଂସକମାନେ ନିରାଶ ହେବେ ନାହିଁ ଓ ଇଂଲଣ୍ଡରୁ ହଠାତ୍ ଫେରିବାକୁ ନିଷ୍ପତ୍ତି ନେବେ ନାହିଁ। ମୋ ମତରେ ବିଶ୍ୱକପ୍ ପାଇଁ ଏହା ଏକ ଶ୍ରେଷ୍ଠ ଫର୍ମାଟ। କାହା ପାଇଁ କୌଣସି ମ୍ୟାଚ୍ ସହଜ ହେବ ନାହିଁ। ଯେଉଁ ୪ଟି ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବେ ସେହି ଦଳଗୁଡିକ ସେମିଫାଇନାଲରେ ପ୍ରବେଶ କରିବେ। ଅନ୍ୟପଟେ କହିବାକୁ ଗଲେ କେବଳ ପ୍ରତିଭା, ଦକ୍ଷତା ଓ ସାମର୍ଥ୍ୟ ଥିବା ଦଳ କେବଳ ସେମିକୁ ଉଠିବ। ଭାଗ୍ୟର ଭୂମିକା ଏଠାରେ ନିଶ୍ଚିତ ଭାବେ କମ୍ ରହିବ।

ଅଷ୍ଟ୍ରେଲିଆ ସବୁଠାରୁ ଉନ୍ନତ ଦଳ ରୂପେ ଉଭା ହୋଇଛି। ଗତ ନଭେମ୍ବରରେ ଅଷ୍ଟ୍ରେଲିଆ ଗସ୍ତରେ ଭାରତ ଯାଇଥିଲା। ଅଷ୍ଟ୍ରେଲିଆ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ପ୍ରତ୍ୟାବର୍ତ୍ତନ କରିଥିଲା। ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ସବୁ ଦଳକୁ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ପୂର୍ବରୁ ଆଭାସ ମିଳିଛି। ସେହିପରି ଆୟୋଜକ ଇଂଲଣ୍ଡ ମଧ୍ୟ ସବୁଠାରୁ ଶକ୍ତିଶାଳୀ ଦଳ ମନେହେଉଛି। ଏହି ଦଳର ସବୁ ଖେଳାଳି ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ ବିନା ଚାପରେ ଖେଳୁଛନ୍ତି ଓ ଏହା ଅନ୍ୟଦଳ ପାଇଁ ବିପଦ ସୃଷ୍ଟି କରିଛି। ଗତ କେତେବର୍ଷ ହେବ ଇଂଲଣ୍ଡ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରୁଛି ଓ ୩୫୦ ରନକୁ ଚେଜ୍ କରିବାରେ ସଫଳ ହୋଇଛି। ପୁଣି ଘରୋଇ ପରିବେଶ ଇଂଲଣ୍ଡ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। କାରଣ ନିଜ ଜଳବାୟୁ ଓ ପରିସ୍ଥିତି ସହିତ ବେଶ୍ ଭଲ ଭାବେ ଅଭ୍ୟସ୍ତ ରହିଛି।

ଅନ୍ୟପଟେ ୱେଷ୍ଟଇଣ୍ଡିଜ ଦଳ ମଧ୍ୟ ଇତିମଧ୍ୟରେ ଯଥେଷ୍ଟ ଉନ୍ନତି କରିଛି। ୱେଷ୍ଟଇଣ୍ଡିଜର ନୂଆ କ୍ରିକେଟ ପ୍ରଶାସନ ବେଶ୍ ଦକ୍ଷ ମନେହେଉଛି। ଖେଳାଳି ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମ୍ପର୍କ ପ୍ରତିଷ୍ଠା ହୋଇଛି। ଫଳରେ ଏହି ଦେଶରେ କ୍ରିକେଟର ପୁନରୁଦ୍ଧାର ହୋଇଛି। ଅଭିଜ୍ଞ କ୍ରିସ୍ ଗେଲଙ୍କ ସହ ଯୁବ କ୍ରିକେଟର ସାଇ ହୋପ, ହେଟ – ମେୟର, ନିକୋଲାସ ପୁରାନ ଦର୍ଶକଙ୍କ ମନୋରଞ୍ଜନ କରିବେ। ୱେଷ୍ଟଇଣ୍ଡିଜ ଐକ୍ୟବଦ୍ଧ ହୋଇ ଖେଳିବ ବୋଲି ଆଶା କରାଯାଉଛି। ବ୍ୟାଟିଂ ବୋଲିଂରେ ଆଖିଦୃଶିଆ ଉନ୍ନତି ଆଣିଥିବା ଆନ୍ଦ୍ରେ ରସେଲ ଧୂଆଁଧାର ଖେଳ ପ୍ରଦର୍ଶନ କରିବେ। ରସେଲଙ୍କ ବ୍ୟାଟିଂ ଦେଖିବାକୁ ମୁଁ ବ୍ୟଗ୍ର।

ପାକିସ୍ତାନ କଥା ବିଚାର କଲେ, ଏହି ଦଳ ଗତ କିଛି ବର୍ଷ ହେବ ଅସ୍ଥିର ପ୍ରଦର୍ଶନ କରିଆସିଛି। କିନ୍ତୁ କ୍ରିକେଟ ଦଳର ଭାବପ୍ରବଣତା ସହିତ ଜଡିତ ରହିଆସିଛି। ତେଣୁ ପାକିସ୍ତାନକୁ ଆଦୌ ହାଲ୍‌କା ଭାବେ ଗ୍ରହଣ କରିବେ ହେବ ନାହିଁ। ପାକିସ୍ତାନକୁ କିଭଳି ଭାବେ ଗ୍ରହଣ କରାଯିବ ତାହା ଦଳଗୁଡିକ ଉପରେ ନିର୍ଭର କରିବ।

ବର୍ତ୍ତମାନ ଭାରତ କଥା ଚିନ୍ତା କରିବା। ଭାରତର ଟପ୍– ୩ ବ୍ୟାଟ୍ସମ୍ୟାନ ବିଶ୍ୱର ଶ୍ରେଷ୍ଠ ବିବେଚିତ ହେଉଛନ୍ତି। ପୁଣି ସୁପରଷ୍ଟାର ବିରାଟ କୋହଲି ଆକର୍ଷଣର କେନ୍ଦ୍ରବିନ୍ଦୁ ବନିଯାଇଛନ୍ତି। ତେବେ ମିଡଲ ଅର୍ଡର କିଭଳି ପ୍ରଦର୍ଶନ କରୁଛି ତାହା ଦେଖିବାକୁ ବାକି ରହିଲା। ମିଡଲ ଅର୍ଡର ଉପରେ ଭାରତର ଭାଗ୍ୟ ନିର୍ଭର କରିବ। ମହେନ୍ଦ୍ର ସିଂ ଧୋନୀଙ୍କ ଫର୍ମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେ କିଭଳି ବ୍ୟାଟିଂ କରୁଛନ୍ତି ତାହା ଉପରେ ସବୁକିଛି ନିର୍ଭର କରୁଛି। ପୁଣି ବ୍ୟାଟିଂ ଦୃଷ୍ଟିକୋଣରୁ ଭାରତର ନିମ୍ନକ୍ରମ ଦୁର୍ବଳ ମନେହେଉଛି। ତେଣୁ ଭାରତର ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରିବା ନିହାତି ଜରୁରୀ। ୬ ଓ ୭ ନମ୍ବର ବ୍ୟାଟ୍ସମ୍ୟାନଙ୍କୁ ଚମକ ଦେଖାଇବାକୁ ପଡିବ।

ଭାରତର ବୋଲିଂ ବିଭାଗ ଉଚ୍ଚକୋଟୀର ମନେହେଉଛି। ଯଶପ୍ରୀତ ବୁମ୍‌ରାଙ୍କ ନେତୃତ୍ୱରେ ଓ ମହମ୍ମଦ ସାମିଙ୍କ ଉପସ୍ଥିତି ଭାରତୀୟ ଦ୍ରୁତ ବୋଲିଂକୁ ବିଶ୍ୱର ଶ୍ରେଷ୍ଠ ବୋଲି ପ୍ରମାଣିତ କରିଛି। ସେହିପରି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଦିନିକିଆରେ ଶ୍ରେଷ୍ଠ ପ୍ରଦର୍ଶନ କରୁଛନ୍ତି। ଅଧିନାୟକ କୋହଲି ଏହାର ଫାଇଦା ଉଠାଇବେ। ସ୍ପିନ ଦୃଷ୍ଟିକୋଣରୁ ଆଫଗାନିସ୍ତାନ ମଧ୍ୟ ସବୁଠାରୁ ଆଗରେ ଥିବାପରି ମନେ ହେଉଛି। (ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA CRICKET · CRICKET GEAR

# ଟିକେଟ ବିକ୍ରି ଅର୍ଥ ଓଡ଼ିଶା ସରକାରଙ୍କୁ ଦିଆଯିବ

**ଭୁବନେଶ୍ୱର,୩୦।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଏଠାରେ ଆୟୋଜନ ହେବାକୁଥିବା ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସର ଟିକେଟ ବିକ୍ରିରୁ ଉପାର୍ଜିତ ହେବାକୁଥିବା ଅର୍ଥ ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ମହାବାତ୍ୟା ଫନୀ ଦ୍ୱାରା ରାଜ୍ୟରେ ବିପୁଳ କ୍ଷୟକ୍ଷତି ହୋଇଛି। ପୁନରୁଦ୍ଧାର କାର୍ଯ୍ୟ ଓ ବାତ୍ୟା ପ୍ରଭାବିତ ଲୋକଙ୍କ ସାହାଯ୍ୟ ପାଇଁ ଏହି ଅର୍ଥ ବ୍ୟୟ କରାଯିବ ବୋଲି କୁହାଯାଇଛି। ଟିକେଟ ବିକ୍ରିରୁ ଲବ୍ଧ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ କହିଛି।

ଫନୀ ଦ୍ୱାର ହୋଇଥିବା କ୍ଷୟକ୍ଷତିକୁ ଦେଖି ଆମେ ଦୁଃଖିତ। ହକିକୁ ଓଡ଼ିଶା ଭଲପାଇବା, ସାହାଯ୍ୟ ସମର୍ଥନ ଦେଇଆସିଛି। ଏବେ ଏହାର ପ୍ରତିଦାନରେ ଆମେ କିଛି କରିବାରୁ ସୁଯୋଗ ପାଇଛୁ ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ୍ ଅହମ୍ମଦ କହିଛନ୍ତି। ଯେତେ ସମ୍ଭବ ଆମେ ପୁନର୍ଗଠନ କାର୍ଯ୍ୟାରେ ସହାୟତା ପ୍ରଦାନ କରିବୁ। ଉଲ୍ଲେଖଥାଉ କି, ଚଳିତ ମାସ ପ୍ରାରମ୍ଭରେ ମହାବାତ୍ୟା ଫନୀ ଯୋଗୁ ୧୪ଟି ଜିଲା ଓ ୧୫୯ଟି ବ୍ଲକର ପାଖାପାଖି ଦେଢ କୋଟି ଲୋକ ପ୍ରଭାବିତ ହୋଇଥିଲେ। ରାଜ୍ୟରେ ସାଂଘାତିକ କ୍ଷୟକ୍ଷତି ହୋଇଥିଲା। ଏଫ୍‌ଆଇଏଚ୍ ହକି ସିରିଜ ଫାଇନାଲ୍ସ ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଏହି ଟୁର୍ନାମେଣ୍ଟର ସଫଳ ଆୟୋଜନ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୂର୍ବରୁ ଏଠାରେ ବିଶ୍ୱକପ୍ ସମେତ ଏକାଧିକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ବେଶ୍ ସଫଳତାର ସହ ଆୟୋଜିତ ହୋଇଛି। ତେଣୁ ଓଡ଼ିଶା ଲୋକଙ୍କ ନିକଟରେ ହକି ଓଡ଼ିଶା କୃତଜ୍ଞ ହୋଇରହିବ। ତେଣୁ ଏହି କଷ୍ଟକର ମୁହୂର୍ତ୍ତରେ ମଧ୍ୟ ଓଡ଼ିଶାର ଲୋକେ ସମର୍ଥନ ଜଣାଇବା ମଧ୍ୟ ଏକ ବଡ଼କଥା ବୋଲି ସେ କହିଛନ୍ତି। ଫନୀ ଜନିତ କ୍ଷୟକ୍ଷତି ସତ୍ତ୍ୱେ ଓଡ଼ିଶା ସରକାର ଠିକ ସମୟରେ କଳିଙ୍ଗ ହକି ଷ୍ଟାଡିୟମକୁ ପ୍ରସ୍ତୁତ କରିପାରିଛନ୍ତି। ଏଥିପାଇଁ ଆମେ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ ବୋଲି ସେ କହିଛନ୍ତି।

### ଆଜି ପହଞ୍ଚିବେ ରୁଷିଆ, ପୋଲାଣ୍ଡ

କଳିଙ୍ଗ ଷ୍ଟାଡିୟମରେ ଜୁନ ୬ରୁ ୧୫ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ଖେଳିବା ପାଇଁ ଶୁକ୍ରବାର ରୁଷିଆ ଓ ପୋଲାଣ୍ଡ ହକି ଦଳ ଭୁବନେଶ୍ୱରରେ ପହଞ୍ଚିବେ। ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ରୁଷିଆ ୨୨ ଓ ପୋଲାଣ୍ଡ ୨୧ତମ ସ୍ଥାନରେ ରହିଛି। ଉଭୟ ଦଳ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପୂର୍ବାହ୍ନ ୯ଟାରେ ପହଞ୍ଚିବେ ବୋଲି ହକି ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ମେ ୩୧/୨୦୧୯ Bhubaneswar, Friday, May 31/2019

## ସଂକ୍ଷେପରେ

### ଅତିରିକ୍ତ ତହସିଲଦାରଙ୍କୁ ଚାପୁଡ଼ା ମାରିବା ଘଟଣା ବିଡିଓଙ୍କ ନାଁରେ ରୁଜୁ ହେଲା ମାମଲା

**ବାଲକାଟୀ,୩୦।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଏକ ବ୍ଲକ କାର୍ଯ୍ୟାଳୟରେ ଜଣେ ବିଡିଓ ଅଧସ୍ତନ କର୍ମଚାରୀଙ୍କୁ ଚାପୁଡା ମାରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ଶେଷରେ ଅତିରିକ୍ତ ତହସିଲଦାରଙ୍କ ଏତଲାକ୍ରମେ ବିଡିଓଙ୍କ ନାଁରେ ବାଲିଅନ୍ତା ଥାନାରେ ନଂ ୧୪୦/୧୯ରେ ମାମଲା ରୁଜୁ ହୋଇଥିବା ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା ଗୁରୁବାର କହିଛନ୍ତି। ସୂଚନାଯୋଗ୍ୟ, ଫନୀଜନିତ ରିପୋର୍ଟ ଜିଲାପାଳଙ୍କୁ ଦେବା ପାଇଁ ଉକ୍ତ ବ୍ଲକ କର୍ମଚାରୀଙ୍କ ମଧ୍ୟରେ ପ୍ରସ୍ତୁତି ଚାଲିଥାଏ। ରିପୋର୍ଟକୁ ସମୀକ୍ଷା କରିବା ପାଇଁ ବିଡିଓ, ଅତିରିକ୍ତ ତହସିଲଦାର, ଏବିଡିଓ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ଉପସ୍ଥିତ ଥିଲେ। ରିପୋର୍ଟ ଆଲୋଚନାକୁ ନେଇ ବିଡିଓ ଓ ଅତିରିକ୍ତ ତହସିଲଦାରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ବିଡିଓ ଉତ୍ତ୍ୟକ୍ତ ହୋଇ ଅତିରିକ୍ତ ତହସିଲଦାରଙ୍କୁ ଚାପୁଡ଼ା ମାରିଥିଲେ। ପରେ ଏ ଘଟଣା ଉପଜିଲାପାଳଙ୍କ ଦ୍ୱାରା ଆପୋସ ବୁଝାମଣାରେ ସମାଧାନ ହୋଇଥିଲା। କିନ୍ତୁ ଅତିରିକ୍ତ ତହସିଲଦାର ଅସନ୍ତୁଷ୍ଟ ବ୍ୟକ୍ତ କରି ଥାନାରେ ଅଭିଯୋଗ କରିବାସହ ଏତଲା କପି ଭୁବନେଶ୍ୱର ଡିସିପିଙ୍କୁ ଦେଇଥିଲେ। ଶେଷରେ ବାଲିଅନ୍ତା ଥାନାରେ ବିଡିଓଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଏସିପି ପଣ୍ଡା ସୂଚନା ଦେଇଥିବାବେଳେ ଘଟଣାର ତଦନ୍ତ ନିଜେ କରିଥିବା ଜଣାଇଛନ୍ତି।

**ପ୍ରକାଶ ପାଇଲା ବିଜେବି ଯୁକ୍ତ ୩ ପରୀକ୍ଷାଫଳ**

# ରତ୍ନପର୍ଣ୍ଣା ମିଶ୍ର କଲେଜ ଟପ୍ପର

- କଳାରେ ଇତିଶ୍ରୀ, ବାଣିଜ୍ୟ ବିଭାଗରେ କୁଞ୍ଜିଲ ଟପ୍ପର
- ଶିକ୍ଷା, ଭୂଗୋଳ ଓ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗରେ ଶତ ପ୍ରତିଶତ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷବର୍ଷ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଚଳିତବର୍ଷ କଳା ବିଭାଗରେ ପାସ୍ ହାର ୮୭.୬୪% ରହିଥିବାବେଳେ ବିଜ୍ଞାନରେ ୯୩.୨୧% ଓ ବାଣିଜ୍ୟରେ ୯୨.୬୧% ରହିଛି। ପଦାର୍ଥବିଜ୍ଞାନ ବିଭାଗର ଛାତ୍ରୀ ରତ୍ନପର୍ଣ୍ଣା ମିଶ୍ର ସର୍ବାଧିକ ନମ୍ବର ରଖି ବିଜ୍ଞାନ ବିଭାଗ ସହ କଲେଜ ଟପ୍ପର ହୋଇଛନ୍ତି। କଳା ବିଭାଗରେ ମନୋବିଜ୍ଞାନ ବିଭାଗ ଛାତ୍ରୀ ଇତିଶ୍ରୀ ଲେଙ୍କା ଓ ବାଣିଜ୍ୟ ବିଭାଗରେ ଆକାଉଣ୍ଟିଂ ବିଭାଗର କୁଞ୍ଜିଲ ମନୀଷ ଟଙ୍କ ଟପ୍ପର ହୋଇଛନ୍ତି।

କଳା ବିଭାଗରେ ମୋଟ ୪୮୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪୪୦ଜଣ କୃତକାର୍ଯ୍ୟ ହୋଇଛନ୍ତି। ୨୦୭ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଂକ୍ସନରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୮ଜଣ ପ୍ରଥମ, ୭୦ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଂକ୍ସନ, ୯୮ଜଣ ଦ୍ୱିତୀୟ ଶ୍ରେଣୀ, ୬ଜଣ ବିନା ଅନର୍ସରେ ଡିଷ୍ଟିଂକ୍ସନ ଓ ୩୧ଜଣ ବିନା ଅନର୍ସରେ କୃତକାର୍ଯ୍ୟ ହୋଇଛନ୍ତି। ଶିକ୍ଷା, ଭୂଗୋଳ ଓ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ବିଜ୍ଞାନ ବିଭାଗରେ ୧୯୨ ଜଣ ପରୀକ୍ଷା ଦେଇଥିବାବେଳେ ୧୭୭ଜଣ ପାସ୍ କରିଛନ୍ତି। ୧୦୯ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଂକ୍ସନ, ୫୫ଜଣ ପ୍ରଥମ, ୨ ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଂକ୍ସନ, ୧୧ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ବାଣିଜ୍ୟ ବିଭାଗରେ ୨୫୭ଜଣ ପରୀକ୍ଷା ଦେଇଥିବାବେଳେ ୨୩୮ଜଣ ପାସ୍ କରିଛନ୍ତି। ୧୪୮ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଂକ୍ସନ, ୪୬ଜଣ ପ୍ରଥମ, ୮ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗଶନ୍ ଓ ୩୬ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁପ୍ରଭା ମିଶ୍ର ଓ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ରାୟ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ମୁଖ୍ୟ ନଳିନୀ ପାତ୍ର ପ୍ରମୁଖ ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ।

### ସିଭିଲ୍ ସର୍ଭିସ ପାଇଁ ପ୍ରସ୍ତୁତ ହେବି



କଲେଜ ଟପ୍ପର ହେବି ବୋଲି କେବେ ଭାବି ନ ଥିଲି। ବର୍ଷ ଆରମ୍ଭରୁ ମୁଁ ଦିନକୁ ୪ରୁ ୫ ଘଣ୍ଟା ପରିଶ୍ରମ କରୁଥିଲି। ସବୁଦିନ କଲେଜ ଯାଏ ଓ କଲେଜ ପରେ ପ୍ରତିଦିନ ପଢାଯାଉଥିବା ବିଷୟକୁ ଆସି ଘରେ ପଢେ। ପରୀକ୍ଷା ସମୟରେ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲି। ମୋ ସଫଳତାର ପ୍ରଥମ ଶ୍ରେୟ ଫିଜିକ୍ସ ଡିପାର୍ଟମେଣ୍ଟ ମୁଖ୍ୟ ଡ. ଅରୁନ୍ଧତୀ ମିଶ୍ରଙ୍କୁ ଦେବି। ଏହାସହ ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକମାନେ ସବୁ ସମୟରେ ମୋତେ ସହଯୋଗ କରୁଥିଲେ। ମୋ ବାପା ଜଗନ୍ନାଥ ମିଶ୍ର ପୁରୀ ଜିଲାର ଏକ ସ୍କୁଲରେ ଶିକ୍ଷକ ଅଛନ୍ତି ଓ ମୋ ମା' ଜ୍ୟୋତ୍ସ୍ନାରାଣୀ ମିଶ୍ର ଜଣେ ଗୃହିଣୀ। ମୋ ପାଠ ପଢାରେ ଉଭୟ ବହୁତ ସହଯୋଗ କରିଛନ୍ତି। ଆଗକୁ ଫିଜିକ୍ସରେ ଏମ୍ଏସ୍ସି କରିବି ଓ ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତ ହେବି।

**- ରତ୍ନପର୍ଣ୍ଣା ମିଶ୍ର, କଲେଜ ଟପ୍ପର, ବିଜେବି ସ୍ୱୟଂଶାସିତ କଲେଜ**

### କଳା ବିଭାଗ

| ବିଷୟ | ଟପ୍ପର | ମୋଟମାର୍କ |
|---|---|---|
| ନୃତତ୍ତ୍ୱ ବିଜ୍ଞାନ | ପ୍ରିୟଦର୍ଶିନୀ ନାୟକ | ୨୧୩୯ |
| ଅର୍ଥନୀତି | ଶ୍ୱେତାରାଣୀ ତ୍ରିପାଠୀ | ୨୦୯୯ |
| ଶିକ୍ଷା | ଶୁଭସ୍ମିତା ବେହେରା | ୨୧୫୮ |
| ଇଂଲିଶ | ଅଭୀପ୍ସା ମହାନ୍ତି | ୨୦୦୯ |
| ଭୂଗୋଳ | ଶାଶ୍ୱତ ସୌମ୍ୟକାନ୍ତ | ୨୧୭୯ |
| ସଙ୍ଗୀତ | ଅପର୍ଣ୍ଣା ଶୁଭଦର୍ଶିନୀ ସାମନ୍ତ | ୧୮୯୯ |
| ହିନ୍ଦୀ | ସୁସ୍ମିତା ପଣ୍ଡିତ୍ | ୧୯୫୬ |
| ଇତିହାସ | ଆଦୁ କ୍ରିଷାନୀ | ୧୮୮୧ |
| ଓଡ଼ିଆ | ଶୀତଲ୍ ମଲ୍ଲିକ | ୧୮୬୭ |
| ଦର୍ଶନଶାସ୍ତ୍ର | ଫାଲ୍‌ଗୁନୀ ସାମଲ | ୨୧୫୯ |
| ରାଜନୀତି ବିଜ୍ଞାନ | ସୁତୋଷ କୁଣ୍ଡୁ | ୨୦୫୨ |
| ମନସ୍ତତ୍ତ୍ୱ ବିଜ୍ଞାନ | ଇତିଶ୍ରୀ ଲେଙ୍କା | ୨୨୫୩ |
| ସଂସ୍କୃତ | ଲିପ୍ସା ନାୟକ | ୧୯୮୭ |
| ସମାଜ ବିଜ୍ଞାନ | ରୁଚିକା ମହାନ୍ତି | ୨୧୦୩ |

### ବିଜ୍ଞାନ ବିଭାଗ

| ବିଷୟ | ଟପ୍ପର | ମୋଟମାର୍କ |
|---|---|---|
| ବାୟୋଟେକ୍ନୋଲୋଜି | ସନ୍ତୋଷ ବେହେରା | ୨୦୧୬ |
| ଉଦ୍ଭିଦ ବିଜ୍ଞାନ | ପ୍ରିୟଙ୍କା ରାଉତରାୟ | ୨୧୬୯ |
| ରସାୟନ ବିଜ୍ଞାନ | ଆରତି ସାମଲ | ୨୨୫୦ |
| କମ୍ପ୍ୟୁଟର ସାଇନ୍ସ | ଜୁନାସା ଦାସ | ୨୦୯୩ |
| ଗଣିତ | ସୁବ୍ରତ କୁମାର ନାୟକ | ୨୦୬୩ |
| ପଦାର୍ଥ ବିଜ୍ଞାନ | ରତ୍ନପର୍ଣ୍ଣା ମିଶ୍ର | ୨୩୪୨ |
| ପ୍ରାଣୀ ବିଜ୍ଞାନ | ତ୍ରିଷାଜ୍ୟୋତି ମହାପାତ୍ର | ୨୨୬୦ |
| ପରିସଂଖ୍ୟାନ | ପ୍ରତୀକ ନାୟକ | ୨୨୦୭ |

### ବାଣିଜ୍ୟ ବିଭାଗ

| ବିଷୟ | ଟପ୍ପର | ମୋଟମାର୍କ |
|---|---|---|
| ଆକାଉଣ୍ଟିଂ | କୁଞ୍ଜିଲ୍ ମନୀଷ୍ ଟଙ୍କ | ୨୧୫୦ |




ଉଦ୍‌ଘାଟନ ପରେ ଏସ୍‌ସିବି ମଲିକୁଲାର ଲ୍ୟାବ୍ ବୁଲି ଦେଖୁଛନ୍ତି ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା।

# ଏସ୍‌ସିବିରେ ମଲିକୁଲାର ଲ୍ୟାବ୍ ଉଦ୍‌ଘାଟିତ

**କଟକ ଅଫିସ, ୩୦।୫**

ଏସ୍‌ସିବି ମେଡିକାଲରେ ଅତ୍ୟାଧୁନିକ ମଲିକୁଲାର ଲ୍ୟାବ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। ପୂର୍ବ ଭାରତର କୌଣସି ଏକ ସରକାରୀ ଡାକ୍ତରଖାନାରେ ଏହି ଲ୍ୟାବ କାର୍ଯ୍ୟ କରିବା ପ୍ରଥମ ଘଟଣା। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଣିକି ବାୟୋ କେମିକାଲ ପରୀକ୍ଷାଗୁଡ଼ିକ ଏହି ଲ୍ୟାବରେ କରାଯିବା ସହିତ ଶୀଘ୍ର ରିପୋର୍ଟ ମିଳିବାରେ ମଧ୍ୟ ସହାୟକ ହୋଇପାରିବ। ବିଶେଷକରି ବିଭିନ୍ନ ଜେନେଟିକ ପରୀକ୍ଷା ସହିତ କର୍କଟ ରୋଗର ପରୀକ୍ଷା ଏହି ଲ୍ୟାବ୍‌ରେ ସମ୍ପନ୍ନ କରାଯାଇପାରିବ। ରାଜ୍ୟର ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଏହି ଲ୍ୟାବ୍ ସହାୟକ ହୋଇପାରିବ ବୋଲି ମେହେର୍ଦ୍ଦା କହିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ଜୟଶ୍ରୀ ମହାନ୍ତି, ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତିଙ୍କ ସମେତ ବହୁ ବିଭାଗର ପ୍ରଫେସର ଉପସ୍ଥିତ ଥିଲେ।

# ଫନୀ ପାଇଁ ସଚିବାଳୟ ବ୍ୟକ୍ତିଗତ ସହାୟକ ସଂଘ ଦେଲା ୫୦ ହଜାର

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ବାତ୍ୟା ଫନୀରେ ପୁରୀ ଓ ଭୁବନେଶ୍ୱର ଛାରଖାର ହୋଇ ଯାଇଛି। ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ବାତ୍ୟା କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ରାଜ୍ୟ ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଗୁରୁବାର ଅପରାହ୍ଣରେ ସଂଘର ସଭାପତି ଲିଙ୍ଗରାଜ ସାହୁ ଏବଂ ସାଧାରଣ ସମ୍ପାଦକ ବିଘ୍ନରାଜ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

# ମହାନଦୀରେ ବୁଡ଼ି ଯୁବକ ମୃତ

**କଟକ ସଦର, ୩୦।୫(ଡି.ଏନ୍.ଏ.)**

ଗୁରୁବାର ଅପରାହ୍ଣରେ ମହାନଦୀରେ ବୁଡ଼ି ସେକ୍ ନୌସାଦ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କିଶୋର ନଗର ଥାନା ଅଧୀନ ସାମନ୍ତରାପୁର ଗ୍ରାମରେ। ସେ ତାଙ୍କ ମାମୁଘର ଉକ୍ତ ଥାନା ଅଧୀନ ଶିର୍ଲୋ ଗ୍ରାମକୁ ବୁଲିବାକୁ ଆସିଥିଲେ। ଅପରାହ୍ଣ ପ୍ରାୟ ୩ଟାରେ ସେ ତାଙ୍କ ସହଯୋଗୀଙ୍କ ସହ ମାମୁଘର ନିକଟ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗୋଡ ଖସିଯିବାରୁ ଗଭୀର ପାଣିରେ ବୁଡି ଯାଇଥିଲେ। ତାଙ୍କ ସହଯୋଗୀ ଏହା ଦେଖି ଚିତ୍କାର କରିବା ସହ ବଞ୍ଚାଇବାକୁ ଉଦ୍ୟମ ପାଣି ଭିତରକୁ ଡେଇଁ ପଡିଥିଲେ। ସେହି ସମୟରେ ଲୋକମାନେ ସେଠାରେ ପହଞ୍ଚି ନୌସାଦଙ୍କ ସହଯୋଗୀଙ୍କୁ ଉଦ୍ଧାର କରିଥିଲେ। ହେଲେ ନୌସାଦଙ୍କୁ ପାଣିରୁ ଉଦ୍ଧାର କରିବାବେଳେକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। କିଶୋର ନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏଥିସହ ଏକ ଅପମୃତ୍ୟୁ ମାମଲା(ନଂ.୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ରାଜ୍ୟବ୍ୟାପୀ ଅଗ୍ନି ନିରାପତ୍ତା ଯାଞ୍ଚ ନିର୍ଦ୍ଦେଶ ଦେଲା ଗୃହ ବିଭାଗ

- କୋଚିଂ ସେଣ୍ଟର, ବଡ଼ ଅଟ୍ଟାଳିକା, ପଟ୍ରୋଲ ପମ୍ପରେ ଚଢ଼ାଉ ନିର୍ଦ୍ଦେଶ
- ପୂର୍ବରୁ କଟକ, ଭୁବନେଶ୍ୱରରେ ୨୧ କୋଚିଂ ସେଣ୍ଟର ଯାଞ୍ଚ ହୋଇଥିଲା

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ଗୁଜରାଟର ସୁରଟରେ କୋଚିଂ ସେଣ୍ଟର ଅଗ୍ନିକାଣ୍ଡ ପରେ ଓଡ଼ିଶାରେ ଏନେଇ ଛନକା ପଶିଛି। ଶୋଇଯାଇଥିବା ରାଜ୍ୟ ଅଗ୍ନିଶମ ବିଭାଗ ତା'ର ପୁରୁଣା ଢ଼ଙ୍ଗରେ ପୁଣି ତତ୍ପର ହୋଇଉଠିଛି। ଏପରିସ୍ଥଳେ ଗୁରୁବାର ଗୃହ ବିଭାଗ ପକ୍ଷରୁ ରାଜ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ଡିଜି ବି.କେ. ଶର୍ମାଙ୍କ ନିକଟକୁ ଆସିଥିବା ଏକ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ଚଢାଉ କରି ଯାଞ୍ଚ ସହ ଆବଶ୍ୟକ ପଦକ୍ଷେପ ନିଆଯାଉ। ଏହାସହ ବଡ଼ ବଡ଼ ଅଟ୍ଟାଳିକା ଓ ପେଟ୍ରୋଲ ପମ୍ପରେ ଅଗ୍ନିଶମ ନିରାପତ୍ତା ଯାଞ୍ଚ କରିବା ପାଇଁ ମଧ୍ୟ କୁହାଯାଇଛି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ସୋମବାର ଓ ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ଟ୍ୱିନ୍‌ସିଟି କଟକ ଓ ଭୁବନେଶ୍ୱରରେ ଥିବା ୨୪ କୋଚିଂ ସେଣ୍ଟରରେ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱରରେ ୧୫ ଓ କଟକରେ ୯ଟି କୋଚିଂ ସେଣ୍ଟରରେ ୨୧ଟି ଟିମ୍ ଯାଞ୍ଚ କରୁଥିଲା। ହେଲେ ଅଧିକାଂଶ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଥିଲା। ଏପରିକି କୋଚିଂ ସେଣ୍ଟର ଭିତର ଓ ଛାତ ଉପରେ ଦହନଶୀଳ ପ୍ରଦାର୍ଥ ରଖାଯାଇଥିଲା। କୌଣସି ସମୟରେ ବି ବିପଦ ଆସିବାର ସମ୍ଭାବନା ଥିବାରୁ ତୁରନ୍ତ ତାହାକୁ ହଟାଇବାକୁ କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି କେତେକ କୋଚିଂ ସେଣ୍ଟରରେ ଫାୟାର ଏକ୍ସଟିଂଗୁଇସର ଥିଲେ ମଧ୍ୟ ତାହାର ବ୍ୟବହାର କେହି ଜାଣି ନ ଥିବା ଜଣାପଡିଥିଲା। ତେଣୁ କିଭଳି ଏହାକୁ ବ୍ୟବହାର କରାଯିବ, ନିଆଁ ଲାଗିବା ପରେ ତତ୍‌କ୍ଷଣାତ୍ କ'ଣ କରିବା ଆବଶ୍ୟକ ସେନେଇ ଅଗ୍ନିଶମ କର୍ମଚାରୀମାନେ ପିଲାମାନଙ୍କୁ ସଚେତନ କରିଥିଲେ। ଏଥିସହ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ କୋଚିଂ ମାଲିକଙ୍କୁ ଡାକି ବୁଝାଇବା ସହ ତୁରନ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ୩ ସପ୍ତାହ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ଯଦି କୌଣସି ପଦକ୍ଷେ ନ ନିଅନ୍ତି ତେବେ ବାଧ୍ୟହୋଇ ଉକ୍ତ କୋଚିଂ ସେଣ୍ଟରକୁ ସିଲ୍ କରାଯିବ ବୋଲି ମଧ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ଗୃହ ବିଭାଗର ନିର୍ଦ୍ଦେଶ ପରେ ଆଗକୁ ରାଜ୍ୟବ୍ୟାପୀ ଚଢ଼ାଉ ସହ ପଦକ୍ଷେପକୁ ଜୋର୍‌ଦାର କରାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଉଛି। କିନ୍ତୁ ପୂର୍ବର ବିଭିନ୍ନ ଘଟଣାକ୍ରମକୁ ଦେଖିଲେ ଅଗ୍ନିଶମ ବିଭାଗର ଏପରି ତତ୍ପରତା କିଛିଦିନ ପରେ ଆଉ ରହିବ ନାହିଁ ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

ନରସିଂହପୁର,୩୦।୫(ଡି.ଏନ.ଏ.): ସାପ କାମୁଡ଼ାରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ବ୍ଲକ ଅନ୍ତର୍ଗତ ବନ୍ଧ ସାହିର ବ୍ରହ୍ମାନନ୍ଦ ସାହୁ(୨୫)। ବୁଧବାର ରାତିରେ ଘର ବାରଣ୍ଡାରେ ଶୋଇଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଏହାପରେ ତାଙ୍କୁ ନରସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

### ସ୍ୱପ୍ନେଶ୍ୱର ଦେବଙ୍କ ଶୀତଳ ଷଷ୍ଠୀ ଯାତ୍ରା ପ୍ରସ୍ତୁତି

ବଡ଼ମ୍ବା,୩୦।୫(ଡି.ଏନ.ଏ.): ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ପୀଠରେ ଶୀତଳଷଷ୍ଠୀ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ପୀଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବସେନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ବ୍ରାହ୍ମଣ ସମାଜ, ମାଳିସମାଜ, ପଞ୍ଚାୟତ ପ୍ରତିନିଧି, ମାନ୍ୟଗନ୍ୟ ବକ୍ତି ଓ ବରିଷ୍ଠ ନାଗରିକଙ୍କ ସମେତ ଗ୍ରାମବାସୀ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ କିପରି ସରସସୁନ୍ଦର ଓ ନିରାଡ଼ମ୍ବରରେ ପାଳିତ ହେବ ତା' ଉପରେ ମତ ପ୍ରଦାନ କରିଥିଲେ। ଶେଷରେ ଏକ ସ୍ୱତନ୍ତ୍ର ପରିଚାଳନା କମିଟି ଗଠନ କରାଯାଇଥିଲା।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

ବଡ଼ମ୍ବା,୩୦।୫(ଡି.ଏନ.ଏ.): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମର (କପାପଦାସାହି)ପକ୍ଷରୁ ୯ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୀ ଓ ବାଙ୍କୀ ଅଞ୍ଚଳରୁ ବିଶିଷ୍ଟ ପ୍ରବକ୍ତା ଯୋଗଦେଇ ସୀତା ସନ୍ଦେହ, ଶିବପାର୍ବତୀ ବିବାହ, ଶ୍ରୀରାମ ଜନ୍ମ, ବାଲ୍ୟଲୀଳା, ଶିବଧନୁ ଭଗ୍ନ, ସୀତା ବିବାହ, ରାମ ବନବାସ, କୈବର୍ତ୍ତ ପ୍ରସଙ୍ଗ, ଭରତ ଚିତ୍ରକୁଟ ଯାତ୍ରା, ନିଷ୍କାମଭକ୍ତି, ଭରତମିଳନ, ସୀତା ହରଣ, ବାଳୀବଧ, ଲଙ୍କା ଦହନ, ରାବଣ ବଧ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ରାମ ଅଭିଷେକ ଓ କାକ ଭୂଷଣ୍ଡ ଗରୁଡ଼ ସମ୍ବାଦ ବିଷୟବସ୍ତୁ ଉପରେ ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଦେଖିବାକୁ ଶଙ୍ଖାମେରୀ, କନ୍ତପଡ଼ା ଗ୍ରାମ ସମେତ ଆଖପାଖ ଅଞ୍ଚଳରୁ ଦୈନିକ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ସମସ୍ତ କାର୍ଯ୍ୟକ୍ରମକୁ କପାପଦା ସାହିବାସୀ ପରିଚାଳନା କରିଥିଲେ। ଏହି ଅବସରରେ ଏକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

### ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ଶୁଭେଚ୍ଛାର ସୁଅ



ସାଲେପୁର,୩୦।୫(ଡି.ଏନ.ଏ.): ସାଲେପୁର ବିଧାୟକଭାବେ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହେବାପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏହିପରିପ୍ରେକ୍ଷୀରେ ଗୁରୁବାର ସାଲେପୁର ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ସାଲେପୁର ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ବରିଷ୍ଠ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବ୍ଲକ ମହିଳା ବିଜେଡି ଉପସଭାନେତ୍ରୀ ତୃପ୍ତିରେଖା ପରିଡ଼ା ଓ ବ୍ଲକ୍ ବିଜୁ ମହିଳା ମହାସଚିବ ରଞ୍ଜିତା ସେଠୀଙ୍କ ସମେତ ଦଳୀୟ ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏବଂ କର୍ମୀ ବିଧାୟକ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

■ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ

# ବିଜ୍ଞାନ ବିଭାଗର ମଧୁସ୍ମିତା ଚାନ୍ଦ ଶ୍ରେଷ୍ଠ ସ୍ନାତକ

ବାଙ୍କୀ,୩୦।୫(ସ୍ୱ.ପ୍ର./ବି.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ବିଜ୍ଞାନ ବିଭାଗ ଛାତ୍ରୀ ମଧୁସ୍ମିତା ଚାନ୍ଦ ଶ୍ରେଷ୍ଠ ସ୍ନାତକଭାବେ କୃତିତ୍ୱ ହାସଲ କରିଛନ୍ତି। କଳାରେ ଗୃହ ବିଜ୍ଞାନ ବିଭାଗର ଛାତ୍ରୀ ମୌସୁମୀ ନନ୍ଦ, ବାଣିଜ୍ୟ ବିଭାଗର ଚିନ୍ମୟ କୁମାର ରାଉତ୍ ଓ ବିଜ୍ଞାନରେ ମଧୁସ୍ମିତା ଚାନ୍ଦ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି ବୋଲି ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ମଧୁସ୍ମିତା ସର୍ବାଧିକ ୨୩୮୫ ମାର୍କ ରଖିଛନ୍ତି। ମୌସୁମୀ ୨୧୨୭ ଏବଂ ଚିନ୍ମୟ ୧୮୬୩ ନମ୍ବର ରଖି ଟପ୍ପର ହୋଇଛନ୍ତି। ଏଥିସହିତ ବିଭିନ୍ନ ବିଭାଗର ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଯଥା ଇଂଲିଶରେ ତପସ୍ୱିନୀ ପରିଡ଼ା, ଓଡ଼ିଆରେ ଗଦାଧର ସାମଲ୍, ସଂସ୍କୃତରେ ସୌଭାଗ୍ୟ ଲକ୍ଷ୍ମୀ ପରମାଣିକ, ରାଜନୀତି ବିଜ୍ଞାନରେ ନରେଶ ବେହେରା, ଇତିହାସରେ ଚିନ୍ମୟୀ ବେହେରା, ଅର୍ଥନୀତିରେ



ମଧୁସ୍ମିତା ଚାନ୍ଦ।

ଉପାସନା ବେହେରା, ଶିକ୍ଷାରେ ଲକ୍ଷ୍ମୀପ୍ରିୟା ନାୟକ, ମନସ୍ତତ୍ୱରେ ମଧୁସ୍ମିତା ଗୁରୁ, ଗୃହବିଜ୍ଞାନରେ ମୌସୁମୀ ନନ୍ଦ, ସମାଜ ବିଜ୍ଞାନରେ ସସ୍ମିତା ବାରିକ, ପଦାର୍ଥ ବିଜ୍ଞାନରେ ସୌଭାଗ୍ୟ ଲକ୍ଷ୍ମୀସାହୁ, ରସାୟନ ବିଜ୍ଞାନରେ ଶୁଭଶ୍ରୀ ମହାପାତ୍ର, ସୌମ୍ୟାଶ୍ରୀ ସାହୁ, ଗଣିତରେ ମଧୁସ୍ମିତା ଚାନ୍ଦ, ସରୋଜିନୀ ମହାପାତ୍ର, ଉଦ୍ଭିଦ ବିଜ୍ଞାନରେ ସୁଜାତା ମହାପାତ୍ର, ସ୍ୱାତୀ ସିଲ୍‌କା ମହାପାତ୍ର, ପ୍ରାଣୀବିଜ୍ଞାନରେ ଓମ୍ ପ୍ରକାଶ ଖଣ୍ଡା, ଭୂତତ୍ୱ ବିଜ୍ଞାନରେ ସର୍ବେଶ୍ୱର ରାଉତ, ପ୍ରଯୁକ୍ତି ବିଦ୍ୟା ବିଜ୍ଞାନରେ ଜ୍ୟୋତିର୍ମୟୀ ପାଣିଗ୍ରାହୀ, କମ୍ପ୍ୟୁଟର ବିଭାଗରେ ଅନ୍ନପୂର୍ଣ୍ଣା ବେହେରା ଓ ବାଣିଜ୍ୟରେ ଚିନ୍ମୟ କୁମାର ରାଉତ ବିଭାଗ ସ୍ତରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ଏହି ପରୀକ୍ଷା ଫଳକୁ ଆନୁଷ୍ଠାନିକ ଭାବେ ପ୍ରକାଶ କରିଥିଲେ।



ମହାବିଦ୍ୟାଳୟ ପରୀକ୍ଷା ଫଳ ପୁସ୍ତକକୁ ଅତିଥି ଉନ୍ମୋଚନ କରୁଛନ୍ତି।

■ ପି.ଜି. ପରୀକ୍ଷା ଫଳ

# ଶିକ୍ଷାରେ ଏଲିଜା, ସଂସ୍କୃତରେ ପୁଷ୍ପାଞ୍ଜଳି ଶ୍ରେଷ୍ଠ



ଏଲିଜା ମହାପାତ୍ର।



ପୁଷ୍ପାଞ୍ଜଳି ମହାପାତ୍ର।

ବାଙ୍କୀ,୩୦।୫(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପି.ଜି. ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଶିକ୍ଷା ବିଭାଗର ଏଲିଜା ମହାପାତ୍ର ୨୧୦୦ ନମ୍ବରରୁ ୧୭୩୦ ଓ ସଂସ୍କୃତ ବିଭାଗର ପୁଷ୍ପାଞ୍ଜଳି ମହାପାତ୍ର ୨୧୦୦ରୁ ୧୫୮୯ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶିକ୍ଷାରେ ୧୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ+ରେ ୧୨ଜଣ ଓ ଏ ଗ୍ରେଡ୍‌ରେ ୩ଜଣ ପାସ୍ କରିଛନ୍ତି। ସଂସ୍କୃତରେ ୧୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ+ଜଣେ, ଏରେ ୬ଜଣ ଓ ସି ଗ୍ରେଡ୍‌ରେ ଜଣେ ପାସ୍ କରିଥିବା ବେଳେ ୨ଜଣ ଅକୃତ କାର୍ଯ୍ୟ ହୋଇଛନ୍ତି। ଉକ୍ତ ପରୀକ୍ଷା ଫଳକୁ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ଆନୁଷ୍ଠାନିକଭାବେ ପ୍ରକାଶ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ସରୋଜ ନାୟକ, ଉପପରୀକ୍ଷା ନିୟନ୍ତ୍ରକ ତ୍ରୈଲୋକ୍ୟନାଥ ଦାସ ଓ ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ପ୍ରଧାପକ ମନୋଜ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପରୀକ୍ଷା ନିୟନ୍ତ୍ରକ ଡ.ଅମରେନ୍ଦ୍ର ମିଶ୍ର, ଶୈଳେନ୍ଦ୍ର ଦେଓ, ମନୋରଞ୍ଜନ ସାହୁ, ଚିତ୍ରସେନ ରାଉତ, ଡ. ଶ୍ରୀକାନ୍ତ ଦାଶ, ଗୁରୁବାର ସାହୁ, ସତ୍ୟଜିତ୍ ଦାସ୍, ଯୋଗୀନାଥ ମଲ୍ଲିକ, ନକୁଳ ବେହେରା, ସତ୍ୟବ୍ରତ ପରିଡ଼ା ଓ ବୃନ୍ଦାବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶନିବାର ସାଲେପୁର ବିଜେଡିର ସମ୍ବର୍ଦ୍ଧନା ଉତ୍ସବ

ସାଲେପୁର,୩୦।୫(ଡି.ଏନ.ଏ.)

ସାଲେପୁର ବିଜେଡି ପକ୍ଷରୁ ମନ୍ତ୍ରୀ ପ୍ରତାପ ଜେନା, ଏମ୍‌ପି ଅନୁଭବ ମହାନ୍ତି ଓ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏ ନେଇ ଶିଶୁଆ ଡାକବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ଦିଲୀପ ଦାଶ ପୌରୋହିତ୍ୟ କରିଥିଲେ। ଆସନ୍ତା ଶନିବାର ସନ୍ଧ୍ୟାରେ ସାଲେପୁର ହାଇସ୍କୁଲ୍ ପଡ଼ିଆଠାରେ ଏହି ଉତ୍ସବ ପାଳନ କରାଯିବ ବୋଲି ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ବ୍ଲକ୍ ବିଜେଡି ସଭାପତି ଅନନ୍ତ ପ୍ରଧାନ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ସଞ୍ଜିତ୍ ଦାଶ, ବିଶ୍ୱଜିତ ଚାଟାର୍ଜୀ, ସେକ୍ ଗୁଲଜାର୍ ମହମ୍ମଦ, ରାଜଶ୍ରୀ ଜେନା, ରଞ୍ଜିତା ସେଠୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ସଭାପତି, ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ।



କଟକ ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ୍ ନିକଟ ମହାନଦୀରେ ଡଙ୍ଗାରେ ବସି ମାଛ ମାରୁଛନ୍ତି ଧୀବର।

## ଆଦିବାସୀ ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଚୌଦ୍ୱାର,୩୦।୫(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅଞ୍ଚଳର ଦୁଇ ଜଣ ଯୁବକ ବୁଧବାର ରାତି ପ୍ରାୟ ୨ଟାରେ ବାଇକ୍‌ରେ ଆସି ହାଣ୍ଡିଆ ବ୍ୟବସାୟ କରୁଥିବା ସମ୍ପୃକ୍ତା ମହିଳାଙ୍କ ଘରେ ପହଞ୍ଚିଥିଲେ। ଥାନାବାବୁ ଡାକୁଛନ୍ତି, ଦେଖା କରିବ ଚାଲ ବୋଲି କହିଥିଲେ। ସମ୍ପୃକ୍ତା ମହିଳାଙ୍କ ସ୍ୱାମୀଙ୍କୁ ଜଣେ ଯୁବକ ଗାଡିରେ ବସାଇ ନେଇଯାଇଥିଲେ। ପରେ ଅନ୍ୟ ଜଣେ ଯୁବକ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପ୍ରାୟ ଅଧଘଣ୍ଟା ପରେ ଯୁବକଜଣକ ତାଙ୍କ ସ୍ୱାମୀଙ୍କୁ ଆଣି ତାଙ୍କ ଘରେ ଛାଡିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଯୁବକଦ୍ୱୟ ପଳାଇଥିଲେ। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୪୧, ୩୨୩, ୩୫୪(ବି), ୪୪୮, ୫୦୬ ଓ ୩୪ ଆଇପିସିରେ ମାମଲା(ନଂ.୧୬୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

■ ଗୋରୁ ବ୍ୟବସାୟୀଙ୍କଠାରୁ ୮ ଲକ୍ଷ ଲୁଟ୍ ଘଟଣା

# ମାଷ୍ଟରମାଇଣ୍ଡ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ଗିରଫ

ଗଣିଆ,୩୦।୫(ଡି.ଏନ.ଏ.)

ନୟାଗଡ ଜିଲା ଗଣିଆ ଥାନା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମଠାରେ ଗତ ମାର୍ଚ୍ଚ ୧ ତାରିଖରେ ଜଣେ ଗୋରୁ ବ୍ୟବସାୟୀଙ୍କଠାରୁ ବନ୍ଧୁକ ଦେଖାଇ ୮ ଲକ୍ଷ ଲୁଟ୍ ହୋଇଥିଲା। ଏହି ଘଟଣାରେ ସଂପୃକ୍ତ ମାଷ୍ଟରମାଇଣ୍ଡ କୁହାଯାଉଥିବା ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରଙ୍କୁ ଗଣିଆ ପୋଲିସ ଗୁରୁବାର ଗିରଫ କରିଛି। ଗିରଫ ଡ୍ରାଇଭର ଜଣଙ୍କ ହେଲେ କଟକ ଜିଲା ପଦାମାଳ ଗ୍ରାମର ନାଗୁଣୀ ସେନ ଓରଫ୍ ଗୋପୀନାଥ (୩୫)। ଲୁଟ୍ ଘଟଣାରେ ସଂପୃକ୍ତ ଥିବା ଆଉ ୫ଜଣ ଲୁଟେରା ଫେରାର ଅଛନ୍ତି। ଗିରଫ ନାଗୁଣୀଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ।

ଗଣିଆ ଥାନା ସୂତ୍ରରୁ ପ୍ରକାଶ ଯେ, ଗତ ମାର୍ଚ୍ଚ ୧ତାରିଖରେ କଟକ ଜିଲା କାନପୁର ଥାନା ଅନ୍ତର୍ଗତ ଚଷାବାରବାଟି ଗ୍ରାମର ଗୋରୁ ବ୍ୟବସାୟୀ ଦେବରାଜ ମଲ୍ଲିକ ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡି ୦୨ସି ୦୮୨୧) ଯୋଗେ ଗୋରୁ କିଣିବା ପାଇଁ ଯାଉଥିଲେ। ଗଣିଆ ଥାନା ଜଗନ୍ନାଥପ୍ରସାଦ ଗ୍ରାମ ନିକଟରେ ୨ଟି ବାଇକରେ ୫ଜଣ ଲୁଟେରା ବନ୍ଧୁକ ଦେଖାଇ ଦେବରାଜଙ୍କଠାରୁ ୮ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ । ଏ ନେଇ ଦେବରାଜ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ନଂ ୮/୧୯ରେ ମାମଲା ରୁଜୁ କରିଥିଲା। ପରେ ନୟାଗଡ ଏସପି ଶଶିଭୂଷଣ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡା ଏସଡିପିଓ ଶ୍ରୀନିବାସ ମହାନ୍ତିଙ୍କ ନେତୃତ୍ୱରେ ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟପ୍ରକାଶ ପରିଡାଙ୍କ ସମେତ ୫ ଜଣିଆ ପୋଲିସ ଟିମ୍ ଗଠନ କରାଯାଇ ଲୁଟେରା ଦଳକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ଘଟଣା ପରଠାରୁ ଫେରାର ଥିବା ନାଗୁଣୀଙ୍କୁ ପୋଲିସ ଗୁରୁବାର ପଦାମାଳରୁ ଗିରଫ କରିଥିଲା। ମାଷ୍ଟରମାଇଣ୍ଡ କୁହାଯାଉଥିବା ନାଗୁଣୀ ସେନଙ୍କ ପୂର୍ବ ଯୋଜନା ମୁତାବକ ଖୋର୍ଦ୍ଧା ଅଞ୍ଚଳର ସହଯୋଗୀ ୫ଜଣ ଲୁଟେରା ପିକ୍‌ଅପ୍ ଭ୍ୟାନର ପିଛା କରି ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟି ନେଇଥିଲେ। ଏହି ଲୁଟେରା ଦଳ ନୟାଗଡ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଲୁଟ୍ କରୁଥିବା ନାଗୁଣୀ ପୋଲିସ ଆଗରେ ପ୍ରକାଶ କରିଛନ୍ତି। ଫେରାର ଥିବା ଲୁଟେରାମାନଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ଗଣିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

■ ବିଫଳ ପ୍ରେମିକର ଉନ୍ମତ୍ତ କାଣ୍ଡ

# ବିଷ ପିଆଇ ଯୁବତୀଙ୍କୁ ହତ୍ୟା

ନେମାଳ,୩୦।୫(ଡି.ଏନ.ଏ.)

ନେମାଳ ଥାନା ଅଞ୍ଚଳରେ ବୁଧବାର ଜଣେ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ପ୍ରଥମେ ଏକ ତରଫା ପ୍ରେମ ଓ ପରେ ବିବାହ ପ୍ରସ୍ତାବ ଦେଇ ବିଫଳ ହେବାରୁ ଜଣେ ଯୁବତୀଙ୍କୁ ବିଷ ପିଆଇ ହତ୍ୟା କରିଛନ୍ତି। ଏହି ଘଟଣା ପରେ ସମ୍ପୃକ୍ତ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ନଂ-୪୧/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ଥାନା ଅଧୀନ ଜନାର୍ଦ୍ଦନପୁର ପଞ୍ଚାୟତ ମାରଡ଼ା ଗ୍ରାମର ନିରଞ୍ଜନ ବାରିକଙ୍କ ପୁଅ ବିଶ୍ୱରଞ୍ଜନ ସେହି ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରିବା ସହ ବିବାହ ପାଇଁ ବାଧ କରି ଆସୁଥିଲା। ଯୁବତୀଜଣଙ୍କ ପ୍ରସ୍ତାବରେ ରାଜି ନ ହେବାରୁ ବିଶ୍ୱରଞ୍ଜନ ତାଙ୍କୁ ହତ୍ୟା ଧମକ ଦେଉଥିଲେ। ଏପରି କି ଗତ ୨ ତାରିଖ ଦିନ ବିଶ୍ୱରଞ୍ଜନ ସମ୍ପୃକ୍ତ ଯୁବତୀଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେବାସହ ତାଙ୍କ ଭାଇଙ୍କ ମୋବାଇଲକୁ ଏସ୍‌ଏମ୍‌ଏସ୍ ପଠାଇଥିଲା। ବୁଧବାର ଯୁବତୀଙ୍କ ମା'ବାପା ମେଡିକାଲ ଯାଇଥିବା ଜାଣି ବିଶ୍ୱରଞ୍ଜନ ତାଙ୍କ ଘରେ ପହଞ୍ଚିଥିଲେ। ଏହାପରେ ଏକୁଟିଆ ଥିବା ଯୁବତୀଙ୍କୁ ମାଡ଼ ମାରିବା ସହ ଜବରଦସ୍ତ ବିଷ ପିଆଇ ଦେଇଥିଲା। ଯୁବତୀଙ୍କ ମା'ବାପା ମେଡିକାଲରୁ ଫେରିବାବେଳକୁ ଝିଅ ଗୁରୁତର ହୋଇ ଯାଇଥିଲେ। ତାଙ୍କୁ ପଚାରିବାରୁ ବିଶ୍ୱରଞ୍ଜନ ତାଙ୍କୁ ମାଡ଼ ମାରି ଜବରଦସ୍ତ ବିଷ ପିଆଇଦେଇଥିବା କହିଥିଲେ। ଏହାପରେ ଯୁବତୀଙ୍କୁ ବାପା ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ନେଇଥିଲେ। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏ ସମ୍ପର୍କରେ ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

■ ଦୁଗ୍ଧଚାଷୀଙ୍କୁ ମିଳୁନି ଉଚିତ ମୂଲ୍ୟ

# ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ

ଟିଗିରିଆ,୩୦।୫(ଡି.ଏନ.ଏ.)



ଚାଷୀମାନେ ରାସ୍ତାରେ କ୍ଷୀର ଢ଼ାଳି ପ୍ରତିବାଦ କରୁଛନ୍ତି।

ଦୁଗ୍ଧଚାଷୀଙ୍କୁ ମିଳୁନି ଉଚିତ ମୂଲ୍ୟ। ଏହାର ପ୍ରତିବାଦରେ ଗୁରୁବାର ଟିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ଦୁଗ୍ଧ ଉତ୍ପାଦନକାରୀ ସଂଘ ପକ୍ଷରୁ ରାସ୍ତାରେ କ୍ଷୀର ଢଳି ପ୍ରତିବାଦ କରାଯାଇଛି। ବିନ୍ଧାଣିମା ବାଇପାସ ମଙ୍ଗଳା ମନ୍ଦିର ନିକଟ ରାଜ୍ୟ ରାଜପଥ ଉପରେ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇ ଏଭଳି ପ୍ରତିବାଦ କରିଥିଲେ। ଖବର ପାଇ ଟିଗିରିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲା। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ।

ଚାଷୀଙ୍କ କହିବା ଅନୁସାରେ, ବିନ୍ଧାଣିମା ଦୁଗ୍ଧ ଉତ୍ପାଦନକାରୀ ସଂଘ ପକ୍ଷରୁ ଖୁଣ୍ଟକଟା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଜରିଆରେ ୨୦୦୫ ମସିହାରୁ ଓମ୍‌ଫେଡ଼କୁ କ୍ଷୀର ବିକ୍ରି କରାଯାଉଛି। ହେଲେ ବିଭିନ୍ନ ସମୟରେ ଏହି ଶୀତଳୀକରଣ କେନ୍ଦ୍ର ପକ୍ଷରୁ କ୍ଷୀରର ମାନ କମ୍ ରହୁଛି କହି ଚାଷୀଙ୍କୁ ହଇରାଣ କରାଯାଉଛି। ଏଥିସହିତ କ୍ଷୀର ବିକ୍ରିର ଉଚିତ ମୂଲ୍ୟକୁ କମାଇ ଦିଆଯାଉଛି। ସେହିପରି ରିହାତିରେ ମିଳିବାକୁ ଥିବା ଗୋଦାନା ଉଚ୍ଚ ଦରରେ ମିଳୁଛି। ଫଳରେ ଚାଷୀ ଲାଭ ପରିବର୍ତ୍ତେ କ୍ଷତି ସହୁଛନ୍ତି। ତେଣୁ ସେମାନେ ଏହାକୁ ବିରୋଧ କରି ଏପରି ପ୍ରତିବାଦ କରିଥିଲେ ବୋଲି କହିଛନ୍ତି। ଏଥିରେ ସଂଘ ଅଧୀନରେ ଥିବା ବିନ୍ଧାଣିମା, ବାଲିପୁଟ, ବାଣେଶ୍ୱରପଡ଼ା, କଳିବିର ଆଦି ଗ୍ରାମର ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ। ଏହି ସମୟରେ ଦୁଗ୍ଧ ସଂଗ୍ରହ କରି ନରସିଂହପୁର ଓ ବଡ଼ମ୍ବା ଅଞ୍ଚଳରୁ ଆସୁଥିବା ଦୁଗ୍ଧ ଟ୍ୟାଙ୍କରଗୁଡ଼ିକୁ ଚାଷୀମାନେ ଅଟକାଇ ଥିଲେ। ଏ ସମ୍ପର୍କରେ ଖୁଣ୍ଟକଟା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଦାୟିତ୍ୱରେ ଥିବା ଭୁବନେଶ୍ୱର ଓମ୍‌ଫେଡର ଡାଏରି ମ୍ୟାନ ଟଙ୍କଧର ସାମଲ କହିଛନ୍ତି, ଅନେକ ସମୟରେ ଚାଷୀମାନେ କ୍ଷୀରରେ ଅପମିଶ୍ରଣ କରିବାରୁ ତାହାକୁ ଭୁବନେଶ୍ୱରରୁ ଫେରାଇ ଦିଆଯାଉଛି। ତେଣୁ ଚାଷୀଙ୍କୁ ବାରମ୍ବାର ତାଗିଦ କରିବା ସତ୍ତ୍ୱେ ସେମାନେ ଅପମିଶ୍ରଣ କ୍ଷୀର ଦେବା ବନ୍ଦ କରୁନାହାନ୍ତି। ଏହି କାରଣରୁ ମଙ୍ଗଳବାର ଓ ବୁଧବାର କ୍ଷୀର କିଣାଯାଇ ନ ଥିଲା। ଯେଉଁଥି ପାଇଁ ସେମାନେ ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ କରିଥିଲେ।

■ମାନ କମ୍ ରହୁଛି କହି ହଇରାଣ କରାଯାଉଛି

■ରିହାତିରେ ମିଳିବାକୁ ଥିବା ଗୋଦାନା ଉଚ୍ଚ ଦରରେ ମିଳୁଛି

## ଏମ୍‌ପି ଭର୍ତ୍ତୃହରିଙ୍କୁ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସମ୍ବର୍ଦ୍ଧନା

କଟକ ଅଫିସ, ୩୦।୫

କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ମନୋଜ ପାଲ୍, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ହେମନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।

- ବ୍ୟାସଦେବ



## ସଂକ୍ଷେପରେ

### ମଧୁପୁରରେ ସରିଲା ରାମଲୀଳା



**ବାରଙ୍ଗ,୩୦।୫(ଡି.ଏନ.ଏ.):** ବାରଙ୍ଗ ମଧୁପୁରର ସୀତାକାନ୍ତ ରାମଲୀଳା ସମିତ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ପ୍ରଥମ ପର୍ଯ୍ୟାୟ ରାମଲୀଳା ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଗ୍ରାମମୁଣ୍ଡ ରାମଲୀଳା ମଣ୍ଡପରେ ହୋଇଥିବା ରାମଲୀଳାର ପ୍ରଥମରାତି ସୀତାବିବାହ, ଦ୍ୱିତୀୟ ରାମବନବାସ, ତୃତୀୟ ସୀତାଚୋରି ଶୀର୍ଷକ ନାଟକ ପରିବେଷଣ କରାଯାଇ ଉଦ୍‌ଯାପିତ ହୋଇଛି। ମଧୁପୁର ଗ୍ରାମବାସୀଙ୍କ ଏହା ପର୍ବ ହୋଇଥିବାରୁ ଏହି ୩ଦିନ ଗ୍ରାମବାସୀ ଘରେ ଆମିଷ ନ କରିବା ସହ ନୀତିନିୟମରେ ରହିଥାନ୍ତି। ବହୁପୁରୁଣା କାଳରୁ ଏହି ଗ୍ରାମରେ ରାମଲୀଳା ଆରମ୍ଭ ହୋଇଛି। ବହୁ ମାନସିକଧାରୀ ବ୍ରତ ରଖି ଉପକୃତ ହୋଇଥିବାର ଗ୍ରାମବାସୀ କହିଛନ୍ତି। ପୁଣି ଦ୍ୱିତୀୟ ପର୍ଯ୍ୟାୟ ରାମଲୀଳା ପହିଲିରଜ ଠାରୁ ୪ଦିନ ବ୍ୟାପୀ ହେବ ।

### ଶ୍ରୀ ମଦନମୋହନ ଦେବ, ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଖୁଣ୍ଟୁଣୀ,୩୦।୫(ଡି.ଏନ୍.ଏ.):** ଖୁଣ୍ଟୁଣୀସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ମଦନମୋହନ ଦେବ ଓ ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଉଛି। ଏଥିପାଇଁ ବୁଧବାର ମହାନଦୀର ଧବଳେଶ୍ୱର ଘାଟରୁ କଳସ ଯାତ୍ରା ଆସିବା ପରେ ଘଟ ସ୍ଥାପନା କରାଯାଇଥିଲା। ଗୁରୁବାର ପ୍ରାତଃରୁ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୀତା ପାଠ, ହୋମ ଯଜ୍ଞ ଓ ଅପରାହ୍ନ ୫ଟା ରୁ ୬ଟା ମଧରେ ଶ୍ରୀ ମଦନମୋହନ ଦେବ ଓ ମା' ଲକ୍ଷ୍ମୀଙ୍କର ମହାସ୍ନାନ ହେବା ପରେ ପ୍ରତିଷ୍ଠା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା। ଶୁକ୍ରବାର ଅନ୍ତିମ ଦିବସରେ ଯଜ୍ଞର ପୂର୍ଣ୍ଣାହୁତି କରାଯିବ। ଏହି ଉତ୍ସବରେ ଖୁଣ୍ଟୁଣୀ ରମ୍ଭେଇ ଗ୍ରାମବାସୀ ଓ ଜଗନ୍ନାଥ ଯୁବ ପରିଷଦ ସଦସ୍ୟମାନେ ସହଯୋଗ କରିଥିଲେ।

### ବର୍ଜ୍ୟଜଳ ବିଶୋଧନାଗାର ବୁଲିଲେ ୩୦ ମହିଳା

**କଟକ ଅଫିସ, ୩୦।୫:** କଟକ ସହରରେ ଦୀର୍ଘବର୍ଷର ଜଳବନ୍ଦୀ ସମସ୍ୟାର ସମାଧାନ ଓ ବର୍ଜ୍ୟଜଳର ପରିଚାଳନା ପାଇଁ ଉଦ୍ୟମ ଜାରି ରହିଛି। ଜାଇକା ସହାୟତାରେ ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ କଟକ ସହରରେ ୩୦୦୦ କୋଟି ଟଙ୍କାର ଏକ ଯୋଜନା ହାତକୁ ନେଇଛି। ପ୍ରତ୍ୟେକଙ୍କ ଗାଧୁଆ ଘର, ପାଇଖାନା ଓ ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟଜଳକୁ ଭୂତଳ ପାଇପ ଲାଇନ ଯୋଗେ ବାହାରକୁ ନେଇ ବୈଜ୍ଞାନିକ ପଦ୍ଧତିରେ ବିଶୋଧନ କରି ନଦୀକୁ ଛାଡ଼ିବାର ଯୋଜନା କରାଯାଇଛି। ଏପରି କି କଟକ ସହରର ତଳିଆ ଅଞ୍ଚଳରୁ ବର୍ଜ୍ୟଜଳକୁ ୩୬ଟି ପମ୍ପିଂ ଷ୍ଟେଶନ ମାଧମରେ ଉପରକୁ ଉଠାଇ ବିଶୋଧନାଗାର ପର୍ଯ୍ୟନ୍ତ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସିଡିଏଠାରେ ଏକ ବର୍ଜ୍ୟଜଳ ବିଶୋଧନାଗାର ପ୍ରତିଷ୍ଠା କରାଯାଇଛି। ଏହି ବିଶୋଧନାଗାରରେ ଦୈନିକ ୩କୋଟି ୬୦ ଲକ୍ଷ ଲିଟର ବର୍ଜ୍ୟଜଳ ବିଶୋଧନ କରିବାର କ୍ଷମତା ରହିଛି। କଟକ ସହର ଦୁଇ ଭାଗରେ ବିଭକ୍ତ କରାଯାଇଛି। କିଛି ଅଞ୍ଚଳର ବର୍ଜ୍ୟଜଳ ସିଡିଏଠାରେ ପ୍ରତିଷ୍ଠିତ ବିଶୋଧନାଗାରକୁ ଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ଅବଶିଷ୍ଟ ଅଞ୍ଚଳରୁ ବାହାରୁଥିବା ବର୍ଜ୍ୟଜଳ ମତଗଜପୁରଠାରେ ନିର୍ମାଣ ଚାଲିଥିବା ବିଶୋଧନାଗାରକୁ ଯିବାର ବ୍ୟବସ୍ଥା କରାଯାଇଛି। ଗତ ସେପ୍ଟମ୍ବର ୫ରେ ସିଡିଏଠାରେ ଥିବା ବର୍ଜ୍ୟଜଳ ବିଶୋଧନାଗାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେଲା ପରେ କାର୍ଯ୍ୟକ୍ଷମ ହୋଇଛି। ସେହି ବିଶୋଧନାଗାରକୁ ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବଙ୍କ ନେତୃତ୍ୱରେ ୩୦ ଜଣିଆ ଆଶା, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍ ଓ ପରିମଳ ସ୍ୱେଚ୍ଛାସେବୀ ଦଳ ବୁଲି ଦେଖିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳର ବିନିଯୋଗ ହୋଇ ବର୍ଜ୍ୟଜଳ କିପରି ପରିଷ୍କାର ହୋଇ ନଦୀକୁ ଛଡ଼ାଯାଇଛି ତାହାକୁ ସେମାନେ ଦେଖିଥିଲେ। ଓଡ଼ିଶା ଜଳ ଯୋଗାଣ ଓ ପରିମଳ ପରିଷଦର ଇଂ. ବିଜୟ ପଣ୍ଡା, ପିଏମ୍‌ସିର ଇଂ. ସୁନୀଲ ପାତ୍ର, ଅଭୟ ରଥ, ଏସ୍.ଡି. ଶର୍ମା ଏବଂ କର୍ମଚାରୀମାନେ ଏହି ପରିଦର୍ଶନ କାର୍ଯ୍ୟକୁ ସଞ୍ଚାଳନ କରିଥିଲା ବେଳେ ପ୍ରମୋଦ ଓଝା, ଈପ୍‌ସିତା ପ୍ରିୟଦର୍ଶିନୀ, ଶୁଭ୍ରା ମୁଖାର୍ଜୀ ଓ ରତିକାନ୍ତ ତ୍ରିପାଠୀ ସେଥିରେ ସହଯୋଗ କରିଥିଲେ।

# ଏସ୍‌ସିବିକୁ ମିଳିଲା ସୋଟୋ ସ୍ୱୀକୃତି

**କଟକ ଅଫିସ, ୩୦।୫**

ଏସ୍‌ସିବିକୁ ଷ୍ଟେଟ ଅର୍ଗାନ ଅଫ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ସୋଟୋ) ସ୍ୱୀକୃତି ମିଳିଛି। ନ୍ୟାଶନାଲ ଅର୍ଗାନ ଅଫ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ନୋଟୋ) ପକ୍ଷରୁ ଏସ୍‌ସିବିକୁ ଏହି ସ୍ୱୀକୃତି ମିଳିବା ପରେ ଏଠାରେ ଖୁବ୍‌ଶୀଘ୍ର କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ଆରମ୍ଭ ହେବାକୁ ଯାଉଛି। ଏ ନେଇ ଖୁବ୍‌ଶୀଘ୍ର ଦିଲ୍ଲୀରେ ଏକ ବୈଠକ ଅନୁଷ୍ଠିତ ହେବ। ଏହାପରେ ଏସ୍‌ସିବିରେ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ପାଇଁ ନୋଟୋର ପଦାଧିକାରୀମାନେ ଆସି ବୈଠକ କରିବେ ବୋଲି ଜଣାପଡ଼ିଛି। କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ଆରମ୍ଭ ହେବା ପରେ ଆଇସିୟୁ ଭିତରେ ବ୍ରେନ୍ ଡେଡ୍ ହୋଇଥିବା ରୋଗୀମାନଙ୍କର ଶରୀରର ବିଭିନ୍ନ ଅଙ୍ଗ ଯଥା କିଡ୍‌ନୀ, ଲିଭର, ପାନକ୍ରିଆଜ, ଲଙ୍ଗସ୍ ଓ କର୍ଣ୍ଣିଆ ପ୍ରଭୃତି କଢାଯାଇ ଆବଶ୍ୟକ କରୁଥିବା ରୋଗୀଙ୍କ କ୍ଷେତ୍ରରେ ଉପଯୋଗ କରାଯିବ। ଅର୍ଥାତ୍ ବ୍ରେନ୍ ଡେଡ୍ ହୋଇଥିବା ରୋଗୀଙ୍କ ଶ୍ୱାସକ୍ରିୟା କେବଳ ଭେଣ୍ଟିଲେଟର ମାଧମରେ ଚାଲୁଥିବ। ଭେଣ୍ଟିଲେଟର କାଢ଼ିବାମାତ୍ରେ ରୋଗୀଙ୍କ ମୃତ୍ୟୁ ନିଶ୍ଚିତ ଥିବ। ରୋଗୀଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିବା ପାଇଁ ଦୁଇଟି ସ୍ୱାଧୀନ ଡାକ୍ତରୀ ଟିମ୍ ଗଠନ କରାଯିବ। ଏଥି ନିମନ୍ତେ ଏକ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁୟର)ପ୍ରଣୟନ କରାଯିବ। ପ୍ରଥମ ଟିମ୍ ରୋଗୀଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିବାର ୬ଘଣ୍ଟା ପରେ ଦ୍ୱିତୀୟ ଟିମ୍ ଏହାକୁ ପୁଣିଥରେ ସ୍ଥିର ନିଶ୍ଚିନ୍ତ କରିବ। ୫ଟି ଆଇସିୟୁ ବେଡ୍ ଥିବା ରାଜ୍ୟର ଘରୋଇ, ସରକାରୀ ହସ୍ପିଟାଲଗୁଡ଼ିକୁ ହାର୍ଭେଷ୍ଟିଂ ସେଣ୍ଟରଭାବେ ଘୋଷଣା କରାଯିବ। ଏସ୍‌ସିବି ରହିବ ନୋଡାଲ ସେଣ୍ଟର। ଅର୍ଥାତ୍ ଏହି ସବୁ ହସ୍ପିଟାଲ ଆଇସିୟୁରେ ବ୍ରେନ୍ ଡେଡ୍ ଅବସ୍ଥାରେ ଥିବା ରୋଗୀମାନଙ୍କ ଠାରୁ ଉପରୋକ୍ତ ଅଙ୍ଗଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ କଢାଯାଇ ଅନ୍ୟ ରୋଗୀଙ୍କ କ୍ଷେତ୍ରରେ ସଫଳତାର ସହିତ ପ୍ରତ୍ୟାରୋପଣ କରାଯିବ। ବ୍ରେନ୍ ଡେଡ୍ ହୋଇଥିବା ରୋଗୀଙ୍କ ପରିବାରବର୍ଗଙ୍କ ସମ୍ମତି ମଧ ନିତାନ୍ତ ଆବଶ୍ୟକ ହେବ।

ସୂଚନାଥାଉ କି, ଏସ୍‌ସିବିରେ ୨୦୧୨ ମାର୍ଚ୍ଚ ୧୯ରୁ କିଡ୍‌ନୀ ପ୍ରତ୍ୟାରୋପଣ ସଫଳତାର ସହିତ କରାଯାଉଛି। ଇତିମଧ୍ୟରେ ୧୬୦ ଜଣ ରୋଗୀଙ୍କ କ୍ଷେତ୍ରରେ କିଡ୍‌ନୀ ପ୍ରତ୍ୟାରୋପଣ କରାଯାଇଥିବା ଏସ୍‌ସିବି ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଦତ୍ତେଶ୍ୱର ହୋତା କହିଛନ୍ତି। ଏସ୍‌ସିବି ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଚିତ୍ତରଞ୍ଜନ କରଙ୍କ କହିବା ଅନୁଯାୟୀ, ଅଙ୍ଗପ୍ରତ୍ୟଙ୍ଗ ଅଭାବ ହେଉଥିବାରୁ ଅନେକ ରୋଗୀ ମୃତ୍ୟୁବରଣ କରୁଛନ୍ତି। ଉଦାହରଣ ଦେଇ ସେ କହିଛନ୍ତି, ଓଡ଼ିଶାରେ ମାସକୁ ୧୫୦୦ରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣା ଘଟୁଛି। ଏହିସବୁ ଦୁର୍ଘଟଣାରେ ଆକ୍ରାନ୍ତଙ୍କ ମଧ୍ୟରେ ୧୦ ପ୍ରତିଶତ ରୋଗୀଙ୍କୁ ଯଦି ବ୍ରେନ୍ ଡେଡ୍ ଧରାଯାଏ ଏବଂ ସେମାନଙ୍କ ମଧ୍ୟରୁ ୫ ପ୍ରତିଶତ ଯଦି ଅଙ୍ଗପ୍ରତ୍ୟଙ୍ଗ ଦାନ କରନ୍ତି ତେବେ ୭୫ ଜଣ ରୋଗୀ ନୂଆ ଜୀବନ ପାଇପାରିବେ। ତେବେ ଏସ୍‌ସିବିରେ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଥିବା ବେଳେ କେବଳ କିଡ୍‌ନୀ ପ୍ରତ୍ୟାରୋପଣକୁ ଛାଡ଼ିଦେଲେ ଆଉ କୌଣସି ପ୍ରତ୍ୟାରୋପଣ ଏଠାରେ ସମ୍ଭବ ହୋଇନାହିଁ। ଏପରି କି ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ୬ ବର୍ଷ ତଳୁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ ଅଦ୍ୟାବଧି ତାହା ସମ୍ଭବ ହୋଇନାହିଁ। ସେହିପରି କର୍ଣ୍ଣିଆ ଟ୍ରାନ୍ସପ୍ଲାଣ୍ଟ ଭଳି ସାଧାରଣ ଚିକିତ୍ସା ବ୍ୟବସ୍ଥା ମଧ ଏଠାରେ ସମ୍ଭବପର ହୋଇନାହିଁ। ମାତ୍ର ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ ହୋଇ ଯନ୍ତ୍ରପାତି ଆସିଥିଲେ ମଧ ତାହା କାର୍ଯ୍ୟକାରୀ ନ ହେବା ସ୍ୱାସ୍ଥ୍ୟ ବିଭାଗର ଦୁର୍ବଳତାକୁ ପଦାରେ ପକାଇଛି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କୁହନ୍ତି, ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ନିକଟରେ ଏ ନେଇ ମେଡିକାଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

## ଖୁବ୍‌ଶୀଘ୍ର କାଡାଭରିକ ଟ୍ରାନ୍ସପ୍ଲାଣ୍ଟ



- ରୋଗୀଙ୍କୁ ବ୍ରେନ୍ ଡେଡ୍ ଘୋଷଣା ପାଇଁ ଗଠନ ହେବ ଡାକ୍ତରୀ ଟିମ୍
- ଅଙ୍ଗ ପ୍ରତିରୋପଣ ପାଇଁ ରୋଗୀ ପରିବାରବର୍ଗଙ୍କ ସମ୍ମତି ନିତାନ୍ତ ଆବଶ୍ୟକ



କଟକ ଯୋବ୍ରା ମାରିଟାଇମ୍ ମ୍ୟୁଜିମ୍ ନିକଟବର୍ତ୍ତୀ ମହାନଦୀରେ ଡଙ୍ଗାରେ ବସି ମାଛ ଧରୁଥିବା ଧୀବର ।

### ସାପ କାମୁଡ଼ାରେ ଯୁବକ ମୃତ

**ନରସିଂହପୁର,୩୦।୫(ଡି.ଏନ.ଏ.)**

ସାପ କାମୁଡ଼ାରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ବ୍ଲକ ଅନ୍ତର୍ଗତ ବନ୍ଧ ସାହିର ବ୍ରହ୍ମାନନ୍ଦ ସାହୁ(୨୫)। ବୁଧବାର ରାତିରେ ଘର ବାରଣ୍ଡାରେ ଶୋଇଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଏହାପରେ ତାଙ୍କୁ ନରସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ଆଦିବାସୀ ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଚୌଦ୍ୱାର,୩୦।୫(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅଞ୍ଚଳର ଦୁଇ ଜଣ ଯୁବକ ବୁଧବାର ରାତି ପ୍ରାୟ ୨ଟାରେ ବାଇକ୍‌ରେ ଆସି ହାଣ୍ଡିଆ ବ୍ୟବସାୟ କରୁଥିବା ସମ୍ପୃକ୍ତା ମହିଳାଙ୍କ ଘରେ ପହଞ୍ଚିଥିଲେ। ଥାନାବାବୁ ଡାକୁଛନ୍ତି, ଦେଖା କରିବ ଚାଲ ବୋଲି କହିଥିଲେ। ପରେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀଙ୍କୁ ଜଣେ ଯୁବକ ଗାଡିରେ ବସାଇ ନେଇଯାଇଥିଲେ। ପରେ ଅନ୍ୟ ଜଣେ ଯୁବକ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପ୍ରାୟ ଅଧଘଣ୍ଟା ପରେ ଯୁବକଜଣକ ତାଙ୍କ ସ୍ୱାମୀଙ୍କୁ ଆଣି ତାଙ୍କ ଘରେ ଛାଡିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଯୁବକଦ୍ୱୟ ପଳାଇଥିଲେ। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୪୧, ୩୨୩, ୩୫୪ (ବି), ୪୪୮, ୫୦୬ ଓ ୩୪ ଆଇପିସିରେ ମାମଲା (ନଂ.୧୬୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

## ଏମ୍‌ପି ଭର୍ତ୍ତୃହରିଙ୍କୁ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସମ୍ବର୍ଦ୍ଧନା



**କଟକ ଅଫିସ, ୩୦।୫**

କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ମନୋଜ ପାଲ୍, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ହେମନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଡାଳଭାଗ-ଗୌଡ଼ଝରୀ ଜଙ୍ଗଲରେ ୨ ହାତୀ

**ଖୁଣ୍ଟୁଣୀ,୩୦।୫(ଡି.ଏନ୍.ଏ.)**

ଆଠଗଡ଼ ବନାଞ୍ଚଳ ଅଧୀନ ଡାଳଭାଗ-ଗୌଡଝରୀ ସଂରକ୍ଷିତ ଜଙ୍ଗଲରେ ୨ଟି ଦନ୍ତା ହାତୀ ବୁଲୁଥିବା ଡାଳଭାଗ ଓ ଗୌଡଝରୀ ଗ୍ରାମର ବାସିନ୍ଦା କହିଛନ୍ତି। ଦୈନନ୍ଦିନ ଜଙ୍ଗଲରୁ କାଠ ଓ ପତ୍ର ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା ଲୋକେ ଭୟରେ ଜଙ୍ଗଲକୁ ଯାଉନାହାନ୍ତି। ଖବରପାଇ ବୁଧବାର ରାତିରୁ ଜଙ୍ଗଲ ବିଭାଗ ପକ୍ଷରୁ ହାତୀ ଘଉଡାଳି ଓ ଜଙ୍ଗଲ କର୍ମଚାରୀଙ୍କ ସହ ୨ଟି ଭ୍ୟାନ ନିୟୋଜିତ କରାଯାଇ ରାସ୍ତା ଉପରେ ପାଟ୍ରୋଲିଂ କରାଯାଉଛି ବୋଲି ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ କହିଛନ୍ତି। ଏହା ସହ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ସେ କହିଛନ୍ତି। ସୂଚନାଥାଉକି, ଦୁଇ ବର୍ଷ ପୂର୍ବେ କେତେକ ଦନ୍ତା ହାତୀ ଗୌଡଝରୀ ଗ୍ରାମ ନିକଟ ପଡିଆରେ ବନ୍ଧା ହୋଇଥିବା ୫ଟି ମଇଁଷିକୁ ମାରିଦେଇଥିଲେ।

■ ତୃତୀୟ ଥର ପକ୍କାଘର ହାତେଇବା ଲାଗି ପ୍ରୟାସ

## ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ତଦନ୍ତ କରିବାକୁ ଦାବି

**କଟକ ସଦର,୩୦।୫(ଡି.ଏନ୍.ଏ.)**

ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ସର୍ଭେ ଆରମ୍ଭ ହୋଇଛି। ବ୍ଲକସ୍ତରୀୟ ଅଧିକାରୀମାନେ କ୍ଷତିଗ୍ରସ୍ତଙ୍କ ଘର ବୁଲିବୁଲି ଜିଓ ଟ୍ୟାଗ ସହ ସରଜମିନ ତଦନ୍ତ କରୁଥିବା ଲକ୍ଷ୍ୟ କରାଯାଉଛି। ମାତ୍ର କେତେଜଣ ଦ୍ୱିତୀୟ ଥର ଇନ୍ଦିରା ଆବାସ ପାଇଥିଲେ ମଧ ତୃତୀୟ ଥର ଲାଗି ପକ୍କା ଘର ହାତେଇବା ପାଇଁ ପ୍ରୟାସ କରିଥିବା ପଦାକୁ ଆସିଛି। ପରମହଂସ ପଞ୍ଚାୟତର ରଘୁନାଥପୁର, ରାଜହଂସ, ହାଟସାହି ଗ୍ରାମରେ ନାମ ବଦଳାଇ ଅନେକ ଲୋକେ ଘର ନେଇଥିବା ଜଣାପଡିଛି। ଏବେ ଘର ଭାଙ୍ଗିଛି ବୋଲି କହି ଆଉଥରେ ଘର ପାଇବା ପାଇଁ ଲୋକ ପ୍ରତିନିଧିଙ୍କ ମାଧମରେ ଚାପ ପ୍ରୟୋଗ କରିବା ଆରମ୍ଭ କରିଦେଇଛନ୍ତି। ଫଳରେ ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମଧରେ ଅସନ୍ତୋଷ ଦେଖାଯାଇଛି। ନିମେଇସାପୁର, କନ୍ଦରପୁର, ଅବିଭକ୍ତ ବେଣ୍ଟକାର, ଅରିଲୋ ପଞ୍ଚାୟତରେ ଏଭଳି ଘଟଣା ତଦନ୍ତ ବେଳେ ଜଣାପଡିଥିବା ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ଗତ ୨୪ତାରିଖରେ କଟକ ସଦର ଦଳିତ ମହାସଂଘ ପକ୍ଷରୁ ବ୍ଲକରୁ ପୁରୁଣା ଇନ୍ଦିରା ଆବାସ ଫାଇଲ ଗାଏବ ହୋଇଥିବା କଥା କଟକ ଜିଲାପାଳଙ୍କୁ ଜଣାଇବା ସହ ଏକ ଦାବିପତ୍ର ଦେଇଥିଲେ। ଏବେ କାର୍ଯ୍ୟାଦେଶ ଇସ୍ୟୁ ଖାତା ମଧ ଆଉ ବ୍ଲକ ଅଫିସରେ ମିଳୁ ନ ଥିବା ଜଣାପଡିଛି। ଆଉଥରେ ଘର କରାଇଦେବା ନାଁ ରେ ମଧ୍ୟସ୍ଥମାନେ ୧୫ରୁ ୨୦ହଜାର ଟଙ୍କା ଦାବି କରୁଥିବା ବହୁ କ୍ଷତିଗ୍ରସ୍ତ ଲୋକେ ଗଣମାଧ୍ୟମକୁ କହିଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ମତାମତ ନେବା ପାଇଁ ଏହି ଟେଲିଫୋନ ନମ୍ବର(୯୪୩୮୧୨୯୦୯୦)ରେ ଫୋନ କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ। ସମସ୍ତ ଘଟଣାର ତଦନ୍ତ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା କରାଯିବାକୁ ସାଧାରଣରେ ଦାବି ହେଉଛି।

■ ଚତୁର୍ଦ୍ଦଶ ମହାନଦୀ ଫେଷ୍ଟିଭାଲର ପଞ୍ଚମ ସନ୍ଧ୍ୟା

## ଭାରତନାଟ୍ୟମ୍ ନୃତ୍ୟରେ ଝୁମିଲେ ଦର୍ଶକ

**କଟକ ଅଫିସ, ୩୦।୫**

ଚତୁର୍ଦ୍ଦଶ ମହାନଦୀ ଫେଷ୍ଟିଭାଲର ଗୁରୁବାର ଥିଲା ପଞ୍ଚମ ସନ୍ଧ୍ୟା। ଏହାକୁ କବୟିତ୍ରୀ ଡ. ରଞ୍ଜିତା ନାୟକ ଉଦ୍‌ଘାଟନ କରି କହିଥିଲେ, ମହାନଦୀର ଉପତ୍ୟକା ଯେଭଳି କଳା ଓ ସାହିତ୍ୟ ସଂସ୍କୃତିର ସୃଷ୍ଟିକର୍ତ୍ତା ଠିକ୍ ସେହିପରି ମହାନଦୀ ଫେଷ୍ଟିଭାଲ ମଧ କଳା ସଂସ୍କୃତିର ବାର୍ତ୍ତାବହ। କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାମାଜିକ କର୍ମୀ ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡ. ରୁଚି ଗୁପ୍ତା ଯୋଗଦେଇ ମହାନଦୀ ଫେଷ୍ଟିଭାଲ ସଫଳତାର ସହିତ ୧୪ବର୍ଷରେ ପଦାର୍ପଣ କରି କଳା ସଂସ୍କୃତି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି ଦର୍ଶାଇଥିଲେ। ସମ୍ମାନିତ ଅତିଥି ଲେଖିକା ଡ. ବୀଣାପାଣି ସିଂ, ଡ. ସସ୍ମିତା ପଣ୍ଡା ଓ ମହାନଦୀ ବିହାର ମହିଳା ସମିତିର ସଭାପତି ସ୍ନେହ ନନ୍ଦ ଯୋଗଦେଇ ମହିଳାମାନଙ୍କୁ ମହାନଦୀ ଫେଷ୍ଟିଭାଲ ଏକତ୍ର କରି ସ୍ୱତନ୍ତ୍ର ମର୍ଯ୍ୟାଦା ମଞ୍ଚରେ ପ୍ରଦାନ କରେ ବୋଲି ଦର୍ଶାଇଥିଲେ।



ଫେଷ୍ଟିଭାଲରେ ନୃତ୍ୟଶିଳ୍ପୀ ପ୍ରମିଳା ଉନିକ୍ରିଷ୍ଣନ୍ ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ୍।

ଏହି ଅବସରରେ ମହାରାଷ୍ଟ୍ରର ପ୍ରଖ୍ୟାତ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ପ୍ରମିଳା ଉନିକ୍ରିଷ୍ଣନ୍‌ଙ୍କୁ ନୃତ୍ୟଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ, ସାଂସ୍କୃତିକ ସମ୍ପାଦିକା ମଞ୍ଜୁଶ୍ରୀ ଶାସ୍ତ୍ରୀ ଅତିଥି ପରିଚୟ ପ୍ରଦାନ ଓ ସହସମ୍ପାଦିକା ବ୍ରହ୍ମୋତ୍ରୀ ଲେଙ୍କା ଧନ୍ୟବାଦ ଦେଇଥିଲେ। ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ମହାରାଷ୍ଟ୍ରର ପ୍ରମିଳା ଉନିକ୍ରିଷ୍ଣନ୍ ଓ ସାଥୀ କଳାକାରଙ୍କ ଚିତ୍ତାକର୍ଷକ ଭାରତନାଟ୍ୟମ ନୃତ୍ୟ। ଏହି ନୃତ୍ୟରେ ଉପସ୍ଥିତ ଦର୍ଶକ ଝୁମିଥିଲେ। ପରେ ମା' ଭୁଆଶୁଣୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। କବିତା ଚାନ୍ଦଙ୍କ ଓଡ଼ିଶୀ ଓ ଡ୍ୟାନ୍ସ ଓଡ଼ିଶାର ଶିଳ୍ପୀମାନଙ୍କର ନୃତ୍ୟ ଦର୍ଶକ ମହଲରେ ଆଦୃତ ଲାଭ କରିଥିଲା।





ଖରାଦିନେ ପାନୀୟ ଜଳ ସଙ୍କଟ ଦେଖାଦେଇଥିବା ବେଳେ କଟକ ସହରର ମେହେନ୍ଦୀପିର, ମହୀଦାସ ବଜାର ଓ ଡଗରପଡ଼ା ଷ୍ଟୋନୀରୋଡ୍‌ରେ ଉନ୍ମୁକ୍ତ ଅବସ୍ଥାରେ ଥିବା ପାଇପ୍‌ରୁ ଅପଚୟ ହେଉଥିବା ପାନୀୟ ଜଳ।

# ସହରରେ ମିଳୁନି ସର୍ବନିମ୍ନ ସୁବିଧା

**ଖୋର୍ଦ୍ଧା ଅଫିସ,୩୦।୫**

ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ ଦଧିବାମନ ମନ୍ଦିର ସାହିରେ ମିଳୁନି ସର୍ବନିମ୍ନ ସୁବିଧା' ଏଠାରେ ବାତ୍ୟା ଫନୀରେ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି ଯାଇଥିଲା। ବହୁ ବିଳମ୍ବରେ ବିଦ୍ୟୁତ୍ ଖୁଣ୍ଟି ପଡିଛି। ହେଲେ ଏଯାବତ୍ କେବୁଲ୍ ପକାଯାଇନି। କେବୁଲ୍ ଟଣା ନ ଯିବାରୁ ସ୍ଥାୟୀ ଭାବେ ବିଦ୍ୟୁତ୍ ଆସୁନି। ସ୍ଥାନୀୟ ବାସିନ୍ଦା କାଠଖୁଣ୍ଟିରେ ବିଦ୍ୟୁତ୍ ତାର ଟାଣି କାମ ଚଳାଉଛନ୍ତି। ପବନ ହେଲେ ଖୁଣ୍ଟ ରାସ୍ତାରେ ପଡି ଯାଉଛି। ଘର ଅନ୍ଧାରରେ ରହୁଛି। ଏଠାରେ ଡ୍ରେନ ସଫେଇ ହେଉନାହିଁ । ଡ୍ରେନରେ ଘାସ ଉଠି ମଇଳା ଜମି ଚୋକ୍ ହୋଇ ରହିଛି। ରମଜାନ ମାସ ମୁସ୍‌ଲମାନଙ୍କର ପର୍ବ ହୋଇଥିଲେ ହେଁ ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ କୌଣସି ପ୍ରତିକାର କରାଯାଉନାହିଁ। ପାନୀୟଜଳ ପାଇଁ ଏଠାକାର ବାସିନ୍ଦା ମଧ୍ୟ ହଇରାଣ ହେଉଛନ୍ତି। ନରାଜ ପାଣି ଏଠାକୁ ଆସିଛି ହେଲେ କନେକ୍ସନ ଦିଆଯାଇ ନ ଥିବାରୁ ଘରକୁ ପାଣି ଆସୁନି। ସାହିର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ମ୍ୟୁନିସିପାଲିଟିରେ ଅଭିଯୋଗ କରାଯାଉଥିଲେ ହେଁ ସୁଫଳ ମିଳୁନି।

ଆମ୍ଭେ ସହରରେ ଥାଇବି ମୌଳିକ ଅଧିକାର ପାଇବା ସାତସପନ। ମୁକୁନ୍ଦପ୍ରସାଦ ଦଧିବାମନ ମନ୍ଦିର ସାହି ବାସିନ୍ଦା ନର୍କ ଯନ୍ତ୍ରଣା ଭୋଗୁଛୁ। ନରାଜରୁ ଖୋର୍ଦ୍ଧାକୁ ପାନୀୟଜଳ ଯୋଗାଣ ହେଉଥିଲେ ମଧ୍ୟ ଆମ ସାହିରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିନାହିଁ। ଛୋଟିଆ ଡ୍ରେନ ଅଛି। ତେବେ ରକ୍ଷଣାବେକ୍ଷଣା ହେଉ ନ ଥିବାରୁ ରାସ୍ତାରେ ପାଣି ଯାଉଛି। ଏହି ଡ୍ରେନକୁ ମ୍ୟୁନିସିପାଲିଟି ପକ୍ଷରୁ ସଫେଇ କରାଯାଉନାହିଁ। ପୁଣି ରାସ୍ତା ବିଭିନ୍ନ ସ୍ଥାନରେ ଅବର୍ଜନା ଜମା ହୋଇରହିଛି। ସଫେଇ କରାଯାଉନି। ଫନୀ ଯିବାର ୨୭ ଦିନ ଅତିକ୍ରମ କରିଛି ହେଲେ ଆମ ସାହିର ବିଦ୍ୟୁତ୍ ସମସ୍ୟା ସମାଧାନ କରାଯାଇପାରୁନି।



ମୁକୁନ୍ଦପ୍ରସାଦ ଦଧିବାମନ ସାହିରେ ପଡିଥିବା ଆବର୍ଜନା ।



**–ପିରାରୁନ୍ ବିବି, ସ୍ଥାନୀୟ ବାସିନ୍ଦା**

ଖରାଦିନେ ପାନୀୟଜଳ ଉତ୍କଟ ହୋଇଥିଲେ ମଧ୍ୟ ଆମ ଅଭିଯୋଗକୁ କେହି ଶୁଣୁନାହାନ୍ତି। ନରାଜରୁ ପାନୀୟଜଳ ଯୋଗାଣ ହୋଇଥିଲେ ମଧ୍ୟ ଆମ ସାହିରେ କିପରି ଲୋକ ପାଣି ପାଇବେ ସେନେଇ ଜନସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ନାହିଁ। ପାଣି ସଂଯୋଗ ପାଇବା ପାଇଁ ୨୦୦ ଟଙ୍କା ଲେଖାଏ ଦେଇଛୁ ହେଲୁ ଆମ ଫାଇଲ୍ ଶୀତଳଭଣ୍ଡାରରେ ପଡିଗଲା ବୋଧ ହୁଏ। ଏପଟେ ପାଣି ସେପଟେ ବିଦ୍ୟୁତ୍ ସମସ୍ୟା ବି ଭୋଗୁଛୁ। କାଠଖୁଣ୍ଟରେ ବିଦ୍ୟୁତ୍ ତାର ଟଣା ଯାଇଥିବାରୁ ବହୁ ସମୟ ଆପେ ଆପେ ଲାଇନ କାଟ ହେଉଛି। ପବନ ହେଲେ ଖୁଣ୍ଟ ଟଳି ପଡିଲେ ବିଦ୍ୟୁତ୍ ସମସ୍ୟା ଦେଖାଦିଏ।



**–ସକୁରାନ ବିବି, ସ୍ଥାନୀୟ ବାସିନ୍ଦା**

ମୁସଲିମ୍‌ଙ୍କର ପର୍ବ ରମଜାନ ମାସରେ ମଧ୍ୟ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଗଲାନି। ଚାରିଆଡ ଅବର୍ଜନା ପଡି ରହିଛି। ଡ୍ରେନ ସଫେଇ ହେଲାନି। ସ୍ଥାୟୀ ଖୁଣ୍ଟରେ କେବୁଲ୍ ଟାଣି ବିଦ୍ୟୁତ୍ ସଂଯୋଗ ଦିଆଗଲାନି। ଫନୀ ସମୟରୁ ଏଠାକାର ଲୋକଙ୍କର ସମସ୍ୟା ବଢ଼ିଯାଇଛି। ପିଇବାକୁ ପାଣି ମିଳୁନି। ଜନସ୍ୱାସ୍ଥ୍ୟ ବିଭାଗ ନରାଜ ପାଣି ଯୋଗାଇବାର ବ୍ୟବସ୍ଥା କରୁନି। ସହରରେ ରହି ଦଧିବାମନ ମନ୍ଦିର ସାହିର ୩୦ରୁ ଊର୍ଦ୍ଧ୍ୱ ପରିବାର ନାନା ସମସ୍ୟାରେ ଚଳିବାକୁ ପଡୁଛି।



**–ଫିରୋଜ ଖାନ୍, ସ୍ଥାନୀୟ ବାସିନ୍ଦା**

# ଖାଦ୍ୟରେ ବିଷ ଦେଇ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ବାଲୁଗାଁ,୩୦।୫(ଡି.ଏନ.ଏ.**

ଅଧିକ ଯୌତୁକ ଦାବିରେ ବାଲୁଗାଁ ଥାନା ଅଧୀନ ଛତ୍ରଗଡ଼ ଗ୍ରାମରେ ଖାଦ୍ୟରେ ବିଷ ଦେଇ ବଧୂହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀ ପତିତ ତରାଇଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି ।

ପ୍ରକାଶ ଯେ, ବାଣପୁର ଥାନା ଅଧୀନ ଭାପୁର ଗ୍ରାମର ଦୀନବନ୍ଧୁ ତରାଇଙ୍କ ଝିଅ ମାନସୀ ୩ବର୍ଷ ପୂର୍ବେ ଛତ୍ରଗଡ଼ ଗ୍ରାମର ନୋଳିଆ ତରାଇଙ୍କ ପୁଅ ପତିତଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟା ଘର ପକ୍ଷରୁ ବରପକ୍ଷ ଦାବି ମୁତାବକ ଅର୍ଥ, ସୁନା ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା। ବିବାହ ପରେ ପ୍ରାୟ ୬ମାସ ସେମାନଙ୍କ ଦାମ୍ପତ୍ୟ ଜୀବନ ଭଲରେ କଟିଥିଲା। ପରବର୍ତ୍ତୀ ସମୟରେ ଅଧିକ ୫୦ହଜାର ଟଙ୍କା ଯୌତୁକ ଦାବି କରି ସ୍ୱାମୀ ସମେତ ଶାଶୁ ଘର ଲୋକେ ମାନସୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ତେବେ ପତିତ ପୂର୍ବରୁ ବିବାହ କରିଥିଲେ ଏବଂ ତାଙ୍କର ୮ବର୍ଷର ଏକ ପୁଅ ମଧ୍ୟ ଅଛି । ସେ ନିର୍ଯାତନା ଦେଇ ତାଙ୍କ ପ୍ରଥମ ସ୍ତ୍ରୀଙ୍କୁ ମଧ୍ୟ ହତ୍ୟା କରିଥିବା ମାନସୀଙ୍କ ବାପଘର ଲୋକେ ଜାଣିବାକୁ ପାଇଥିଲେ। ତେଣୁ ତାଙ୍କ ବାପା ଭୟଭୀତ ହୋଇ ଧାରକରଜ କରି ୫୦ହଜାର ଟଙ୍କା ନେଇ ମାସେ ତଳେ ଝିଅ ଶାଶୁଘରେ ଦେଇଆସିଥିଲେ। ପତିତ ବିଦେଶରେ ରହି କାମ କରୁଥିବା ବେଳେ ରବିବାର ଗ୍ରାମକୁ ଫେରି ମୋଟର ସାଇକେଲ ବାପଘରୁ ଆଣିବା ପାଇଁ ପୁନର୍ବାର ମାନସୀଙ୍କ ଉପରେ ଚାପ ପକାଇଥିଲେ। ମାନସୀ ଅସମର୍ଥ ପ୍ରକାଶ କରିବାରେ ଶାଶୁଘର ଲୋକେ ମିଶି ମାଡ଼ମାରି ହତ୍ୟା ଧମକ ଦେଇଥିଲେ । ଏକଥା ମାନସୀ ତାଙ୍କ ବାପାଙ୍କୁ ଜଣାଇଥିଲେ। ଏପରିସ୍ଥିତିରେ ମଙ୍ଗଳବାର ପୂର୍ବାହ୍ନରେ ମାନସୀଙ୍କୁ ଖାଦ୍ୟରେ ବିଷ ଦିଆଯାଇଥିବା ଏବଂ ତାଙ୍କ ମୁଣ୍ଡ ବୁଲାଇ ହେଉଥିବା ନେଇ ବାପାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ପରେ ଜ୍ୱାଇଁ ପତିତ ତୁମ ଝିଅ ବିଷ ପିଇ ଦେଇଛି, ତୁରନ୍ତ ବାଲୁଗାଁ ଡାକ୍ତରଖାନାକୁ ଆସ ବୋଲି ଫୋନ ଯୋଗେ ଝିଅ ଘରକୁ ଜଣାଇଥିଲେ। ଝିଅ ଘର ଲୋକେ ବାଲୁଗାଁ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା ଏବଂ ସେଠାରେ ମାନସୀଙ୍କ ମୃତ୍ୟୁ ଘଟିଥିବା ନେଇ ପତିତ ଖବର ଦେଇଥିଲେ । ବ୍ରହ୍ମପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା । ଝିଅକୁ ଯୌତୁକ ପାଇଁ ଶାଶୁଘର ଲୋକେ ଖାଦ୍ୟରେ ବିଷ ଦେଇ ହତ୍ୟା କରିଥିବା ନେଇ ମୃତାଙ୍କ ବାପା ବୁଧବାର ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ । ବାଲୁଗାଁ ପୋଲିସ ଏ ସଂକ୍ରାନ୍ତରେ ନଂ ୫୩/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ପତିତଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଥିବା ଜଣାଯାଇଛି ।



ମୃତା ମାନସୀଙ୍କ ଫାଇଲ ଫଟୋ ।

## ସଂକ୍ଷେପରେ

### ଲୁଟେରା ଲୁଟିନେଲେ ଚେନ୍, ମଙ୍ଗଳସୂତ୍ର

ଯାଁଳା, ୩୦।୫ (ଡି.ଏନ.ଏ.)- ଖଣ୍ଡଗିରି ଥାନା ଆଇଗଣିଆ ଓଭରବ୍ରିଜ୍ ଉପରୁ ୨ ଜଣ ଲୁଟେରା ଜଣେ ମହିଳାଙ୍କଠାରୁ ଚେନ୍ ଓ ମଙ୍ଗଳସୂତ୍ର ଲୁଟି ନେଇଛନ୍ତି। ସୂଚନାଥାଉ କି ତମାଣ୍ଡୋର ସୁବୁଦ୍ଧିପୁରର ଟାଙ୍ଗୀସାହିର ଧ୍ରୁବଚରଣ ସାହୁ ସ୍ତ୍ରୀ ଅନସୂୟା ବାଇକ୍ ଯୋଗେ ଭୁବନେଶ୍ୱର ୮ ନମ୍ବର ନିଜ ମାମୁଁ ଘରକୁ ଯାଉଥିବା ବେଳେ ଆଇଗିଣିଆ ଓଭର ବ୍ରିଜ୍ ଉପରେ ଅନସୂୟା ପିନ୍ଧିଥିବା ଚେନ୍ ଓ ମଙ୍ଗଳସୂତ୍ରକୁ ହଠାତ୍ ଆଉ ଏକ ବାଇକ୍‌ରେ ଯାଉଥିବା ୨ ଜଣ ଯୁବକ ମଧ୍ୟରୁ ପଛରେ ବସିଥିବା ଯୁବକ ତାଙ୍କ ବେକରୁ ଛିଣ୍ଡାଇ ନେଇ ପଳାଇଥିଲେ। କିଛି ବାଟ ଅନସୂୟା ସେମାନଙ୍କ ପଛରେ ଗୋଡାଇଥିଲେ। ହେଲେ ଲୁଟେରା ଖସି ପଳାଇ ଥିଲେ। ସେଠାରେ ଅନସୂୟା ବାଇକରୁ ଖସିପଡି ଚେତାଶୂନ୍ୟ ହୋଇପଡିଥିଲେ। ଅଳଙ୍କାର ଦୁଇଟିର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ହେବ। ଏ ନେଇ ଅନସୂୟା ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ବୋଲେରୋ ଦୁର୍ଘଟଣାଗ୍ରସ୍ତ



ନିରାକାରପୁର, ୩୦।୫ (ଡି.ଏନ୍.ଏ.)- ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ଓ ବଡପୋଖରୀଆ ମଧ୍ୟବର୍ତ୍ତୀ ମା'ସୁନେଇ ରୁପେଇ ମନ୍ଦିର ନିକଟ ୧୬ନଂ. ଜାତୀୟ ରାଜପଥରେ ଗୁରୁବାର ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାଜ୍ୟ ସରକାରଙ୍କ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଲିଖିତ ତଥା ଔଷଧ ବୋଝେଇ ଏହି ଗାଡ଼ି( ନଂ-ଓଆର୍‌୦୨-ଏକ୍ସ-୫୫୧୪)ଟି ଦୁର୍ଘଟଣାରେ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଏଥିରେ ଥିବା ଔଷଧ କାଟୁନ୍‌ଗୁଡିକରେ ରକ୍ତ ଛିଟା ଲାଗିଛି । ତେବେ ଖବର ହସ୍ତଗତ ହେବାବେଳକୁ ଗାଡ଼ିରେ କିଏ, କେତେ ଜଣ ଓ ଏହାର ଗନ୍ତବ୍ୟ ସ୍ଥଳ ବିଷୟରେ ଠିକ୍ ତଥ୍ୟ ମିଳିପାରିନାହିଁ। ଖବରପାଇ ନିରାକାରପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ଯୁବକଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା ଅଫିସ,୩୦।୫:ଖୋର୍ଦ୍ଧା ସଦର ଥାନାର କୁରାଡ଼ିମଲ୍ଲଠାରେ କ୍ରିଷ୍ଣା ବେହେରା(୨୬) ଗୁରୁବାର ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନଂ. ୫/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। କ୍ରିଷ୍ଣାଙ୍କର ଘର ଖୋର୍ଦ୍ଧା ଆଦର୍ଶ ଥାନାର ଭାଲିଆବାଡିରେ। ସେ ମା'ଙ୍କ ସହ ଅଜାଘରେ କୁରାଡ଼ିମଲ୍ଲରେ ରହି ଆସୁଥିଲେ। ପାରିବାରିକ କନ୍ଦଳକୁ ନେଇ କ୍ରିଷ୍ଣା ଗୁରୁବାର ନିଜ ଘରର ଆଜବେଷ୍ଟସ ପାଇଁ ପଡିଥିବା ରଡରେ ପ୍ଲାଷ୍ଟିକ ରଶି ସାହାଯ୍ୟରେ ଆତ୍ମହତ୍ୟା କରିଥିଲେ ବୋଲି ଜଣାପଡିଛି ।

### ଶ୍ରୀକ୍ଷେତ୍ରରେ ନିଶାମୁକ୍ତି ଅଭିଯାନ ଆରମ୍ଭ ହେବ

ପୁରୀ ଅଫିସ, ୩୦।୫ : ଶ୍ରୀକ୍ଷେତ୍ର ଏକ ଧାର୍ମିକ ସ୍ଥଳ। ମହାପ୍ରଭୁଙ୍କ ଦର୍ଶନ ଲାଗି ଦୈନିକ ଲକ୍ଷାଧିକ ଭକ୍ତ ଏଠାକୁ ଆସୁଛନ୍ତି। ଏଥିସହିତ ସ୍ୱର୍ଣ୍ଣାଭ ବେଳାଭୂମି ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ। ଅନ୍ୟପଟେ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର ଭାବେ ପରିଚିତ ପୁରୀ ନିଶା କାରବାରର ଏକ ପେଣ୍ଠସ୍ଥଳୀ ପାଲଟିଛି। ସହରର ଗଳିକନ୍ଦିରେ ନିଶା, ମାଦକ ଦ୍ରବ୍ୟ ବିକ୍ରି ହେଉଛି। କଲେଜ ଛାତ୍ର, ଯୁବପିଢି ଏହାଦ୍ୱାରା ପ୍ରଭାବିତ ହୋଇ ବିପଥଗାମୀ ହେଉଛନ୍ତି। ପର୍ଯ୍ୟଟକଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଏ ନେଇ ସେ ବିଧାୟକ ଏବଂ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ଶ୍ରୀକ୍ଷେତ୍ର ସ୍ୱାଭିମାନ ମଞ୍ଚର ଆବାହକ ଦେବାଶିଷ ଦାଶ କହିଛନ୍ତି। ସେ କହିଛନ୍ତି, ନିଶାସେବନ କରି ପ୍ରତିବର୍ଷ ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ନିଶା ଯୋଗୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ପରିବେଶ ଓ ବାତାବରଣ ନଷ୍ଟ ହେବାରେ ଲାଗିଛି। ଯୁବ ସାମାଜିକ କର୍ମୀ ସୌମ୍ୟରଞ୍ଜନ ପାତ୍ର, ସନ୍ତୋଷ ମହାନ୍ତି ଓ ବାମଦେବ ନାୟକ କହିଛନ୍ତି, ଏହାଦ୍ୱାରା ଶ୍ରୀକ୍ଷେତ୍ର ଧାମର ପବିତ୍ରତା ନଷ୍ଟ ହେଉଛି। ଶ୍ରୀକ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ନିଶାମୁକ୍ତ କରିବା ଲାଗି ଖୁବ୍‌ଶୀଘ୍ର ଅଭିଯାନ ଆରମ୍ଭ କରାଯିବ। ରଥଯାତ୍ରା ସମୟରେ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଆବାହକ ଦାଶ କହିଛନ୍ତି।

## ■ ପ୍ରତିଶ୍ରୁତି ପାଲଟିଲା ପ୍ରତାରଣା

# ବିପନ୍ନଙ୍କ ପଲିଥିନ୍ ଦାବିରେ ଧାରଣା

**ଖୋର୍ଦ୍ଧା ଅଫିସ, ୩୦।୫:**

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ବିପନ୍ନ ପରିବାରକୁ ପଲିଥିନ୍ ଦେବା ପାଇଁ ପ୍ରତିଶ୍ରୁତି ମିଳିଥିଲେ ହେଁ ପ୍ରତାରଣା କରାଯାଇଥିବାର ଅଭିଯୋଗ ଉଠିଛି। ଏଭଳିସ୍ଥଳେ ଖୋର୍ଦ୍ଧା ସହରର ବାତ୍ୟା ବିପନ୍ନମାନେ ପଲିଥିନ୍ ପାଇବାକୁ ଖୋର୍ଦ୍ଧା ତହସିଲଦାର ଓ ଖୋର୍ଦ୍ଧା ମ୍ୟୁନିସପାଲିଟି କାର୍ଯ୍ୟାଳୟରେ ଡେରା ପକାଇଥିଲେ ମଧ୍ୟ ସୁଫଳ ପାଉନାହାନ୍ତି। ପ୍ରଶାସନ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବାରୁ ବିପନ୍ନମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ବାତ୍ୟା ଫନୀ ଯିବାର ୨୭ ଦିନ ବିତିଯାଇଛି। ହେଲେ ଏ ଯାବତ ବାତ୍ୟା ବିପନ୍ନ ପଲିଥିନ୍ ପାଇନାହାନ୍ତି। ପଲିଥିନ୍ ନ ପାଇବାରୁ ଗତ ମଙ୍ଗଳବାର ଖୋର୍ଦ୍ଧା ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ବାତ୍ୟା ବିପନ୍ନମାନେ ବିକ୍ଷୋଭ କରିଥିଲେ। ଘଟଣାସ୍ଥଳରେ ଖୋର୍ଦ୍ଧା ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଯେଉଁମାନଙ୍କର ପ୍ରକୃତ ଘର ଭାଙ୍ଗିଛି ସେମାନଙ୍କ ଲିଷ୍ଟ ଦେବାକୁ କହିବାରୁ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ବିକ୍ଷୋଭ ଅପରାହ୍ନ ୧ଟାରେ ପ୍ରତ୍ୟାହୃତ ହୋଇଥିଲା। ବିପନ୍ନମାନେ ଲିଷ୍ଟ ଧରି ତହସିଲରେ ପହଞ୍ଚିଥିଲେ ହେଲେ ପଲିଥିନ୍ ମିଳି ନ ଥିଲା। ଏପରିକି ପଲିଥିନ୍ ବାବଦରେ ୫୦୦ ଟଙ୍କା ବି ଦିଆଗଲାନି। ପଲିଥିନ୍ ପାଇବା ପାଇଁ ବିପନ୍ନମାନେ ବୁଧବାର, ଗୁରୁବାର ଦୁଇଦିନ ହେଲା ଖୋର୍ଦ୍ଧା ତହସିଲଦାର ଓ ଖୋର୍ଦ୍ଧା ମ୍ୟୁନିସପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିଲେ ମଧ୍ୟ ସୁଫଳ ମିଳିନି। ଉଲ୍ଲେଖଥାଉ କି ଖୋର୍ଦ୍ଧା ସହରର ୨୨ଟି ୱାର୍ଡରେ ଫନୀ ବ୍ୟାପକ କ୍ଷୟକ୍ଷତି କରିଛି। ତେବେ ଏ ଯାବତ ସବୁ ବିପନ୍ନଙ୍କ ପାଖରେ ପହଞ୍ଚି ପାରିନି ପଲିଥିନ। ସହରର ୭ ନଂ. ୱାର୍ଡ ସାମନ୍ତରାପୁରରେ କେହି ହେଲେ ବିପନ୍ନ ପଲିଥିନ୍ ପାଇ ନ ଥିବା ଅଭିଯୋଗ ରହିଛି। ସେହିପରି ୭ ନଂ. ୱାର୍ଡ କାମନାବର ହରିଜନସାହି, ୮ନଂ. ୱାର୍ଡ ବୁଢ଼ି ବଗିଚା, ୧୦ ନଂ. ୱାର୍ଡ ଭାଲିଆବାଡି ମୁସଲମାନ ବସ୍ତି, ୧୬ ନଂ. ୱାର୍ଡ ଗୁରୁଜଙ୍ଗ ବସ୍ତି, ୧୩ ନଂ. ୱାର୍ଡ ବରୁଣେଇଇ ସାହିର ବିପନ୍ନମାନେ ପଲିଥିନ୍ ପାଇ ନ ଥିବାର ଅଭିଯୋଗ ରହିଛି।



ପଲିଥିନ ପାଇଁ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ରାସ୍ତା ମଝିରେ ପଥର ବୋଝେଇ ଟ୍ରାକ୍ଟର : ଯାତାୟାତ ବାଧାପ୍ରାପ୍ତ

**ଟାଙ୍ଗୀ (ଖୋର୍ଦ୍ଧା), ୩୦।୫ (ଡି.ଏନ.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ବଡପାରୀ ଗ୍ରାମର ମୁଖ୍ୟ ରାସ୍ତା ମଝିରେ ଏକ ପଥର ବୋଝେଇ ଟ୍ରାକ୍ଟର ରହିଥିବା ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ବୁଧବାର ରାତ୍ର ପ୍ରାୟ ୨ ଟା ୩୦ ମିନିଟ ସମୟରେ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ମାଙ୍କଡା ପଥର ଚାଲାଣ ହେଉଥିଲା । ଏହା ଦେଖିବା ପରେ ଗ୍ରାମର କେତେକ ଲୋକ ତାହାକୁ ଅଟକାଇ ଟ୍ରାକ୍ଟର ଚାଳକଙ୍କୁ ପଚରାଉଚରା କରି ଗାଡିର କାଗଜପତ୍ର ମାଗିଥିଲେ । ମାତ୍ର କୌଶଳକ୍ରମେ ଚାଳକ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ଟାଙ୍ଗୀ ଥାନାକୁ ଖବର ଦିଆଯାଇଥିଲା। ରାସ୍ତା ମଝିରେ ଟ୍ରାକ୍ଟରଟି ଅଟକି ରହିବା ଫଳରେ ପରିଆ ଯାଉଥିବା ମା' ଯାତ୍ରୀବାହୀ ବସ୍‌ଟି ଆଉ ଆଗକୁ ଯାଇପାରିଲା ନାହିଁ । ବାଧ ହୋଇ ପରିଆ ଯାତ୍ରୀମାନଙ୍କୁ ଓହ୍ଲାଇ ଘଟଣାସ୍ଥଳରୁ ଭୁବନେଶ୍ୱର ଅଭିମୁଖେ ବସ୍‌ଟି ଯାଇଥିଲା। ଏଥି ମଧ୍ୟରେ ଟ୍ରାକ୍ଟରର ଯାନ୍ତ୍ରିକ ତ୍ରୁଟି ଘଟିବା ହେତୁ ଏହା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା । ଉପସ୍ଥିତ ଲୋକମାନେ ଗାଡିକୁ ଠେଲାପେଲା କରି ରାସ୍ତାର ଗୋଟିଏ ପାର୍ଶ୍ୱକୁ ନେଇଯିବା ଫଳରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ଗାଡିକୁ ପୋଲିସ ଜବତ କରି ଟାଙ୍ଗୀ ତହସିଲଦାରଙ୍କୁ ହସ୍ତାନ୍ତର କରିଛି। ଉଭୟ ପୋଲିସ ଓ ତହସିଲଦାର ବଡପାରୀର ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡିଛି।

# କନ୍ୟାରତ୍ନ ସଚେତନତା କାର୍ଯ୍ୟକ୍ରମ




ଦୁଇ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଯାଁଳା, ୩୦।୫ (ଡି.ଏନ.ଏ.)**

ବେଗୁନିଆ ବ୍ଳକର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ତୁମେ ଓ ସେମାନଙ୍କ ଦ୍ୱାରା କନ୍ୟାରତ୍ନ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ରାଧାଚରଣପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଟଣୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ମୁଖ୍ୟଅତିଥି ରାମଶଙ୍କର, ପ୍ରଦୀପ୍ତ ରାୟ, ଦୁର୍ଗାପ୍ରସାଦ ଦାସ, ହେମନ୍ତ କୁମାର ବେହେରା, ସରପଞ୍ଚ ପ୍ରଦୋଷ କୁମର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ଝୁମୁରି ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ପାନୀୟ ଜଳଯୋଗାଣରେ ଅନିୟମିତତା ଅଭିଯୋଗ

**ଟାଙ୍ଗୀ (ଖୋର୍ଦ୍ଧା), ୩୦।୫(ଡି.ଏନ.ଏ.)**

ଟାଙ୍ଗୀ ଗ୍ରାମରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଟାଙ୍ଗୀ ଗ୍ରାମରେ ଉତ୍କଟ ପାନୀୟ ଜଳ ସମସ୍ୟା ଦୀର୍ଘଦିନ ଧରି ଲାଗିରହିଥିଲା । ଏଥିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା ତରଫରୁ ସ୍ଥାନୀୟ ରତ୍ନମାଳି ପାହାଡ ପାଦଦେଶରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଫଳରେ ଟାଙ୍ଗୀ ଗ୍ରାମର ଜଳଯୋଗାଣ ସମସ୍ୟା ଅନେକାଂଶରେ ସମାଧାନ ହୋଇଥିଲା । ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ପାନୀୟ ଜଳଯୋଗାଣ ବ୍ୟବସ୍ଥା ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା । ସଚେତନତା ଅଭାବ ଓ ଦାୟିତ୍ୱହୀନତା ଯୋଗୁ ଅଧିକାଂଶ ବାସିନ୍ଦା ଏହି ପାନୀୟ ଜଳକୁ ଅପବ୍ୟବହାର କରୁଥିବା ଅଭିଯୋଗ ମିଳିବା ପରେ ଟାଙ୍ଗୀ ସରପଞ୍ଚଙ୍କ ତରଫରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଫଳରେ ଅପବ୍ୟବହାରକୁ ଅନେକ ପରିମାଣରେ ରୋକାଯାଇ ପାରିଥିଲା । କିଛି ଦିନ ପରେ ପୁଣି ଅପବ୍ୟବହାର କରାଯାଉଛି। ଫଳରେ ଗ୍ରାମର ଦୂରସ୍ଥାନର ବାସିନ୍ଦାମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ନୀତିନିୟମକୁ ଉଲ୍ଲଂଘନ କରି ନିଜ ବାସଗୃହକୁ ପାଇପ ପକାଇ ମୋଟରପମ୍ପ ଦ୍ୱାରା ଜଳ ନେବା ଫଳରେ ଜଳ ସ୍ରୋତ ହ୍ରାସ ପାଉଥିବା ଦେଖାଯାଉଛି। ଏପରି କି ଏହି ପାନୀୟ ଜଳରେ ଯାନବାହନ ଧୋଇବା, ଫସଲରେ ବ୍ୟବହାର କରିବା, କେତେକ କୂଅରେ ପାଣି ଭର୍ତ୍ତି କରିବା ଇତ୍ୟାଦି ଅଭିଯୋଗ ହେଉଛି। ଏ ସମ୍ପର୍କରେ ସରପଞ୍ଚଙ୍କୁ ଯୋଗାଯୋଗ କରାଯିବାରେ ତାଙ୍କର ପ୍ରତିନିଧି ତଥା ସ୍ୱାମୀ ଅଶୋକ କୁମାର ମହାପାତ୍ର ପାଣି ଅପବ୍ୟବହାର ସମ୍ପର୍କରେ ଅବଗତ ଥିବା ଜଣାଇଥିଲେ । ଏଥିଯୋଗୁ ସେ ରାସ୍ତା ଘାଟରେ ହୀନସ୍ତା ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ତେବେ ଏହାର ନିରାକରଣ ଦିଗରେ ଗ୍ରାମପଞ୍ଚାୟତ ବୈଠକକୁ ଗ୍ରାମର କେତେକ ବୁଦ୍ଧିଜୀବୀ, ସାମାଜିକକର୍ମୀଙ୍କୁ ନିମନ୍ତ୍ରଣ କରି ଖୁବ୍‌ଶୀଘ୍ର ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମହାପାତ୍ର କହିଥିଲେ।

# ଶେଷ ହେଲା ଉର୍ସ ଉତ୍ସବ

**ଖୋର୍ଦ୍ଧା ଅଫିସ,୩୦।୫**

ଖୋର୍ଦ୍ଧା ସହରଠାରୁ କଲିକତା-ମାଡ୍ରାସ ରାସ୍ତାରେ ୪ କମି ଯିବା ପରେ କୁରାଢ଼ମଲ୍ଲ ଛକ। ଏଠାର ଗଡମାଣତିର ରାସ୍ତାରେ ୪ କିମି ଗଲେ ପଡେ କାଇପଦର ଗାଁ। ଏଠାରେ ପଡେ ସର୍ବଧର୍ମ ସମନ୍ୱୟର ପୀଠ ପୀର ବାବା ବୋଖାରୀଙ୍କ ପୀଠ। ଦୁଇଦିନ ଏଠାରେ ଧରି ପାଳନ କରାଯାଉଥିବା ଉର୍ସ ଉତ୍ସବରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଭିଡ ଜମିଛି। ରମଜାନ ମାସର ୨୪ତମ ଦିବସରେ ବାବା ବୋଖାରୀ ସ୍ୱର୍ଗାରୋହଣ କରିଥିବାରୁ ଏହାକୁ ଉର୍ଷ ଦିବସ ରୂପେ କାଇପଦରରେ ପାଳନ ହୋଇ ଆସୁଛି । ୨୩ ତମ ରୋଜାରେ ଏହା ଆରମ୍ଭ ହୋଇ ୨୪ତମ ରୋଜାରେ ଶେଷ ହେବ। ଉର୍ସ ଶବ୍ଦର ଅର୍ଥ ବାର୍ଷିକ ଶ୍ରାଦ୍ଧ ଉତ୍ସବ। ବୁଧବାର ରାତି ପ୍ରାୟ ୨.୪୫ରେ ବାବା ବୋଖାରୀଙ୍କ ସ୍ନାନ ପରେ ପୂଜାର୍ଚ୍ଚନା ପ୍ରାୟ ୪ଟା ପର୍ଯ୍ୟନ୍ତ କରାଯାଇଥିଲା। ସେହିଭଳି ଏହି ପୀଠରେ ହିନ୍ଦୁମାନେ ଗୀତାପାଠ ଓ ମୁସଲମାନମାନେ କୋରାନ ପାଠ କରିଥିଲେ। ପୂଜାର୍ଚ୍ଚନା ପରେ ଉର୍ଷଜଳ (ସ୍ନାନଜଳ) ଓ କୂଅମାଟି ବିଭୂତିକୁ ନେବା ପାଇଁ ଭିଡ ଜମେ। ମାନସିକଧାରୀମାନେ ଏହାକୁ ନେଇଥାନ୍ତି। ଏହାକୁ ସେବନ କଲେ ନିଃସନ୍ତାନ ନାରୀ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକକଥା ରହିଛି। ସେହିଭଳି କ୍ୟାନସର ପରି ରୋଗୀ ମଧ୍ୟ ଭଲ ହେଉଛନ୍ତି। ଏ ଅବସରରେ ଚଳିତବର୍ଷ ୪୦ଜଣ ଗୁହାରିଆ ପଡିଥିଲେ। ଏଥିରୁ ୭ ଜଣଙ୍କର ମନସ୍କାମନା ପୂରଣ ହେବା ପରେ ସେମାନେ ଗୁହାରିଆରୁ ଉଠିଛନ୍ତି। ଆମ ରାଜ୍ୟ ତଥା ବିହାର, କର୍ଣାଟକ, ଦିଲ୍ଲୀ ପ୍ରଭୃତି ରାଜ୍ୟ ବାହାରୁ ଆସିଥିବା ଶ୍ରଦ୍ଧାଳୁମାନେ ବାବାଙ୍କୁ ଦର୍ଶନ କରିବା ସହିତ ଚାଦର ଚଢ଼ାନ୍ତି । ସନ୍ଧ୍ୟାରେ ଇଫତାର ପରେ ଭକ୍ତମାନେ ନମାଜ ପାଠ କରନ୍ତି । ପରେ ପରେ ରୋଜା(ଉପବାସ) ରଖିଥିବା ଭକ୍ତ ଲଙ୍ଗର(ପ୍ରସାଦ) ସେବନ କରନ୍ତି । ଏନେଇ କବିତା ପ୍ରଧାନ ରାୟପୁର କୁହନ୍ତି, ଏହି ପୀଠର ମହାତ୍ମା ଅଲଗା । ଏଠାରେ ହିନ୍ଦୁ ମୁସଲମାନ ବିଭିନ୍ନ ପର୍ବ ପାଳନ କରି ସମାଜକୁ ଭିନ୍ନ ବାର୍ତ୍ତା ଦିଅନ୍ତି । ମନସ୍କାମନା ପୂରଣ ହୋଇଥିବାରୁ ରାୟପୁରରୁ ୨୦ ପରିବାର ସବୁବେଳେ କାଇପଦର ଆସୁଛନ୍ତି। ପୂଜକ ଶେଖ୍ ଉମର ଅଲ୍ଲି କୁହନ୍ତି, ସବୁ ସମୟରେ ବାବାଙ୍କ ପାଖରେ ଏକ ଘିଅର ଦୀପ ଜଳେ । ଏହି ଦୀପ କେବେ ଲିଭେନା । କେବେ ଏହା ଲିଭିଛି ତାହା ଜଣାପଡିନି । ଏହି ଦୀପରୁ ଅଗ୍ନିକୁ ଉର୍ସ ଉତ୍ସବରେ ନିଆଯାଇ ବାହାରେ ଦୀପ ଲଗାଯାଏ । ଏହି ପୀଠରେ ହିନ୍ଦୁମାନେ ଗୀତାପାଠ ଓ ମୁସଲମାନମାନେ କୋରାନ ପାଠ କରନ୍ତି । ମସଜିଦ୍ ପାଖରେ ବାଦ୍ୟ ବାଜିବା ମନା ଥିବାବେଳେ ସ୍ୱତନ୍ତ୍ର ବାଦ୍ୟ ନାଗରା ବାଜି ଥାଏ। ଏଠାରେ ଥିବା କୂଅରୁ ବର୍ଷ ତମାମ ପାଣି କେବଳ ପାନୀୟଜଳ ରୂପେ ବ୍ୟବହାର କରାଯାଏ । କିନ୍ତୁ ଉର୍ସ ଉତ୍ସବରେ ଏହାର ଜଳକୁ ସ୍ନାନ କରାଯାଏ। କାଇପଦରର ତସିଦ୍ ମିଆଁ କୁହନ୍ତି, ଏଠାରେ ଜଳୁଥିବା ଅଖଣ୍ଡ ଦୀନ କେବେ ଲିଭେନା। ଏହି ଦୀପରେ ଭକ୍ତମାନେ ଘିଅ ୪୦ ଦିନ ପାଇଁ ଦେଇ ମନସ୍କାମନା ପୂରଣକୁ ଅପେକ୍ଷା କରିଥାନ୍ତି। ମନସ୍କାମନା ପୂରଣ ହେବାର ସୁରାକ ପାଇଲେ ଚାଦର ଚଢ଼ାନ୍ତି । ପୀଠର ମହାତ୍ମା ଭିନ୍ନ ହୋଇଥିବାରୁ ଗହଳି ବଢିବାରେ ଲାଗିଛି।



ବୁଖାରୀ ବାବାଙ୍କ ପୀଠ ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ,
ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ଶ୍ରୀକ୍ଷେତ୍ରରେ ନିଶାମୁକ୍ତି ଅଭିଯାନ ଆରମ୍ଭ ହେବ

ପୁରୀ ଅଫିସ, ୩୦।୫ : ଶ୍ରୀକ୍ଷେତ୍ର ଏକ ଧାର୍ମିକ ସ୍ଥଳ। ଏଠାରେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ଲାଗି ଦୈନିକ ଲକ୍ଷାଧିକ ଭକ୍ତ ଏଠାକୁ ଆସୁଛନ୍ତି। ଏଥିସହିତ ସ୍ୱର୍ଣ୍ଣାଭ ବେଳାଭୂମି ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ। ଅନ୍ୟପଟେ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର ଭାବେ ପରିଚିତ ପୁରୀ ନିଶା କାରବାରର ଏକ ପେଣ୍ଠସ୍ଥଳୀ ପାଲଟିଛି। ସହରର ଗଳିକନ୍ଦିରେ ନିଶା, ମାଦକ ଦ୍ରବ୍ୟ ବିକ୍ରି ହେଉଛି। କଲେଜ ଛାତ୍ର, ଯୁବପିଢି ଏହାଦ୍ୱାରା ପ୍ରଭାବିତ ହୋଇ ବିପଥଗାମୀ ହେଉଛନ୍ତି। ପର୍ଯ୍ୟଟକଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଏ ନେଇ ସେ ବିଧାୟକ ଏବଂ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ଶ୍ରୀକ୍ଷେତ୍ର ସ୍ୱାଭିମାନ ମଞ୍ଚର ଆବାହକ ତଥା ଆଇନଜୀବୀ ଦେବାଶିଷ ଦାଶ କହିଛନ୍ତି। ସେ କହିଛନ୍ତି, ନିଶାସେବନ କରି ପ୍ରତିବର୍ଷ ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ନିଶା ଯୋଗୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ପରିବେଶ ଓ ବାତାବରଣ ନଷ୍ଟ ହେବାରେ ଲାଗିଛି। ସେହିପରି ଯୁବ ସାମାଜିକ କର୍ମୀ ସୌମ୍ୟରଞ୍ଜନ ପାତ୍ର, ସନ୍ତୋଷ ମହାନ୍ତି ଓ ବାମଦେବ ନାୟକ ପ୍ରମୁଖ କହିଛନ୍ତି, ଏହାଦ୍ୱାରା ଶ୍ରୀକ୍ଷେତ୍ର ଧାମର ପବିତ୍ରତା ନଷ୍ଟ ହେଉଛି। ତେଣୁ ଶ୍ରୀକ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ନିଶାମୁକ୍ତ କରିବା ଲାଗି ଖୁବ୍‌ଶୀଘ୍ର ଅଭିଯାନ ଆରମ୍ଭ କରାଯିବ। ଆଗକୁ ରଥଯାତ୍ରା ଆସୁଛି। ଏହି ସମୟରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଆବାହକ ଦାଶ ଏକ ପ୍ରେସ ବିବୃତିରେ ଦର୍ଶାଇଛନ୍ତି।

### ତୁଷାରକାନ୍ତିଙ୍କୁ ସ୍ୱାଗତ

କୋଣାର୍କ, ୩୦।୫(ଡି.ଏନ୍.ଏ.)-ନବୀନ ପଟ୍ଟନାୟକଙ୍କ ସରକାରରେ ନୂତନ ଭାବେ ମନ୍ତ୍ରୀ ହୋଇଥିବା କାକଟପୁର ବିଧାୟକ ଇଂ ତୁଷାରକାନ୍ତି ବେହେରାଙ୍କୁ କୋଣାର୍କରେ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଯାଇଛି। ନବୀନଙ୍କ ୯ଜଣିଆ ରାଷ୍ଟ୍ର ମନ୍ତ୍ରିମଣ୍ଡଳରେ ତୁଷାରଙ୍କୁ ସାମିଲ କରାଯିବା ସହ କ୍ରୀଡା ଓ ଯୁବ ବ୍ୟାପାର ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଦିଆଯାଇଥିବାରୁ କୋଣାର୍କର ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୋଣାର୍କ ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ପୂର୍ବତନ କାଉନସିଲର ପ୍ରତାପ ଗୋଚ୍ଛାୟତ, ପଦ୍ମ ଚରଣ ବେଉରା, ଭରତ ଚନ୍ଦ୍ର ନାୟକ, ରାଜକିଶୋର ମହାପାତ୍ର, ରଣଜିତ ରାଉତରାୟ, ପ୍ରତାପ କୁମାର ସାମନ୍ତରାୟ, ଶିମିଳି ପଞ୍ଚାୟତର ସଭାପତି ବାନାମ୍ବର ବେହେରା, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଲେଙ୍କା, କିଶୋର ଚନ୍ଦ୍ର ସେଠ, ବିଜୟ ସେଠ, ଜଟାଧାରୀ ପରିଡା ଓ କୋଣାର୍କ ଏନଏସିର ବିଜେଡି କର୍ମୀ ଓ ରେଡିଓ ନମସ୍କାର ତରଫରୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଦୀର୍ଘ ୧୦ବର୍ଷ ପରେ କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ମନ୍ତ୍ରୀ ପଦ ପାଇଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଅସ୍ତରଙ୍ଗରେ ଭାଜପାର ବିଜୟ ଉତ୍ସବ

କାକଟପୁର, ୩୦।୫(ଡି.ଏନ୍.ଏ.): ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଅସ୍ତରଙ୍ଗଠାରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ରବି ମଲ୍ଲିକ, ଈଶ୍ୱର ବେହେରା, ପଦ୍ମନାଭ ପରିଡ଼ା, ମାନସ ରାଉତ, ମଙ୍ଗଳା ସାମନ୍ତରାୟ, ଯଶୋବନ୍ତ ସ୍ୱାଇଁ ଯୋଗଦେଇଥିଲେ। ଭାଜପାର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଗୁରୁବାର ସନ୍ଧ୍ୟାରେ ଅସ୍ତରଙ୍ଗର କୁହୁଡ଼ିଠାରୁ ବାହାରି ବସଷ୍ଟାଣ୍ଡସ୍ଥିତ ତାରିଣୀ ମନ୍ଦିରଠାରେ ପହଞ୍ଚି ସେଠାରେ କେନ୍ଦ୍ରସରକାରଙ୍କ ସ୍ଲୋଗାନ ଦେବା ସହିତ ଆତସବାଜି ଫୁଟାଇ, ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଥିଲେ।

### ଶୋକସଭା

ପୁରୀ ଅଫିସ,୩୦।୫:ବର୍ଷୀୟାନ କଳାକାର ତଥା ହରଚଣ୍ଡୀ ସାହି ହଜୁରି ଲେନ୍ ବାସିନ୍ଦା ଯଦୁମଣି ଶତପଥୀଙ୍କର ଗତ ୨୫ତାରିଖରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଧୁନ୍ କଲ୍‌ଚରାଲ ଅର୍ଗାନାଇଜେଶନ ପକ୍ଷରୁ ବୁଧବାର ଗୁଣ୍ଡିଚା ମନ୍ଦିରସ୍ଥିତ ଅନୁଷ୍ଠାନ ପରିସରରେ ଶୋକସଭା କରାଯାଇଥିଲା। ଏଥିରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଅନେକ କଳାକାର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନୁଷ୍ଠାନର ସମ୍ପାଦକ ଶୈଳେନ୍ଦ୍ର କୁମାର ଆଚାର୍ଯ୍ୟ, ଜଗନ୍ନାଥ ସାହୁ ଓ ଉପଦେଷ୍ଟା ବିନାୟକ ମିଶ୍ର ସ୍ୱର୍ଗତ ଶତପଥୀଙ୍କ ବିଷୟରେ ଆଲୋଚନା କରିଥିଲେ। ପ୍ୟାରୀମୋହନ ଦାସ, ପ୍ରଭାକର ରଥ, ସଙ୍ଗୀତ ଗୁରୁ ବିଜୟ ମହାପାତ୍ର, ଗୁରୁଶ୍ରୀ ଚନ୍ଦ୍ରମଣି ଲେଙ୍କା, ସଂଘମିତ୍ରା ତ୍ରିପାଠୀ, ଜଗନ୍ନାଥ ସାହୁ, ରାଜକିଶୋର ମହାରଣା, ସୁରେନ୍ଦ୍ର କୁମାର ନାୟକ, ସ୍ୱରୂପ ରଥ, ଶାଶ୍ୱତୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କତାଶିଳ୍ପକୁ ଅଣଦେଖା

- କ୍ଷୟକ୍ଷତି ଆକଳନ କରିବାକୁ ଗୁହାରି
- ପ୍ରଭାବିତ ହୋଇଛନ୍ତି ୧ ଲକ୍ଷ ପରିବାର

ପୁରୀ ଅଫିସ, ୩୦।୫:

ବାତ୍ୟା ଫନୀ ସମଗ୍ର ପୁରୀ ଜିଲ୍ଲାକୁ ଧ୍ୱଂସବିଧ୍ୱଂସ୍ତ କରିଦେଇଛି। ଭାଙ୍ଗି ପକାଇଛି ଅନେକ ଘରଦ୍ୱାର, ବିଦ୍ୟୁତ୍ ଖୁଣ୍ଟ ଏବଂ ଟାୱାର। ଧରାଶାୟୀ ହୋଇଛି ଲକ୍ଷ ଲକ୍ଷ ଗଛ। ସରକାର ଘର, ଗୃହପାଳିତ ପଶୁ ପ୍ରଭୃତିଙ୍କ କ୍ଷୟକ୍ଷତି ପାଇଁ ସହାୟତା ରାଶି ଘୋଷଣା କରିଛନ୍ତି। ହେଲେ କତାଶିଳ୍ପ ପ୍ରତି ଅଣଦେଖା କରିଛନ୍ତି। ଏହାର କ୍ଷୟକ୍ଷତି ଆକଳନ କରାଯାଇନାହିଁ। କତାଶିଳ୍ପକୁ ଆଦରି ଗୁଜୁରାଣ ମେଣ୍ଟାଉଥିବା ଅନେକ ପରିବାର ଏଥିଯୋଗୁ ହତୋତ୍ସାହିତ ହୋଇପଡ଼ିଛନ୍ତି। କାହିଁକି କତାଶିଳ୍ପ ପ୍ରତି ସରକାର ବିମୁଖ ବୋଲି ପ୍ରଶ୍ନ ଉଠାଇବା ସହ ମୁଖ୍ୟ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ, କୟର ବୋର୍ଡ ଅଧ୍ୟକ୍ଷ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କୟର ବୋର୍ଡକୁ ଚିଠି ଲେଖିଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନେ ମାନସିକ ଚାପରେ ରହିଛନ୍ତି।

ଓଡ଼ିଶା ଷ୍ଟେଟ୍ କୟର ଇଣ୍ଡଷ୍ଟ୍ରିଜ ଆଣ୍ଡ୍ ମ୍ୟାନୁଫ୍ୟାକ୍ଚର୍ସ ଆସୋସିଏଶନ ପକ୍ଷରୁ ଦର୍ଶାଯାଇଛି ଯେ, ଓଡ଼ିଶା କତାଶିଳ୍ପକୁ ସମ୍ପୂର୍ଣ୍ଣ ଭବେ ଉଜାଡ଼ି ଦେଇଛି ଫନୀ। ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଏହାର ଆଖପାଖ ଜିଲାର କତାଶିଳ୍ପ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଛି। ଏହିସବୁ ଜିଲାରେ ଲକ୍ଷାଧିକ ଲୋକ କତାଶିଳ୍ପ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। କତାରେ ବିଭିନ୍ନ ପ୍ରକାର ସାମଗ୍ରୀ, ଘରକରଣା ଜିନିଷ, ଖେଳନା ଆଦି ତିଆରି କରି ଦି' ପଇସା ରୋଜଗାର କରିଥାନ୍ତି। ବିଶେଷକରି ପୁରୀ ଜିଲାରେ ବହୁ ସଂଖ୍ୟାରେ ନଡ଼ିଆ ଗଛ ଥିବାରୁ ଅନେକ ପରିବାର କତାଶିଳ୍ପକୁ ଆଦରି ନେଇଥିଲେ। ପୁରୀର ଏହା ଏକ ପାରମ୍ପରିକ କୁଟୀର ଶିଳ୍ପ ବୋଲି ଧରାଯାଇଥାଏ। ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ପ୍ରାୟ ୧ ଲକ୍ଷ ଲୋକ ଏହାଦ୍ୱାରା ନିଯୁକ୍ତି ପାଇଥିଲେ। ଏଥିରେ ୮୫ପ୍ରତିଶତ ମହିଳା ସାମିଲ ରହି ପରିବାର ପ୍ରତିପୋଷଣରେ ନିଜର ସହଭାଗିତା ଦେଇପାରୁଥିଲେ । ଏହାକୁ ନଜରରେ ରଖି ଜିଲାରେ ପ୍ରାୟ ୯,୯୮୬ ହେକ୍ଟର ନଡ଼ିଆ ଚାଷ କରାଯାଇଥିଲା। ଅନେକ ଲୋକ ବ୍ୟାଙ୍କରୁ ଋଣ ଆଣି ଯନ୍ତ୍ରପାତି କିଣିଥିଲେ । ନଡ଼ିଆ କତାରୁ ପାପୋଛ, ମ୍ୟାଟ୍ ସମେତ ବିଭିନ୍ନ ପ୍ରକାର ହସ୍ତତନ୍ତ ସାମଗ୍ରୀ, ଖେଳଣା ପ୍ରସ୍ତୁତ କରୁଥିଲେ। ପୁରୀ ଜିଲାର କତାଶିଳ୍ପର ଚାହିଦା ବାହାରେ ରହିଥିବାରୁ ଏହାକୁ ଆପଣାଇଥିବା ଲୋକେ ଭଲ ରୋଜଗାର ମଧ୍ୟ କରୁଥିଲେ। ହେଲେ ବାତ୍ୟା ସବୁକିଛି ଉଜାଡ଼ି ଦେଇଛି। କତାଶିଳ୍ପର ଶେଡ୍, ଯନ୍ତ୍ରପାତି ସବୁ ନଷ୍ଟ ହୋଇଯାଇଛି। ସେହିପରି ଜିଲାର ପ୍ରାୟ ୯୦ ପ୍ରତିଶତ ନଡ଼ିଆ ଗଛ ଭାଙ୍ଗିଯାଇଛି। ତେଣୁ କତାଶିଳ୍ପକୁ ଆଶ୍ରା କରିଥିବା ଲୋକଙ୍କ ମେରୁଦଣ୍ଡ ଏକପ୍ରକାର ଦୋହଲିଯାଇଛି। ଏହି ସମୟରେ ସରକାରଙ୍କ ଅଣଦେଖା ସେମାନଙ୍କୁ ଅଧିକ କଷ୍ଟ ଦେଇଛି। ଜଣେ ଜଣେ ଲୋକଙ୍କର ୨ରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତି ହୋଇଥିଲେ ମଧ୍ୟ କ୍ଷୟକ୍ଷତିର ଆକଳନ କରାଯାଉନାହିଁ। ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରାଯିବାକୁ ସଂଘ ପକ୍ଷରୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦିଆଯାଇଛି। ଭାଙ୍ଗିଯାଇଥିବା ଶେଡ୍‌ର ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ଦେବା, ଯନ୍ତ୍ରପାତି ମରାମତି, ଅନ୍ୟ ରାଜ୍ୟରୁ ଅନ୍ୟୁନ ୫ବର୍ଷ ପର୍ଯ୍ୟନ୍ତ କଞ୍ଚାମାଲ ଯୋଗାଇଦେବାର ବ୍ୟବସ୍ଥା, ସବୁ କତାଶିଳ୍ପକୁ ୫ ବର୍ଷ ପର୍ଯ୍ୟନ୍ତ ସବ୍‌ସିଡିରେ ବିଦ୍ୟୁତ୍ ଯୋଗାଇଦେବା ପ୍ରମୁଖ ଦାବି କରାଯାଇଛି। ସରକାର ତୁରନ୍ତ ପଦକ୍ଷେପ ନେବାକୁ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଦାବି କରିଛନ୍ତି।

## ବିଜେଡିର ବିଜୟ ଶୋଭାଯାତ୍ରା



ବିଜୟ ଶୋଭାଯାତ୍ରାରେ ଜଗତ୍‌ସିଂହପୁର ଏମ୍‌ପି ଏବଂ ନିମାପଡ଼ା ବିଧାୟକ ତଥା ମନ୍ତ୍ରୀ ଯାଉଛନ୍ତି।

ନିମାପଡ଼ା/ଗୋପ,୩୦।୫(ଡି.ଏନ୍.ଏ.):

ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ନିମାପଡ଼ା ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ଲୋକ ସଭା ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ ଯୋଗଦେଇଥିଲେ। ମନ୍ତ୍ରୀ ଦାଶ ଓ ଏମ୍‌ପି ମଲ୍ଲିକଙ୍କୁ ଏକ ସୁସଜ୍ଜିତ ଜିପରେ ବସାଯାଇ ୩ହଜାରରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ନିମାପଡ଼ା ଅଞ୍ଚଳ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରା ହରିପୁରଠାରୁ ବାହାରି ଗୋପ ବ୍ଲକରେ ଶେଷ ହୋଇଥିଲା। ଏହି ଅବସରରେ ହରିପୁର ଛକ, ଭାଣପୁର ଛକ, ରେଞ୍ଚ ଓ ଖେଲାର ବଜାର, ଶ୍ରୀମୁଖି ଛକ, ନାଗବସ୍ତ ଛକ, ରତିଲୋ ଛକ, ତଳଅଣ୍ଡିଆ ଛକ, ନିମାପଡ଼ା ମହିଳା କଲେଜ ଛକ, ଜୟଶ୍ରୀ ଛକ, ବସଷ୍ଟାଣ୍ଡ, ଦୋଳବେଦି ଛକ, ଗୋଲେଇ ଛକ, ସାଇଲୋ ଛକ, ଚାରିଛକ ବଜାର, ଛଣିଜଙ୍ଗ, ତମ୍ପାଲୋ ଛକରେ ମନ୍ତ୍ରୀ ଦାଶ ଓ ଏମ୍‌ପି ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଦାଶଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କରାଯାଇଥିବାରୁ ନିମାପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ମଧ୍ୟରେ ଆନନ୍ଦ ଦେଖାଯାଇଛି। ବିଜେଡି ନେତା ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ସ୍ୱପ୍ନ କୁମାର ଲେଙ୍କା, ସୁଧୀର ରଞ୍ଜନ ଦାଶ, ସନ୍ତୋଷ ଓଝା, ଜୀବନାନନ୍ଦ ମହାପାତ୍ର, ସନ୍ତୋଷ ଦାଶ, ସନାତନ ପ୍ରଧାନ, ସତ୍ୟଜିତ ଆଚାର୍ଯ୍ୟ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ରଥଖଳାରେ ସ୍ୱାସ୍ଥ୍ୟସେବା ଶିବିର

ପୁରୀ ଅଫିସ, ୩୦।୫:

ଶ୍ରୀନଅର ସମ୍ମୁଖ ରଥଖଳାରେ ଗୁରୁବାର ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି। ମିଶନ ଓଡ଼ିଶା ଏବଂ ଆପୋଲୋ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ନିର୍ମାଲ୍ୟ, ସମର୍ପଣ ଏବଂ ରୁଟ୍ ଅଫ୍ ଓଡ଼ିଶା ସହଯୋଗ କରିଥିଲା। ରଥଖଳାରେ ବିଶ୍ୱକର୍ମା, ମହାରଣା, ଭୋଇ ସେବକ ଏବଂ ରୂପକାର ସେବକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ତାଳଧ୍ୱଜ ରଥର ମୁଖ୍ୟ ମହାରଣା ନରସିଂହ ମହାପାତ୍ରଙ୍କ ସମେତ ସମସ୍ତ ମହାରଣା, ନନ୍ଦିଘୋଷ ଓ ଦେବଦଳନ ରଥର ମହାରଣା ଏବଂ ଭୋଇ ସେବକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସା କରାଯିବା ସହ ଔଷଧ ଦିଆଯାଇଥିଲା। ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ, ଡାକ୍ତର ସାର୍ଥକ, ଡାକ୍ତର ସତ୍ୟବ୍ରତ ସାହୁ, ଡାକ୍ତର ଆର୍. କେ. ପଣ୍ଡା, ଗୌରୀମଣି ଦାସ, ସୁଭଦ୍ର ଓଝା ଏବଂ ଦୀପାଳି ରାଉତ ପ୍ରମୁଖ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ। ସ୍ୱେଚ୍ଛାସେବୀ ଜୟନ୍ତୀ ମହାପାତ୍ର, ଜି. ବାପି, ଲାଲା ଅନନ୍ତ ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଦେବଦତ୍ତ ମିଶ୍ର ସଂଯୋଜନା କରିଥିଲେ।



ଶିବିରରେ ରଥଖଳାରେ କାର୍ଯ୍ୟରତ ସେବକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

- ସାକ୍ଷୀଗୋପାଳ ମନ୍ଦିରରେ ଭିତର ଚନ୍ଦନ ନୀତି

## କଦମ୍ବ ବୃକ୍ଷ ଡାଳରେ ଦର୍ଶନ ଦେଲେ ଠାକୁର

ସାକ୍ଷୀଗୋପାଳ, ୩୦।୫(ଡି.ଏନ୍.ଏ.)

ସାକ୍ଷୀଗୋପାଳ ମନ୍ଦିରରେ ୨୧ ଦିନ ବ୍ୟାପୀ ଭିତର ଚନ୍ଦନ ନୀତି ଚାଲିଛି। ତନ୍ମଧ୍ୟରେ ଠାକୁରଙ୍କର ଆକର୍ଷଣୀୟ ଜଳକ୍ରୀଡା ବେଶ ଏକାଦଶୀ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଠାକୁର କଦମ୍ବ ବୃକ୍ଷ ଡାଳରେ ଗୋଡ ଲମ୍ବାଇ ବସି ବଂଶୀ ବାଦନ କରୁଥିବା ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କ ମନକୁ ଛୁଇଁଥିଲା। ସେହିପରି ସିଂହାସନ ତଳେ ବିବସ୍ତ୍ର ଗୋପାଙ୍ଗନାମାନେ ଲଜ୍ଜା ଢାଙ୍କିବାକୁ ବସ୍ତ୍ର ଫେରାଇ ଦେବାକୁ ଠାକୁରଙ୍କୁ ନିବେଦନ କରୁଥିବାର ଦୃଶ୍ୟ ନିଆରା ଆକର୍ଷଣ ସାଜିଥିଲା। ରତ୍ନ ସିଂହାସନ ଉପରେ ସର୍ବଦା ଦଣ୍ଡାୟମାନ ସାକ୍ଷୀଗୋପାଳ ଠାକୁରଙ୍କ ଛନ୍ଦା ଚରଣକୁ ଆବୃତ କରାଯାଇଥିଲା। ସୋଲରେ ତିଆରି ଫୁଲପତ୍ରରେ ଭରା ଏକ କୃତ୍ରିମ କଦମ୍ବବୃକ୍ଷ, ଠାକୁରଙ୍କ ଖଞ୍ଜାଗୋଡ, ଅଷ୍ଟସଖୀଙ୍କର ବିବିସ୍ତ୍ର ମୂର୍ତ୍ତି ତିଆରି କରାଯାଇଥିଲା। ଦ୍ୱିପ୍ରହର ଧୂପ ବେଶରେ ଏହି ବେଶ ଅନୁଷ୍ଠିତ ହୋଇଥିଲା। କଟି ଦେଶରୁ ଖଞ୍ଜାଗୋଡ ଦୁଇଟି ଲଗାଯାଇ ପାଟ ପିତାମ୍ବରୀ ବସ୍ତ୍ର, ପାଉଁଜି, ବାଙ୍କୀ, ବେଙ୍ଗପାଟିଆ, ଚାପସରୀ, ତାବିଜ, ସୁବର୍ଣ୍ଣବଂଶୀ, ହୀରା ମୁଦ୍ରିକା, ମକର କୁଣ୍ଡଳ, ସୁବର୍ଣ୍ଣ, କିରୀଟ ଠାକୁର ପରିଧାନ କରିଥିଲେ। ମନ୍ଦିରରେ ଅନୁଷ୍ଠିତ ହେଉଥିବା ୪ଟି ଜଳକ୍ରୀଡା ମଧ୍ୟରୁ ଏହା ପ୍ରଥମ ଜଳକ୍ରୀଡା ବୋଲି କହନ୍ତି ମନ୍ଦିର ପୂଜାପଣ୍ଡା ରଘୁନାଥ ମହାପାତ୍ର। ଅନେକ ବର୍ଷହେଲା ଏହି ବେଶ ୫୫୦ ଘର ରଙ୍ଗଣୀ ସମିତି ପକ୍ଷରୁ ପ୍ରତିବର୍ଷ ଅୟୋଜନ କରାଯାଉଛି ବୋଲି ସମିତିର ସଭାପତି ଚକ୍ରଧର ନାୟକ କହିଛନ୍ତି। ଏଥିସହିତ ଜଳକ୍ରୀଡା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଓ ଚମ୍ପକ ଦ୍ୱାଦଶୀରେ ଏଥିପାଇଁ ସ୍ୱତନ୍ତ୍ର ଦେବନୀତି, ପୂଜାର୍ଚ୍ଚନା କରାଯାଇଥାଏ। ଏହି ଦିନଗୁଡିକରେ ଠାକୁରଙ୍କ ବିଜେ ପ୍ରତିମା ମଦନ ମୋହନ ଭିତର ଚନ୍ଦନ ନୀତି ପାଇଁ ମନ୍ଦିର ପରିଷରରେ ଥିବା ଜଳକ୍ରୀଡା ମନ୍ଦିରକୁ ବିଜେହୋଇ ଆସନ୍ତି।

## ବାତ୍ୟା ପ୍ରଭାବିତଙ୍କ ଋଣ ପରିଶୋଧ ସମୟ ଅବଧି ବୃଦ୍ଧି

**ବ୍ୟାଙ୍କ, ବୀମା କମ୍ପାନୀ ସମନ୍ୱୟ ବୈଠକ**

ପୁରୀ ଅଫିସ, ୩୦।୫:

ସର୍କିଟ ହାଉସ୍‌ରେ ଗୁରୁବାର ଜିଲାପାଳ ବଲଓ୍ୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବ୍ୟାଙ୍କ ଏବଂ ବୀମା କମ୍ପାନୀର ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଲିଡ୍ ବ୍ୟାଙ୍କ ମ୍ୟାନେଜର ବ୍ରଜକିଶୋର ମହାନ୍ତି, ଏଜିଏମ୍ (ଆର୍‌ବିଆଇ) ନିର୍ମଳ ଚନ୍ଦ୍ର ପଟ୍ଟନାୟକ, ଏଜିଏମ୍ (ନାବାର୍ଡ) ତାପସ କୁମାର ଦାସଙ୍କ ସମେତ ବିଭିନ୍ନ ବ୍ୟାଙ୍କ, ବୀମା କମ୍ପାନୀର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ବାତ୍ୟା ପ୍ରଭାବିତଙ୍କୁ ବ୍ୟାଙ୍କ ଏବଂ ବୀମା କମ୍ପାନୀ ତରଫରୁ ବିଭିନ୍ନ ପ୍ରକାର ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ୟାଙ୍କରୁ ଋଣ ନେଇଥିବା ଲୋକଙ୍କ ଋଣ ପରିଶୋଧ ସମୟ ଅବଧି ବଢାଇବା ଲାଗି ନିଷ୍ପତ୍ତି ନିଆଯାଇଛି। ଚାଷୀଙ୍କ ୩୦ ପ୍ରତିଶତ ଫସଲ ନଷ୍ଟ ହୋଇଥିଲେ ବର୍ଷେ ଏବଂ ୫୦ ପ୍ରତିଶତ ଫସଲ ନଷ୍ଟ ହୋଇଥିଲେ ୨ରୁ ୫ବର୍ଷ ପର୍ଯ୍ୟନ୍ତ ଋଣ ପରିଶୋଧ ସ୍ଥଗିତ ରଖାଯିବାକୁ ନିଷ୍ପତ୍ତି ହୋଇଥିଲା। ଚାଷୀଙ୍କୁ ନୂତନ ଫସଲ ଋଣ ଯୋଗାଇବାକୁ ଓ ତୁରନ୍ତ ବୀମା ଅର୍ଥ ପ୍ରଦାନ କରିବା ପାଇଁ ଜିଲାପାଳ ସିଂ ନିର୍ଦ୍ଦେଶ ଦେଇଥିଲେ। ଜୁନ୍ ୧୦ରେ କାକଟପୁର, ୧୧ରେ ନିମାପଡ଼ା, ୧୨ରେ ଡେଲାଙ୍ଗ, ୧୩ରେ ପୁରୀ ପୌରାଞ୍ଚଳ, ୧୭ରେ ପିପିଲି, ୧୮ରେ ସତ୍ୟବାଦୀ, ୧୯ରେ ବ୍ରହ୍ମଗିରି, ୨୦ରେ କଣାସ, ୨୧ରେ ପୁରୀ ସଦର, ୨୪ରେ ଗୋପ, ୨୫ରେ ଅସ୍ତରଙ୍ଗ ଏବଂ ୨୬ରେ କୃଷ୍ଣପ୍ରସାଦ ବ୍ଲକରେ ଋଣମେଳା କରାଯିବାକୁ ସ୍ଥିର ହୋଇଛି।

## ପୁରୀ ଭାଜପା ପାଳିଲା ବିଜୟ ଉତ୍ସବ



ପୁରୀ ଭାଜପା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରୁଛନ୍ତି।

ପୁରୀ ଅଫିସ, ୩୦।୫:

ଦ୍ୱିତୀୟ ଥର ଲାଗି ଭାରତର ପ୍ରଧାନମନ୍ତ୍ରୀ ହୋଇଛନ୍ତି ନରେନ୍ଦ୍ର ଦାମୋଦର ଦାସ ମୋଦି । ଗୁରୁବାର ପ୍ରଧାନମନ୍ତ୍ରୀ ଭାବେ ମୋଦି ଶପଥ ନେଇଛନ୍ତି। ମୋଦିଙ୍କ ଏହି ଦ୍ୱିତୀୟ ପାଳିକୁ ପୁରୀ ଜିଲା ଭାଜପା ବିଜୟ ଉତ୍ସବ ଭାବେ ପାଳନ କରିଛି। ସନ୍ଧ୍ୟାରେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲାର ଦଳୀୟ ନେତୃବୃନ୍ଦ ଏବଂ କର୍ମୀ ଏକାଠି ହୋଇଥିଲେ । ସେଠାରୁ ବାଜା ବଜାଇ ଶୋଭାଯାତ୍ରାରେ ସିଂହଦ୍ୱାରଠାରେ ପହଞ୍ଚିଥିଲେ। ସିଂହଦ୍ୱାର ସମ୍ମୁଖରେ ବାଣ ଫୁଟାଇ ମିଠା ବାଣ୍ଟିଥିଲେ। ମୋଦିଙ୍କ ଏହି ଦ୍ୱିତୀୟ ପାଳି ବେଶ୍ ଭଲରେ କଟୁ ବୋଲି କାମନା କରି ଦୀପ ଜାଳିଥିଲେ। ଏହି ଅବସରରେ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲା ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର, ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ରବି ଦାସ, ଭବାନୀ ଦାସମହାପାତ୍ର, ମାନସ ଲେଙ୍କାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

- ୟୁନିଫର୍ମ ପଲିସିକୁ ନେଇ ବିବାଦ

# ନୋଟିସ ପରେ ତାତିଲେ ସହରବାସୀ

ପୁରୀ ଅଫିସ, ୩୦।୫:

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ବିକ୍ରି ପାଇଁ ଥିବା ୟୁନିଫର୍ମ ପଲିସି (ସମାନ ନୀତି)କୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି । ମନ୍ଦିର ପ୍ରଶାସନ ବଜାର ଦରଠାରୁ ବହୁଗୁଣ ମୂଲ୍ୟ ନେବାକୁ ମସୁଧା ଚଳାଇଥିବା ଅଭିଯୋଗ କରିଛନ୍ତି ସହରର ବହୁ ବାସିନ୍ଦା। ମନ୍ଦିର ପ୍ରଶାସନ ଏ ଦିଗରେ ଉପଯୁକ୍ତ ନିଷ୍ପତ୍ତି ନ ନେଲେ ଆଗାମୀ ଦିନରେ ବିସ୍ଫୋରକ ସ୍ଥିତି ଉପୁଜିପାରେ ବୋଲି ସହରବାସୀଙ୍କ ପକ୍ଷରୁ ଦିଆଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ମହାପ୍ରଭୁଙ୍କ ଜମି ବିକ୍ରି ପାଇଁ ରହିଛି ୟୁନିଫର୍ମ ପଲିସି। ହେଲେ ଶ୍ରୀମନ୍ଦିର ପ୍ରଶାସନ ଏହି ପଲିସିର ଭୁଲ୍ ତର୍ଜମା କରିଛି। ଫଳରେ ଦୀର୍ଘବର୍ଷ ଧରି ଜମି କିଣି ସ୍ଥାୟୀ ବାସିନ୍ଦା ଭାବେ ରହିଥିବା ସହରବାସୀଙ୍କଠାରୁ ବେଆଇନ ଭାବେ କୋଟି କୋଟି ଟଙ୍କା ଆଦାୟ ଲାଗି ଚକ୍ରାନ୍ତ ଆରମ୍ଭ କରିଛି। ପୁରୁଷାନୁକ୍ରମିକ ଭାବେ ଜମି କିଣି ରହିଥିବା ସ୍ଥାୟୀ ବାସିନ୍ଦାଙ୍କୁ ପୁଣିଥରେ ଜମି କିଣିବା ପାଇଁ ନୋଟିସ୍ ଜାରି କରାଯାଇଛି। ରାଜସ୍ୱ ଉପପ୍ରଶାସକ ମଧୁସୂଦନ ଦାଶଙ୍କ ଦସ୍ତଖତରେ ଶହ ଶହ ସ୍ଥାୟୀ ବାସିନ୍ଦାଙ୍କୁ ଏହି ନୋଟିସ୍ ଜାରି କରାଯିବା ସହ ଆସନ୍ତା ଜୁନ୍ ୧୧ ତାରିଖ ସୁଦ୍ଧା ଟଙ୍କା ଡ୍ରାଫ୍‌ଟ ଆକାରରେ ଶ୍ରୀମନ୍ଦିର ପ୍ରଶାସନକୁ ଦେବା ପାଇଁ ଦର୍ଶାଯାଇଛି। ୟୁନିଫର୍ମ ପଲିସି ଅନୁଯାୟୀ, ନୂଆ ନିୟମରେ ୩୦ ବର୍ଷରୁ ଅଧିକ ରହିଥିଲେ ଜମି ମାଲିକ ଡିସିମିଲ ପିଛା ୬ ହଜାର ଟଙ୍କା ଦେବା କଥା । ଏହି ମାପଦଣ୍ଡରେ ଶ୍ରୀମନ୍ଦିର ପ୍ରଶାସନ ନିକଟ ଅତୀତରେ ବହୁ ପ୍ଲଟ୍ ସ୍ଥାୟୀ ବାସିନ୍ଦାଙ୍କ ନାମରେ ରେକର୍ଡଭୁକ୍ତ କରିଛି। ହେଲେ ଏବେ ୟୁନିଫର୍ମ ପଲିସିର ଭୁଲ୍ ତର୍ଜମା କରାଯାଇ କୋଟି କୋଟି ଟଙ୍କା ସ୍ଥାୟୀ ବାସିନ୍ଦାଙ୍କଠାରୁ ଆଦାୟ ଲାଗି ନୋଟିସ୍ କରାଯାଇଛି। ବର୍ତ୍ତମାନ ପଲିସିର ଏହି ଭୁଲ୍ ତର୍ଜମା ସହରର ହଜାର ହଜାର ପରିବାରକୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରିବା ଆଶଙ୍କା ଥିବାରୁ ସହରରେ ଏହା ଏକ ନୂଆ ଆନ୍ଦୋଳନର ରୂପ ନେବାକୁ ଯାଉଛି। ଫନୀ ମହାବାତ୍ୟାରେ ପ୍ରଭାବିତ ପୁରୀ ସହରର ଜନସାଧାରଣ ଏବଂ ସ୍ଥାୟୀ ବାସିନ୍ଦାଙ୍କୁ ଅନୁକମ୍ପା ବଦଳରେ ଏପରି ନୋଟିସ୍ କେତେ ଯୁକ୍ତିଯୁକ୍ତ ତାହା ଏବେ ମୁଖ୍ୟ ପ୍ରଶ୍ନ ହୋଇଛି। ତେଣୁ ୟୁନିଫର୍ମ ପଲିସିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ମହାପ୍ରଭୁଙ୍କ ଜମି କିଣିବାକୁ ପ୍ରାର୍ଥୀ ହୋଇଥିବା ସହରବାସୀ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ ଶ୍ରୀମନ୍ଦିର ରାଜସ୍ୱ ଉପପ୍ରଶାସକ ମଧୁସୂଦନ ଦାଶ କହିଛନ୍ତି, ୟୁନିଫର୍ମ ପଲିସି ସଂଶୋଧନ ପରେ ଏଥିରେ ଉଲ୍ଲେଖ ରହିଛି ଯେ, ଯେଉଁମାନେ ଦଖଲରେ ଥିବେ ଏବଂ ସେମାନଙ୍କ ପାଖରେ ଉପଯୁକ୍ତ ପ୍ରମାଣପତ୍ର ଥିବ ତାଙ୍କୁ ରିହାତି ମିଳିବ। ଯେଉଁମାନେ ଦଖଲରେ ଥିବେ ଏବଂ ସେମାନଙ୍କ ପାଖରେ ଉପଯୁକ୍ତ ପ୍ରମାଣପତ୍ର ନ ଥିବ ସେମାନଙ୍କୁ ଲାଟେଷ୍ଟ ବେଞ୍ଚ ମାର୍କ ଭାଲ୍ୟୁଏଶନ କିମ୍ବା ହାରାହାରି ଜମି ବିକ୍ରି ପରିସଂଖ୍ୟାନ ମଧ୍ୟରୁ ଯେଉଁଟା ଅଧିକ ଥିବ ସେହି ମୂଲ୍ୟ ନିଆଯିବ। ଜିଲାସ୍ତରୀୟ ଲ୍ୟାଣ୍ଡ ସବ୍ କମିଟି, ଶ୍ରୀମନ୍ଦିର ଲ୍ୟାଣ୍ଡ୍ ସବ୍‌କମିଟି ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିରେ ମଧ୍ୟ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ କେହି ମନମାନୀ କରିପାରିବେ ନାହିଁ ବୋଲି ରାଜସ୍ୱ ଉପପ୍ରଶାସକ ଦାଶ କହିଛନ୍ତି ।

## ଫଟୋରେ ଖବର







ମନ୍ତ୍ରୀ ଭାବେ ଶପଥ ନେବା ପରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ ଏବଂ ନବ କିଶୋର ଦାସ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି।